Spreading Knowledge Amongst Mankind.......

ଅପ୍ରେଲ-୨୦୧୯ APRIL - 2019



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

vedantimagazine@gmail.com

editor.vedantimagazine@gmail.com



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ……

ପ୍ରିୟ ପାଠକବନ୍ଧୁ, ବୈଭବଶାଳୀ ଓଡିଶାର ଐତିହ୍ୟ, ସାଂସ୍କୃତିକ, ପାରମ୍ପାରିକ, ଗୌରବ, ଗାରିମା ପୃଥିବୀ ପ୍ରସିଦ୍ଧ । ଭାଷା ହେଉଛି ପ୍ରତ୍ୟେକ ଜାତିର ସର୍ବଶ୍ରେଷ୍ଠ ବୌଦ୍ଧିକ ସଂପଦ । ହଜାର ହଜାର ବର୍ଷ ଧରି ପିଢି ପରେ ପିଢି ଏହି ବୌଦ୍ଧିକ ସଂପଦକୁ ସଂଚତ ଓ ପରିବର୍ଦ୍ଧିତ କରି ଚାଲିଛନ୍ତି । ଭାଷା ହେଉଛି ଜାତିର ପରିଚୟ ଏବଂ ଜୀବନ ଶକ୍ତି । ଭାଷାକୁ ନେଇ ଗଢିଉଠେ ତାର ସାହିତ୍ୟ, ସଂସ୍କୃତି ଏବଂ ସ୍ୱାଭିମାନ । ଜାତି ପରାଧୀନ ହୋଇଗଲେ ତାର ଭାଷା ବି ପରାଧୀନ ହୋଇଯାଏ । ମାତୃଭାଷା, ରାଜଭାଷାର ସମ୍ମାନ ହରାଇ ବସେ । ଶାସନ, ନ୍ୟାୟାଳୟ, ବ୍ୟବସାୟ, ବାଣିଜ୍ୟ ଚାଲେ ବିଦେଶୀ ଭାଷାରେ । ମାତୃଭାଷା ଜୀବନ ଜୀବିକାର ଭାଷା ହୋଇପାରେ ନାହିଁ । ଊନବିଂଶ ଶତାବ୍ଦୀର ଷାଠିଏ- ସତୁରି ଦଶକରେ ଓଡିଆ ଭାଷା ପ୍ରତି ଏହିଭଳି ଏକ ବିପଦ ଦେଖାଦେଇଥିଲା । ଆମ ଜାତିର ଚିର ସ୍ମରଣୀୟ ପୂର୍ବଜ ମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ଓଡିଆ ଭାଷାକୁ ସୁରକ୍ଷିତ କରିଥିଲେ । ବର୍ତ୍ତମାନ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳସାରିଛି । ଓଡିଆ ଭାଷାର ପ୍ରଚାର, ପ୍ରସାର, ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ମିଳତ ଭାବେ ଉଦ୍ୟମ କରାଯିବା ଆବଶ୍ୟକ ।

ମାତୃଭାଷା କହିଲେ ମା ର ଭାଷା । ଶିଶୁଟିଏ ପରିବାରରେ ଜନ୍ମ ନଏ । ପରିବେଶର ଭାଷା ଶିଶୁର ଭାଷା ଜ୍ଞାନକୁ ପ୍ରଭାବିତ କରେ । ଆଞ୍ଚଳକ ଭାଷା ତା ପରିବେଶର ପ୍ରଥମ ଏବଂ ପ୍ରଧାନ ଭାଷା ଅଟେ । ବୃତ୍ତିଗତ ଭାଷା, ଗୋଷ୍ଠୀଗତ ଭାଷାରେ ଭିନ୍ନତା ଥିଲେ ମଧ୍ୟ ବହୁ ଲୋକଙ୍କ ମାତୃଭାଷା ଆଞ୍ଚଳକ ଭାଷା ହିଁ ଶିଶୁର ଦ୍ୱିତୀୟ ପରିଚୟ । ଏହି ପରିଚୟଟି କ୍ରମେ ଶିଶୁର ପ୍ରଧାନ ପରିଚୟ ରୂପରେ ପରିଣତ ହୋଇଥାଏ ।

ଓଡିଶାରେ ବଢିଥିବା ସଭିଙ୍କର ଭାଷା ଓଡିଆ । ଓଡିଶାର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ସମତଳ ଭାଷା, ଗଡଜାତ ପ୍ରଭୃତି ଭାଷା ପ୍ରତ୍ୟେକ ଓଡିଆ ଭାବରେ ଗଣାଯାଏ । ସମସ୍ତ ମାତୃଭାଷାରେ ଭିନ୍ନତା ଥିଲେ ମଧ ସମସ୍ତେ ମିଳମିଶି ଓଡିଆ । ଏହା ହିଁ ମାନକ ଭାଷା । ଭାଷା, ଜାତି, ସମାଜ, ଅଞ୍ଚଳ ଓ ଦେଶକୁ ବାନ୍ଧି ରଖେ । ଭାଷାର ବିବିଧତା ମଧ୍ୟରେ ପରିପୂରକତା ଓ ପାରସ୍ପରିକତାକୁ ସ୍ୱୀକାର କରି ଭାଷା ପ୍ରତି ସୁରକ୍ଷା ସୃଷ୍ଟି କରିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ଅଟେ ।

କବିତ୍ୱ ଦିବ୍ୟଚେତନାର ବାଙ୍ମୟ ଅଭିବ୍ୟକ୍ତି । ଜୀବନର ସୂକ୍ଷ୍ମତମ ଲଳିତ ଭାଷ୍ୟ, ସମାଜର ବାଣୀମୟ ମର୍ମଚିହ୍ନ । କବିର ଦିବ୍ୟ ଲେଖନୀ ବଞ୍ଚିରହେ କାଳକାଳକୁ, ସମୟର ଚଲାପଥରେ ତାର ପଦଚିହ୍ନ ହୁଏ ଚିର ଭାସ୍ୱର । ସମୟ ପରେ ସମୟ ଗଡିଗଲେ । ସମୟର ଭାଷାକୁ କବି ଗ୍ରହଣ କରି ନେଇ ଗଢିଦିଏ କାଳାତୀତ ମାନବିକ ଭାବ ସ୍ପନ୍ଦନ, ଅନାଗତ ସମୟରେ ପ୍ରେରଣା ହୋଇ କବି ତିଆରି କରେ ଦିବ୍ୟ ମାନବିକ ଚିନ୍ତନ ଓ ଚେତନ । ଓଡିଆ ସାହିତ୍ୟର ଇତିହାସ ପର୍ଯ୍ୟାଲୋଚନା କଲେ ସର୍ବପ୍ରଥମେ ମାଟିର ମହାକବି ସାରଳା ଦାସ ଆଲୋଚନା ପରିସରକୁ ଆସନ୍ତି । ମାଟି ମଣିଷକୁ ସେ ଦେଲେ ସମ୍ମାନ, ତାକୁ ସେ ଦେବତାରେ ପରିଣତ କଲେ । ଦେବତାକୁ ନେଇ ଆସିଲେ ମାଟିକୁ । ସବୁ ଧର୍ମକୁ ସେ କଲେ ସମନ୍ୱୟ । ଓଡିଆ ଜାତିକୁ ସେ ଦେଲେ ତାର ଭାଷାର ଐଶ୍ୱର୍ଯ୍ୟ, କଳାର କୌଣାର୍କ, ସଂସ୍କୃତିର ଭାଷ୍ୟ, ଧର୍ମର ଚିନ୍ତନ, ଜାତୀୟ ସ୍ୱାଭିମାନର ପରିଚୟ । ପଞ୍ଚଦଶ ଶତାବ୍ଦୀ ପରେ ଷୋଡଶ ଶତାବ୍ଦୀର ପ୍ରଥମ ପାଦକୁ ପଞ୍ଚସଖା ଗୋଷ୍ଠୀ ସାରଳା ସାହିତ୍ୟ ସରଣୀ ଉପରେ ରଚିଲେ ଯୋଗ, ଜ୍ଞାନ, ଭକ୍ତି ପ୍ରଣିତ ନୂତନ ସାହିତ୍ୟ ସାମ୍ରାଜ୍ୟ । ଏହି ସାମ୍ରାଜ୍ୟ ସାରଳା ସାହିତ୍ୟ ସାମ୍ରାଜ୍ୟର ଭୌଗଳିକ ସୀମାକୁ ଅତିକ୍ରମ କରିଗଲା । ସାରଳାଙ୍କ ଭାଷାକୁ ଗ୍ରହଣ କରି, ରୂପଚର୍ଯ୍ୟା ବିଶିଷ୍ଟ ରସବିଭବଯୁକ୍ତ ରୂପ ବୈଚିତ୍ର୍ୟର ପରିପ୍ରକାଶ । ସାରଳାଙ୍କ ଦାଣ୍ଡିବୃତ୍ତକୁ ବଳରାମ ଦାସ ଗ୍ରହଣ କଲେ ରାମାୟଣରେ । କେବଳ ଜଗନ୍ନାଥ ଦାସ ଓଡିଆ ସାହିତ୍ୟକୁ ଦେଲେ ଅପରୂପ ନବାକ୍ଷରୀ ବୃତ୍ତ । ସାରଳାଙ୍କ ପୁରାଣ ଯୁଗଯୁଗକୁ ରହିଲା । ତା ସାଙ୍ଗରେ ସୃଷ୍ଟି ହେଲା ଭଜନ, ଜଣାଣ, ମାଳିକା, ସଂହିତା, ଗୀତା,

ଟୀକା, ବୋଲି, ଚଉତିଶା, ଚଉପଦୀ ଆଦି ନାନା ରୂପ ବିଭବ । ସାରଳାଙ୍କ ଭାବ ଜଗତ ଏ ଯୁଗରେ ତତ୍ତ୍ୱ ଜଗତରେ ରୂପାନ୍ତରିତ ହୋଇଗଲା ।

ଷୋଡଶ ଶତାବ୍ଦୀ ଓଡିଶାର ଭାଗ୍ୟାକାଶରେ ଗୌରବ ଓ ବିପର୍ଯ୍ୟରର ଶତାବ୍ଦୀ । ପଞ୍ଚଦଶ ଶତାବ୍ଦୀର ଶୌର୍ଯ୍ୟ- ବୀର୍ଯ୍ୟ- ସମୃଦ୍ଧି ଷୋଡଶ ଶତାବ୍ଦୀକୁ ହୋଇଛି କ୍ରମ ବିଡମ୍ବିତ । ଗଜପତି ପ୍ରତାପରୁଦ୍ର ଦେବଙ୍କର ସାମରିକ ଶକ୍ତିର ବିପର୍ଯ୍ୟୟ, ଦକ୍ଷିଣ ଓ ଉତ୍ତର ପଟୁ ଓଡିଶାକୁ ବାହ୍ୟ ଶତ୍ରୁଙ୍କର କ୍ରମାଗତ ଆକ୍ରମଣ, ରାଜ ସିଂହାସନ ପାଇଁ ସଂଘର୍ଷ, ମୁକୁନ୍ଦଦେବଙ୍କର ତିରୋଧାନ ଓ ମୋଗଲ ଶାସନର ଶାୟାରେ ଓଡିଶାର ଗୌରବ ବିଲୋପ, ଅଖଣ୍ଡ ଉତ୍କଳର ଖଣ୍ଡ ଖଣ୍ଡ ସ୍ୱାଧୀନ ରାଜ୍ୟ ଗଠନ, ଓଡିଶାର ଗୌରବ ନୀଳାଚଳ କ୍ଷେତ୍ରରେ ଯବନ ମାନଙ୍କର ପ୍ରଖର ଆକ୍ରମଣ, ଅଥଚ ଏ ଯୁଗର ଭାଷା ଓ ସାହିତ୍ୟ ସୃଷ୍ଟିକଲା ନୂତନ ସଂହତି । ସ୍ୱାଧୀନ ଓଡିଶାର ଭୌଗଳିକ ସୀମାକୁ ମଧ୍ୟ ଏହା ଅତିକ୍ରମ କରି ଆହୁରି ବୃହତର ଅଂଶକୁ ସ୍ପର୍ଶ କରିଥିଲା । ବିପର୍ଯ୍ୟୟ ଭିତରେ ଏହା ତିଆରି କଲା ଏକ ନୂତନ ଭାବ- ସାମ୍ରାଜ୍ୟ, ପଞ୍ଚ ସଖା ସାହିତ୍ୟ ସେ ଯୁଗର ବାଣୀମୂର୍ତ୍ତି ଚିତ୍ର କେବଳ ନୁହେଁ, ଅନାଗତ ଭବିଷ୍ୟତର ଜାତୀୟ ପ୍ରେରଣା – ଓଡିଆ ଜାତି ହୃଦୟର ଆହ୍ୱାନ, ମାନବ ମୈତ୍ରୀ ବୋଧର ନିଦର୍ଶନ ।

ଶ୍ରୀମଦଭାଗବତକୁ ନବାକ୍ଷରୀ ବୃତ୍ତରେ ଜଗନ୍ନାଥ ଦାସ ଅନୁବାଦ କଲେ । ଏହା ଅନୁବାଦ ହେଲେ ହେଁ ଅନୁସୃଷ୍ଟି ଲଳିତ ପଦାବଳୀ ଏବଂ ଶାଶ୍ୱତ ନୀତି ବାଣୀର ପ୍ରୟୋଗ ଯୁଗ ଯୁଗ ଧରି ପାଠକ ମାନଙ୍କୁ ଅଭିଭୁତ କରୁଛି । ଏହି ଗ୍ରନ୍ଥ ହେଉଛି ଓଡିଆ ଜାତିର ଜୀବନ, ବେଦ, ଭକ୍ତି, ଜ୍ଞାନ, ମୋକ୍ଷ, ଜୀବନବାଦର ଏହା ଏକ ଉତକୃଷ୍ଟ ଆଲେଖ୍ୟ । ଓଡିଶାର ଷୋଡଶ ଶତାବ୍ଦୀ ରାଜନୀତିକ କ୍ଷେତ୍ରରେ ବିପର୍ଯ୍ୟର କାଳ ହେଲେ ହେଁ ସାହିତ୍ୟ କ୍ଷେତ୍ରରେ ଆସିଥିଲା ସୁବର୍ଣ୍ଣଯୁଗ । ଧର୍ମ, ଦର୍ଶନ ଭିତ୍ତିକ ସାହିତ୍ୟରେ ଏହି ଯୁଗ ଥିଲା ଅଗ୍ରଣୀ । ଓଡିଶାର ସନ୍ଥ କବିମାନଙ୍କ ଅବଦାନ ଚିର ସ୍ମରଣୀୟ । ଯୁଗଯୁଗ ଧରି ସେମାନେ ଓଡିଆ ଜାତିକୁ ଦେଇ ଆସିଛନ୍ତି ପ୍ରେରଣା । ଧର୍ମର ସଂକୀର୍ଣ୍ଣତା ଓ ଆଗ୍ରହଗତ ବ୍ୟୁହ ଭେଦ କରି ସର୍ବମାନବ କଲ୍ୟାଣକାରୀ ଉଦାର ମାନବ ଧର୍ମର ପ୍ରବକ୍ତା ରୂପେ ପରିଚିତ । ଦ୍ୱନ୍ଦ ଓ

ସଂଘର୍ଷର ଉପସଂହାର କରି ଯୁଗାନ୍ତକାରୀ ବୈପ୍ଳବିକ ପଦକ୍ଷେପ ଦେବାରେ ସିଦ୍ଧହସ୍ତ ଥିଲେ ।

ଜଗନ୍ନାଥ ଦାସ ଥିଲେ ମେଧାବୀ । ପିଲାଦିନରୁ ଭକ୍ତି ପରାୟଣ ଏବଂ ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ । ପ୍ରତିଦିନ ଶୁଦ୍ଧପୂତ ହୋଇ ବଟଗଣେଶଙ୍କଠାରେ ଭାଗବତର ଅର୍ଥ ବ୍ୟାଖ୍ୟା କରୁଥିଲେ । ଶହ ଶହ ଲୋକ ତାଙ୍କର ଅପୂର୍ବ ଭାଗବତ ବ୍ୟାଖ୍ୟା ଶୁଣି ଚମତ୍କୃତ ହେଉଥିଲେ । ତାଙ୍କର ଖ୍ୟାତି ସୂର୍ଯ୍ୟର ରଶ୍ମୀ ସମାନ ବହି ଗ୍ଲଲିଥିଲା । ଦ୍ୱାଦଶ ସ୍କନ୍ଧର ବ୍ୟାଖ୍ୟା କରୁଥିବା ବେଳେ ଏକଦା ଶ୍ରୀ ଚୈତନ୍ୟ ଶିଷ୍ୟମାନଙ୍କ ସହିତ ସେଠାରେ ଉପସ୍ଥିତ ହୋଇ ହୃଦୟର ସହିତ ଆଲିଙ୍ଗନ କରି "ଅତି ବଡ" ଉପାଧିରେ ଭୂଷିତ କରିଥିଲେ । ଉତ୍କଳର ସର୍ବଶ୍ରେଷ୍ଠ ଜନପ୍ରିୟ ପୁସ୍ତକ ଜଗନ୍ନାଥଙ୍କର ଭାଗବତ ଗ୍ରନ୍ଥ ଘରେ ଘରେ ହିଁ ପ୍ରସିଦ୍ଧ । ଓଡିଆ ଜାତିର ଜୀବନ ବେଦ, ଓଡିଆ ଆତ୍ମୀୟତାର ଜୈତ୍ରବାଣୀ, ଘୋର ଦୁର୍ଦ୍ଦିନ ମଧ୍ୟରେ ଏହି ଗ୍ରନ୍ଥ ହିଁ ହୋଇଥିଲା ସକଳ ପ୍ରତିବେଶୀମାନଙ୍କର ହୀନ ଚକ୍ରାନ୍ତକୁ ବ୍ୟର୍ଥ କରିବାପାଇଁ ଉପାଦୀୟ ପ୍ରେରଣା । ଏହାହିଁ ଓଡିଆ ଜାତୀୟତାର ଏକ ଅମଳନ କର୍ତ୍ତୀସ୍ତମ୍ଭ । ଓଡିଶାର ଜାତୀୟ ଚରିତ୍ର ଗଠନ କରିବାରେ ଏହା ଏକ ନିର୍ଭର ଯୋଗ୍ୟ ଭିତ୍ତିଭୂମି ନିର୍ମାଣ କରିଛି । ସେତେବେଳେ ଏହା ଚାହାଳୀରେ ପିଲାମାନଙ୍କର ପ୍ରଧାନ ପାଠ୍ୟ ପୁସ୍ତକ ଥିଲା । ଯେଉଁ ପିଲା ଅଧ୍ୟାୟେ ଭାଗବତ ବୋଲି ପାରିଲା ତାର ବିଦ୍ୟା ଶେଷ ହେଉଥିଲା । ଅନେକ ଲୋକଙ୍କର ସକାଳ ସ୍ନାନ ପରି ସନ୍ଧ୍ୟାବେଳେ ଭାଗବତ ପାଠ କରିବା ମଧ୍ୟ ନିତ୍ୟ ନୈମିତ୍ତିକ କାର୍ଯ୍ୟଥିଲା । ଏହି ସବୁଥିରୁ ଭାଗବତର ଲୋକପ୍ରିୟତା ସହଜରେ ଅନୁମାନ କରାଯାଇଥାଏ । ଭାଗବତ ରଚନା କରି ଜଗନ୍ନାଥ ଦାସ ସବୁ ଶ୍ରେଣୀର ଲୋକଙ୍କୁ ମାତୃଭାଷା ଓଡିଆ ଶିକ୍ଷା କରିବାପାଇଁ ପ୍ରେରଣା ଦେଇଥିଲେ । ଜଗନ୍ନାଥ ଦାସଙ୍କ ଭାଗବତ ପଢିବା ପାଇଁ ଲୋକମାନେ ଉତ୍ସାହରେ ଓଡିଆ ଶିକ୍ଷା କରିବାକୁ ଲାଗିପଡିଲେ । ଓଡିଶାର ପ୍ରତ୍ୟେକ ହିନ୍ଦୁ ଗ୍ରାମରେ ଜଗନ୍ନାଥ ଦାସଙ୍କ ଭାଗବତ ସଂରକ୍ଷିତ । ସର୍ବତ୍ର ଅଛି ଭାଗବତ ଟୁଙ୍ଗୀ ଏବଂ ସନ୍ଧ୍ୟାରେ ସେଠି ଭାଗବତ ପଠନ ହୁଏ । ବାସ୍ତବରେ ଜଗନ୍ନାଥ ଦାସ ଏବଂ ତାଙ୍କର ଭାଗବତ ଓଡିଆ ଜାତୀୟ ଜୀବନ ଓ ସଂସ୍କୃତିକୁ ଗଢିବାରେ ଦେଇଛି ଏକ ସମୃଦ୍ଧ ଗୌରବମୟ ପରମ୍ପରା । ଉତ୍କଳର

ଗ୍ରାମୀଣ ଆଧ୍ୟାତ୍ମିକ ଆନ୍ଦୋଳନ ଓ ସାଂସ୍କୃତିକ ଚେତନା ପ୍ରବାହର ପ୍ରଧାନ କେନ୍ଦ୍ର ହୋଇପଡିଥିଲା ଭାଗବତ ଘର ଏବଂ ଭାଗବତ ପାଠ ।

ଜାତୀୟ ସ୍ତରରେ ଅନେକ କ୍ଷେତ୍ରରେ ଓଡିଶା ମାନଦଣ୍ଡ ସୃଷ୍ଟି କରିଛି । ଓଡିଶାର ମଡେଲ୍ ବିଶ୍ୱରେ ମାନଦଣ୍ଡ ସୃଷ୍ଟି କରି ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରଶଂସିତ ହେଉଛି । ଦାରିଦ୍ର ଦୂରୀକରଣ ଯୋଜନାର ସଫଳ ରୂପାୟନ ହେଉ କମ୍ବା ଜନଜାତି ଏବଂ ମହିଳାଙ୍କୁ ବିକାଶ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା କାର୍ଯ୍ୟକ୍ରମ ଦୁର୍ନିତୀ ବିରୋଧରେ ସଂଗ୍ରାମ କମ୍ବା ଜନସାଧାରଣଙ୍କୁ ସବୁ ବର୍ଗରେ ସଶକ୍ତ କରିବାର ଉଦ୍ୟମ, ସବୁଥିରେ ଓଡିଶାର ଦକ୍ଷତା ସ୍ମରଣୀୟ ।

ଉତ୍କଳ ଦିବସ ଉପଲକ୍ଷେ ସମସ୍ତ ପାଠକବନ୍ଧୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଚନ୍ଦ୍ରପଙ୍କ | ମମତା ଦାଶ | ୧୨ |
| ଉତ୍କଳ ଦିବସ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୩ |
| ଉତ୍କଳ ଦିବସ | ଭଗିରଥୀ ଯାନୀ | ୧୬ |
| ଉତ୍କଳ ମାତା'ର ଜୟ | ତୁଷାରକାନ୍ତ ପ୍ରସାଦ | ୧୯ |
| ମିଠା ଆଗ୍ରହ | ଲୋପାମୁଦ୍ରା ମିଶ୍ର | ୨୧ |
| ଫଗୁଣର ଆଗମନେ | ରାଜଲକ୍ଷ୍ମୀ ସାହୁ | ୨୮ |
| ମନ ତୁ କାହିଁ ବୁଝୁ | ଶାନ୍ତିଲତା ମିଶ୍ର | ୨୯ |
| ନିର୍ବାଚନ | ଗୁରୁକଲ୍ୟାଣ ମହାପାତ୍ର | ୩୦ |
| ସାତକୋଶିଆ ଗଣ୍ଡର କାହାଣୀ ( ଧାରାବାହିକ ଭ୍ରମଣ କାହାଣୀ) | ଅଶୋକ ବିଶ୍ୱାଳ | ୩୧ |
| ଆତ୍ମହତ୍ୟା | ଡା: ନୀଳମାଧବ କର | ୪୪ |
| ହଓ୍ୱାଇ | ସୁଲୋଚନା ପଟ୍ଟନାୟକ | ୪୫ |
| ପଖାଳ | ଓଜସ୍ୱିନୀ ଦାଶ | ୪୭ |
| ଆତ୍ମିୟତା | ରଞ୍ଜିତ କୁମାର ସାହୁ | ୪୮ |
| କବି କଲମର ବ୍ୟଥା | ଆଶୁତୋଷ ମେହେର | ୫୨ |
| ମୁକ୍ତ ଆକାଶ | ବିନୟ ମହାପାତ୍ର | ୫୩ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୫୬ |
| ଆମ ଓଡିଆ | ସୌମ୍ୟ ରଞ୍ଜନ ପାଲ | ୬୫ |

| | | |
|---|---|---|
| ମିଛ ବି ମିଠା ସତ ବି ମିଠା | ନରେନ୍ଦ୍ର ସାହୁ | ୬୬ |
| ମହାମାନବ | ସତ୍ୟନାରାୟଣ ଗନ୍ତାୟତ | ୬୮ |
| ଖ- ଗ ଚରିତ | ପ୍ରତିଭା ପ୍ରିୟଦର୍ଶିନୀ | ୬୯ |
| ତଥାପି ଗାଆଁଟା ବାସୁଛି | ଶିଶିର କୁମାର ପଣ୍ଡା | ୭୨ |
| ଭକତ ବନ୍ଧୁ | ବିଭୁତି ଭୁଷଣ ସାମଲ | ୭୪ |
| ପ୍ରଭୁ କୃପା ପାଇବ | ପ୍ରଶାନ୍ତ କୁମାର ନାଥ | ୭୬ |
| ମାନିଲେ ଦେବତା ନ ମାନିଲେ ପଥର | ଡକ୍ଟର ବିଜ୍ଞାନୀ ଦାସ | ୭୮ |
| କହିଥିଲ ମନ କଥା | ଶଶଧର ମହାପାତ୍ର | ୮୬ |
| ସାଥି | ସୀତାରାମ ଦାଶ | ୮୮ |
| ମାତୃରଣ | ଅନାମ ଚରଣ ସାହୁ | ୮୯ |
| ମାଙ୍କଡ ଖେଳ | ସୁଧାଂଶୁ ଶେଖର ଦ୍ୱିବେଦୀ | ୯୧ |
| ଅଭିନନ୍ଦନ | ସନାତନ ମହାକୁଡ | ୯୩ |
| ତୁମେ ଗଲ୍ ପରେ | ସାଗର ପ୍ରଧାନ | ୯୪ |
| ମୋହାବିଷ୍ଟା | ଆଶା ସାହୁ ( ଆରତୀ) | ୯୫ |
| ଔଦ୍ର ଔଦାର୍ଯ୍ୟ | ରାଜଶେଖର ସି. “ଚମା” | ୧୦୧ |
| ବିବର୍ଣ୍ଣ ଛାଇ | ବିଦ୍ୟାଧର ସେଠୀ | ୧୦୩ |
| ଉଠାଅ ହେ ସବ୍ୟସାଚୀ; ଗାଣ୍ଡିବ ତୁମର | ବ୍ରଜନାରାୟଣ ପାଣିଗ୍ରାହୀ | ୧୦୪ |
| ସୀମାହୀନ ସ୍ମୃତି | ପୁରୁଷୋତ୍ତମ ମିଶ୍ର | ୧୦୭ |
| ଭିନ୍ନ ଏକ ଯୁଦ୍ଧ | ରାଜବାଳା ତ୍ରିପାଠୀ | ୧୧୭ |
| ହେ ବସନ୍ତ | ଚନ୍ଦ୍ର ଶେଖର ଗୋ | ୧୨୦ |
| ପଖାଳ ଦିବସ ଅନୁଚନ୍ତା | ବସନ୍ତ କୁମାର ବରାଳ | ୧୨୧ |

| | | |
|---|---|---|
| ସଂବାଲୁଆ ର ପର | ସିପ୍ରା ନାମତା | ୧୨୩ |
| ତୋ କଥା | ସିଦ୍ଧେଶ୍ୱର ତ୍ରିପାଠୀ | ୧୩୨ |
| ଏଇଠି ଗୋଟେ ବୁଢ଼ୀ ଥିଲା | ସନ୍ତୋଷ କୁମାର ମହାନ୍ତି | ୧୩୩ |
| ପହିଲି ବସନ୍ତ | କେ. ନିର୍ମଳ | ୧୩୪ |
| ଭ୍ରମଣ କାହାଣୀ – ଗିରନାର ପାହାଡ | ସୁବଳ ମହାପାତ୍ର | ୧୩୫ |
| ନିଦାଘର ସ୍ମୃତି | ସୁନନ୍ଦା ଗୌଡ | ୧୪୪ |
| ମୋ ଛୋଟଘର | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୪୫ |
| ଶ୍ରୀ କ୍ଷେତ୍ର ଦର୍ଶନ | ଡମ୍ବରୁଧର ବାଗ | ୧୪୬ |
| ଆମେ ଓଡିଆ, ଭରି ବଢିଆ | କେଶରୀ ପ୍ରସାଦ ମହାନ୍ତି | ୧୪୭ |
| ବୀର ସହିଦଙ୍କ ପାଇଁ ପଦେ | ନନ୍ଦୁ ନାଏକ | ୧୫୨ |
| ଜୀବନ୍ ଜୁଏ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୧୫୩ |
| ଦିନ ପ୍ରତିଦିନ | ଅଜୟ କୁମାର ମହାନ୍ତି | ୧୫୪ |
| ପଞ୍ଝୁକ | ସନ୍ତୋଷ ପଟ୍ଟନାୟକ | ୧୫୫ |
| ଅଭିନନ୍ଦନ | ଖଗେଶ୍ୱର ବାଗ | ୧୫୮ |
| ଧରମା | ସତ୍ୟବ୍ରତ ସାହୁ | ୧୫୯ |
| ସଡ଼କ ସୁରକ୍ଷା - ଜୀବନ ରକ୍ଷା | ହରେରାମ ପଣ୍ଡା | ୧୬୧ |
| ବାଧକତା | ପୁଷ୍ପିତା ଭୂୟାଁ | ୧୬୩ |
| ଯେବେ ଆସେ ବର୍ଷା | ଶୁଭସ୍ମିତା ବେହେରା | ୧୬୮ |
| ଭୁଲିଯାଉଛି ମୁଁ ମୋ ମାତୃଭାଷା | ବୈଷ୍ଣବ ମେହେର | ୧୬୯ |
| ଅପହଞ୍ଚ ଗାଁ ର ଚିତ୍ର | ପ୍ରକାଶ ସାହୁ | ୧୭୦ |
| ଟିକେ ଖରା, ଟିକେ ଛାଇ | ଅଜୟ କୁମାର ବେହେରା | ୧୭୩ |
| ସାକ୍ଷାତ ଈଶ୍ୱର | ଅରୁଣ କୁମାର ମହାନ୍ତି | ୧୭୫ |

| | | |
|---|---|---|
| ଅଭିନନ୍ଦନଙ୍କୁ ଅଭିନନ୍ଦନ | ଡ଼ି ଶୁଭମ୍ | ୧୭୭ |
| ହେ ପରଂବ୍ରହ୍ମ | ପ୍ରଶାନ୍ତ କୁମାର ପଧାନ | ୧୮୦ |
| ହେ ବୀର ଯବାନ | ଶଙ୍କର୍ଷଣ କର | ୧୮୨ |
| ଅଫେରା ଫଗୁଣ<br>ଦୁର୍ଭାଗ୍ୟ | ଧୀରେନ୍ଦ୍ର କୁମାର ପ୍ରଧାନ<br>ପ୍ରେମଶିଲା ରାଉତ | ୧୮୩<br>୧୮୪ |
| ଜୀବନ ଯାତ୍ରା | କବି ପ୍ରସାଦ | ୧୮୯ |
| ମେର୍'ଖୁମ୍ | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୧୯୦ |
| ତିତିଲି ର ତାଣ୍ଡବ | ମୋହନ ଚନ୍ଦ୍ର ବିଷୋୟୀ | ୧୯୧ |
| ଜୀବନ ବିଦ୍ୟାଳୟ ପାଇଁ ଦୀପଟିଏ | ପ୍ରିୟବ୍ରତ ପାତ୍ର | ୧୯୨ |
| ବନ୍ଦ ଝର୍କା | ପ୍ରଦୀପ ବନ୍ଧ | ୨୦୨ |
| ଉତ୍କଳ ଦିବସ ବିଶେଷାଙ୍କ | ଦେବବ୍ରତ  ଜେନା | ୨୦୪ |
| ଭୁଲି ଯାଇଛନା | ଧିରେନ୍ ବାଗ | ୨୦୬ |
| ଛୋଟ ମୋର ନାଆଟି<br>( ଧାରାବାହିକ) | ପ୍ରଫେସର ଅନନ୍ତା ପଣ୍ଡା | ୨୦୭ |
| ହେ ଇଶ୍ୱର | ଦିଲ୍ଲୀପ କୁମାର ସାମଲ | ୨୧୪ |
| ପୁରୁଷ | ଯଶୋବନ୍ତ ପଟ୍ଟନାୟକ | ୨୧୬ |
| ଟିଭି ଗଣମାଧ୍ୟମରେ ଅନ୍ଧବିଶ୍ୱାସର ପ୍ରସାରଣ ବନ୍ଦ ହେଉ | ବାଲ୍ମୀକ ନାୟକ | ୨୧୭ |
| ମନୁଷ୍ ଜିବନ୍ | ପ୍ରବୀଣ୍ ରମେଶ୍ | ୨୨୨ |
| ଚେହେରା | ରମେଶ କୁମାର ବାରିକ | ୨୨୪ |
| କୁକୁର ପରତି ସାବଧାନ | ଏମ୍. ବିଜୟ କୁମାର | ୨୨୫ |
| ଲାଭଦାୟକ ତରଭୁଜ ଚାଷ | ପ୍ରୀତିଲଗ୍ନା ଧଳ | ୨୨୭ |

| | | |
|---|---|---|
| ଲତା ଜାତୀୟ ବିନ୍ ଗୃଷ | କଲ୍ୟାଣୀ ପ୍ରଧାନ / ପ୍ରଜ୍ଞା ପରମିତା ମହାପାତ୍ର | ୨୨୯ |
| ପୁସ୍ତକ ପରିଚୟ | ବରଦା ପ୍ରସନ୍ନ ଦାସ | ୨୩୧ |
| **ଶିଶୁ ବିଭାଗ** | | |
| କହିବ କଏ | ସତ୍ୟବ୍ରତ ସାହୁ | ୨୩୩ |
| ଗାଜର ସାଲ୍‌ଡ଼ | ରଞ୍ଜିତ କୁମାର ସାହୁ | ୨୩୫ |
| ସୂର୍ଯ୍ୟ ପ୍ରକାଶ | ରାଜଶେଖର ସି "ଚମା" | ୨୩୮ |
| ମା | ପ୍ରଶାନ୍ତ କୁମାର ନାଥ | ୨୪୦ |
| ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୪୧ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୪୨ |

# ଚନ୍ଦ୍ରପଙ୍କ



ମମତା ଦାଶ

ମୋର ଅବିକସିତ ରାଗରୁ
ଅସ୍ଥିର ସୁଖରେ ଦୁଃଖର ଛାୟା
ଜଗତର ଦଗ୍ଧ ହୃଦୟ ଉପରେ
ନିର୍ଦ୍ଦୟ ବିପ୍ଳବର ପ୍ଳାବିତ ମାୟା
ଏକ ଅନନ୍ତ ପ୍ରତୀକ୍ଷା।
ନୀରବ, ଅଦୃଶ୍ୟ, ଜୀବନରେ ପ୍ରତିକ୍ଷଣ
ମନ କ୍ଷୁଧାତୁର ବାସ ବିହୀନ ରହେ ଜୀବିତ ମନ
ମଧୁର ମୁକ୍ତ, ଗନ୍ଧଯୁକ୍ତ
ନିଜ ଅରୂପରେ ଭର୍ ସ୍ୱରୂପ
ମୂର୍ତ୍ତିମାନ ବନ ନିଷ୍ଠୁର ମନ
ନିର୍ଜନ ରାତିରେ ସାଗର ଲହରୀ
ଅମ୍ବର କର୍ଣ୍ଣେ ମୃଦୁ କହରୀ
ଝରେ ସୁମନ ମୌନ ହୃଦୟେ
ଅଧରେ ରାଗ ଅମନ୍ଦ ପିୟେ
ଗମ୍ଭୀର ମଧୁର ଛାୟାରେ
ବିଶ୍ୱ ଚନ୍ଦ୍ରପଙ୍କରେ ଗ୍ଳେ ମାୟାରେ

ସମ୍ପାଦିକା

# ଉତ୍କଳ ଦିବସ



ଭାସ୍କର ଚନ୍ଦ୍ର ଖଣ୍ଡା

ଉତ୍କଳ ଦିବସ ଅବସରରେ ସମସ୍ତ ଓଡିଆ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଭାଷା ଭିତ୍ତିରେ ଗଢା ଓଡ଼ିଶାକୁ ୮୩ ବର୍ଷ ପୂରି ୮୪ ବର୍ଷ ଚାଲିଲା। ୧ ଏପ୍ରିଲ ୧୯୩୬ ରେ ଭାଷା ଭିତ୍ତିରେ ଓଡିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ଭାଷା ଭିତ୍ତିରେ ଗଠିତ ରାଜ୍ୟମାନଙ୍କ ମଧ୍ୟରେ ଓଡିଶା ପ୍ରଥମ ରାଜ୍ୟ।

ଏଥିପାଇଁ ଆମର ପୂର୍ବ ପୁରୁଷମାନେ ବହୁ ଆନ୍ଦୋଳନ, ବାଧା ବିଘ୍ନର ସମ୍ମୁଖୀନ ହୋଇଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସ, ପୂଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର ଇତ୍ୟାଦି ପ୍ରମୁଖ ମହାନ୍ ସଂଗ୍ରାମୀଙ୍କ ଲଢେଇ ଫଳରେ ଇଂରେଜ ମାନେ ବାଧ୍ୟ ହେଲେ ଓଡିଶାକୁ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଭାବେ ଘୋଷଣା କରିବା ପାଇଁ।

ଆଜି ଯଦି ଆମର ସ୍ୱତନ୍ତ୍ର ରାଜ୍ୟ ବା ଭାଷା ନଥାନ୍ତା, ତାହା ହେଲେ ଆମର ସ୍ୱତନ୍ତ୍ର ପରିଚୟ କଣ ଥାଆନ୍ତା ?

ମାତୃ ଭାଷା ମାତୃଭୂମିର ମମତା ଯା ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ।

ଆମ ଓଡ଼ିଆ ସଂସ୍କୃତି, ସେଇ ଭାଗବତ ଟୁଙ୍ଗି, ସମଗ୍ର ବିଶ୍ୱର କଲ୍ୟାଣକାରୀ ଚନ୍ତାଧାରା, ଆମର ଜଗନ୍ନାଥ ସଂସ୍କୃତି "ବସୁଧୈବ କୁଟୁମ୍ବକମ୍" କୁ ନେଇ ଆଜି ବି ଆମେ ଗର୍ବିତ। ୬ ଟି

ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷାରୁ ଓଡିଆ ଅନ୍ୟତମ। ( Tamil, Sanskrit, Telgu, Kannad, Malayalam and Odiya)

ଦିନ ଥିଲା ଆମେ ଖୁବ୍ ସମୃଦ୍ଧଶାଳୀ ଥିଲୁ। ଆମର ପୂର୍ବ ପୁରୁଷମାନେ ଜାଭା, ସୁମାତ୍ରା ଆଦି ଦୀପପୁଞ୍ଜ, ବିଦେଶକୁ ଯାଇ ବାଣିଜ୍ୟ ବ୍ୟବସାୟ କରି ଖ୍ୟାତି ଲାଭ କରିଥିଲେ।

ଓଡ଼ିଆ ମାନେ ଯେ ବହୁ ପରିଶ୍ରମୀ, ଏଥିରେ ସଂଦେହ ନାହିଁ। ଆମ ଜାତି ପରିଶ୍ରମୀ ସହିତ କଠୋର ସମସ୍ୟାର ସମ୍ମୁଖୀନ ହେବା ପାଇଁ ସର୍ବଦା ତତ୍ପର। କେତେ ପ୍ରଳୟଙ୍କାରୀ ବାତ୍ୟା ଏବଂ ବନ୍ୟାରେ କ୍ଷତିଗ୍ରସ୍ତ ହୋଇ ମଧ୍ୟ ଆମେ ଆମର ସ୍ୱତନ୍ତ୍ରତା ଏବଂ ଐତିହ୍ୟକୁ ନତମସ୍ତକ ହେବାକୁ ଦେଇ ନାହୁଁ।

ଆମର ସଂସ୍କୃତି କଳା ଭାସ୍କର୍ଯ୍ୟ ଓ ତାରକସି କାମ ବିଶ୍ୱ ବିଖ୍ୟାତ। କୋଣାର୍କ ସୂର୍ଯ୍ୟ ମନ୍ଦିର, ଓଡିଶୀ ନୃତ୍ୟ, କଟକର ତାରକସି, ପିପିଲି ଚାନ୍ଦୁଆ ଏପରି ଅନେକ ହସ୍ତକଳାକୁ ପ୍ରୋତ୍ସାହନ ଯୋଗାଇ ଆମକୁ ଆମ ଓଡ଼ିଶାକୁ ସମୃଦ୍ଧି ପଥରେ ଆଗେଇ ନେବାକୁ ପଡ଼ିବ।

ଇତିହାସ କହେ ଆମରି ପୂର୍ବପୁରୁଷମାନଙ୍କ ବୀରତ୍ୱର ଗାଥା। ସେଇ କଳିଙ୍ଗ ଯୁଦ୍ଧ ଯାହା ଦିନେ ଚଣ୍ଡାଶୋକ କୁ ଧର୍ମାଶୋକରେ ପରିଣତ କରିଥିଲା। ଏଇ ଓଡ଼ିଆ ମାଟିର ବୀର ସନ୍ତାନ ବକ୍ସି ଜଗବନ୍ଧୁ, ଖୋର୍ଦ୍ଧା ପାଇକ ବିଦ୍ରୋହ ଏବଂ ତାଙ୍କର ରଣ ହୁଙ୍କାର ଚିର ସ୍ମରଣୀୟ।

ଉତ୍କଳ ଦିବସରେ ଆମର ସେଇ ପୂର୍ବପୁରୁଷମାନଙ୍କୁ ମନେ ପକାଇବା, ଆମରି ଭାଷା ଆମ ସଂସ୍କୃତି, ଆମ ରାଜ୍ୟକୁ କଠୋର ପରିଶ୍ରମ ଜରିଆରେ ସରସ ସୁନ୍ଦର କରି ଗଢି ତୋଳିବା। ଆମ ରାଜ୍ୟ ଖଣିଜ ସମ୍ପଦରେ ଭରପୁର। ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପରିବେଶରେ ଭରା ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ପ୍ରସାର ଏବଂ ବିକାଶର ଯଥେଷ୍ଟ ଆବଶ୍ୟକତା ରହିଛି।

ଦେଶ ବିଦେଶରେ ଥିବା ସମସ୍ତ ଓଡିଆ ଭାଇ ଓ ଭଉଣୀ ମାନେ ନିଜକୁ ଓଡ଼ିଆ ଭାବି ଆମ ରାଜ୍ୟ ଆଉ ଆମ ଭାଷାକୁ କଠୋର ପରିଶ୍ରମ ମାଧ୍ୟମରେ ଆହୁରି ଆଗକୁ ଆଗେଇ ନେବା।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ମହିମା
ପଡୁ ନାହିଁକରେ ତୋର ମନେ।

ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଉତ୍କଳ ଦିବସ



ଭଗିରଥୀ ଯାନୀ

ଉତ୍କଳ ଜନନୀ ଇଂରେଜମାନଙ୍କ
ଶାସନାଧିନରେ ରହି,
ଖଣ୍ଡବିଖଣ୍ଡିତ ହେଲ୍ କଳେବର
ବଞ୍ଚିଅଛି କ ସହି ।୧।

ଜନମ ମାଟିର ଯନ୍ତ୍ରଣା ଦେଖିକ
ଯୋଗ ଜନ୍ମାଙ୍କ ଅସହ୍ୟ,
ଓଡିଆ ଜାତିର ମାନ ରକ୍ଷା ପାଇଁ
ନିଷ୍ଚୟ ହେବେ ସହାୟ ।୨।

ସିପାହି ବିଦ୍ରୋହ ସ୍ୱାଧୀନତା ପ୍ରେମେ
ନିଜକୁ ଉତ୍ସର୍ଗ କରି,
ସ୍ୱର ଉତ୍ତୋଳନ ପ୍ରଥମେ କରିଲେ
ସାଜି ଇଂରେଜଙ୍କ ଅରି ।୩।

ଏ ମାଟିର ଯୋଦ୍ଧା ବକ୍ସି ଜଗବନ୍ଧୁ
ଓଡିଶାର ବରପୁତ୍ର,
ଇଂରେଜ ସ୍ଥିତିକୁ ଦୋହଲାଇ ଦେଲ୍
ରଣହୁଙ୍କାରର ସୂତ୍ର ।୪।

ଜାତିର ଜନମ କଲେ ଆନ୍ଦୋଳନ
ଅସହଯୋଗ ବଳରେ,
ବୀର ସୁରେନ୍ଦ୍ରଙ୍କ ସ୍ୱର ଉତ୍ତୋଳନ
ଫିରିଙ୍ଗିଙ୍କ ବିରୋଧରେ ।୫।

ଗୋପବନ୍ଧୁ ଦାସ ଉତ୍କଳ ଗୌରବ
ପ୍ରଭୃତି ମନୀଷୀଗଣ,
ଓଡିଆଙ୍କ ପ୍ରାଣେ ଓଡିଶା ମାଟିରେ
କଲେ ଜନଜାଗରଣ ।୬।

ସଂସ୍କୃତି, ଐତିହ୍ୟ ଐକ୍ୟ, ସ୍ୱାତନ୍ତ୍ର୍ୟତା
ବଜାୟ ରଖିବା ପାଇଁ,
ତାଙ୍କ ବିରୋଧରେ ଯୋଗଜନ୍ମାଗଣ
କରିଥିଲେଟି ଲଢେଇ ।୭।

ମନୀଷୀ ଗଣଙ୍କ ଅପ୍ରାଣ ଉଦ୍ୟମେ
ଉତ୍କଳ ଏକତ୍ର ହେଲା,
ସ୍ୱତନ୍ତ୍ର ଉତ୍କଳ ତାଙ୍କରି ସକାଶେ
ସମ୍ମାନ ହାସଲ କଲା ।୮।

ସ୍ମରଣୀୟ ଅଟେ ଆଜିର ଦିବସ
ଓଡିଶା ଇତିହାସରେ,
ସ୍ୱତନ୍ତ୍ର ପ୍ରଦେଶ ରୂପରେ ସ୍ଥାନିତ
ଭାରତ ମାନଚତ୍ରରେ ।୯।

ଉଣେଇଶ ସହ ଛତିଶ ମସିହା
ଅପ୍ରିଲ ପହିଲ୍ ଦିନ,
ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଲ୍
ପୂରଣ ହେଲ୍ ସପନ ।୧୦।

ଆସ ଆସ ଆସ ଉଚ୍ଛନ ମନରେ
ସମସ୍ତେ ହୋଇ ଉଲ୍ଲାସ,
ଏକତ୍ରିତ ହୋଇ ପାଳନ କରିବା
ଆଜି ଉତ୍କଳ ଦିବସ ।୧୧।

ଗୌରବ ଉଜ୍ଜ୍ୱଳ ଆମ ପରମ୍ପରା
ଉତ୍କଳ ଭରି ସରସ,
ସମୃଦ୍ଧର କଥା ଗୋଟି ଗୋଟି କହେ
ଓଡିଶାର ଇତିହାସ ।୧୨।

ଓଡିଶା ମାଟିର ଓଡିଆ ପ୍ରାଣର
ଆଜି ମହାନ ଦିବସ,
ଆସ ଆସ ଆସ ପାଳନ କରିବା
ଆଜି ଉତ୍କଳ ଦିବସ ।୧୩।

ରାମଚନ୍ଦ୍ର ପ୍ରାଣବନ୍ଧୁ ନୋଡାଲ ବିଦ୍ୟାପୀଠ,
ରସଙ୍ଗ, ଗଣିଆ, ନୟାଗଡ

# ଉତ୍କଳ ମାତା'ର ଜୟ



ତୁଷାରକାନ୍ତ ପ୍ରସାଦ

ଭାରତର ଆତ୍ମା ବୋଲାଏ ଉତ୍କଳ,
ଏ ବୀର, ପବିତ୍ର ଭୁଇଁ ।
ଚଣ୍ଡାଶୋକ ଯହିଁ ଧର୍ମାଶୋକ ହୋଇ,
ଦେଇଥିଲେ ମଥା ନଇଁ ।।

ପୂର୍ବ ଦିଗେ ଯା'ର ମହୋଦଧି ରହି,
ଚରଣକୁ ଧୋଏ ନିତି ।
ଆଜି ସେ ଉତ୍କଳ ଓଡିଶା ନାମରେ,
ଜଗତେ ରଚଛି ଖ୍ୟାତି ।।

ନାହାଁନ୍ତି ଆଜି ସେ ସାଧବ ପୁଅରେ,
ନାହାଁନ୍ତି କଳିଙ୍ଗ ରାଜା ।
ଅଦ୍ୟାପି ଜୀବିତ ଯାହାଙ୍କ କୀରତି,
ଜଗତେ ଉଡଇ ଧ୍ୱଜା ।।

ମଧୁବାବୁ ଆଉ ଗୋପବନ୍ଧୁଙ୍କର,
ସ୍ୱପ୍ନର ଓଡିଶା ଆଜି।
ଖୋରଧା ଗଡର ଜୟୀ ରାଜଗୁରୁ,
ନାହିଁ ସେ ଦାମ୍ଭିକ ବାଜି ।।

କଳଙ୍ଗ ଯୁଦ୍ଧର ଅମଳନ ଗାଥା,
ଧଉଳ ପାହାଡ଼ କହେ ।
ଧର୍ମପଦର ସେ ଉଦାରତା ଗୁଣ,
କୋଣାର୍କ ପବନେ ବହେ ।।

ଜଗତର ନାଥ ଯହିଁ ବିରାଜିତ,
ମର୍ତ୍ତ୍ୟ ମଧ୍ୟେ ସ୍ୱର୍ଗପୁର ।
ଉତ୍କଳ ଐତିହ୍ୟ, କଳା ଓ ସଂସ୍କୃତି,
ଆହା କେଡେ ମନୋହର ।।

ଏ ମାଟି ଦେଖିଛି କେତେ ଯେ ବିପତ୍ତି,
ମହାବାତ୍ୟା ପରି ଦୁଃଖ ।
ଅନାହାରେ କେତେ ଜୀବନ ନେଇଛି,
ନ'ଅଙ୍କ ଦୁର୍ଭିକ୍ଷ ଭେକ ।।

ସଂଗ୍ରାମ କରୁଛି ପ୍ରଗତି ପଥରେ,
ହୋଇନାହିଁ ଲକ୍ଷ୍ୟ ଚ୍ୟୁତ ।
ସମୟର ଏହି କରାଳ ଗତିରେ,
ଲଭିଲେ ଅନେକ କ୍ଷତ ।।

ସର୍ବଧର୍ମ ସମନ୍ୱୟର ଭାବନା,
ଏ ମାଟିର ପରିଚୟ ।
ଗର୍ବ ସହକାରେ କୁହ ଉଚ୍ଚ ସ୍ୱରେ,
ଉତ୍କଳ ମାତା'ର ଜୟ ।।

ବରୀ, ଯାଜପୁର

# ମିଠା ଆଗ୍ରହ



ଲୋପାମୁଦ୍ରା ମିଶ୍ର

ଏପ୍ରିଲ ମାସ ର ଟାଇଁ ଟାଇଁ ଖରାବେଳ । ସମୟ ପ୍ରାୟ ଦିନ ଏଗାର ଙ୍କ ସାଢେ ଏଗାର ହେବ । ମୁଁ ମୋର ଏକ ଗୁରୁତ୍ୱପୂର୍ଣ୍ଣ କାମ ରେ ଷ୍ଟେଟ ବ୍ୟାଙ୍କ ର ଯାଜପୁର ଟାଉନ ବ୍ରାଞ୍ଚ କୁ ଯାଇଥାଏ । କାମ ସାରି ବ୍ୟାଙ୍କ ରୁ ବାହାରୁଛି, ଦେଖାହେଇଗଲା ଆମ ଘର ପାଖ 'ଲତାଆଇ'ଙ୍କ ସହ । ସେ ତାଙ୍କ ବୃଦ୍ଧ ସ୍ୱାମୀ 'ମାନଅଜା ' ଙ୍କ ସହ ଆସିଥିଲା ଅଜାଙ୍କର ପେନସନ ସମ୍ବନ୍ଧୀୟ କୌଣସି କାମ ପାଇଁ । ମାନଅଜା ମୋ ଜେଜେମାଆ ର ସମ୍ପର୍କୀୟ ଭାଇ । ସେହି ହିସାବରେ ଆମେ ଭାଇଭଉଣୀ ସମସ୍ତେ ସେ ଦୁହିଁଙ୍କ ଅଜା ଆଇ ଡାକୁ ।

ମୁଁ ସେମାନଙ୍କୁ ପଚାରିଲି, "ଆରେ ଅଜା ଆଇ ! ତୁମେ ମାନେ କେମିତି ଆସିଥିଲ ଆଉ ଯିବ କୋଉଥିରେ? କାମ ସାରିଲଣି ନାଁ ବାକି ଅଛି? "

ଲତାଆଇ କହିଲେ, "ସାଢେ ଆଠ ଟା ବସ 'ଅନନ୍ତଜ୍ୟୋତି' ରେ ଆସିଥିଲୁ । କାମ ତ ସରିଗଲାଣି କିନ୍ତୁ ଏବେ ଆଉ କିଛି ବସ ନାହିଁ । ପୁଣି ଯାଇକି ଅଢେଇ ଟା ବେଳେ ଗାଁ କୁ ବସ ମିଳିବ । ଭାବୁଛୁ ଟ୍ରେକର ରେ ପଳେଇବୁ "।

ମୁଁ ସେମାନଙ୍କୁ ମୋ ସାଙ୍ଗରେ ଆମ ଗାଡି ରେ ଯିବା କୁ ଡାକିଲି । ମୋର ବି ଆଉ କୋଉଠି କାମ ନଥିଲା । ସାଙ୍ଗରେ ବି କେହି ଆସିନଥିଲେ । ଘରକୁ ଲାଗି ଘର । ସେମାନେ ବି ମନା କଲେନି । ରାଜି ହୋଇ ଆସି ମୋ ସଙ୍ଗେ ଗାଡି ରେ ବସିଲେ ।

ମୋ ହଜବ୍ୟାଣ୍ଡ୍ ସେତେବେଳେ ଜୟପାଟଣା, କଳାହାଣ୍ଡି ରୁ ଆସି କଟକ ଏସ୍.ସି.ବି. ମେଡିକାଲ କଲେଜ ରେ ନୂଆ ଜଏନ କରିଥାନ୍ତି ଓ ଗୋଟେ ଘର ଭଡ଼ା ରେ ନେଇ ଏକା ରହୁଥାନ୍ତି । ଏକା ରହିଲେ ଖାଇବା ପିଇବା ରେ କଛି ଠିକ ଠିକଣା ରଖନ୍ତିନ । କଚେନ୍ କୁ ତ ଭୁଲ ରେ ବି ସେ ଯାଆନ୍ତିନାହିଁ । ସେହି ଏସ୍.ସି.ବି. ର ମେସ୍ ରୁ ଯାହା ଖାଇବା ଲଞ୍ଚ, ଡିନର ପାଇଁ ମିଳେ ନେଇଆସି ଖାଆନ୍ତି । ସେ ସବୁବେଳେ ରୁଟି କମ୍ବା ପରଟା ସହ ଅଲଗା ଯାହା ବି ଥାଉ ମିଠାଆଗ୍ବର ଟିକେ ଥିଲେ ଖାଇବାକୁ ବେଶି ପସନ୍ଦ କରନ୍ତି । ମୁଁ ଭାବିଥିଲି ଫେରିଲାବେଳେ ଯାଜପୁର ର ସେହି ନର୍ଦ୍ଦିଷ୍ଟ ଦୋକାନ ରୁ ଗୋଟେ ଭଲ ଆଗ୍ବର ଆଣି ଆସିବି ତାଙ୍କ ପାଖକୁ ପଠାଇବା ପାଇଁ । ବସଷ୍ଟାଣ୍ଡ ଆଡକୁ ଗଲାବେଳକୁ କଳାମନ୍ଦିର ଶାଢ଼ି ଦୋକାନ କୁ ଲାଗି ସେହି ଯେଉଁ କ୍ରିଷ୍ଣା ଜୁଏଲାରୀ ଅଛି, ଠିକ ତାହାରି ସାମ୍ନା କୁ ମୋର ପ୍ରିୟ ଆଗ୍ବର ଦୋକାନ ଟାର ଅବସ୍ଥିତି । ମୁଁ ଡ୍ରାଇଭର କୁ କହିଲି ସେଇଠି ଗାଡି ରଖିବା ପାଇଁ । ବିଭିନ୍ନ ପ୍ରକାର ର ଖଟା ମିଠା ଆଗ୍ବର, ମିକ୍ସଚର, ପାପଡ ଆହୁରି ସବୁ ଅନେକ ହାତତିଆରି ବଡି, ଶସ୍ ଆଉ ଚକୋଲେଟ୍ ମଧ ସେହିଠି ମିଳେ । ମୁଁ ଗୋଟେ ଭଲ ମିକ୍ସଡ୍ ଫ୍ରୁଟ୍ ମିଠା ଆଗ୍ବର ଓ କଛି ହ୍ୟାଣ୍ଡମେଡ୍ ଚକୋଲେଟସ୍ ଆଣିଲି । ଅଜା ଆଇ ଙ୍କୁ କଛି ଚକୋଲେଟସ୍ ଦେଇ ଅବଶିଷ୍ଟ ନଜ ପାଖେ ରଖିଲି । ଆମେ ଗପୁ ଗପୁ ଅଧଘଣ୍ଟା ଭିତରେ ଘରେ ଆସି ପହଞ୍ଚିଗଲୁ ।

ସନ୍ଧ୍ୟା ରେ ମୁଁ ଘରେ ବସି ଟିଭି ଦେଖୁଛି ଲତା ଆଇ ଆସି ଡାକଲେ । ମୁଁ ଯାଇ ଦେଖିଲି ଲତାଆଇ ଗୋଟେ ଗିନା ହାତରେ ଧରି ନଇଁ ନଇଁ ଆସି ଆମ ଦାଣ୍ଡ କବାଟ ପାଖେ ଠିଆ ହୋଇଛନ୍ତି । ମତେ ଦେଖିପକେଇ କହିଲେ, "ବୁଢ଼ୀ ଲୋ ! ଯୋଉ ଆଗ୍ବର ଟା ଆଜି ଆଣିଥିଲୁ ସେଥିରୁ ଟିକେ ଦେଲୁ ତୋ ଅଜାଙ୍କର ଆଜି ଆଗ୍ବର ଖାଇବାକୁ ଖୁବ ମନ କରୁଛି।"

ମୁଁ ବଡ ଦ୍ୱନ୍ଦ୍ୱ ରେ ପଡ଼ିଗଲି । ଡବା ଟି ମୁଁ ଖୋଲିବାକୁ ଚାଁହୁନଥିଲି । ବଡ ଦୁଃଖ ର ସହ ତାଙ୍କୁ ମନାକରିବାକୁ ପଡିଲା । କହିଲି, "ଆଇ ସେହିଟି ତାଙ୍କ ପାଇଁ ଆଣିଥିଲି । କଟକ ପଠେଇବି । ଖୋଲିଦେଲେ ରାସ୍ତା ରେ ଢ଼ାଳ ହେଇଯିବ ତ ସେଥିପାଇଁ ଖୋଲୁନ । ସେ ମିଠା ଆଗ୍ବର କୁ ବହୁତ ପସନ୍ଦ କରନ୍ତି ତ । ଆଇ! ଆମର ଆହୁରି ବହୁତ ଅଲଗା ଅଲଗା ଆଗ୍ବର ଅଛି । ଦେବି? "

ସେ ମନା କଲେ ଆଉ ହସି ହସି ବି କହିଲେ , "ନାଇଁ ଲୋ ମାଆ । ଥାଉ ଥାଉ । ଆମର ମୁଁ କଣ କମ ଆଗ୍ରୁର ଡିଆରିଛି କି? ତୋ ଅଜା ଙ୍କର କଣ ହେଇଛି କେଜାଣି? ଆଜିକାଲି ଯାହାର ଯାହା ଦେଖୁଛନ୍ତି ମତେ ମଗେଇ ପଠେଇ ଦେଉଛନ୍ତି । ମତେ ପା ଯାଜପୁର ରୁ ଆସିଲାବେଳଠୁ କହୁଛନ୍ତି ତୋ ପାଖରୁ ଆଗ୍ରୁର ଟିକେ ମାଗିନେବା ପାଇଁ । ହଉ ହଉ ଥାଉ ତୁ ଖୋଲନା । ମୋ ନାତୁଣୀଜ୍ୱାଇଁ ଙ୍କ ପାଖକୁ ପଠେଇବୁ । ମୁଁ ଆସୁଛି "।

ସେ ଚ୍ଚଲିଗଲେ । ମତେ କନ୍ତୁ ଟିକେ ଖରାପ ଲାଗିଲା । ସାମାନ୍ୟ ଆଗ୍ରୁର ଟିକେ ଦେବାକୁ ମୁଁ ମନା କରିପାରିଲି? ପୁଣି ଭାବିଲି ଛାଡ ସେଇମିତି ଆଉ ଗୋଟେ ଡବା ଆଣି ଆଉ କୋଉଦିନ ଦେଇଦେବି ।

ରାତି ନଅ ଟା ପାଖା ପାଖି ହଜବ୍ୟାଣ୍ଡ ଫୋନ କଲେ । କଥା ହେଉ ହେଉ ତାଙ୍କ ପାଇଁ ଆଣିଥିବା ଆଗ୍ରୁର ରୁ କଛି ଲତାଆଇ ମାଗୁଥିବା କଥା କହିଲି । କେମିତି ମୁଁ ନଦେଇ ତାଙ୍କୁ ଫେରେଇ ଦେଲି ସେ କଥା ବି କହିଲି । ସିଏ ମୋ କଥା ଶୁଣି ଭୀଷଣ ରାଗିଯାଇ କହିଲେ, "ତୁମେ ଏତେ ଅବିବେକୀ କେମିତି ହେଇପାରୁଛ? ମୋତେ କଣ କଟକ ରେ ଆଉ ଆଗ୍ରୁର ମିଳବନ ଯେ ଜଣେ ବୟସ୍କ ଲୋକର ଆଶା କୁ ମାରିଦେଇ ମୋ ପାଇଁ ସେ ଆଗ୍ରୁର ସାଇତି ରଖୁଛ? ଯାଅ ଜଲଦି ସେ ଡବା ଟା ମାନଅଜା ଙ୍କୁ ଦେଇଆସିବ । ଏବେ ଫୋନ୍ ରଖ ଆଉ ଯାଅ " । ସିଏ ଫୋନ କାଟିଦେଲେ । ମୋର ତାଙ୍କ ଉପରେ ଭୀଷଣ ରାଗ ହେଲା । ଏତେ ଶ୍ରଦ୍ଧା ରେ ତାଙ୍କରି ପାଇଁ ଆଣିଥିଲି, ଟିକେ ବି ଧନ୍ୟବାଦ ନଜଣାଇ ଆହୁରି କହୁଛନ୍ତି ନେଇ ସେ ବୁଢ଼ାଅଜାକୁ ଦେଇଆସିବାକୁ । ଭାବିଲି ଦେବିତ ତ, ଥାଉ କାଲି ସକାଳକୁ ଯାଇ ଦେଇଆସିବି । ତାଙ୍କ ଉପରେ ରାଗ ଟା ପରମୁହୂର୍ତ୍ତ ରେ ମୋର ନଜ ଉପରକୁ ଲଜ୍ଜ୍ୟାବୋଧ ରେ ପରିଣତ ହୋଇଗଲା । ଛି..ଆଗ୍ରୁର ଟିକେ ନଦେଇ ବୁଢୀଲୋକ ଟା କୁ ଫେରେଇଦେଲି ! ସେ ପୁଣି ଏମିତି ଜଣେ ସ୍ନେହିଁ ଲୋକଙ୍କୁ !

ମୋର ଦୁଇବର୍ଷ ତଳର ଗୋଟେ ଛୋଟ ଘଟଣା ମନେପଡ଼ିଗଲା । ସେତେବେଳେ ମୁଁ କଟକ ରାଧାନାଥ ଟ୍ରେନିଂ କଲେଜ ରେ ବି.ଏଡ୍ ଟ୍ରେନିଂ ନେଉଥାଏ । ଦିନେ ଅପରାହ୍ନ ଚ୍ଚରିଟା ରେ କଲେଜ ଛୁଟିପରେ ହାଇକୋର୍ଟ ପାଖ ଗୋଟେ ଚ୍ଚାର୍ଟ ଦୋକାନ କୁ ପାପଡ଼ି ଚ୍ଚାର୍ଟ ଖାଇବାକୁ ସାଙ୍ଗମାନଙ୍କ ସହ ଯାଇଥାଏ, ଆମ ଗାଁ ର ଧୀର କକା ଦେଖାହେଲେ । ତାଙ୍କ ଠାରୁ ଶୁଣିଲି

ମାନ ଅଜା ଦୀର୍ଘ ପଚଶି ଦିନ ହେଲା କଟକ ବଡ଼ ମେଡିକାଲ ର ଟିବି ଓ ଯକ୍ଷ୍ମା ୱାର୍ଡ ରେ ଭର୍ତିହେଇ ଚକିତ୍ସିତ ହେଉଛନ୍ତି । ମନ ଟା ଭଲ ଲାଗିଲାନାହିଁ । ତା ପରଦିନ ରବିବାର ଥିଲା । ସକାଳୁ ଏକା ଯାଇ ପହଞ୍ଚିଗଲି ସେମାନଙ୍କ ପାଖେ । ଲତାଆଇ ଅଜା ଙ୍କ ପାଖେ ବସି ତାଙ୍କ ଗୋଡ଼ ହାତ ଆଉଁଷି ଦେଉଥାଏ । ମତେ ଦେଖି ଦୁହେଁ ଯାକ ଭାରି ଗୋଟେ ଖୁସି ହେଇଗଲା ପରି ମୁଁ ଅନୁଭବ କଲି । ପଗ୍ଚରିଲି, "ଆଉ କେହି ନାହାଁନ୍ତି କି? " । ଆଇ କହିଲେ, "କିଏ ସବୁ କାମ ଧନ୍ଦା ଛାଡ଼ି ଏତେଦିନ ଏଠି ପଡିରହିବ? ଟୁଟୁ ( ମାନଅଜାଙ୍କ ସାନପୁଅ ) ଆସୁଛି ସବୁଦିନ ସକାଳୁ ପୁଣି ଦଶ ଟା ଏଗାର ଟାରେ ଗ୍ଚଲିଯାଉଛି । ତାର ତ ଦୋକାନ ରେ ଦୁନଆଁ କାମ । ରବି ( ତାଙ୍କ ବଡ ପୁଅ ) ର ତ ଇସୁକୁଲୁ ( ସ୍କୁଲ ) । ସେ ଆସିପାରୁନ । ଆଜି ରଇବାର । ଆସିବ କହିଛି "। ପୁଣି ଟିକେ ରହିଯାଇ କହିଲେ, "ଏଠି ସମସ୍ତେ ଜଣ ପରେ ଜଣେ ଭଲ ହେଇ ପଳାଉଛନ୍ତି । ଆମେ ଖାଲି ଯାହା ପଡିରହିଛୁ । ପଇସା ପାଣି ପରି ଖର୍ଚ୍ଚ ହେଉଛି । କୋଉଠୁ କେତେ ଆଣିବୁ"? କହୁ କହୁ କାନ୍ଦ କାନ୍ଦ ହେଇଗଲେ ।

ଏମିତି ଗପୁ ଗପୁ ମୁଁ ଯିବାକୁ ବାହାରିଲି । ମାନଅଜା ଖୁଁ ଖୁଁ ହେଇ କାଶୁ କାଶୁ କଣ ଗୋଟେ ଠାରିକି କହିଲେ ଆଇ କୁ । ଆଇ ଗୋଟେ ଚରିଆସିଥିବା ମସିଆ ପୁରୁଣା ଥଳି ତାଙ୍କ ବେଡ଼ ର ତକିଆ ତଳୁ ବାହାରକରି ସେଥିରୁ ପୁରୁଣା ଦଶଟଙ୍କିଆ ନୋଟ ଟେ ମୋ ହାତରେ ଗୁଞ୍ଜି ଦେଲେ । ମୁଁ ଯେତେ ମନା କଲେ ବି ମାନଲେନ । ପୁଣି କଣ ମନେପଡ଼ିଲା ମତେ ଟିକେ ଠିଆ ହେବାକୁ କହି ଗୋଟେ ଓମଫେଡ କ୍ଷୀର ପ୍ୟାକେଟ ଯୋଉଟା ହସ୍ପିଟାଲ ତରଫରୁ ରୋଗୀମାନଙ୍କୁ ଦିଆଯାଏ ଆଣି ମୋ ହାତରେ ଧରେଇଦେଇ କହିଲେ, " ନେଇଯା ଏଇଟା ହଷ୍ଟେଲ ରେ ଗରମ କରି ପିଇଦେବୁ । ଏମିତି ବେଳରେ ଆସିଲୁ ଯେ ଆମ ପାଖେ କିଛି ନାହିଁ ଦେବାକୁ । ତୁ ଆସିଲୁ ଆମେ ବହୁତ ଖୁସି "। ମୁଁ କଣ କହି ତାଙ୍କୁ ବୁଝେଇବି ଯେ ମେଡିକାଲ କୁ ରୋଗୀ ଦେଖି ଆସିଲେ କିଛି ସାଙ୍ଗରେ ନେଇକି ଆସନ୍ତି ଏମିତି ନେଇକରି ଯାଆନ୍ତିନାହିଁ । ସେ କିନ୍ତୁ ବୁଝିବେନାହିଁ । ଆହୁରି ନେଲିନାହିଁ ବୋଲି ଆଘାତ ପାଇବେ । ମୋ ଗାଁ ର ସବୁ ଆତ୍ମୀୟଙ୍କ ଅତ୍ମୀୟତା ଏହିପରି । ଗାଁ ବାହାରେ ଦୂର କୋଉ ଜାଗାରେ କେହି ଯଦି ଗ୍ରାମବାସୀ ପରସ୍ପର ସହ ଦେଖାହେଇଯାନ୍ତି ଖୁସି ରେ ସେମାନଙ୍କ ଆଖି ଉଜ୍ଜ୍ୱଳ ହୋଇଉଠେ । ଆଉ ଯଦି ଏହି ଲତା ଆଇ ଙ୍କ ପରି ବୟସ୍କ ଲୋକଙ୍କ ର ମୋ ପରି ବୟସ ରେ ଛୋଟ କେହି ଦେଖା ହୋଇଗଲେ ସେ ତାକୁ କେବେ ବି ଖାଲି ହାତରେ ଛାଡ଼ିବେନାହିଁ ,

ସେ ଜାଗା ହେଉପଛେ ହସ୍ପିଟାଲ ର ଯକ୍ଷ୍ମା ୱାର୍ଡ ଆଉ ନଜେ ହେଉଥାନ୍ତୁ ପଛେ ରୋଗ ଶଯ୍ୟା ରେ ପଡି ଯନ୍ତ୍ରଣାଜର୍ଜରିତ ।

ସେହିଦିନ ର କଥା ଭାବି ମୋ ଆଖି ଓଦା ଓଦା ହେଇଗଲା । ସେହି ସଙ୍ଗେ ସଙ୍ଗେ ତାଙ୍କ ଘରକୁ ଯିବାକୁ ଇଚ୍ଛା ହେଲା । ଏବେ ଏତେ ରାତି ରେ ଆଉ ବୁଢ଼ା ବୁଢୀ ଙ୍କୁ କାହିଁକି ହଇରାଣ କରିବି ? ସକାଳୁ ଉଠିବା କ୍ଷଣି ଯିବି ଭାବିକି ଶୋଇପଡ଼ିଲି ।

ସକାଳୁ ଉଠୁ ଉଠୁ ମାଆ ଆସି କହିଲା, "ଜାଣିଛୁ ନା ଲୋ? କାଲି ରାତି ରୁ ମାନମାମୁଁ ଙ୍କ ଦେହ ବହୁତ ଖରାପ । ଭୋରୁ ମେଡିକାଲ ଯାଇସାରିଲେଣି । ରାତି ତିନଟା ରେ ଟୁଟୁ ଆସି ତୋ ବାବାଙ୍କୁ କହୁଥିଲା, ମାମୁଁ କେମିତି ଆଖି ଖୋସି ହାତ ଦୁଇଟା ମୁଠା ମୁଠା କରିପକାଉଥିଲେ । ତୋ ବାବା କହିଲେ ଶୀଘ୍ର ହସ୍ପିଟାଲ ନେଇଯିବାକୁ "।

ମାଆ ର କଥା ସରିନ ମାନଅଜାଙ୍କ ଘର ସାମ୍ନା ରେ ଗାଡି ଟେ ଆସି ରହିଲା । ଲୋକେ ଗାଡ଼ିରୁ ମାନଅଜାଙ୍କ ନିଷ୍ପ୍ରାଣ ଶରୀର କୁ ଟେକା ଟେକ କରି ବାହାର କରୁଥିଲେ । ଲତା ଆଇ ଙ୍କୁ ମଧ୍ୟ କିଛିଲୋକ ଟେକି ବୋହି ନେଇଗଲେ । ସେ ବି ଥିଲେ ଚେତାଶୂନ୍ୟା । ଲତା ଆଇ ଆଜିଯାଏଁ ନିଜ ଜୀବନ ର ପ୍ରତିଟି ସୁଖଦ, ଦୁଃଖଦ ମୁହୂର୍ତ୍ତଗୁଡିକ ରେ ସ୍ୱାମୀଙ୍କ ହାତରେ ହାତ ଛନ୍ଦି ଚାଲି ଆସୁଥିଲେ । ଦୁହେଁ ଦୁହିଁଙ୍କୁ ଛାଡ଼ି କୁଆଡେ ଯାଆନ୍ତିନାହିଁ । ଆଜି କେମିତି ଜଣେ ଆଉ ଜଣଙ୍କ ହାତ ଛାଡ଼ି ଯାଇପାରିଲା?

ତାଙ୍କ ଘରୁ କ୍ରନ୍ଦନ ର ରୋଳ ଆମ ଘର ପର୍ଯ୍ୟନ୍ତ ଶୁଭୁଛି । ମୁଁ ସେଠିକୁ ନଯାଇ ଆମ ଘର ଭିତରକୁ ଚାଲିଆସିଲି । ଆଚାରଡବା ଟା କୁ ଦେଖି ମୋ ଆଖିରୁ ଲୁହସବୁ ବନ୍ଧ ବାଡ ନମାନି ବୋହିଚାଲିଲା । ଭୀଷଣ ଅପରାଧ ବୋଧ ରେ ମୋ ହୃଦୟ ବିନ୍ଧି ଉଠିଲା । ସତରେ କେତେ ଅବିବେକୀ ମୁଁ? ନିଜକୁ କେବେ କ୍ଷମା କରିପାରିବି ନାହିଁ । ନିଜ ଉପରେ କ୍ରୋଧ ଆଉ ଗଭୀର ଦୁଃଖ ରେ ମ୍ରିୟମାଣ ହୋଇ ସେ ଆଚାର ଡବା କୁ ଧରି ବାଡ଼ିଆଡେ ଗଲି । ସବୁଯାକ ଆଚାର ଡଷ୍ଟବିନ ରେ ଢାଳଦେଇ ଡବାକୁ ବାଡ ସେପଟ କୁ ଫିଙ୍ଗିଦେଲି । ଖାଲି ଡବାଟା ଯାଇ ପଡିଲା ମାନଅଜାଙ୍କ କୂଅ ଚାନ୍ଦିନୀ ଉପରେ ।

ମାନ ଅଜା ଯିବା ପରେ ଲତା ଆଇ ଙ୍କ ଦୁଃଖୀ ପରିବାରଟି ଆହୁରି ଘୋର ଅଭାବ ଭିତରକୁ ଚାଲିଗଲା । ମାନ ଅଜା ସରକାରୀ ସ୍କୁଲ ରେ ସାମାନ୍ୟ ପିଅନ ଚାକରିଟିଏ କରିଥିଲେ । ପାଞ୍ଚ ଝିଅ ଓ ଦୁଇ ପୁଅ ଙ୍କ ର ସମସ୍ତ ଆବଶ୍ୟକତା ପୁରୁଣ କରିବାକୁ ମଧ୍ୟ ତାଙ୍କ ସ୍ୱଳ୍ପ ଦରମା ଅଣ୍ଟୁନଥିଲା । ବଡ କଷ୍ଟ ରେ ପାଞ୍ଚୋଟି ଯାକ ଝିଅଙ୍କୁ ବାହାଦେଲେ । ସବାସାନ ଝିଅ କୁ ବାହାଦେଇ ସାରିଲା ବେଳକୁ ତାଙ୍କ ମେରୁଦଣ୍ଡ ବାଙ୍କି ସାରିଥିଲା । ବଡ ପୁଅ ରବି କକା ଆଠ ବର୍ଷ ବିନା ଦରମା ରେ ଗୋଟେ ଅଣଅନୁଦାନ ପ୍ରାପ୍ତ ସ୍କୁଲ ରେ ଶିକ୍ଷକତା କଲା ପରେ ପାଞ୍ଚ ଛ ବର୍ଷ ହେବ ବ୍ଲକ ଗ୍ରାଣ୍ଟ ନାଁ ରେ ଅଳ୍ପ କିଛି ଦରମା ପାଉଛନ୍ତି ଯାହା ତାଙ୍କ ଛୁଆ ପିଲାଙ୍କ ସ୍କୁଲ ବହିଖାତା ଖର୍ଚ୍ଚ କୁ ବି ନଅଣ୍ଟେ । ଟୁଟୁ କକା ଛକ ଉପରେ ଜଣଙ୍କ ଭୁସାମାଲ ଦୋକାନ ରେ ପଇସାପତ୍ର ହିସାବ କିତାବ ଦେଖା ରଖା କରନ୍ତି । ସେଇଥିରୁ ଯାହା ମିଳେ ସମୁଦ୍ର କୁ ଶଙ୍ଖେ । ଅଜା ଙ୍କ ପେନସନ ରେ ଘର ଅଧା ଅଧି ନିର୍ଭର କରୁଥିଲା । ଏବେ ଲତା ଆଇ ଙ୍କୁ ଯାହା ମିଳିବ ସେହିଟା ଅଜାଙ୍କ ପେନସନ ର ଅଧା । ଜମା ଚାରିହଜାର ସାତସହ ଟଙ୍କା । ଘର ର ମାଟି କାନ୍ଥ ଶୋଇପଡ଼ିଲାଣି । ଚାଳ ଛପର କରିବାକୁ ବି ଟଙ୍କା ଯୋଗାଡ଼ ହୋଇପାରୁନ ତାଙ୍କର । ତଥାପି ଲତା ଆଇ ସମ୍ପୂର୍ଣ୍ଣ ଭାଙ୍ଗିପଡିଲା ପରି ଲାଗୁନଥିଲେ । ସେ ତାଙ୍କ ନିତିଦିନିଆଁ କାମ କୁ ଖୁବ ସୁଚାରୁ ରୂପେ ତୁଲାଉଥିଲେ ।

ମାନ ଅଜା ଯିବା ମାସେ ଭିତରେ ମୁଁ କଟକ ଚାଲିଆସିଲି । ଯେବେ ବି ମୋ ନଜର କୋଉ ମିଠା ଆଚାର ଡବା ଉପରେ ପଡେ ମୋର ଅଜାଙ୍କ କଥା ଖୁବ ମନେ ପଡେ । ନିଜକୁ ଧିକ୍କାର କରେ ମୁଁ । ଘରକୁ ଯେବେ ଯାଏ ମାନଅଜାଙ୍କ ବିଧବା ସ୍ତ୍ରୀ ଟି କୁ ଦେଖିଲେ ମୋ ଛାତି ଭିତରେ ଭୀଷଣ ଯନ୍ତ୍ରଣା ହୁଏ । ମୋର ସେହି ଦୃଶ୍ୟ ଟି ମନେ ପଡ଼ିଯାଏ । ସେ ହାତରେ ଗିନା ଧରି ନଇଁ ନଇଁ ଆସି ଆଚାର ମାଗୁଥିବାର ଦୃଶ୍ୟ । ମୁଁ ନିଜକୁ ଅସହାୟ ମନେକରେ । କଣ କଲେ ନିଜକୁ ଦୋଷମୁକ୍ତ କରିପାରିବି ଭାବିହୁଏ ।

ଲତା ଆଇ କିନ୍ତୁ ପୂର୍ବ ପରି ହସି ହସି କଥା ହୁଅନ୍ତି । ଘର ଆଗରେ ବଡି ଆଉ ପାମ୍ପଡ ଶୁଖେଇ ଜଗିବସିଥାନ୍ତି । ମୁଁ ଯାଇ ଜୁହାର ଟିଏ ହେଲେ କୁଣ୍ଢେଇ ପକେଇ ଗେଲ୍ହା କରନ୍ତି । ଫାଟି ଆଁ କରିଥିବା ତାଙ୍କ ମାଟି ପିଣ୍ଡା ରେ ଚଟେଇ ପାରିଦେଇ ବସିବାକୁ କୁହନ୍ତି । ଭଲ ମନ୍ଦ ପଚାରି ବୁଝନ୍ତି । ମୁଁ କିଛି ସାହାଯ୍ୟ କରିବାକୁ ଚାହିଁଲେ ଗ୍ରହଣ କରନ୍ତିନି । ଅପମାନ

ବୋଧ କଲ୍‌ପରି ବଡ ବଡ ଆଖିରେ ଅନେଇ କାନ୍ଦ କାନ୍ଦ ହୋଇଯାନ୍ତି । କ ପ୍ରଚଣ୍ଡ ସ୍ୱାଭିମାନୀ ଏମାନେ !!

ଗତବର୍ଷ ରଜ ରେ ଗାଁ କୁ ଯାଇଥିଲି । କଚେନ୍ ର ଗୋଟେ ଥାକ ରେ ମିଠା ଆଗ୍ଥର ଡବା ଟେ ଥୁଆ ହେଇଥିବା ଦେଖିଲି । ଭଲ କ ଦେଖିଲି ଡବା ଟା ମୁଁ ଫିଙ୍ଗିଦେଇଥିବା ସେହି ଆଗ୍ଥର ଡବା ଟି ପରି ଅବିକଳ ଦିଶୁଛି । ଲେଖା ଯାଇଛି 'kissan mixed fruits sweet pickle' । ହଁ ଆଉ କଏ ଆଣିଥିବ । କାହିଁକି କେଜାଣି ଲାଗିଲା ଏଇଟା ସହ ସେହି ପୁରୁଣା ଡବା ଟାର କଛି ସାମଞ୍ଜସ୍ୟ ଅଛି । ଡବା ଟା ଧରି ଏପଟ ସେପଟ କରୁଛି ମାଆ ଆସି କହିଲା, "ତୁ ଆସିବୁ ଶୁଣିକ ଲତା ମାଇଁ ଆଗ୍ଥର ତିଆରି କରି ଦେଇ ଯାଇଛନ୍ତି । କହୁଥିଲେ, 'ଜ୍ୱାଇଁବାବୁ ଙ୍କୁ ମିଠା ଆଗ୍ଥର ଭାରି ପସନ୍ଦ ଲିସା ମତେ କହିଛି' । ତୁ ତାଙ୍କୁ କହିଥିଲୁ କ ଜ୍ୱାଇଁ ମିଠା ଆଗ୍ଥର ଭଲପାଆନ୍ତି ? "

ମୁଁ ଭାଷାଶୂନ୍ୟ । ଡବା ଖୋଲିଦେଲାରୁ ଭାସିଆସିଲା ଖଜୁରୀ, ଆମ୍ବ, ବରକୋଳି ମିଶା ମିଠା ଆଗ୍ଥର ର ସ୍ୱାଦିଷ୍ଟ ମହ ମହ ବାସ୍ନା । ସେହି ଆଗ୍ଥର ରେ ମିଶିଥିଲା ଲତା ଆଇ ଙ୍କ ନିର୍ମଳ ମମତା ଓ ତାଙ୍କ ହୃଦୟ ର ମହନୀୟତା । ସତରେ କେତେ ବିରାଟ ଓ ମହାନ ସେହି ନାରୀ ! ସେ କେବେ କଛି ନେଇଯାଣିନ୍ତିନ ଖାଲି ଦେଇଯାଣିଛନ୍ତି ।

ନନ୍ଦିପୁର, ଦଶରଥ ପୁର, ଯାଜପୁର



# ଫଗୁଣର ଆଗମନେ



ରାଜଲକ୍ଷ୍ମୀ ସାହୁ

ଫଗୁଣର ଆଗମନେ
କୋଇଲିର କୁହୁତାନେ
ବସନ୍ତଟା ଆସିଛି ।
ନାନାଜାତି ଫୁଲ ଫୁଟି
ବାସ ତାଙ୍କ ଯାଏ ଛୁଟି
ଧରଣୀମା ତାକୁ ଦେଖି
କରିକରି ହସୁଛି ।
ଆମ୍ବ ବଉଳର ବାସ୍ନା
ପବନରେ ବାସୁଛି
ଆମ୍ବଡାଳେ କାଉ ବସି
ଥଣ୍ଟତାର ଘସୁଛି ।

ବର୍ଷା ନାହିଁ ଗ୍ରୀଷ୍ମ ନାହିଁ
ଶୀତଟାବି ଯାଇଛି
ହଳଦୀବସନ୍ତ ପକ୍ଷୀ
ଛୁଆକୁ ତା କହୁଛି ।
ନାଲିନେଳ ପ୍ରଜାପତି
କୁନକୁନ ଡେଣାଝାଡି
ଏ ଫୁଲରୁ ସେ ଫୁଲକୁ ଉଡୁଛି ।
ରଙ୍ଗର ପସରା ନେଇ
ହୋଲି ପୁଣି ଆସିଛି
କୁନଝିଅ ପିଚକାରୀ
ହାତେଧରି ବସିଛି ।

ଅଧ୍ୟାପିକା,
କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ
ଜଗାଇ, ବାଲେଶ୍ୱର

# ମନ ତୁ କାହିଁ ବୁଝୁ



ଶାନ୍ତିଲତା ମିଶ୍ର

ଭବିତବ୍ୟ ସିନା ଜଣାନାହିଁ ତତେ, ହେଲେ ଅତୀତ ତ ଅଛି ଜଣା ।
ବିଗତ ଭୁଲ୍‌କୁ ପୁଣି ଦୋହରାଇ, କାହିଁ ହେଉ ବାଟବଣା ।୧।
ପୁଣି ସେଇ ଦୋଷ ତୃଟି କବଳରୁ, ମୁକ୍ତି କାହିଁ ପାଇ ପାରୁ ନାହୁଁ ।
ପୁନଃ ପୁନଃ ପୁନରାବୃତ୍ତି କରି, ଭାଗ୍ୟେ ଦୋଷ ଲଦି ଦେଉ ଥାଉ ।୨।
ବୁଝିବାର ଶକ୍ତି ଅଛି ବୋଲ, ଏଇ ମଣିଷ ଜନ୍ମ, ସଦା କାଳେ ତ ମହାନ ।
ସେଇ ମହନୀୟତା କାହିଁ ଭୂଲୁଣ୍ଠିତ, କାହିଁ ଭାବୁ ତାକୁ ଏତେ ନଗନ୍ୟ ।୩।
ଯେତେଦୂର ଆଖି ଯାଇପାରେ, ଦେଖେ ଏ ବିସ୍ତୃତ ଧରା ବିଶାଳ ।
ସବୁଥିରେ ଗୁଣ ଖୁଣ ମିଶା ଯେତେଥାଉ, ତଥାପି ଦିଶେ ସୁନ୍ଦର ॥୪।
ଯାହାଙ୍କ ଅନୁକଂପା ବଳେ, ଆସିଛୁ ସଂସାରେ, କର ତାଙ୍କ ଯଶଗାନ ।
ଭଲ ପାଇ ଗ୍ଦଲ ଦୟା ପରବଶେ, ତାଙ୍କ ସଂସାରକୁ, ଘୃଣା କରି ବିସର୍ଜନ ।୫।
କ୍ଷଣିକ ଅତିଥି ସଂସାର ଭବନେ, ଯିବୁ କ୍ଷଣିକେ ନଶ୍ବେ ଉଭାଇ ।
ଦେଖୁ ଦେଖୁ ମିଳାଇବୁ ପାଣି ସାଥେ, ଯାଏ ଲୁଣ ଯେପରି ମିଳାଇ ।୬।
ଅସ୍ତିତ୍ୱ ନରହିବ, ଭାବିବା ପୂର୍ବରୁ, ମିଶିଯିବୁ ବିରାଟ ଏ ଅନ୍ତରୀକ୍ଷେ ।
ସେଇ ବିରାଟତ୍ୱର ବିରୁଦ୍ଧା ଚରଣ କରିବା, ସହଜ ହେବନ ତୋ ପକ୍ଷେ ।୭।
କାହିଁ କଳଗୋଳ କାହିଁକି କନ୍ଦଳ, ଦୁଇ ଦି ମିଛ ଏଇ ଖେଳ ଘରେ ।
ତୁ ଯେମିତି ଏକା ମୁଁ ସେମିତି ଏକା ତ ଆସିଛେ, କବା ଅଛି ବୁଝିବାରେ ।୮।
ହାତ ସାଥେ ହାତ ମିଶାଇ ବନ୍ଧୁ, ପାଦ ପାଦ ହୋଇ ଗ୍ଦଲୁଥିଲେ ।
ତୁମେ ଖୁସି ଆଉ ମୁଁ ଖୁସ, କେତେ ଭଲ ଲାଗନ୍ତା, ଭାବତ ଟିକଏ ଥରେ ।୯।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ନିର୍ବାଚନ

ଗୁରୁକଲ୍ୟାଣ ମହାପାତ୍ର

ଦେଖ! ଆସିଯାଉଛି ନିର୍ବାଚନ
କଇତବ କଥାରେ ମାତି ଥୋକେ
ମୋହିନେବେ ଆମ ମନ,
ଆଉ କେତେକଙ୍କ କପାଳେ ତ
ବନ୍ଧା ଯାହା ପୋତା ଧନ ।

ଉପରେ ଅଛନ୍ତି ଥିଲା ବାଲାଏ,
ତଳେ ରହିଛନ୍ତି ନ ଥିଲା ବାଲାଏ,
ସେମାନେ ସମସ୍ତେ ଉପଭୋଗ
କରିବେ ନିଶ୍ଚୟ ଏ ନିର୍ବାଚନକୁ
ମନ ମୁତାବକ ।
ଆମର କି ଯାଏ ଆସେ !
ନୈତିକତା ଦୃଷ୍ଟିରୁ କେବଳ
ଭୋଟ ଦେଇଦେବୁ ସିନା
ନୀତିହୀନ ଲୋକେ ବି ତ
ଭୋଟ ଦେବେ ପ୍ରଭାବରେ
ନୋଟା ରହିଯିବ କିନ୍ତୁ
ଅଦରକାରୀ ନୋଟପରି
ଆମ ପଛପଟେ ।

ଗୋରା ଲୋକଙ୍କୁ ତଡି
ଆପଣାକୁ ଆପେ ଶାସନ କରିବାର
ଏ କି ଭୟଙ୍କର ପରିଣତି ସତ !

# ସାତକୋଶିଆ ଗଣ୍ଡର କାହାଣୀ

## ( ଦ୍ୱିତୀୟ ଭାଗ)



ଅଶୋକ ବିଶ୍ୱାଳ

## ମହାନଦୀ

## ସାପମାନଙ୍କର କାହାଣୀ

ସଂନ୍ଧ୍ୟା ହୋଇଆସୁଥିଲା, ସାତକୋଶିଆ ଗଣ୍ଡ ଧିରେ ଧିରେ ଆମ ଆଖିରୁ ଲୁଚଯାଉଥିଲା, ବୋହି ଆସୁଥିଲା ଗଣ୍ଡରୁ ଥଣ୍ଡା ପବନ । ଆଉ ଏପଟେ ଆମ ଭିତରେ ଉତ୍ତେଜନା ବୃଦ୍ଧି ପାଉଥିଲା । ଆଖି ଆଗରେ ଥିବା ଦୂରର ମଣିଭଦ୍ରା ପାହାଡ଼ ଧିରେ ଧିରେ କଳା ପରଦା ତଳେ ଲୁଚଯାଉଥିଲା । ତାରାମାନେ ଆଖି ମିଟକା ମାରୁଥିଲେ, ଲାଗୁଥିଲା ଯେମିତି ମହାସର୍ପର ମୁଣ୍ଡରେ ଥବା ମଣି, ଲୋକଙ୍କର ବିଶ୍ୱାସ ଯଦି ସାପ ବହୁତ ଦିନ ବଞ୍ଚେ ତାହାହେଲେ ମୁଣ୍ଡ ଉପରେ ଏକ ଜ୍ୱଳନ୍ତ ମଣି ଦେଖାଯାଏ ।

ପାଖରେ ଥିବା ପାହାଡରେ ଅନ୍ଧାର ବଢିଗଲାଣି । ଗାଁର ରାସ୍ତା, ଏଠାର ସବୁ ଛୋଟ ଛୋଟ କୁଡିଆମାନ ଅନ୍ଧାରର ତଳେ ଢାଙ୍କିଗଲାଣି । ସମସ୍ତେ ଏକ ଭୟରେ ଚାଦର ଘୋଡାଇ ହୋଇଛନ୍ତି । ମୁଁ ସେଦିନ କିଛି ଲୋକଙ୍କ ସହିତ ବସିଥିଲି । ସେମାନଙ୍କଠୁ ଶୁଣୁଥିଲି ଭୟଙ୍କର ସାପମାନଙ୍କର କାହାଣୀ । ଆଉ କେଉଟମାନଙ୍କର ଜୀବନର କଥା । ଦୁଆର ଟିକିଏ ବାରଣ୍ଡା ଆଡକୁ ଖୋଲିଯାଇଥିଲା । କୋଠରୀରେ ଥିଲା ଝାଳର ଗନ୍ଧ, ମାଛର ଗନ୍ଧ ମିଶି ରହିଥିଲା । ମୁଁ ଯେ କେଉଟମାନଙ୍କ ମଝିରେ ବସିଥିଲି, ଶ୍ରମ ଆଉ ମାଛ କେଉଟମାନଙ୍କ ଜୀବନର ଅଙ୍ଗ ଯେ ।

ସାତକୋଶିଆ ହେଉଛି ସାପର ରାଜ୍ୟ । ମୁଁ କହିବାକୁ ଆରମ୍ଭ କରିବାକୁ ଯାଉଥିଲି, ଟିକିଏ ରହିଗଲି ଆଉ ମୋ ଆଗରେ ଥିବା ଲୋକମାନଙ୍କୁ ଚାହିଁଲି । ଆମେ ୮ ଜଣ ଲୋକ ଥିଲୁ

ଭିତରେ । କେତେ ଜଣ ବାରଣ୍ଡାରେ ଥିଲେ । ଅନ୍ୟମାନେ ଭିତରେ ତଳେ ବସିଥିଲେ। ଜଙ୍ଗଲର କଳା ଅନ୍ଧାର ଯେମିତି ଆମକୁ ଘୋଡାଇ ଧରିଥିଲା । ଥଣ୍ଡା ପବନ କାଠର ଫାଙ୍କ ଦେଇ ଭିତରକୁ ବୋହି ଆସୁଥିଲା, କିନ୍ତୁ ଆମକୁ ସେଦିନ ଥଣ୍ଡା କରିନଥିଲା । ଆମର କଥାରେ ଥିଲା ଉଷ୍ଣତା । ସେମାନେ ସେମାନଙ୍କର ମୁଣ୍ଡ ଅଳ୍ପ ଟିକେ ହଲାଇଲେ । ସମସ୍ତଙ୍କର ଆଖି ଅନ୍ଧାର ଆଡକୁ ଚାଲିଗଲା । ପାହାଡ, ଜଙ୍ଗଲ ସବୁ କଳା ଚଦର ତଳେ ଲୁଚଯାଇଥିଲା, କଳାର ଗଭୀରତା ବଢାଉଥିଲା, ଆମେ ମହାସର୍ପମାନଙ୍କର ସାମ୍ରାଜ୍ୟରେ ଅଛୁ । ସେଦିନ ସାଧାରଣ ଲୋକଙ୍କର ରୁମ ଟାଙ୍କୁଡି ଉଠୁଥିଲା ସାପମାନଙ୍କର କାହାଣୀ ଶୁଣି ।

ଥରେ ଫରେଷ୍ଟର ଧର୍ମେଶ୍ୱର ନାୟକ ଗାଁରୁ କୁମ୍ଭୀର ରିସର୍ଚ୍ଚ ସେଣ୍ଟର ଆଡକୁ ଚାଲି ଚାଲି ଯାଉଥଲେ । ସେଣ୍ଟର ଜାଗାଟି ଫରେଷ୍ଟ ଗେଷ୍ଟ ହାଉସକୁ ଲାଗି କରି ରହିଛି । ଆଗରେ ଥିଲା ଏକ ସାମାନ୍ୟ ଖୋଲା ସ୍ଥାନ, ଲୋକମାନେ ସେଠାରେ ବଣଭୋଜି କରନ୍ତି। ଏହା ନଈର ବାମ ପଟେ ଅଛି, ସ୍ଥାନଟି ଗାଁ ଠାରୁ ପ୍ରାୟ ଅଧ କି.ମି. ଦୂର । ସମୟ ହେଉଛି ସଂନ୍ଧ୍ୟା, ଜଲଦି ପୂର୍ଣ୍ଣ ଚନ୍ଦ୍ର ମଝି ଆକାଶକୁ ଆସିଯାଇଥିଲା । ଗରମର ମାସ । ବାହାରେ ପ୍ରବଳ ଗରମ, ଦେହରୁ ଝାଳ ବୋହି ଯାଉଥିଲା । ଏକୁଟିଆ ସେ ଧିରେ ଧିରେ ଚାଲୁଥିଲେ । ଅନ୍ୟ ଲୋକମାନେ ସୁବଦିନ ଭଳି ଖୁବ ଜଲଦି ଶୋଇବାକୁ ଚାଲିଯାଇଥିଲେ । ହଠାତ୍ ଏକ ବିଚିତ୍ର ସୁ...ସୁ.... ଶବ୍ଦ ଶୁଣାଗଲା । ସେ ସାଙ୍ଗେ ସାଙ୍ଗେ ଅଟକିଗଲେ, ଚାରିଆଡକୁ ଅନାଇଲେ, ବାଁ ପଟେ ଥିଲା ଏକ ସିମେଣ୍ଟ ତିଆରି ହୋଇଥିବା ଶିବ ମନ୍ଦିର, ରାତିରେ ଚମକୁ ଥିଲା, ଧଳା ମନ୍ଦିରର କାନ୍ଥ ସବୁ ଉଜ୍ଜ୍ୱଳ ଦେଖାଯାଉଥିଲା । ସେ କାହାକୁ ଦେଖିପାରିଲେନି । ତେଣୁ ସେ ନିଜର ଟର୍ଚ୍ଚକୁ ଜଳାଇଲେ, ଆଲୁଅର ଏକ ସ୍ରୋତ ବହିଗଲା ମନ୍ଦିର ଆଡକୁ । ସେ ନିଜର ଆଖି ବନ୍ଦ କରିପାରୁନଥିଲେ, ପଲକ ପକାଇ ପାରୁନଥିଲେ। ଏକ ବିଶାଳ ସାପ, ଉପରେ ପଡିଛି କଳା ପଟିସବୁ, ସାମାନ୍ୟ ହଳଦିଆ ଶରୀର, ତାପରେ କଳା ପଟି, ଶରୀରଟା ପ୍ରାୟ କଳା ଦେଖାଯାଉଥିଲା। ସାପଟି ଆଗରେ ଚାଲିଯାଉଥିଲା, ଦେହର କାତି ତା'ର ଚକ୍ ଚକ୍ କରୁଥିଲା । ତାଙ୍କର ଗୋଡଟି ଯେମିତି ସ୍ଥାଣୁ ହୋଇଯାଇଥିଲା । ହାତଟି ମଧ୍ୟ ସ୍ଥାଣୁ ହୋଇଯାଇଥିଲା । ସାପଟି ଧିରେ ଧିରେ ଧଳା କାନ୍ଥରୁ ତଳକୁ ଓହ୍ଲାଉଥିଲା, ଧଳା କାନ୍ଥରେ ଲାଗୁଥିଲା ଯେମିତି ଏକ ମୋଟା ରସି ତଳକୁ ଝୁଲି ରହିଛି । ଧିରେ ଧିରେ ଏହା ରାସ୍ତାକୁ ଆସିଲା, ଥିଲା ତାଙ୍କର ଆଗରୁ ପାଖାପାଖି ୨୦ ଫୁଟ ଦୂରରେ । ସାପଟି

ସବୁବେଳେ ଗର୍ଜନ କରି ଚାଲିଥିଲା, ଲାଗୁଥିଲା ଯେମିତି ଏକ ପାଣି କ୍ୟାଟଲିରୁ ସୁ.....ସୁ ..... ଶବ୍ଦ ଭାସିଆସୁଛି । ସେ ନଜର ଟର୍ଚ୍ଚକୁ ବନ୍ଦ କରିପାରିଲେ ନାହିଁ। ସେ ଖୁବ ଡରିନଥିଲେ, ଜାଣିଥିଲେ ଟିକଏ ଏପଟ ସେପଟ ହେଲେ ସାପ ଜାଣିପାରିବ, ତେଣୁ ସେ ଆଗକୁ ନଯାଇ ସେଇଠି ରହିଗଲେ ।

ସାପଟି ଆଗରେ ଘୁସୁରି ଘୁସୁରି ଚାଲିଯାଉଥିଲା । ଏବେ ସାପଟି ଭଲ ଭାବରେ ଦେଖାଯାଇଥିଲା, ମୁଣ୍ଡଟି ପ୍ରାୟ ସମତଳ ଆକାରର, ଲାଗୁଥିଲା ଯେମିତି ବିଶାଳକାୟ ଢମଣା ସାପ । କିନ୍ତୁ ସାପର ବିଶାଳ ରୁପ ଜଣାଇ ଦେଉଥିଲା ଏହା ଏକ ଭିନ୍ନ ସାପ । ଯେତେବେଳେ ସାପଟି ତାଙ୍କ ଠାରୁ ପାଖାପାଖି ୫୦ ଫୁଟରେ ଥିଲା ସେ ସାପ ଉପରକୁ ହଠାତ୍ ଏକ ଛୋଟ ଛୋଟ ପଥର ପକାଇ ଦେଲେ, ସାପଟି ଡରି ଜଲଦି ଚାଲିଯାଉ, ତାଙ୍କ ର ବିଳମ୍ବ ହୋଇଯାଉଛି । ସାପଟି ପଳାଇଯିବ କ'ଣ ରାଗରେ ଗର୍ଜନ କରିବାକୁ ଲାଗିଲା । ଫଣାକୁ ପ୍ରାୟ ୫ ଫୁଟ/ ୬ଫୁଟ ଉଚ୍ଚା ଉଠାଇ ଦେଲା । ତା ମୁହଁରୁ ସୁ.....ସୁ ... . ଗର୍ଜନ ବାହାରି ଆସୁଥିଲା । ସେ ଜାଣିଲେ - ସେ ଏବେ ମହାଶକ୍ତିଶାଳୀ ଅହିରାଜ ସାପକୁ ସାମନାରେ ଦେଖୁଛନ୍ତି । ସେ ସେଇଠୁ ଏକ ନିଃଶ୍ୱାସରେ ଦୌଡି ପଳାଇଲେ । ଗାଁ ପାଖକୁ ଆସିଲେ, ସାପଟି ପିଛା କରିନଥିଲା । ପରଦିନ ସେ ସ୍ଥାନକୁ ଫେରିଗଲେ, ବାଲିରେ ପଡିଥିବା ଚିହ୍ନରୁ ଜାଣିଲେ ସାପଟି ମହାନଦୀ ପାର ହୋଇ ଚାଲିଯାଇଛି । ସେଠି ମହାନଦୀ ୩୦୦ରୁ ୪୦୦ ମିଟର ଚଉଡା । ସେ ଫେରିଯାଇ ସାପର ଲମ୍ବା ଜାଣିବାକୁ ଚେଷ୍ଟା କଲେ । ସାପର ସମ୍ପୂର୍ଣ୍ଣ ଶରୀରଟି ରାସ୍ତାକୁ ଅତିକ୍ରମ କରି ଯାଇ ପାଖରେ ଥିବା ତାଳ ଗଛ ପର୍ଯ୍ୟନ୍ତ ଲମ୍ବିଯାଇଥିଲା । ଲୋକଟି ଦୁଇଟି ଚିହ୍ନ ରଖିଲେ, ଗୋଟିଏ ମନ୍ଦିର ଧାରରେ ଅନ୍ୟଟି ତାଳ ଗଛ ପାଖରେ, ଏତିକି ହେବ ସାପର ଆନୁମାନିକ ଲମ୍ବ । ତା' ପରେ ଗୋଟିଏ ଲଇ କାଟି ତାର ମାପ ନେଇଗଲେ । ପରେ ସେ ଲଇକୁ ମାପ କରିବାକୁ ଜଣା ପଡିଲା ସାପର ଲମ୍ବ ଅତିକମ୍ ୧୮ ଫୁଟ ହୋଇପାରେ, ଏକ ମହାବିଶାଳକାୟ ସର୍ପ ।

"ସେ ଏଠି ଅଛନ୍ତି କି ?" ମୁଁ ପଚାରିଲି ଲୋକଟି ବିଷୟରେ ଜାଣିବାକୁ ଚାହୁଁଥିଲି ।

ଅନ୍ୟମାନେ ଚାରିଆଡେ ଅନେଇଲେ, ଭିଡମାରେ ଏକ ପାଖ ଭଳି ଜଣେ ପତଳା ଲମ୍ବା ଲୋକ ଆଗକୁ ଆସିଲେ । କଳା ରଙ୍ଗ, ଆଖିରେ କେମିତି ଡର, ସମସ୍ତେ ତାଙ୍କ ଆଡକୁ

ଅନାଉଥିଲେ। ସେ ଟିକେ ବିଚଳତ ହୋଇଯାଇଥିଲେ, ଜାଣିନଥିଲେ ଏଠାର କଥାବାର୍ତ୍ତା ତାଙ୍କର ଅହିଗ୍ରଜ ସାପର ସାକ୍ଷାତ ସହିତ ଯୋଡା ହୋଇଛି । ତାଙ୍କୁ ବିଷୟଟି ଜଣାଇଦିଆଗଲା, ଆଉ ସେ ବୁଝିଗଲେ ।

"ଆପଣ କେମିତି ଜାଣିଲେ ସେହି ସାପ ମହାନଦୀର ପାଣିକୁ ଅତିକ୍ରମ କରିଛ?" ମୁଁ ତାଙ୍କୁ ପ୍ରଶ୍ନ ପଗ୍ଚରିଲି ।

"ମୁଁ ସାପର ଯିବାର ଦିଗ ଜାଣିଥିଲି । ପୂର୍ବ ରାତିରେ ସାପର ଯିବା ଦିଗରେ ଚହ୍ନ ଦେଖିଥିଲି। ସେହି ଚହ୍ନ ଦେଖି ଦେଖି ମୁଁ ଜାଣିଦେଲି ଯେ ସେହି ସାପଟି ପରେ ନଦୀ ପାର ହୋଇ ଅନ୍ୟ ପାହାଡକୁ ଗ୍ଚଲିଯାଇଛି।" ସେ ବୁଝାଉଥିଲେ । ମୁଁ ତାଙ୍କୁ ପଗ୍ଚରିଲି ସାପମାନଙ୍କର ବ୍ୟବହାର କଥା ।

ଆଉ ସେ ବୁଝାଉଥିଲେ "ଅହିଗ୍ରଜ ହେଉଛି ଏକ ମହା ସର୍ପ, ଅନ୍ୟ ସାପମାନଙ୍କୁ ଖାଏ, ମୁଖ୍ୟତଃ ଢ଼ାମଣା ସାପକୁ ଖାଇଥାଏ । ବେଳେ ବେଳେ ଅନ୍ୟ ସାପ ଯଥା ବିଷାକ୍ତ ଚତି ସାପ ଇତ୍ୟାଦିକୁ ମଧ ଖାଇଦେଇଥାଏ । ସେ ଅନ୍ୟ ସାପକୁ ମୁଣ୍ଡରୁ ଧରିନଏ, ତାପରେ ସେ ଖୁବ୍ ଜୋରରେ ବୁଲାଏ, ଶିକାର ସାପଟି ଅହିଗ୍ରଜ ସାପର ଦେହରେ ଗୁଡାଇ ହୋଇପାରେ ନାହିଁ । ଅଳ୍ପ ସମୟରେ ଶିକାର ହେଉଥିବା ସାପଟି ଲମ୍ବା ହୋଇଯାଏ, ଅହିଗ୍ରଜ ସାପର ବିଷ ଜ୍ୱାଳାରେ ମରିଯାଇଥାଏ । ତାପରେ ଅହିଗ୍ରଜ ସାପ ତାକୁ ସ୍ୱଚ୍ଛନ୍ଦରେ ଗିଳି ଦିଏ ।" ସେ ସାପର ବ୍ୟବହାର ବିଷୟରେ କହୁଥିଲେ ।

ରାତି ଧିରେ ଧିରେ ଅଧିକରୁ ଅଧିକରୁ ହୋଇଯାଉଥିଲା । ଘୋର ଅରଣ୍ୟରୁ ପବନ ଆମ ଆମ ଆଡକୁ ବୋହିଆସୁଥିଲା, ଅନେକ ବିସ୍ମୟକର ଶବ୍ଦ ସୃଷ୍ଟି ହେଉଥିଲା। ଲାଗୁଥିଲା ଯେମିତି ସାତକୋଶିଆର ସାପମାନେ ସୁ...ସୁ... ଶବ୍ଦ କରୁଛନ୍ତି । ମୁଁ ଜାଣିଥିଲି ସାତକୋଶିଆ ଗଣ୍ଡକୁ, ଏଠି ମହାନଦୀ ଅତଳ । ଏହା ବୌଦ୍ଧରୁ ଆରମ୍ଭ ହୁଏ ଆଉ ଆଠଗଡ ପର୍ଯ୍ୟନ୍ତ ଲମ୍ବିଯାଇଛି । ଲମ୍ବା ପ୍ରାୟ ସାତକୋଶ, ପାଖାପାଖି ୨୨ କ.ମି. ଲମ୍ବା । ଯେହେତୁ ଗଣ୍ଡଟି ସାତକୋଶ ଲମ୍ବା, ଏହାକୁ ସାତକୋଶିଆ ଗଣ୍ଡ କୁହାଯାଏ । ଏଠି ନଦୀ ଯେମିତି ପାତାଳଗାମୀ। ଅନେକ ଜାଗାରେ ପାଣି ୮୦/ ୯୦ ଫୁଟ ଗହୀର, ନହେଲେ

ନଦୀଟି ପ୍ରାୟ ୪୦ଫୁଟ ଗହୀର । ଘୋର ଗ୍ରୀଷ୍ମରେ ମଧ ଏଠି ପାଣି ପାଖାପାଖି ୪୦ ଫୁଟ ଥାଏ । ଦୁଇ ଧାରରେ ପାହାଡ ସବୁ ଲମ୍ବି ଯାଇଛି, ଆଉ ଯେମିତି ଆକାଶକୁ ଛୁଇଁଯାଇଛି । ଏହି ଅଗମ୍ୟ ପାହାଡ ସବୁ ବିଶାଳ ଦୁର୍ଲ୍ଲଭ ସାପମାନଙ୍କର ବାସସ୍ଥଳୀ । ସାତକୋଶିଆ ଜଙ୍ଗଲରେ ଅନେକ ପ୍ରକାର ସାପ ମିଳନ୍ତି । ଧଳା ବାଲିଚଡା ନଈ କୂଳରେ ଠାଏ ଠାଏ ରହିଛି, ସେଇଠି କୁମ୍ଭୀରମାନେ ଶୀତଦିନେ ଖରା ପୁଅଁନ୍ତି । ନଦୀ ଧାରରେ ଥିବା ଜଙ୍ଗଲରେ କୁମ୍ଭୀରମାନେ ଅଣ୍ଡା ଦେଇଥାନ୍ତି ।

ଆମର କଥାବାର୍ତ୍ତା ଆଗେଇ ଚାଲିଥିଲା । ସେଠିକାର ଜଙ୍ଗଲରକ୍ଷୀ ଜଣେ ଥିଲେ ବୟସ୍କ ଲୋକ । ଜଙ୍ଗଲ ବିଭାଗରେ ଅନେକ ଦିନ ଧରି କାମ କରିଛନ୍ତି । ଜୀବଜନ୍ତୁ ବିଭାଗରେ ପ୍ରାୟ ୨୫ ବର୍ଷ ଧରି । ପୁରୁଣା କୋର୍ଟ ରେଞ୍ଜର ବାଘମୁଣ୍ଡା ବିଟ୍ରେ ତାଙ୍କର ଅନୁଭୂତିକୁ କହିଲେ ।

ଅନେକ ତଳର କଥା । ସେତେବେଳକୁ ସେ ଯୁବକ ଥିଲେ । ଦିନେ ସେ ଫମ୍ପାସେର ରେଞ୍ଜକୁ କଛି କାମ ପାଇଁ ଯାଉଥିଲେ । ତାଙ୍କ କର୍ମସ୍ଥଳୀରୁ ସେ ଜାଗା ଅନେକ ଦୂର, ଖାଲି ପାଦରେ ଯିବାକୁ ପଡିବ । ରେଞ୍ଜ ହେଡ କ୍ୱାଟରରେ ସେ ଅପରାହ୍ନରେ ପହଞ୍ଚିଲେ, ସାହସ କରିପାରିଲେ ନାହିଁ ଏତେ ଡେରିରେ ରେଞ୍ଜ ହେଡକ୍ୱାଟରରୁ ବାହାରିବା ପାଇଁ, ଆଉ ସେଇଠାରେ ବିଶ୍ରାମ କରିବାକୁ ସ୍ଥିର କଲେ । ସବୁ ଜଙ୍ଗଲ ରକ୍ଷୀମାନଙ୍କର ସମାନ ଅଭ୍ୟାସ, ମଳମୂତ୍ର ତ୍ୟାଗ ପାଇଁ ସେମାନେ ଜଙ୍ଗଲକୁ ଯାଆନ୍ତି । ରେଞ୍ଜ ଅଫିସ ପଛପଟେ ଏକ ବାଉଁଶର ଜଙ୍ଗଲ ଥିଲା, ସେଠି ଥିଲା ଅନେକ ଶାଳ ଗଛ । ଆଉ ଥିଲା ଅତଣ୍ଡୀ ଲତାମାନଙ୍କର ବଣ । ଝଡ଼ରେ ଭାଙ୍ଗିଥିବା ଅନେକ ଗଛ ଏପଟ ସେପଟ ପଡିଥିଲା, କେତେକ ସଢି ପଚି ଯାଇଥିଲା । ଏମିତି ଏକ ସ୍ଥାନରେ ସାପମାନେ ରହିବାକୁ ପସନ୍ଦ କରନ୍ତି । ପାଖରେ ଗୋଟିଏ ଝରଣା ତୀବ୍ର ଗତିରେ ବୋହିଯାଉଥିଲା ।

ଶୌଚ ହେବା ପାଇଁ ସେ ଝରଣା ଧାରକୁ ଗଲେ । ସେଠାରେ ସେ ଦେଖିଲେ ଏକ ବିଶାଳ ସାପ, ଆଉ ଗୋଟିଏ ଛୋଟ ସାପ । ଦୁହେଁ ଗୁଡାଗୁଡି ହୋଇ ରହିଛନ୍ତି । ବଡ ସାପଟି ଛୋଟ ସାପଟିକୁ ଗିଳିବାକୁ ଚେଷ୍ଟା କରୁଛି, ଛୋଟ ସାପଟି ହାରି ନମାନି ଲଢ଼ାଇ କରି ଚାଲିଛି । ସେ ବଡସାପର ତଳ ପାଟିକୁ କାମୁଡି ଧରିଲା, ବଡ ସାପଟି ଛୋଟ ସାପର

ମୁଣ୍ଡକୁ କାମୁଡୁଥାଏ । ବଡ ସାପଟି ପ୍ରାୟ ୧୮ ଫୁଟରୁ ୨୦ ଫୁଟ ଲମ୍ବା । ଉପରେ ଧୂସରିଆ ପଟି ସବୁ ପଡିଥାଏ, କଳାଦେହ । ଛୋଟ ସାପଟି ଅଧିକ କଳା ଗାଢ ଖଇରିଆ, ପ୍ରାୟ ୭ ଫୁଟ ଲମ୍ବା ; ବୋଧ ହୁଏ ଏକ ଢମଣା । ଢମଣାଟି ଅଳ୍ପ ପାଣିରେ ଥାଏ, ସେ ଲଢ଼ାଇ କରିଚାଲିଥାଏ । ଅହିରାଜ ସାପ ଖୁବ୍ ଚେଷ୍ଟା କରୁଥାଏ, ବାରମ୍ବାର ବାରମ୍ବାର ବୁଲୁଥାଏ, ଗଡୁଥାଏ । ଧିରେ ଧିରେ ଢମଣା ସାପର ଶକ୍ତି କମିଲା । ତା ଦେହକୁ ବିଷ ଚରି ଯାଉଥିଲା । ଜଙ୍ଗଲରକ୍ଷୀ ସାପର ଲଢ଼ାଇ ଦେଖିବା ପାଇଁ ଅନ୍ୟମାନଙ୍କୁ ଡାକଲା । ଅନ୍ୟମାନେ ପାଖକୁ ଦୌଡି ଆସିଲେ ।ସମସ୍ତେ ଚହ୍ନିଲେ, ବଡ ସାପଟି ହେଉଛି ଅହିରାଜ ଆଉ ସାନ ସାପଟି ହେଉଛି ଢମଣା । ଅହିରାଜ ଜୋରରେ ସାନ ସାପକୁ ବୁଲାଇଲା । ସାନ ସାପର ଶରୀର ଧିରେ ଧିରେ ଲମ୍ବା ହୋଇ ଆସିଲା । ଆଉ ତାର ମାଢି ଖୋଲି ଯାଉଥିଲା । ଅହିରାଜ ସାପଟି ତା' ପରେ ଧିରେ ଧିରେ ଢମଣାକୁ ଗିଳିବାକୁ ଲାଗିଲା । ସେତବେଳକୁ ଢମଣାଟି ଅଚେତ ହୋଇଯାଇଥିଲା, ଆଉ ଧିରେ ଧିରେ ମରିଯାଉଥିଲା ।

ମୁଁ ସାପମାନଙ୍କର କାହାଣୀ ଶୁଣୁଥିଲି ସାତକୋଶିଆର ଥଣ୍ଡା କୋଳରେ । ଜଙ୍ଗଲରୁ ବୋହି ଆସୁଥିବା ପବନ ଯେମିତି ଶୀତଳ ଆଲିଙ୍ଗନରେ ମୋତେ ବାନ୍ଧି ରଖିଥିଲା । ଡରରେ କୋଠରୀ ଭିତରେ ଥିବା ଉଷ୍ଣତା କମ ହୋଇଯାଇଥିଲା । ଲାଗୁଥିଲା ଯେମିତି ସାପ ଗୁଡିକ ସୁ....ସୁ... ଶବ୍ଦ କରୁଛନ୍ତି । ବାହାରେ ଶିଆଳମାନେ ହଠାତ୍ ଡାକ ଚାଲିଲେ । ସେମାନଙ୍କ ଶବ୍ଦ ଧିରେ ଧିରେ ବଢି ଚାଲିଥିଲା । ସେମାନେ ଆମ ଆଡକୁ ଆସୁଥିଲେ । ରାତିର ପେଚା ଘର ଆଗରେ ଥିବା ଗଛରେ ଆସି ବସି ପଡିଲା । ମଶାମାନେ ଭଣ ଭଣ କରି ଉଡୁଥିଲେ। ଏଠିକାର ମଶା ମ୍ୟାଲେରିଆ ରୋଗ ପାଇଁ ପ୍ରଖ୍ୟାତ । ସେମାନେ ଗାନ କରୁଥିଲେ ଯେମିତି। ମୁଁ ଡରିଯାଉଥିଲି ସାତକୋଶିଆର ଏ ଭୟଙ୍କର ରୂପରେ । ସାତକୋଶିଆର ମଶା ମସ୍ତିକ ଜ୍ୱର ପାଇଁ ଅଖ୍ୟାତ । ଏଠି ଜୀବନ ଯେ ବହୁତ ସଂକୀର୍ଣ୍ଣ, ।

"ଅହିରାଜ କାହାକୁ କେବେ କଣ ଦୌଡାଇଛି? " ମୁଁ ତାଙ୍କୁ ପଚାରିଲି । ଟିକରପଡାର ଭୟ ଥିଲା ମୋ ସ୍ୱରରେ, ଯେମିତି ଦୃଢତା ନଥିଲା ।

"ହଁ", ଉତ୍ତର ଥିଲା ବହୁତ ଛୋଟ ।

"ସାପ ମୋତେ ଗୋଡାଇ ନାହିଁ । ଏଠାକାର ଡମମାନଙ୍କୁ ଅହିଗ୍ରଜ ଗୋଡାଇଥିଲା ।" ତାପରେ ସେ କହିବାକୁ ଆରମ୍ଭ କଲେ ସେଇ ଦୌଡାଇବାର କାହାଣୀ ।

"ଥରେ ମୁଁ ପମ୍ପାସର ରେଞ୍ଜରେ ପ୍ୟାଟ୍ରୋଲିଂ କରୁଥାଏ । ଦଳେ ଡମକୁ ଦେଖିଲି, ସେମାନେ ଖୁବ ଜୋରରେ ଦୌଡି ଦୌଡି ପାହାଡ ଉପରୁ ଆସୁଥାଆନ୍ତି । ଯେମିତିକି ସେମାନଙ୍କୁ ବାଘ ଦଉଡାଉଛି, ହାତୀ ଦଉଡାଉଛି । କନ୍ତୁ ମୁଁ ବାଘର ହେଷ୍ଟାଳ ଧ୍ୱନୀ ବା ହାତୀ ପେଁକାଳୀ ଧ୍ୱନୀ ଶୁଣିନଥିଲି । ସେଇ କଳା କଳା ଲୋକ ଗୁଡିକ ମୋ ଆଡକୁ ଖୁବ୍ ଜୋରରେ ଦୌଡି ପଳାଇ ଆସୁଥିଲେ । କେହି ପଛକୁ ଅନାଉନଥିଲେ । ପଛରେ ହାତୀ ବା ବାଘ କଏ ଦେଖାଯାଉନଥିଲା । ମୁଁ ସେମାନଙ୍କ ଠାରୁ ପ୍ରାୟ ୫୦୦ ମି. ଦୂରରେ ଥିଲି । ଗେମ୍ ପୋଖରୀ ଆଗରେ ଠିଆ ହୋଇଥିଲି । ଗ୍ଭରିଆଡେ ଥିଲା ଘଞ୍ଚ ଜଙ୍ଗଲ । ଏଠିକାର ଡମମାନଙ୍କୁ ଜଙ୍ଗଲରୁ ବାଉଁଶ କାଟିବା ପାଇଁ ଅନୁମତି ମିଳେ । ସେହି ବାଉଁଶରେ ସେମାନେ ଡାଲା, ପାଛିଆ ଇତ୍ୟାଦି ତିଆରି କରନ୍ତି । ସେମାନେ ଗେମ୍ ପୋଖରୀ ପାଖରେ ପହଞ୍ଚିଲେ, ସେଠି ଅଟକ ଗଲେ, ପଛକୁ ଅନାଇଲେ । ସେମାନଙ୍କ ଆଖିରେ ଭୟ ଭରି ରହିଥିଲା । ଛାତି ଉଠୁଥିଲା ପଡୁଥିଲା । ମୁଁ ସେମାନଙ୍କର ନିଃଶ୍ୱାସର ଶବ୍ଦ ମଧ୍ୟ ଶୁଣିପାରୁଥିଲି । ତାଙ୍କଠାରୁ ମୁଁ ଅଳ୍ପ ଦୂରରେ ଥିଲି । ସେମାନେ ଭୟରେ ବରଡା ପତ୍ର ଭଳି ଥରୁଥାଆନ୍ତି । ମୋତେ ଦେଖି ମୋ ଆଡକୁ ଦୌଡି ପଳାଇ ଆସିଲେ, ପାଖରେ ଥିବା ଗଛ ତଳେ ବସିପଡିଲେ । ସେମାନଙ୍କୁ ମୁଁ ଟିକଏ ପାଣି ଦେଲି । ତାପରେ ସେମାନେ କହିଲେ ସେଦିନର କଥା ।

ସେଦିନ ଡମମାନେ ବାଉଁଶ କାଟିବା ପାଇଁ ଭିତରକୁ ଯାଇଥାନ୍ତି । ହଠାତ୍ ଜୋରରେ ଏକ ସୁ...ସୁ.... ଶବ୍ଦ ଶୁଣିଲେ । ଦେଖିଲେ ଏକ ବଡ କଳାସାପ, ଫଣା ଉଠାଇଛି, ଫଣାଟି ପ୍ରାୟ ମଣିଷ ଉଚ୍ଚା । ତାପରେ ସାପଟି ତାଙ୍କୁ ଗୋଡ଼ାଇଲା । ସେମାନେ ବାଉଁଶ ଫୋପାଡି ଦେଇ ଦୌଡ଼ିଲେ । ବଡ ସାପଟି ସେମାନଙ୍କୁ ଖୁବ୍ ଜୋରରେ ଦୌଡାଉଥାଏ । ଯାହା ହେଉ ଭଗବାନଙ୍କର ଦୟା, ସେମାନେ ବଞ୍ଚିଗଲେ । ବଡ ସାପଟି କିଛି ବାଟ ଗୋଡାଇବା ପରେ ରହିଗଲା, ତାପରେ ଘୋର ଜଙ୍ଗଲ ମଧ୍ୟରେ ଲୁଚ ଗଲା । ସେମାନେ ସେଦିନ ଭଗବାନଙ୍କୁ ଧନ୍ୟବାଦ ଦେଇଥିଲେ ସାପ ମୁଖରୁ ସେମାନଙ୍କୁ ରକ୍ଷା କରିବା ପାଇଁ, ଆଉ ସେପଟେ ସେମାନେ ଯିବେନ । ତା ପରେ ଆମେ ଆଖ ପାଖ ଲୋକଙ୍କୁ ପଗ୍ଭରିଲୁ, ସମସ୍ତେ

ଡରିଯାଇଥିଲେ । ସେପଟେ ଯିବା ପାଇଁ କାହାର ସାହସ ନଥିଲା । ବୋଧହୁଏ ଅହିରାଜ ସାପ ସେଠି ଅଣ୍ଡା ଦେଇଛି । ତେଣୁ ସେଥିପାଇଁ ଡ଼ମମାନଙ୍କୁ ଗୋଡାଇଥିଲା ।" ଏତିକି କହି ଜଙ୍ଗଲରକ୍ଷୀ ନିଃଶ୍ୱାସ ନେଉଥିଲେ ।

ଏହା ଏକ ବଡ ଆଶ୍ଚର୍ଯ୍ୟଜନକ କାହାଣୀ ଥିଲା । ସେ ବାହାରେ ଥିବା ତାରାମାନଙ୍କୁ ଅନାଇଲେ । ତାଙ୍କୁ ଲାଗୁଥିଲା ଆକାଶରେ ଯେମିତି ସାତକୋଶିଆର ସାପମାନେ ତାଙ୍କୁ ଅନେଇରହିଛନ୍ତି । ତାପରେ ସେ ଆଉ ଏକ କାହାଣୀ କହିବାକୁ ଆରମ୍ଭ କଲେ ।

"ଥରେ ସର୍ବେଶ୍ୱର ମାଝୀ, ବୟସ ତାଙ୍କର ୫୦ ବର୍ଷରୁ ଉର୍ଦ୍ଧ, ଟୁଲୁକା ରେଞ୍ଜର କର୍ମଚାରୀ, ଜଙ୍ଗଲକୁ ଅନ୍ୟ କର୍ମଚାରୀଙ୍କ ସହ ଯାଇଥିଲେ । ସେଠି ସେମାନେ ଏକ ବଡ କାଠ ଗଡ ଦେଖିଲେ, କାଠ ଗଡ ଉପରେ ଧଳା ଛତୁ ଫୁଟିବା ଚିହ୍ନ ସବୁ ଥିଲା । ଏଠି ସେଠି ସେମିତି ଅନେକ କାଠ ଗଣ୍ଡି ପଡିଥାଏ । ସେ ଗୋଟିଏ କାଠ ଗଣ୍ଡିଟି ଉପରେ ଠିଆ ହୋଇଥିଲେ । ହଠାତ୍ ଗଣ୍ଡିଟି ହଲିଲା । ସେ ତଳକୁ ଡେଇଁ ପଡିଲେ । ଆଉ କାଠ ଗଣ୍ଡିଟି ଥିଲା ଏକ ବିଶାଳ ଅଜଗର ସାପ । ବୋଧହୁଏ ପୂର୍ଣ୍ଣ ଭୋଜନ ପରେ ସାପଟି ସେମିତି ପଡିରହିଥିଲା, ପେଟଟା ତାର ଫୁଲି ହୋଇଯାଇଥିଲା । ସେଠି ବୋଧ ହୁଏ କିଛି ଦିନ ବା କିଛି ସପ୍ତାହ ପଡିରହିଥିଲା । ଏବେ ପୁରୁଣା ଫରେଷ୍ଟରମାନେ ଜାଣିପାରିଲେନି ସାପକୁ, ସାପଟି ସେଦିନ ମାଝି ବାବୁଙ୍କୁ ଧରିଲା ନାହିଁ ।" ଏହା ବଡ ଆଶ୍ଚର୍ଯ୍ୟଜନକ କାହାଣୀ ଥିଲା । କିନ୍ତୁ ମୁଁ ବହୁତ ଅଧିକ ଜାଣିବାକୁ ଚାହୁଁଥିଲି । ସାପମାନଙ୍କ କାହାଣୀ ମୋତେ ଯେମିତି ଏକ ନୂଆ ଦୁନିଆକୁ ନେଇଯାଉଥିଲା ।

ଅନେକ ଦିନ ତଳେ ଦେଖିଥିବା ଗୋଟିଏ ଛୋଟ ଚଳଚ୍ଚିତ୍ର କଥା ମୋର ମନେ ପଡିଲା । ଅଜଗର ସାପଟି ଗୋଟିଏ ଚିତଳ ହରିଣକୁ ଗିଳୁଥିଲା, ଖୁବ୍ ବଡ ଅଜଗର ସାପ । ମୁହଁ ଛୋଟର ବ୍ୟାଗ୍ ଭଳି ଲମ୍ବା ହୋଇ ଖୋଲିଯାଇଥିଲା । ଏହା ଧିରେ ଧିରେ ବଡ ହରିଣଟାକୁ ଗିଳୁଥାଏ । ଚଳଚ୍ଚିତ୍ରଟି ନଦେଖିଥିଲେ ହୁଏତ ମୁଁ ବିଶ୍ୱାସ କରିନଥାନ୍ତି, ଏତେବଡ ପ୍ରାଣୀକୁ ଅଜଗର ସତରେ ଗିଳିପାରେ । ଚିତଳଟି ସେତେବେଳକୁ ମରିଯାଇଥିଲା । ବିଶାଳ ସାପଟି ତାର ଶରୀରରେ ଗୁଡେଇ ହୋଇ ରହିଥିଲା । ଧିରେ ଧିରେ ମୁଣ୍ଡ ଆଡୁ ତାକୁ ଗିଳୁଥାଏ । ବିଶାଳ ମୁହଁଟି ଏପଟ ସେପଟ ହୋଇ ହଲୁଥିଲା । ହରିଣର ଉପରେ ଥିବା ସାପର

କୁଣ୍ଡଳୀ ଏପଟ ସେପଟ ହେଉଥିଲା । ସାପର ଆଗ ଶରୀର ଟିକଏ କୁଞ୍ଚି ହୋଇଯାଉଥିଲା । ଧଳା, ଧୂସରିଆ, କଳା ଶରୀରଟି ଗୁଡାଇ ହେଉଥିଲା, ଆଉ ବିଭିନ୍ନ ପ୍ରକାର କୁଣ୍ଡଳୀ ସବୁ ତିଆରି ହୋଇଯାଉଥିଲା । ହରିଣ ଉପରେ ଥିବା ସାପର ବିଶାଳ ଶରୀର ଦଉଡି ଭଳି ଏପଟ ସେପଟ ହେଉଥାଏ । କୁଣ୍ଡଳୀ ବନେଇ ସାପ ବହୁତ ଶକ୍ତିରେ ତାକୁ ଚପୁଥିଲା । ଏଇ କୁଣ୍ଡଳୀ ବନେଇବା ଦ୍ୱାରା ଚତଳର ଆଗ ଗୋଡ ଦୁଇଟି ଆଗୁଆ ଓ ସିଧା ହୋଇଗଲା । ମୁଁହର ସହିତ ସମାନ୍ତରାଳ ହେଲା, ବେକ ସହିତ ସମାନ୍ତରାଳ ହେଲା । ଫଳରେ ସାପକୁ ଗିଳବା ସହଜ ହୋଇଥିଲା । ସାପର ମୁହଁଟି ବଶାଳ ଦେଖାଯାଉଥିଲା । ପ୍ରାୟ ତିନ କୋଣିଆ ମୁଣ୍ଡ । ଏହା ହରିଣ ଶରୀର ଉପରେ ଖୁବ୍ ଚପି ହୋଇ ରହିଥିଲା । ଓଠ ପାଖରେ ଥିବା ଚମଡ଼ା ଲମ୍ବା ହୋଇଯାଇଥାଏ । ଗିଳବାକୁ ଯେତେବେଳୁ ସାମାନ୍ୟ ଅସୁବିଧା ହେଉଥିଲା ସାପର କୁଣ୍ଡଳୀଟି ମଲା ହରିଣର ଶରୀର ଉପରେ ଏପଟ ସେପଟ କରୁଥାଏ ଆଉ ହରିଣକୁ ଜୋରରେ ଚପି ଧରିଥାଏ । ହରିଣ ଶରୀରଟି ଲମ୍ବା ହୋଇଯାଉଥାଏ । ତାହା ଦ୍ୱାରା ସାପକୁ ଗିଳବାକୁ ସହଜ ହୋଉଥିଲା ।

ସେତେବେଳେ ସାପର ଆଖିଟି ଜଳୁଥିଲା ଯେମିତି । ଆଖିଟିକୁ ଦେଖିଲେ ଲାଗୁଥିଲା ଯେମିତି ସେଠି ନର୍କରେ ନିଆଁ ଜଳୁଛି, ସାପ ଯମିତି ଲାଗୁଥିଲା ସାକ୍ଷାତ ଯମ । ମୃତ୍ୟୁର ଦେବତାର ବିଶାଳ ମୁଣ୍ଡ । ଜଳନ୍ତା ନିଆଁ ଭଳି ଆଖି । ଆଉ ଏକ ବିଶାଳ କୁଣ୍ଡଳୀ ସହ ସେ ଅନାଇ ରହିଛି । ମୁଣ୍ଡରେ ଥିବା ଧଳା ଗାର ଲାଗୁଥିଲା ଯେମିତି ଧଳା ତିଳକ । ବିଶାଳ ନାକ ଖୋଲି ଯାଇଛି । ବିଶାଳ ମୁହଁ ଖୋଲିଯାଇଛି । ଗିଳୁଥିବା ସେ ଅଜଗରର ରୂପ ଥିଲା ଭୟଙ୍କର । ଧିରେ ଧିରେ ସେ ହରିଣର ଆଗ କାନ୍ଧ ସହ ଗିଳ ଦେଲା । କୁଣ୍ଡଳୀ ଜୋରରେ ଗୁଡେଇ ହୋଇ ରହିଥିଲା । ସାପ ଗିଳବା ସହିତ ତାର କୁଣ୍ଡଳୀ ହରିଣ ଉପରେ ଆଗ ପଛ ହେଉଥିଲା । ଶକ୍ତିଶାଳୀ କୁଣ୍ଡଳୀ ଦ୍ୱାରା ହାଡ଼ ସବୁ ଭାଙ୍ଗି ଚୂନ ଚୂନ ହୋଇଯାଇଥିବ । ତା ଫଳରେ ସାପଟି ହରିଣକୁ ସହଜରେ ଗିଳପାରୁଥିବ । ସାପର ପେଟରେ ଧିରେ ଧିରେ ଫୁଲିବା ଦେଖାଗଲା । ଆଉ ବାହାରେ ହରିଣର ଶରୀର ଧିରେ ଧିରେ ଛୋଟ ହୋଇଯାଉଥିଲା । ଧିରେ ଧିରେ ସାପଟି ସମ୍ପୂର୍ଣ୍ଣ ଭାବେ ହରିଣକୁ ଗିଳ ଦେଲା । ତା ପେଟରେ ଗୋଟିଏ ବିରାଟ ଫୁଲା । ପେଟଟି ଲାଗୁଥିଲା ବଡ ବସ୍ତା ଭଳି ଫୁଲି ଯାଇଛି । ସାପର ବିଶାଳ ମୁଖ ବର୍ତ୍ତମାନ ଛୋଟ ଦେଖାଯାଉଥିଲା । ତା'ପରେ ଧିରେ ଧିରେ ଅଜଗର ସାପ ଗହଳଆ ଘାସ ଦେଖି ଆଗକୁ ଗ୍ଲଲିଗଲା । ପାଖରେ ଥିଲା ଏକ ଶିଉଳ ଘେରା ବଡ

ପଥର । ବିଶାଳ ସାପ ବୁଦା ଗହଳକୁ ଗ୍ଭଲିଯାଉଥିଲା ଯେମିତିକି ଏକ ବଡ ପୋକ ଭିତରକୁ ଗ୍ଭଲିଯାଉଛି, ଟିକଏ ଯାଉଥିଲା ଟିକଏ ବିଶ୍ରାମ ନେଉଥିଲା । ସାପର ଶରୀର କୁଞ୍ଚି ହୋଇ ଯାଉଥିଲା ପୁଣି ଲମ୍ବା ହୋଇଯାଉଥିଲା । ଏମିତି ସାପଟି ଆମ ଲୁଚ ଯାଇଥିଲା । ସେଇ ଅଜଗର ସାପର ଚଳଚନ୍ଦ ମୋ ଦେହରେ ରୋମାଞ୍ଚ ସୃଷ୍ଟି କରୁଥିଲା ସେଦିନ । ଆଜି ମୁଁ ସେ କଥା ମନେ ପକାଏ ମଧ । ଅଜଗର ସାପଠୁ ଅଧିକ ଭୟଙ୍କର ହେଉଛି ଏହି ଘନ ଘୋର ଅରଣ୍ୟ ଭିତରେ ଅହିରାଜ ସାପକୁ ଦେଖିବା, ଏହା ଅତ୍ୟନ୍ତ ବିପଦ ପୂର୍ଣ୍ଣ ।

ମୁଁ ବାହାରକୁ ଆସିଲି, କେଉଟ ଯୁବକଟି ମୋ ସାଙ୍ଗରେ ଗ୍ଭଲୁଥିଲା, ଆଉ ଆମ ସାଥିରେ ଥିଲା ସାତକୋଶିଆର ଶୀତଳ ପବନ ।

"କେବେ ବି ଅହିରାଜ ସାପକୁ ଦେଖିଛକି? " ମୁଁ ତାଙ୍କୁ ପଗ୍ଭରିଲି ।

ସେ ମୁଣ୍ଡ ହଲାଇଲା ଜହ୍ନର କରଣରେ । ମୁଁ ଦେଖୁଥିଲି ଏକ ଛାଇ ତା ମୁଣ୍ଡ ହଲାଉଛି । ତା ପରେ ସେ କହିଲା ସାପମାନଙ୍କର କହାଣୀ ।

"ଅନେକଥର । ଏହା ହେଉଛି ସାତକୋଶିଆ ଗଣ୍ଡର ମହା ବିଶାଳ ସର୍ପ । ଅନ୍ୟ ସାପ ଲମ୍ବାରେ, ଶକ୍ତିରେ ଏହାର ପାଖ ପହଞ୍ଚିପାରିବେ ନାହିଁ । ଲମ୍ବା ମୋ ଠାରୁ ବୋଧେ ୪ / ୫ ଗୁଣ ବଡ । ବହୁତ ବିଷଧର । ଏହାର ବିଷ ତିନ ଘଣ୍ଟାରେ ଗୋଟିଏ ବଡ ହାତୀକୁ ମାରି ଦେଇପାରେ ।" ସେ ସାପ ବିଷୟରେ କହୁଥିଲା ।

"ଏ ସାପର ଖାଇବା ବଡ ବିଚନ୍ଦ ଧରଣର । ଏହା କେବଳ ଅନ୍ୟ ସାପମାନଙ୍କୁ ଖାଏ, ସବୁ ପ୍ରକାର ସାପ। ବିଷଧର, ବିଷହୀନ ଉଭୟେ ଏହାର ଖାଦ୍ୟ । ଏହା ସାପକୁ ଗିଳଥାଏ। ଏହାର ବିଷ ମାଂସକୁ ଭାଙ୍ଗି ଦେଇଥାଏ । ତା ଫଳରେ ଶିକାର ସାପଟି ଜଲଦି ମରିଯାଏ । ଅହିରାଜ ସାପ ଦିନରେ ସାଧାରଣତଃ ଶିକାର କରେ, ରାତିରେ ନୁହେଁ । ଅନ୍ୟ ସାପମାନେ ମୁଖ୍ୟତଃ ରାତିରେ ଶିକାର କରନ୍ତି । ଅହିରାଜ ସାପ ମଣିଷ ଠାରୁ ଉଚ୍ଚା ହୋଇ ଠିଆ ହୋଇପାରେ । ସାପମାନେ ସେମାନଙ୍କ ଶରୀରର ଏକ ତୃତୀୟାଂଶ ଉଠାଇପାରନ୍ତି । ଆଉ ଅହିରାଜ ସାପ ଏହାର ବିଶାଳ ଶରୀର ହେତୁ ପ୍ରାୟ ୬ ଫୁଟ

ପର୍ଯ୍ୟନ୍ତ ଉଚ୍ଚା ହୋଇ ଠିଆ ହୋଇପାରେ । ଯଦି ତୁମେ ଏହି ବିଶାଳ ସର୍ପକୁ ସାତକୋଶରେ ଜଙ୍ଗଲରେ ଦେଖିବ, ତାର ଆଖିକୁ ଅନାଇବ, ତୁମକୁ ଲାଗିବ ସତେ ଯେମିତି ତୁମେ ସମ୍ମୋହିତ ହୋଇଯାଉଛ । ଆଖିରୁ ବାହାରୁଥିବ ଜଳନ୍ତା ଅଗ୍ନି । ପାଟିରୁ ସୁ ....ସୁ... ଶବ୍ଦ ବାହାରି ଆସୁଛି । ସତେକ ମୃତ୍ୟୁର ଦେବତା ଅନାଇଛି ।" ସେ କହୁଥିଲେ, ମୋ ଭିତରେ ସାପମାନଙ୍କ ବିଷୟରେ ଜାଣିବାର ଇଚ୍ଛା ବଢିଯାଉଥିଲା ।

"ସାତକୋଶିଆ ହେଉଛି ଅହିରାଜ ସାପର ଅନ୍ୟତମ ଶ୍ରେଷ୍ଠ ବାସସ୍ଥଳୀ। ଏଠାରେ ଅନେକ ଛୋଟ ଛୋଟ ଝରଣା ଅଛି । ଜଳ ଭୂଇଁ ଅଛି । ବାଉଁଶ ଗଛ ଅଛି ବହୁତ ପରିମାଣରେ । ଆଉ ଅଛି ବଡ ବଡ ପଥର । ଏମିତି ପରିବେଶକୁ ସାପ ଭଲ ପାଏ । ଏ ହେଉଛି ସାପର ରାଜ୍ୟ । ସାପ ରାଜ୍ୟର ରାଜା ଏଠି ବାସ କରେ ।" ସେ କହୁଥିଲା ।

ତା'ପରେ କହିଲା "ତୁମେ ଜାଣିଛ ସେଦିନ ସାପ ଡମମାନଙ୍କୁ କାହିଁକି ଏତେ ଜୋରରେ ଗୋଡାଇଲା ।" ସେ ମୋତେ ପଚାରିଲେ । ଡମମାନଙ୍କର କାହାଣୀ ମୁଁ ସେତେବେଳକୁ ଜାଣିଯାଇଥିଲି କିନ୍ତୁ ମୁଁ ଉତ୍ତର ଦେଲି ନାହିଁ । ଯଦିଓ ସାପମାନଙ୍କ ବିଷୟରେ ମୁଁ ଶୁଣିଥିଲି ସାପମାନଙ୍କ ଉପରେ ମୋର ଜ୍ଞାନ ଥିଲା ବହୁତ କମ୍ ।

"ସେ ସାପଟି ନିଜ ବସାରେ ଅଣ୍ଡା ଦେଇଥିଲା । ଅନ୍ୟ ସାପମାନେ ନିଜ ବସା ତିଆରି କରନ୍ତି ନାହିଁ। କିନ୍ତୁ ଏ ସାପ ବସା ତିଆରି କରେ । ମାଇ ସାପ ସଢ଼ା ପତ୍ର ଓ ଅନ୍ୟାନ୍ୟ ପତ୍ର ଆଉ କାଠି କୁଟା ନେଇ ବସା ତିଆରି କରେ । ନିଜର ଶରୀରରେ କୁଣ୍ଡଳୀ ବନାଏ ଆଉ ସେ କୁଣ୍ଡଳୀ ଦ୍ୱାରା ପତ୍ର ବା ଡାଳକୁ ଟାଣି ଆଣି ବସା ତିଆରି କରେ । ଏହାର ବସା ହେଉଛି ପତ୍ରର ଗଦା, ମାଟି ଉପରେ ଥାଏ । ଏଠି ସିଏ ୪୦ ରୁ ୬୦ ଟି ଅଣ୍ଡା ଦେଇଥାଏ। ଅଣ୍ଡାଟି ୬୫ ରୁ ୮୦ ଦିନ ମଧ୍ୟରେ ଫୁଟେ । ଆଉ ଛୁଆ ଜନ୍ମ ନିଏ । ଛୁଆଟି ଜନ୍ମରୁ ପ୍ରାୟ ଦେଢ ଫୁଟ ଲମ୍ବର । ଜନ୍ମରୁ ପ୍ରଥମ ଦିନ ଠାରୁ ସାପ ଛୁଆ ବିଷଧର । ଛୁଆର ଶରୀରରେ କଳା ଧଳାର ପଟି ଯାହାକି ବଡ ହେଲା ପର୍ଯ୍ୟନ୍ତ ଥାଏ, ପରେ ଧିରେ ଧିରେ ଲୋପ ପାଇଯାଏ । ଉଭୟେ ମାଇ ଓ ଅଣ୍ଡିରା ସାପ ଅଣ୍ଡାକୁ ଜଗନ୍ତି । ସେଇ ଜଗିବା ସମୟରେ ବୋଧ ହୁଏ ଡମମାନେ ପାଖକୁ ଯାଇଥିଲେ । ଆଉ ମା ସାପ ସେମାନଙ୍କୁ ଗୋଡାଇଥିଲା । ତୁମେ ଜାଣିଛ କି ସାପମାନେ ନିଜ ଜିଭର ଅଗ ଦ୍ୱାରା ଶିକାର ବିଷୟରେ ଜାଣି ପାରନ୍ତି ।

ଏହି ସାପର ଦୃଷ୍ଟି ଶକ୍ତି ପ୍ରଖର । ପ୍ରାୟ ୧୦୦ ମି. ଦୂରରୁ କଛି ଏପଟ ସେପଟ ହେବା ଜାଣିପାରେ ।" କେଉଟ ଯୁବକ ଜଣକ ମତେ ବୁଝାଉଥିଲା, ଡମମାନଙ୍କର ସାପ ଅନୁଭୂତିକୁ ନଜ ଜ୍ଞାନରେ ବୁଝାଉଥିଲା । ମୁଁ ତାର ଜ୍ଞାନର ପ୍ରଶଂସା କରୁଥିଲି ଯେ ସେ ସାପ ଭିତରେ କେତେ ଜାଣିଛି ।

"ଆଛା କହିପାରିବ ସାପ ଆଉ ନେଉଳ ଲଢେଇରେ କଣ ହୁଏ ? " ମୁଁ ତାଙ୍କୁ ପଗ୍ଚରିଲି । ସାପ ଆଉ ନେଉଳ ଭିତରେ ଥାଏ ଚରନ୍ତନ ଶତ୍ରୁତା । ମୁଁ ତାଙ୍କ ଜ୍ଞାନକୁ ପରୀକ୍ଷା କରିବାକୁ ଗ୍ଚହୁଁଥିଲି । ନେଉଳ ହେଉଛି ଏକ ଚଳ ଚଞ୍ଚଳ ପ୍ରାଣୀ, ଚତୁର, ଆକ୍ରମଣକାରୀ । ଏହା ସହଜରେ ସାପକୁ ହରାଇ ଦିଏ । ତେଣୁ ମୁଁ ତାକୁ ପ୍ରଶ୍ନ ପଗ୍ଚରିଲି ।

"ଯଦି ଅହିରାଜ ସାପ ନେଉଳକୁ ସାମ୍ନା କରେ ତାହାହେଲେ ପଳାଇଯିବାକୁ ଚେଷ୍ଟା କରେ । ଜୀବନ କାହାକୁ ଭଲ ଲାଗେ ନାହିଁ । ଅହିରାଜ ସାପକୁ ମଧ ଭଲ ଲାଗେ । ଯଦି ପଳାଇବାର ଅସମର୍ଥ ହୁଏ ତାହାହେଲେ ନଜ ଶରୀର ଉପରଭାଗକୁ ଫୁଲାଇ ଦିଏ । ଗୋଖର ନାଗ ସାପ ଭଳ ତାର ଫଣା ହୋଇଯାଏ । ମୁହଁରୁ ଜୋରସେ ସୁ.....ସୁ .... ଶବ୍ଦ ବାହାରି ଆସେ । ଏହା ନେଉଳକୁ ଡରାଇବାକୁ ପାଇଁ ଚେଷ୍ଟା କରେ, ବେଳେ ବେଳେ ନେଉଳକୁ ଚ୍ଚୋଟ ମାରିବା ପାଇଁ ଚେଷ୍ଟା କରେ ।" ସେ ବୁଝାଉଥିଲା ।

"କନ୍ତୁ ନେଉଳ ପ୍ରାୟ ଜିତିଯାଏ । ଅହିରାଜ ସାପର ବିଶାଳ ଶରୀର ଦେଖି ନେଉଳ ସାପ ସହିତ ଯୁଦ୍ଧ କରିବାକୁ ଗ୍ଚହେଁ ନାହିଁ । ନେଉଳ ମଧ ଯୁଦ୍ଧରୁ ଗ୍ଚଲିଯାଇଥାଏ ।" ତାଙ୍କର ମୁହଁରୁ ବାହାରି ଆସୁଥିଲା ଏ ସାପ ପ୍ରତି ଶ୍ରଦ୍ଧା ଆଉ ସମ୍ମାନର ଶବ୍ଦ । ମୁଁ ଚକତ ହୋଇ ଅନାଇ ହୋଇ ରହିଥିଲି ତାଙ୍କୁ ।

"ମୁଁ ଜାଣେ ଅହିରାଜର ସାପର ବିଷ ତିନ ଘଣ୍ଟା ମଧରେ ବଡ ହାତୀକୁ ମାରି ଦେଇପାରେ। ଏହାର ବିଷ ସ୍ନାୟୁ ତନ୍ତ୍ରକୁ ଆକ୍ରମଣ କରେ, ଶରୀରରେ ହୁଏ ପ୍ରବଳ କଷ୍ଟ । ଆଖିର ଆଗଟା ଝାପ୍ସା ହୋଇଯାଏ । ଧିରେ ଧିରେ ଆଖି ପତା ପଡିଯାଏ । ଆଉ ଶେଷରେ ହୃଦୟର ଗତି ବନ୍ଦ ହୋଇଯାଏ ।" ସେ କହୁଥିଲା, ଆମର ବାତାବରଣରେ ଥିଲା ଜ୍ଞାନ । ମୁଁ ତାର ଶବ୍ଦରେ ବହୁତ ପ୍ରଭାବିତ ହେଉଥିଲି ।

"ଆମେ ସାପକୁ ସମ୍ମାନ କରୁ, ପୂଜା କରୁ । ଆପଣ କ'ଣ ସାପର ଚକ୍ର ସବୁଆଡ଼େ ଦେଖିପାରୁ ନାହାନ୍ତି । ଶିବଙ୍କର ପ୍ରଶଂସାରେ ସାପ । ଦଣ୍ଡ ନାଚରେ ଆମେ ସାପକୁ ପ୍ରଶଂସା କରୁ । ଆମେ ସାତକୋଶିଆର ସାପକୁ ନମସ୍କାର କରୁ । ମଣିଭଦ୍ରା ସାପର ପାଦ ତଳେ ପ୍ରଣିପାତ କରୁ ।" ସେ ତାଙ୍କର ବିଶ୍ୱାସର କଥା କହୁଥିଲା ।

ମୁଁ ମୋର ଆଖି ବନ୍ଦ କଲି । ମାନସ ପଟରେ ଯେମିତି ମୁଁ ସାପକୁ ଦେଖୁଥିଲି ଏକ ଧଳା ପଟି ପଡିଥିବା କଳା ସାପଟି ମଣିଷଠାରୁ ଉଚ୍ଚାର ଫଣା ଟେକ ଠିଆ ହୋଇଛି । ମଣିଷ ମୁଣ୍ଡ ଠାରୁ ଚଉଡା ଫଣା । ମୁହଁରୁ ଜୋର ସୁ..ସୁ.. ଶବ୍ଦ ବାହାରି ଆସୁଛି । ଦୁଇ ଫାଳ ହୋଇଥିବା ଜିଭ ବାରମ୍ବାର ବାହାରି ଆସୁଛି ନିଆଁର ଶିଖା ଭଳ । ଆଖିଟି କୋଇଲାର ରଡ ନିଆଁଠାରୁ ଜୋରରେ ଜଳୁଛି । ସାପ ଦୌଡୁଛି ଘୋଡାଠାରୁ ଅଧିକ ଗତିରେ । ସାପର ମୁଣ୍ଡ ଉପର ଚଟକା ହୋଇ ଯାଇଛି । ଜଳୁଥିବା ଆଖି ଦୁଇଟି ମୁଣ୍ଡର ଦୁଇଧାରରେ । କଳା ହଳଦିଆ ପେଟଟି ଜମିରେ ଘୃପି ହୋଇ ରହିଛି । ଲାଲ୍ ଜିଭଟି ମୁହଁରୁ ବାହାରି ପଶିଯାଉଛି। ଯେମିତିକ ଲାଗୁଛି ବିଶାଳକାୟ ଡ୍ରାଗନର ଜିଭ, ଭୟଙ୍କର ଦାନ୍ତ ସବୁ ଦେଖାଯାଉଛି ସବୁବେଳେ। ଲାଗୁଛି ଯେମିତି ଯମରାଜର ବାହନ ଏ ସାପଟି । ଶରୀର ପ୍ରତିଟି ଅଙ୍ଗରେ ବିନାଶର ଶକ୍ତି, ସବୁ ଅଙ୍ଗରେ ମୃତ୍ୟୁର ଚକ୍ର ।

ରାତି ଅଧିକରୁ ଅଧିକ ହୋଇଯାଇଥିଲା । ଆମେମାନେ ଗ୍ଭଲୁଥିଲୁ । ମୁଁ ମଣିଭଦ୍ରା ପାହାଡ ଆଡକୁ ଅନାଇଲି । ପାହାଡ ଉପରେ ଅନେକ ତାରା, ଲାଗୁଥିଲା ମହାସର୍ପମାନେ ନିଜ ମୁଣ୍ଡର ମଣି ଜଳାଇ ରଖିଛନ୍ତି ଆକାଶରେ, ବୁଲୁଛନ୍ତି ଶକ୍ତିଶାଳୀ ସାପମାନେ, ସବୁଠାରୁ ବଡ ପାହାଡ ଉପରୁ ସାତକୋଶିଆକୁ ଅନାଇ ରହିଛନ୍ତି । ସେହି ଗଭୀର ରାତିରେ ମୁଁ ମନେ ପକାଇଲି ଭାରତର ଭିନ୍ନ ଭିନ୍ନ ଜଙ୍ଗଲରେ ଦେଖାଯାଉଥିବା ସାପମାନଙ୍କର କଥା ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

# ଆତ୍ମହତ୍ୟା



ଡା: ନୀଳମାଧବ କର

ସାତ ଜନମର ସଂପର୍କ
ପଦଟେ ତୁଟେଇ ପାରେ
ପାନ ଚୂନ ଖସିବା ତ
ଜୀବନ ମରଣର କଥା
ତମ ଚଠି
ଧୂଳରେ ମିଶେଇ ପାରେ
ପଥର ପରେ ପଥର ଖୋଳ
ଗଢିଥିବା ମୋ ଯୁଗର କୋଣାର୍କ ।

ଭଗ୍ନ ସ୍ତୂପରେ ମୁଁ ଗୋଟେ
ଅଚହ୍ନା ପଥର
ଅନ୍ୟମାନଙ୍କ ପରି ।

ତମେ ତ ବିଳପି ଉଠିବ ନାହିଁ
ତମେ ତ ଅଧୀର୍ ହେବନ
ମୋ ଅବର୍ତ୍ତମାନରେ
ଖୋଜିବନ ଅଳନ୍ଦ ଦଳୟ
ଭଗ୍ନ ରାଜବାଟୀ-
ଯେ
ବାରି ହୋଇ ପଡିବାକୁ –
ଚହ୍ନା ପଡିବାକୁ
ମୋର ଆଉ ସଂଜ୍ଞାଟେ କଣ ଲୋଡା
ମୋ ଭାବ, ମୋ ଭାଷା
ମୋ ହସକାନ୍ଦ, ପ୍ରଣୟ ବିରହ
ମୋ ଯନ୍ତ୍ରଣା, ଚତ୍କାରର
ଅର୍ଥ ହଜିଯିବା ପରେ
ମୋର ଆଉ ସଂଜ୍ଞାଟେ କଣ ଲୋଡା
ଜୀବନଟେ କଣ ଲୋଡା ?

ଓଲଭରହାମ୍ପଟନ, ଇଂଲଣ୍ଡ

# ହାୱାଇ



ସୁଲୋଚନା ପଟ୍ଟନାୟକ

ଏଠି ଫୁଟେ ମଲ୍ଲୀ ପୁଣି ଫୁଟେ ଜୁଇ ଯାଇ
ନାନା ରଙ୍ଗ ଚମ୍ପା ଫୁଲ ସୁନ୍ଦର ଦିଶଇ
କେତେ ରଙ୍ଗ ଗୋଲ୍ ପର ବାସ୍ନା ମହକଇ
ଟଗର ଡର୍‌ଟ ପୁଣି କେତେ ଯେ ଫୁଟଇ ।

ସର୍ପିଳ ସେ ରାଜରାସ୍ତା ଦୁଇ ପାର୍ଶ୍ୱଭର୍ ଫୁଲ ଗଛେ
କରବିର, କନଅର, କୃଷ୍ଣଚୁଡା ପବନରେ ହସେ
ଆକାଶର ନୀଳମା ମିଶେ ଯାଇ ସମୁଦ୍ର ନୀଳରେ
ଭୁଲ୍ ମନ ପକ୍ଷୀଟିଏ ଉଡୁଥାଏ ଦିଗ ଦିଗନ୍ତରେ ।

ମନେ କାର ନାହିଁ ଦ୍ୱେଷ ନାହିଁ ପରଭାବ
ଅତିଥି ସତ୍କାର ଯହିଁ ଆଣେ ବଇଭବ
ପାସିଫିକ୍ ସମୁଦ୍ରର ବେଳାର ବାଲିରେ
ବାଲିଘର ଗଢେ ନାହିଁ ଯେତେ ଚେଷ୍ଟା କଲେ ।

ଆଗ୍ନେୟଗିରିର ଲାଭା ଗଢେ ଏଠି ଦ୍ୱୀପ ବାସମୁଦ୍ର
ଭାଙ୍ଗୁଥାଏ ଗଢୁଥାଏ, ମନେ ଭରି ପ୍ରଶ୍ନ ଅସୁମାର
ଆଜିର ଏ ଧରା ଦିଶେ ଅପୂର୍ବସୁନ୍ଦର
ସୂର୍ଯ୍ୟଯେବେ ଅସ୍ତଯାଏ ଓହାଉ ବେଳାର ।

ଛୋଟ ବଡ ଦ୍ଵୀପ ଏଠି ଗଢିଅଛି ସ୍ଵର୍ଗର ସମ୍ଭାର
ଦେଖିବାକୁ ଆସିଥାନ୍ତି ଲୋକମାନେ ଜଗତ ଯାକର
ଛୁଇଁବାକୁ ମନା ସେଠି ସମୁଦ୍ରର ମାଛ ବା କଇଁଛ
ଖେଳନ୍ତି ସେମାନେ ଖେଳ ସାମୁକା ସହିତ ।

ଆକାଶ ହସଇ ଏଠି ମିଶି ଯେବେ ସମୁଦ୍ର ବୁକୁରେ
"ହନୁମାବେ"ରେ ବସି ମନ ହଜେ ସପନ ଭେଳାରେ
ପୋହଳା ଓ ମାଛ ସହ ଯଦି ଯାଅ ସ୍କୁବା ଡାଇଭିଂରେ
ଅବା ଯାଅ ପାସିଫିକ୍ ଆକାଶମାର୍ଗରେ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ଵରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପଖାଳ




ଓଜସ୍ୱିନୀ ଦାଶ

ଆଜି ସତରେ ପଖାଳ କୁ ଭାରି ମିସ୍ କରୁଛି,
ଆଖି ଆଗରେ ଜେଜେ ମା ର ମୁହଁ ଦିଶି ଯାଉଛି
ସବୁ ବର୍ଷ ଖରା ଛୁଟି ରେ
ଚାତକ ପରି ଚାହିଁ ରହିଥାଏ
ମୋ ଜେଜେ ମା ବାଟ ଦୁଆରେ
ଠିକ୍ ରାତି ଏଗାରଟା ବେଳେ
ଲାଷ୍ଟ ବସ୍ ପହଞ୍ଚେ ଆମ ଗାଁ ରେ
ଅଧା ବାଟରୁ, ମନ ଉଚ୍ଚାଟ ହୁଏ
ଯେବେ ଜେଜେମା ର ପଖାଳ କଂସା ମନେପଡେ,
ମାଟି ହାଣ୍ଡି ର ସେ  ଅଧା ସଜ, ଅଧା ବାସି ପଖାଳ,
ତା ସାଙ୍ଗରେ,  ବଡ଼ିଚୁରା, ଲୁଣ, ଲଂକା, କସି ଆମ୍ବୁଲ
ବାଇଗଣ ପୋଡ଼ା, ଆଳୁ ସିଝା ଆମ୍ବକସି ଅଦା
ସବୁ ଠୁ ପଛରେ ଆସେ ବାଡି ଶାଗ ଭଜା
ମନ ତୃପ୍ତି ହେଇ ଯାଏ
ଆତ୍ମା ଶାନ୍ତି ହେଇଥାଏ
ଜେଜେ ମାଆ ର ସେଇ କଂସେ ପଖାଳ ରେ
ପଖାଳ ତ ଖାଲି ଖାଦ୍ୟ ନୁହେଁ
ଓଡ଼ିଆ ଘରର ଅବିଚ୍ଛେଦ୍ୟ ଅଙ୍ଗ ଟିଏ
ପ୍ରତ୍ୟେକ ଓଡ଼ିଆଣୀ ର ମାନ ସମ୍ମାନ ସିଏ, ଆଶା ବିଶ୍ୱାସ ସିଏ,,,,

କୁତବ୍ ଏନକ୍ଲେଭ, କଟୱାରିଆ ସରାଇ, ନୂଆ ଦିଲ୍ଲୀ

# ଆତ୍ମିୟତା



ରଞ୍ଜିତ କୁମାର ସାହୁ

ରୂପା ମାଉସୀ ମୋର ଗପୁଡି ସାଙ୍ଗ । ବେଳେ ବେଳେ ଚାଲିଯାଏ ତାହା ପଖକୁ ଘର କାମ ସାରି ଭଲ ନ ଲାଗିଲେ । ମଣିଷ କେତେ ସମୟ ବସି ଟେଲିଭିଜନ ଦେଖିବ, କଣ ବା ଆଉ ନୂଆ ଦେଖିବ? ଜୀବନ ଜଞ୍ଜାଳରୁ ମଣିଷ ଯେତେ ଯନ୍ତ୍ର ସାହାଯ୍ୟରେ ବାହାରି ଗଲେ ମଧ ଆତ୍ମିୟତା ଟିକେ ତ ଲୋଡା ବେଳେ ବେଳେ! ଏମିତି ଦିପହରଟି କଟି ଯାଇଥିଲା ତା ସହ ସୁଖ ଦୁଃଖ କଥା ହେଉ ହେଉ ।

ସଞ୍ଜ ହେଲେ ଗୁହାଳ ଘରକୁ ଯାଇ ନଡା ଦେବା ନିତିଦିନର କାମ ତାହାର । ପୂର୍ବରୁ ଦେଶୀ ଗାଈଟି ଚରିବାକୁ ଯାଉଥିଲା ସକାଳ ହେଲେ ଆଉ ଫେରୁଥିଲା ସନ୍ଧ୍ୟାରେ । ଗୋଠରୁ ଫେରି ଆସୁ ଆସୁ ତାକୁ କୁଣ୍ଡା ଆଉ ପାଣି ଦେବାର ଅଭ୍ୟାସ ରହି ଯାଇଛି । ଏବେ ଯେଉଁ ଜର୍ସି ଗାଈଟି ଅଛି, କୁଆଡେ ଯାଏନ, ବେଳେ ବେଳେ ଏପଟେ ସେପଟେ ହୁଏ ବାଡି ପଛ ପଟେ । କିନ୍ତୁ ରୂପା ମାଉସୀ ଏବେ ସଞ୍ଜ ନଇଁ ଆସିଲେ ପାଣି ତୋରାଣି ଆଉ ଗୋଖାଦ୍ୟ ଦେବାର ଅଭ୍ୟାସ ରଖିଛି । କାହିଁକି କେଜାଣି ଜର୍ସି ଗାଈଟି ଅଧିକ କ୍ଷୀର ଦେଲେ ମଧ ରୂପା ମାଉସୀକୁ ତାହାର କ୍ଷୀର ଭଲ ଲାଗେନ । ଗାଈଟି  ବେଶ ହୃଷ୍ଟପୁଷ୍ଟ ଆଉ ମିଳାପି ମଧ । ଜର୍ସି କ୍ଷୀର ବିକି ଦିଏ ରୂପା ମାଉସୀ ଆଉ ପଡିଶା ଘରରୁ ଦେଶୀ ଗାଈ କ୍ଷୀର ଆଣି ରଖେ, ନିଜର ଦହି ଆଉ ଘିଅ ପାଇଁ । ଏକୁଟିଆ ପ୍ରାଣୀ ରୂପା ମାଉସୀ । ପୁଅ ଅନ୍ୟ ରାଇଜର ଝିଅଟିଏ ବାହା ହେଇଛି । ତାହାର ପିଲା ଛୁଆଙ୍କୁ ଧରିକି ଅଛି ବାହାର ରାଜ୍ୟରେ । ଆସିବାକୁ ମଙ୍ଗୁନାହିଁ ବୋହୁ । ସେମାନେ କୁଆଡେ ଉନ୍ନତ ଆଉ ଆଧୁନିକ । ଏ ପଛୁଆ ଇଲାକାକୁ ଆସିକି ତାହାର ଛୁଆ କଣ ବା ଶିଖିବେ? ଗାଉଁଲି ହେଇଯିବେ, ମଳ ମୁଣ୍ଡିଆଙ୍କ ସହ ମିଶିକି କଣ ଅବା ଶିଖିବେ? ଏମିତିରେ ବି ଆଜି କାଲି ଗାଆଁ ଲୋକ ସହରର ଚାଲି ଚଳନ

ଶିଖୁଛନ୍ତି! ଏ ବର୍ଷ ମଧ୍ଯ ମାଣବସା ଓଷାକୁ ଆସିନ ବୋହୁ । ନିଜେ ଯାହା ପାରିଲା କିଛି କିଛି ଯୋଗାଡ କରି ଲକ୍ଷ୍ମୀ ପୂଜା କରିଛି । ଏ ବର୍ଷ କିନ୍ତୁ ଆଉ ପଡିଶା ଘରକୁ ଯିବାକୁ ମନ ହେଲାନି ଗୋବର ମାଗିବାକୁ । ଘରେ ଏତେ ସୁନ୍ଦର ଗାଈଟିଏ ଥାଉଣୁ କିଏ ଆଉ ବାର ଦୁଆର ଶୁଣ୍ଡି ପିଣ୍ଡା ହେବ ଟିକିଏ ଗୋବର ପାଇଁ? ଲକ୍ଷ୍ମୀ ଠାକୁରାଣୀ ସବୁ ବୁଝୁଛନ୍ତି । ଏକୁଟିଆ ମଣିଷଟେ ସିଏ । ମନରେ ଭକ୍ତି ଅଛି, ଏତିକି ଯଥେଷ୍ଟ । ମଗୁଶୁର ଯାଇ ପଉଷ ଗଲାଣି । ମାଘ ପାହାନ୍ତିର କାକର ଦେହକୁ ଶୀତେଇ ଦଉଛି ଆଜି କାଲି । କେତେ ମନ ଥିଲା ନାତି ଦୁହିଁଙ୍କୁ ଦେଖିଥାଆନ୍ତା ଏଥର ଧାନକଟା ଛୁଟିରେ । ଗାଈ ଛାଡିକି ଘରେ ବିଲେଇଟିଏ, ଶୁଆଟିଏ ଆଉ ପାର ଦି ଜୋଡି । ତାହାର ସଂସାରକୁ କାହା ଭରସାରେ ଛାଡି କୁଆଡେ ଯିବ? ଦି ବର୍ଷ ତଳେ ଯାହା ଯାଇଥିଲା ସ୍ୱାମୀ ଥିଲାବେଳେ ଦୁଇ ଦିନ ପାଇଁ ପୁଅ ପାଖକୁ । ଯାହା ହେଉ ପୁଅ ନୂଆ ଫୋନଟିଏ ଦେଇଛି । ଗୁରି ପାଞ୍ଚଟା ବଟନ ଦବେଇବା ଶିଖେଇ ଦେଇଛି । ତତକ୍ଷଣ ପୁଅ ଆଉ ତାହାର ସମଗ୍ର ସଂସାର ଆଖି ଆଗରେ ଦିଶୁଛି । ସେତିକିରେ ଖୁସି ହେଇଯାଉଛି ରୂପା ମାଉସୀ । କିନ୍ତୁ ଏବେ ମଧ୍ୟ ମନେ ପଡେ ଛୋଟ ନାତିଟିକୁ କୋଳେଇ ଧରିକି ଗେଲ କଲେ ସେ କେମିତି ଖୁସିରେ କୁରୁଳି ଉଠିଥିଲା ଦି ବର୍ଷ ତଳେ ଯେତେବେଳେ ତିନି ବର୍ଷର ହେଇଥିଲା । ବାଳୁତ ବୟସ କୁଆଡେ ରହିବକି? ଗୁହୁଁ ଗୁହୁଁ ଗଡିଯିବ, ସକାଳର କଅଁଳିଆ ଖରା ଭଳି । ଆଉ ନା ରୂପା ମାଉସୀକୁ ସିଏ ଗୁହିଁବ ନା ତାକୁ ଗୁହିଁବାକୁ ରୂପା ମାଉସୀକୁ ସୁଯୋଗ ମିଳିବ । ଏ ବର୍ଷ କୁଆଡେ ସ୍କୁଲରେ ଭର୍ତ୍ତି ହବ, ଖରା ଛୁଟି ସରିଲେ । ପୁଅ କହି ସାରିଥିଲା ଏ ବର୍ଷ ବାହାରେ ଡିଉଟି ପଡିଛି, ଏଥର ଛୁଟିରେ ଆସି ପାରିବନି । ବୋହୂର କେତେବେଳେ ଇଚ୍ଛା ହୁଏ କେତେବେଳେ ନୁହେଁ । ଗୁକିରିଆ ବୋହୂଟିଏ, ନିଜ ବାପା ଘର ପାଖରେ ରହୁଛି । ବାହାହେଲା ପରଠାରୁ ସିଏ ବୋହୁ କମ ଆଉ ତାହାର ପୁଅ ଘରଜ୍ୱାଇଁ ବେଶ୍ ସାବସ୍ତ୍ୟ ହେଇଛି । ସତରେ ରୂପା ମାଉସୀର ଭାଗ୍ୟ ବି ଅଲଗା । କିଛି ନ ଥାଇ ମଧ୍ୟ ପୁଅ ପରିଶ୍ରମରେ ନିଜ ଗୋଡ ଉପରେ ଠିଆ ହେଲାରୁ ସବୁ କିଛି ପାଇଲା, ଆଉ ସବୁ ପାଇ ବି କିଛି ପାଇଲାନି ପୁଅ ବାହା ହେଲା ପରେ!

କେତେ କଣ ଭାବିବିଦିଏ ଗାଈ ଗୁହାଳରେ କାମ କରୁ କରୁ ରୂପା ମାଉସୀ। ଦାଣ୍ଡ ଆଡେ କାହାର ଶବ୍ଦ ଶୁଣି ବାହାରକୁ ଆସିଗଲା ରୂପା ମାଉସୀ।

ଦାଣ୍ଡ ଦୁଆର କବାଟ ଖୋଲୁ ଖୋଲୁ ଆଖି ଦୁଇଟା ବଡ ବଡ ହେଇଗଲା ରୂପା ମାଉସୀର। ସାମ୍ନାରେ ପୁଅ ବୋହୁ ଆଉ ଦୁଇ ନାତି। ଖୋଜ ନାହିଁ କି ଖବର ନାହିଁ ଏମିତି ଅବେଳାଟାରେ? ପ୍ରଶ୍ନ ଚିହ୍ନଟିଏ ସତେ ଯେପରି ଆଙ୍କି ହେଇଯାଇଥିଲା ରୂପା ମାଉସୀର ଆଖିରେ।

"ବୋଉ, ସାନଟା ଜିଦ୍ଧୀ କଲା ସବୁ ପିଲାମାନେ ତାଙ୍କ ଜେଜେମା ଘରକୁ ଯାଇଥିଲେ ଛୁଟିରେ, ସିଏ ଯାଇନ। ଖେଳ ବେଳେ ସାଙ୍ଗମାନେ ଚଡେଇ ଚଡେଇ ଅସ୍ତବ୍ୟସ୍ତ କରିଦେଲେଣି, କି ତାହାର କଣ କେହି ଜେଜେମା ନାହାନ୍ତି। ମୋର ସାତ ଦିନ ଛୁଟି ମିଳିଗଲା। ବୋହୂର ମଧ ଟିକେ ଏହି ପାଖ ସହରରେ କାମ ଅଛି ଆଉ କିଛି ସାମାନ କିଣିବାର ଦରକାର ଥିଲା। ତେଣୁ ଭାବିଲୁ ଓଡିଶା ଆସିବୁ। ଏ ଛୁଆ ଦିଟା ଏଠି ରହିବେ ତୋ ପାଖରେ, ଆମେ ସକାଳୁ ଯାଇ ସଂଜରେ ଫେରି ଆସୁଥିବୁ ସବୁଦିନ।"

"ରହୁନୁ, ମୁଁ କଣ ତୋତେ କବାଟ ତାଡି ଦଉଛି କି", ଅଭିମାନେ ଆଉ ସ୍ନେହ ମିଶା କଣ୍ଠରେ ରୂପା ମାଉସୀ ଘରକୁ ଡାକି ନେଲା।

"ଟିକେ ଚାହା ମିଳିଥିଲେ ଭଲ ହୁଅନ୍ତା ବୋଉ," ପରେଶ କହିଲା।

ମୁଁ ଚାହା କରିଦେବି କହୁ କହୁ ବୋହୁ ଚାଲିଗଲା ରୋଷେଇ ଘରକୁ।

କିଛି ସମୟର ଦୁଃଖ ସୁଖ ହେବା ଭିତରେ ରୂପା ମାଉସୀ କହିଲା, "ଆରେ ମୁଁ ତ ଭୁଲି ଗଲି, ରହ ମୁଁ ଟିକେ ପଡିଶା ଘରରୁ କ୍ଷୀର ନେଇ ଆସେ।"

"କାହିଁକି, ଗାଈ କଣ ହେଲା କି? " ରମେଶ ପଚାରିଲା।

ଅଛି ଯେ, ମୋତେ ତାହାର କ୍ଷୀର ଭଲ ଲାଗେନ, ଅନ୍ୟ କସମର ଗାଈ ତ," କହିଲା ରୂପା ମାଉସୀ।

“ତୋତେ ଗୃହା କରି ଆସେନ ବୋଉ। ରହ ଶିଲ୍ପା ଗୃହା କରି ଆଣୁ। ତୁ ଯାତ୍ରା ଗଲ୍‌ବେଳେ ଯୋଉ ଗୃହା ପିଉଛୁ ସେ ଗୁଡା କଣ ଦେଶୀ ଗାଇ କ୍ଷୀରରେ ତିଆରି କ? ତୁ ବସିଲୁ,” ପରେଶ କହିଲ୍ ଆଉ ଟାଣି ଟାଣି ବସେଇଦେଲ୍ ରୂପା ମାଉସୀକୁ।

ମାଉସୀ କଛି କହିବା ପୂର୍ବରୁ ନୂଆ ବୋହୁ ହାଜର ସମସ୍ତଙ୍କ ପାଇଁ ଗୃହା ଧରିକ।

ରୂପା ମାଉସୀ ହାତରେ ଗୃହା କପ ଧରେଇଦେଲ୍ ନୂଆ ବୋହୂ। ମୋ ଆଡକୁ ଥରେ ଗୃହିଁଲ୍, ଆଉ ପରେଶ ଆଡକୁ ଥରେ। ତାହା ପରେ ନୂଆ ବୋହୂ ଆଡକୁ। ନୂଆ ବୋହୁ ଦେଖିବାକୁ ଭରି ଗ୍ବଗି, ମନରେ କଣ ଥାଏ କେଜାଣି। କଛି ନ କହି ରୂପା ମାଉସୀ ଗୃହା ପିଇବାକୁ ଲ୍ଗିଲ୍।

“ଚନ ଠିକ୍ ଅଛି ତ?” ନୂଆ ବୋହୁ ପଗୃରିଲ୍। ମୁଣ୍ଡ ଟୁଙ୍ଗାରି ହଁ ମାରିଲ୍ ରୂପା ମାଉସୀ। ମୁଁ ମଧ୍ୟ ମୁଣ୍ଡ ଟୁଙ୍ଗାରି ଦେଲି। ପରେଶ ମୁଁହରେ ହସ ମାଆ ଗୃହା ପିଉଛି ପ୍ରଥମ ଥର ପାଇଁ ନଜ ଘରେ ନଜ ବୋହୁ ହାତରୁ। କଛି କାମ ଅଛି କହି ଗୃଲିଗଲ୍ ପରେଶ ବାହାରକୁ। ନୂଆ ବୋହୁ ଗୃଲିଗଲ୍ ଭିତରକୁ ତାହାର ସାମାନ ପତ୍ର ଦେଖାରଖା କରିବାକୁ। ସାନ ଟୋକାଟା ଏତିକି ବେଳକୁ ଆସି ଜାବୁଡି ଧରିଲ୍ ରୂପା ମାଉସୀକୁ। ମାଉସୀର ମୁଁହରେ ଟିକେ ଛୋଟ ହସ ଖେଳଗଲ୍। ମୋ ଆଡକୁ ଗୃହିଁଲ୍ ଗୋଟିଏ ତୃପ୍ତିର ଗୃହାଣୀରେ। ମୁଁ ହସି ଉଠିଗଲି ଫେରିବାକୁ ଘରକୁ। ମନରେ ଗୋଟିଏ ବିଗୃର ଆସିଲ୍ – କେତେ ଦିନ ଆଉ ଶାଶୁଟିଏ ସତରେ ବୋହୁକୁ ନଜର ମାନ ନ ଥାଆନ୍ତା ଆଉ ବୋହୁ କେତେ ଦିନ ଯାଏଁ ଶାଶୁର ଘର ପାଦ ମାଡି ନଥାନ୍ତା କାମର ଆଳରେ!

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗୃରଲୋଟସଭିଲ୍ଲ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# କବି କଲମର ବ୍ୟଥା



ଆଶୁତୋଷ ମେହେର

ବେଦନା ରେ ଭର୍‌ କଲମ ମୋହରି
ଗାଇ ଯାଏ ଯେଉଁ ଗୀତ
କବିତା ନୁହେଁ ତା ହୃଦୟ ର ବ୍ୟଥା
ଶୁଣିବୁରେ ଥରେ ମିତ ।।

ଦେହରେ ହୁଏ ଯେ ଆଘାତ ସିଏ ତ
ଆର ଆନେ ହୁଏ ପୁର୍‌
ମନରେ ଲ୍‌ଗିଲ୍‌ ଯେଉଁ ଦାଗ ଥରେ
ପାଏନ କୂଳ କନାର୍‌ ।।

ଆଖି ଲୁହ ସିନା ଝରି ଯାଏ ଯେବେ
ଜଗତ ପାରେ ତା ଦେଖି
ହୃଦୟର ଲହୁ ଦିଶିବ କେମିତି
ମନ ମାରି ରହେ ସାକ୍ଷି ।।

ଦୁଃଖ ଭ୍‌ରେ ଭର୍‌ କଲମରେ ମୋର
କବି ର ମରମ ଗାଥା
ଚର ଦିନ କାଳ ଏ ଧର୍‌ ଦେଖିଛି
ଦରଦ କବି ର ବ୍ୟ ଥା ।।

ସେ କବିତା ପଢି କା ମନ ହରସ
ପ୍ରେମ ଧାର କାହା ମନେ
ହାତ ଖାଲି ସିନା ହୃଦୟ ଟା ଭର୍‌
ପ୍ରୀତି ଅନୁର୍‌ଗ ଧନେ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ମୁକ୍ତ ଆକାଶ



ବିନୟ ମହାପାତ୍ର

ତୁମେ ଚାହିଁଥିଲ, ଏକ ମୁକ୍ତ ଜୀବନ,
ଦିନେ ତୁମେ ଉଡିଗଲ,
ଆପଣାର ଡେଣା ଝାଡି,
ତୁମର ସେ ସ୍ୱପ୍ନର ଦିଗନ୍ତ ବିସ୍ତାରୀ,
ଉନ୍ମୁକ୍ତ ଆକାଶେ
ଅନ୍ତହୀନ ଅନନ୍ତ ଗଗନେ ।
ଦ୍ରାଘିମାରୁ ଦ୍ରାଘିମା ପର୍ଯ୍ୟନ୍ତ,
ଅକ୍ଷାଂଶର ବିଭକ୍ତିକୁ ଅସ୍ୱୀକାର କରି,
ମେରୁ ଲଙ୍ଘି ଉଡିବାରେ ତୁମର ଯେ ଇଚ୍ଛା,
ଅନନ୍ତ ଦିଗନ୍ତ ମାପି ଯିବାପାଇଁ ।
କୁହ କେମିତି ବୁଝାଇ ଥାଆନ୍ତି ତୁମକୁ,
ପ୍ରେମ କେବେ ବନ୍ଧନ ନୁହେଁ,
ପ୍ରେମ ନୁହେଁ ଆକର୍ଷଣ ଖାଲି,
ପ୍ରେମ ଏକ ସର୍ତ୍ତହୀନ ଆତ୍ମ ସମର୍ପଣ ।

ହଁ, ପ୍ରେମକୁ ତୁମେ ବନ୍ଧନ କହିପାର,
ହେଲେ ପାରିବ କ କହି,
କଏ କାହାକୁ ବାନ୍ଧିଛି ?
ପ୍ରେମରେ କେବଳ ଥାଏ,

'ଦୁଇ'କୁ ଏକ କରିବାର ସୂତ୍ର,
ଏକ ଯୋଗ ଏକ, ଦୁଇ ହୁଏନା ଏଇଠି,
ଏକ ଯୋଗ ଏକ, ଏକ ହିଁ ହୁଏ,
ବିଚିତ୍ର ଏ ପ୍ରେମର ଗଣିତ ।
ଦୁଇ ମନ, ଦୁଇଟି ହୃଦୟ,
ଦୁଇ ଆତ୍ମା, ଦୁଇଟି ଶରୀର,
ଏକ ଆରେକରେ ମିଶେ,
ଏକମନ, ଏକ ହୃଦୟ
ଏକାତ୍ମ, ଏକ ଶରୀର,
ଅର୍ଦ୍ଧାଙ୍ଗ ଯେ ଏକ ଆରେକର ।

ପ୍ରେମ ସିଏ ନିଃସର୍ତ୍ତ ଆତ୍ମ ସମର୍ପଣ,
ସାଗରେ ସରୀତ ସଙ୍ଗମ ସମାନ,
ପ୍ରଣୟର ଅନୁଭବ ହୁଏ ।
ପାରିବ କି କହି,
ଜଳଧୀରେ କେଉଁ ଜଳ
ସରୀତ ବା ସାଗରର ଥାଏ ?
ପ୍ରେମ, ଆତ୍ମା ପରମାତ୍ମା ମିଳନର ସମ,
ପରମାନନ୍ଦର ଅନୁଭୂତି ଦିଏ ।

ଦୁଃଖ ନାହିଁ,
ତୁମେ ମୁକ୍ତ ଗଗନ ମାଗିଲ,
ଖୁସି ଖୁସି ଭୋଗି ଯାଅ ଉନ୍ମୁକ୍ତ ଜୀବନ ।
କେବେ ଯଦି ମନ ଭରିଯାଏ,

ଅବା କେବେ ଥକଯାଅ ତୁମେ,
ବିନା ସଂକୋଚରେ,
ନୀଡକୁ ମୋ ବାହୁଡି ଆସିବ,
ବିନା କଛି ପ୍ରଶ୍ନ ଏଠି,
ତୁମର ସ୍ୱାଗତ ନଶ୍ଚୟ ହେବ ।
ଦ୍ୱାର ମୋର ଉନ୍ମୁକ୍ତ ରହିବ
ତୁମ ପାଇଁ ପ୍ରିୟେ,
ଅହର୍ନିଶି ଚବିଶ ପ୍ରହର

କଟ୍ ସ୍କୋୟାର, ପଟିଆ

ବେଦାନ୍ତୀର ଆଗାମୀ ସଂଖ୍ୟା ମଇ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅପ୍ରେଲ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

( ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଲେଖା। ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ ( ସତ୍ୟର ସନ୍ଧାନ) ମାଧ୍ୟମରେ ।)

### ପ୍ରଶ୍ନ - ୮ : ଜ୍ୟୋତିଷ ଗଣନାର ସତ୍ୟାସତ୍ୟ ବିଷୟରେ କିଛି କହିବେ କି?

### - ଉତ୍ତର-

- ଏ ସମ୍ପର୍କରେ ମୁଁ ବିଶେଷ କିଛି ଗବେଷଣା କରିନାହିଁ । ତେବେ ଜ୍ୟୋତିଷ ଦୁଇଭାଗରେ ବିଭକ୍ତ; ଯଥା- ଗଣିତ- ଜ୍ୟୋତିଷ ଓ ଫଳିତ- ଜ୍ୟୋତିଷ । ମୁଁ ପ୍ରଥମ ଭାଗଟିକୁ ବିଶ୍ୱାସ କରେ । କିନ୍ତୁ ଦ୍ୱିତୀୟ ଭାଗ ପ୍ରତି ମୋର ବିଶ୍ୱାସ ନାହିଁ ।

[ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ଜ୍ୟୋତିର୍ବିଜ୍ଞାନ ଅଛି । ବୈଜ୍ଞାନିକ ଗଣନା କରାଯାଇପାରେ, ଯଦି ଜନ୍ମ ସମୟ, ଦିନ, ଅନ୍ୟ ସଠିକ୍ ତଥ୍ୟ ମିଳିପାରିବ । ସଠିକ୍ ଗଣନାର ଫଳ ଶୁଭ ବା ଅଶୁଭ ହୋଇପାରେ । ଏହାଦ୍ୱାରା ବ୍ରହ୍ମ ସମର୍ପଣ, ନିଷ୍କାମ କର୍ମସାଧନା, ବ୍ରହ୍ମଜ୍ଞାନ ଓ

ଭକ୍ତିର ସାଧନା, ଯୋଗ, ପବିତ୍ରତା ଯେପରି କମ ନ ହୋଇ କ୍ରମେ କ୍ରମୋନ୍ନତ ହୁଏ, ସେଥି ପ୍ରତି ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ ।

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ଅନେକ ସମୟରେ ଜ୍ୟୋତିଷ ଗଣନା ସତ୍ୟ ପ୍ରମାଣିତ ହୋଇଥାଏ । ମାତ୍ର ଅଧିକାଂଶ ସ୍ଥଳରେ ଏହା ସଠିକ୍ ଫଳେନାହିଁ ।

[ ଡ. ସଚ୍ଚି ରାଉତରାୟ]

- ଜ୍ୟୋତିଷ ଗଣନା ବିଷୟରେ କଛି କହି ବହୁ କ୍ଷେତ୍ରରେ ସତ୍ୟ ହୋଇଛି । ଏହି ସତ୍ୟତା ଜ୍ୟୋତିଷୀଙ୍କ ଅଭିଜ୍ଞତା ଓ ଗାଣିତିକ ନର୍ଭରଶୀଳତା ଉପରେ ପ୍ରତିଷ୍ଠିତ । ସବୁ ଜ୍ୟୋତିଷୀ ପ୍ରକୃତ ଜ୍ୟୋତିଷୀ ନୁହନ୍ତି ।

[ ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଜ୍ୟୋତିଷ ଗଣନା ବୈଜ୍ଞାନକ, ତେଣୁ ସତ୍ୟ । ଯଦି ଆଜିର ଚକିତ୍ସା ବିଜ୍ଞାନ, କୃଷି ବିଜ୍ଞନା ଏବଂ ପାଣିପାଗ ବିଜ୍ଞାନକୁ ସତ୍ୟଭିତ୍ତିକ ବିଜ୍ଞାନ ବୋଲି କୁହାଯିବ, ତାହାହେଲେ ଜ୍ୟୋତିଷ ଗଣନା ମଧ୍ୟ ବିଜ୍ଞାନ । ମୋ ପାଖରେ ଯୋଗ୍ୟ ଲୋକ ଅଛନ୍ତି । ତାଙ୍କ ଦ୍ୱାରା ଆପଣଙ୍କ ସନ୍ଦେହ ଦୂର କରାଯାଇପାରିବ ।

[ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ଜ୍ୟୋତିଷ ଗଣନାର ପ୍ରକୃତ ଗଣନା ହେବ - ଯଦି ଜନ୍ମ ସମୟର ଲଗ୍ନ ଓ ସମୟ ପ୍ରକୃତରେ ଠିକ୍ ଥିବ, କନ୍ତୁ ଅନେକ ସମୟରେ ଗଣନା ଫଳପ୍ରଦ ନ ହେବା ଦେଖାଯାଇଛି ।

[ ଜଷ୍ଟିସ୍ ନବକୁମାର ଦାସ]

- ଏହାର ସତ୍ୟତା ବହୁତ ପ୍ରଶ୍ନବାଚୀ ଏବଂ ଭାଗ୍ୟବାଦୀମାନେ ଏଥିରେ ବିଶ୍ୱାସ କରନ୍ତି ।

[ ପ୍ରଫେସର ରାଧାନାଥ ରଥ]

- ଜ୍ୟୋତିଷ ଗଣନା ଉପରେ ମୋର ବିଶ୍ୱାସ ଅଛି ଯଦି ଗଣନା ଠିକ୍ ହୋଇଥାଏ । କନ୍ତୁ ଗଣନା ଯେ ଠିକ୍ ହେଉଛି ତା'ର କ ପ୍ରମାଣ? ମୁଁ ଜ୍ୟୋତିଷ ଗଣନାର ଏଇ

ଜ୍ଞାନଟି ଉପରେ ବିଶ୍ୱାସ କରେ, ଯେଉଁଠି ତାହା ମଣିଷର ସ୍ୱାସ୍ଥ ସମ୍ପର୍କରେ କୁହେ; କାରଣ ଗ୍ରହ ନକ୍ଷତ୍ରର ପ୍ରଭାବ ମଣିଷ ଉପରେ ଅଖଣ୍ଡ - ତାହାର ସ୍ୱାସ୍ଥ୍ୟକୁ କିପରି ନିୟନ୍ତ୍ରଣ କରିବ ଜ୍ୟୋତିଷ ବିଗ୍ନର ତା'ର ସୂଚନା ଦିଏ ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- ଜ୍ୟୋତିଷ ଶାସ୍ତ୍ର ଜ୍ୟୋତିଷ ଗ୍ରହମାନଙ୍କୁ ନେଇ ସୃଷ୍ଟ । ସୂର୍ଯ୍ୟ ଓ ଚନ୍ଦ୍ର ଏ ଦୁଇଟି ଗ୍ରହଙ୍କର ପ୍ରତୀକ । ଗଣନା ଅନୁସାରେ ଜ୍ୟୋତିଷ୍କ କିରଣର ଅଂଶ ଠିକ୍ ଥିଲେ ତାହା ସତ୍ୟ ହୁଏ, ନ ଥିଲେ ମିଥ୍ୟା ହୁଏ । ତେଣୁ ଉକ୍ତ ଶାସ୍ତ୍ରରେ କାହାର ବିଶ୍ୱାସ କାହାର ଅବିଶ୍ୱାସ । ସୂର୍ଯ୍ୟଙ୍କ କିରଣ ମାଧ୍ୟମରେ ସମସ୍ତ ବସ୍ତୁ ଉଜ୍ଜୀବିତ, ତାହା ପ୍ରତ୍ୟକ୍ଷସିଦ୍ଧ, ଚନ୍ଦ୍ରଙ୍କ ଦ୍ୱାରା ବନୌଷଧି ସବୁ ଉପକାରୀ ।

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଜ୍ୟୋତିଷ ସମ୍ଭବତଃ କେବଳ ଗଣନା ନୁହେଁ । ତେଣୁ, ବେଳେବେଳେ ସତ୍ୟ ହୁଏ ଓ ବେଳେବେଳେ ସତ୍ୟ ହୁଏନାହିଁ ।

[ ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ଭାଗ୍ୟ ନାମକ ପୂର୍ବନିର୍ଦ୍ଦିଷ୍ଟ ଖସଡ଼ା ଉପରେ ମୋର ବିଶ୍ୱାସ ନାହିଁ ଯେତେବେଳେ, ଜ୍ୟୋତିଷ ଗଣନାକୁ ସତ ବୋଲି କହିବି କେମିତି? ଅବଶ୍ୟ କଦବା କ୍ୱଚିତ୍ କୌଣସି ଜ୍ୟୋତିଷ ଗଣନା ଫଳଛି ବୋଲି ମନେହେଲାରୁ ମୁଁ ଆଶ୍ଚର୍ଯ୍ୟ ହୁଏ ତା' ପରେ ମୁଁ ସ୍ଥିର କରେ ଯେ ଗଣନା ଓ ଘଟଣାର ଏହି କାକତାଳୀୟ ସମ୍ବନ୍ଧ ସମ୍ଭବ, ସମ୍ଭାବ୍ୟତାର ନିୟମ ( Law of Probability) ଅନୁଯାୟୀ ।

[ କିଶୋରୀ ଚରଣ ଦାସ]

- ଜ୍ୟୋତିଷ ଗଣନାର ସତ୍ୟାସତ୍ୟ ନିର୍ଭର କରେ ଗଣନାକାରଙ୍କର ଜ୍ଞାନ ଓ ଗଣନା ଦକ୍ଷତା ଉପରେ । ମୋ ନିଜ ଜୀବନରେ ମୁଁ ଦୁଇଥର ପାଇଁ ଜ୍ୟୋତିଷ ଗଣନାର ଅକାଟ୍ୟ ସତ୍ୟତାର ପ୍ରମାଣ ପାଇଛି ।

[ ଡ. ମନ୍ମଥ ନାଥ ଦାସ]

- ସାଧନା ଥିଲେ ଗଣନା ନିର୍ଭୁଲ ହୁଏ ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ଜ୍ୟୋତିଷ ଗଣନାରେ ନିର୍ଭୁଲ ଗଣନା ହେଲେ ଅନେକ ସତ୍ୟତା ରହିଛି ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଜ୍ୟୋତିଷ ଏକ ବିଜ୍ଞାନ । ବୈଦିକ ଯୁଗରୁ ଏହାର ସତ୍ୟତା ପ୍ରମାଣିତ । ଅଶିକ୍ଷିତ ବ୍ୟବସାୟୀଙ୍କ ହାତରେ ଏହା ସାମୟିକ ବିଶ୍ୱାସର ପ୍ରତୀତି ଆଣେନାହିଁ । ଏଥିରେ ଜ୍ୟୋତିଷ ଶାସ୍ତ୍ରର ଦୋଷ କ'ଣ?

[ ପ୍ରଫେସର ପଠାଣି ପଟ୍ଟନାୟକ]

- ଜ୍ୟୋତିଷ ଗଣନା ସତ୍ୟ । ଜ୍ୟୋତିଷୀ ଠିକ୍ ଅଧ୍ୟୟନ କରିଥିବା ଉଚିତ । ଯାହା ଦେଖି ସେ ଗଣନା କରିବେ, ତାହା ଅଭ୍ରାନ୍ତ ହୋଇଥିବା ଉଚିତ ।

[ ଡ. ଲିଙ୍ଗରାଜ ଶତପଥୀ]

- ଜ୍ୟୋତିଷ ଶାସ୍ତ୍ର ଏକ ବୈଜ୍ଞାନିକ ବିଶ୍ଳେଷଣ, ଏହାଦ୍ୱାରା ସୂର୍ଯ୍ୟପରାଗ ଓ ଚନ୍ଦ୍ର ଗ୍ରହଣ ଇତ୍ୟାଦି ନିର୍ଣ୍ଣିତ ହେଉଛି । ଏହାର କ୍ରିୟା ଏବଂ ପ୍ରତିକ୍ରିୟା ମଧ୍ୟ ସାରା ପୃଥିବୀ ବା ପ୍ରାଣୀଜଗତ ଅନୁଭବ କରିବା ସ୍ୱାଭାବିକ ।

[ ହରିହର ବାହିନୀପତି]

- ଜ୍ୟୋତିଷ ଶାସ୍ତ୍ର ଗଣିତ ଓ ଫଳିତ - ଦୁଇ ଭାଗରେ ବିଭକ୍ତ । ଗଣିତ ଜ୍ୟୋତିଷକୁ ସମସ୍ତେ ସ୍ୱୀକାର କରନ୍ତି । ଏହା ଏକ ବିଜ୍ଞାନ । ଫଳିତ ଜ୍ୟୋତିଷ ଋଷିମାନଙ୍କ ଦିବ୍ୟ ଅନୁଭୂତିପ୍ରସୂତ । ପରାଶର, ଭୃଗୁ ପ୍ରଭୃତି ମହାମନିଷୀମାନେ ଫଳିତ ଜ୍ୟୋତିଷ ଗ୍ରନ୍ଥ ରଚନା କରିଛନ୍ତି । ତାହା ଭୁଲ ହେବ କିପରି?

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ଜ୍ୟୋତିଷ ଗଣନାରେ ଅନେକ କଥା ସତ୍ୟ ପ୍ରମାଣିତ ହୋଇଥାଏ । ଏହା ଗଣକ, ଜାତକର ଶୁଦ୍ଧତା, ସଠିକତା ଉପରେ ନିର୍ଭର କରେ । ମୋର ଏଭଳି ଅନୁଭବ

ଅଛି। କିନ୍ତୁ ମୁଁ ବିଶ୍ୱାସ କରେ ଯେ ମଣିଷର କର୍ମଫଳ ଯେକୌଣସି ପରିସରଠାରୁ ଉଚ୍ଚତର ସ୍ଥିତିରୁ ଆସେ । ଜ୍ୟୋତିଷ ପରିସର ମନୁଷ୍ୟ ପାଇଁ ଯଥେଷ୍ଟ ନୁହେଁ ।

[ ପ୍ରଫେସର ହୃଦାନନ୍ଦ ରାୟ]

- ଜ୍ୟୋତିଷ ଶାସ୍ତ୍ର ଉପରେ ମୋର ବିଶ୍ୱାସ ଅଛି ।

[ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ଜ୍ୟୋତିଷ ଗଣନା ଏକ ମାନସିକ କଳ୍ପନା । ଗ୍ରହନକ୍ଷତ୍ର ସାଧାରଣ ପ୍ରଭାବ ସୃଷ୍ଟି କରିପାରନ୍ତି, କିନ୍ତୁ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କିପରି କରନ୍ତି ବା କରିବା ସମ୍ଭବ?

[ ଗିରିଜା ଭୂଷଣ ପଟ୍ଟନାୟକ]

- ଗଣିତ ଜ୍ୟୋତିଷ ଜ୍ୟୋତିଷ୍କମାନଙ୍କ ବିଷୟକ ବିଦ୍ୟା । ଏହି ଜ୍ଞାନ ପାଇବା ପ୍ରୟୋଜନୀୟ । ଫଳିତ ଜ୍ୟୋତିଷ ବୈଦିକ ନୁହେଁ ବୋଲି ଶାସ୍ତ୍ରଜ୍ଞମାନେ କହନ୍ତି । ଏହା ମୁଁ ସ୍ୱୀକାର କରେ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ୍]

- ମୁଁ ଜ୍ୟୋତିଷ ଗଣନାରେ ବିଶ୍ୱାସ କରୁ ନ ଥିଲି । ଗୋଟିଏ ନିର୍ଦ୍ଦିଷ୍ଟ ଘଟଣା ପରେ ଏ ଶାସ୍ତ୍ର ପ୍ରତି ମୋର ବୈଜ୍ଞାନିକ କୌତୂହଳ ଜାଗ୍ରତ ହେଲା । ମୋର ବିଶ୍ୱାସ ଭବିଷ୍ୟତରେ ଏହା ବିଜ୍ଞାନସମ୍ମତ ହେବ - ବର୍ତ୍ତମାନ କେବଳ କୌତୂହଳ ।

[ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ଜ୍ୟୋତିଷ ଗଣନା ନିର୍ଭୁଲ ହେଲେ ତାହା ସତ୍ୟ ହୁଏ । ଏହା ଏକ ବିଜ୍ଞାନସମ୍ମତ ଶାସ୍ତ୍ର । ମୋର ଗୋଟିଏ ନାତିର ଆୟୁଷ ପାଞ୍ଚ ବର୍ଷ ବୋଲି ଜ୍ୟୋତିଷୀ କହିଥିଲେ ଓ ସେ ପାଞ୍ଚବର୍ଷ ଭିତରେ ମୃତ୍ୟୁବରଣ କରିଥିଲା । ଭଲ ଜ୍ୟୋତିଷୀ ହେଲେ ଗଣନା ନିର୍ଭୁଲ ହୁଏ ବୋଲି ମୋର ବିଶ୍ୱାସ ।

[ ଡ. ରେଖା ମହାନ୍ତି]

- ଏହା ଏକ ବୈଜ୍ଞାନିକ ପଦ୍ଧତି ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ଏହା ସମୟ ସମୟରେ ସତ୍ୟ ଏବଂ ଅନେକ ସମୟରେ ମିଥ୍ୟା ପ୍ରମାଣିତ ହୋଇଥାଏ । ପ୍ରକୃତ ଭକ୍ତ ଭଗବାନଙ୍କ ଶ୍ରୀପାଦପଦ୍ମରେ ଶରଣାଗତ ଏବଂ 'ଶୁଭାଶୁଭ ପରିତ୍ୟାଗୀ' ( ଗୀତା) । ତେଣୁ ଜ୍ୟୋତିଷ ଗଣନା ନମ୍ନ ଜଗତର ପରମ୍ପରା ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଜ୍ୟୋତିଷ ବିଦ୍ୟା ଏକ ନିର୍ଭୁଲ ବା ସମ୍ପୂର୍ଣ୍ଣ ଅଖଣ୍ଡନୀୟ ଶାସ୍ତ୍ର ନୁହେଁ । ଏଥିରେ ବହୁତ ପ୍ରକାରର ପ୍ରଭାବ ପଡୁଥିବାରୁ କିଛି କହିବା କଷ୍ଟକର । ମୋ ମତରେ ସବୁ ଭଗବାନଙ୍କ ଉପରେ ଛାଡ଼ିଦେଲେ ଏସବୁର ବିଚାର ଅନାବଶ୍ୟକ; କାରଣ ସେ ହେଉଛନ୍ତି ସବୁର କର୍ତ୍ତା ।

[ ଡାକ୍ତର କବି ପ୍ରସାଦ ମିଶ୍ର]

- ଠିକ୍ ଭାବରେ ଗଣନା କରିପାରିଲେ ଭବିଷ୍ୟତ ବିଷୟରେ ବେଶ୍ କିଛି କହିହେବ ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ଜ୍ୟୋତିଷ ଶାସ୍ତ୍ର ବିଜ୍ଞାନସମ୍ମତ । ଏଥିପାଇଁ ଜ୍ୟୋତିଷ ଶାସ୍ତ୍ରଭେତ୍ତା ଲୋକଙ୍କୁ ଜ୍ୟୋତିର୍ବିଜ୍ଞାନୀ କୁହାଯାଏ । ଏହା ଦ୍ୱିବିଧ- ଫଳିତ ଜ୍ୟୋତିଷ ଓ ଗଣିତ ଜ୍ୟୋତିଷ। ଫଳିତ ଜ୍ୟୋତିଷରେ ଗ୍ରହ ଓ ନାକ୍ଷତ୍ରିକ ବିଚାର କରି ଗଣନା କରାଯାଇ ପ୍ରାଣୀର ଭଲ ମନ୍ଦ ନିର୍ଣ୍ଣୟ କରାଯାଏ । ଜନ୍ମ ହେବାର ଦିବସ ଓ କାଳ ଠିକ୍ ନିରୂପିତ ହୋଇଥିଲେ ଗ୍ରହଚକ୍ରର ପ୍ରଭାବ ମନୁଷ୍ୟ ଉପରେ କି ପ୍ରତିକ୍ରିୟା ସୃଷ୍ଟି କରୁଛି ବୁଝାପଡ଼େ । ଗଣିତ ଜ୍ୟୋତିଷ ହେଉଛି ଅକ୍ଷାଂଶ ଓ ଦ୍ରାଘିମା ଅନୁସାରେ ସମୟର ନିରୂପଣ ଏବଂ ଗାଣିତିକ ବିଚାର ପଦ୍ଧତି ଅନୁସାରେ ଫଳାଫଳ ନିର୍ଣ୍ଣୟ ।

[ ଡ. ରତ୍ନାକର ସାହୁ]

* ଜ୍ୟୋତିଷ ଗଣନାରୁ ସ୍ୱାସ୍ଥ୍ୟ ସମ୍ପର୍କରେ କହିହେବ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

* ଫଳତ ଜ୍ୟୋତିଷ ଗଣନା ମିଥ୍ୟା । ଖ୍ରୀଷ୍ଟିଆନ, ମୁସଲମାନ ବିବାହ ବିନା ଜାତକରେ ହେଉଥିବାରୁ ସମସ୍ୟା କ'ଣ? ହିନ୍ଦୁ ବିଧବାଙ୍କ ସଂଖ୍ୟା ବେଶୀ । ମୃତ୍ୟୁ ଗଣନା ତ ସମ୍ପୂର୍ଣ୍ଣ ଭୁଲ ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

* ବ୍ୟକ୍ତିର ଜନ୍ମ ତାରିଖ, ଜନ୍ମ ସମୟ ଓ ଜନ୍ମସ୍ଥାନ ଠିକ୍ ଭାବେ ମିଳିଲେ ଏବଂ ଜ୍ୟୋତିଷୀଙ୍କର ଜ୍ୟୋତିଷ ଶାସ୍ତ୍ର ଉପରେ ଉପଯୁକ୍ତ ଦଖଲ ଥିଲେ ଏବଂ ସେ ନିଷ୍ଠାର ସହିତ ଗଣନା କରିଲେ ତାଙ୍କର ବହୁ ଗଣନା ସତ୍ୟ ହେବ, ଏଥିରେ ସନ୍ଦେହ ନାହିଁ ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

* ଯଦି ଗ୍ରହ, ନକ୍ଷତ୍ର, ତାରା, ଚନ୍ଦ୍ର, ସୂର୍ଯ୍ୟ ସତ୍ୟ ତେବେ ଜ୍ୟୋତିଷ ବି ଠିକ୍ । ଗଣନାରେ ଭୁଲ ହେଲେ ଭୁଲ ଫଳ ମିଳେ । ଗଣନାରେ ଠିକ୍ ହେଲେ ଜ୍ୟୋତିର୍ବିଦ୍ୟା ଠିକ୍ । ଗଳି ଜାଣିଲେ ବାଟ ସୁନ୍ଦର ।

[ ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

* ସୃଷ୍ଟିରେ ଜ୍ୟୋତିଷ ଗଣନା ୬୪ ପ୍ରକାରର ଅଛି । ଏବେ ଦୁଇ ପ୍ରକାରରେ ଚାଲୁଛି- ଫଳତ ଏବଂ ଗଣିତ । ଏହାର ସତ୍ୟତା ରହିଛି । ଅନେକ ଏହାର ସତ୍ୟତା ପ୍ରତ୍ୟକ୍ଷ ଅନୁଭୂତିରେ ଆଣିଛନ୍ତି । କିନ୍ତୁ ଜ୍ୟୋତିଷୀ ଜଣକ ଜ୍ୟୋତିଷ ଶାସ୍ତ୍ରରେ ସାର୍ଥକ ଜ୍ଞାନ ଲାଭ କରିଥିଲେ ହିଁ ହେଲା ।

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

* ସୌର ପରିବାରରେ ଗ୍ରହ ନକ୍ଷତ୍ରର ଗତି ଓ ସ୍ଥିତିର ପ୍ରଭାବ ପୃଥିବୀ ଉପରେ ରହିଛି; ଯେପରିକି ଚନ୍ଦ୍ରର ପ୍ରଭାବ ଜଳ ଉପରେ ରହିଛି । ସେହିପରି ଗ୍ରହ ଉପଗ୍ରହମାନଙ୍କର ପ୍ରଭାବ କେତେକାଂଶରେ ମଣିଷ ଜୀବନ ଉପରେ ରହିଅଛି । ମାତ୍ର ଜ୍ୟୋତିଷ ଗଣନା ଓ ମନୁଷ୍ୟ ଉପରେ ଖରାପ ପ୍ରଭାବର ଉପଶମ ପାଇଁ

ଗ୍ରହଶାନ୍ତିରେ ମୁଁ ବିଶ୍ୱାସ କରେନ । ମଣିଷ ଜୀବନର ସବୁକଛି ଇଶ୍ୱରଙ୍କ ଦ୍ୱାର୍ ନୟନ୍ତ୍ରିତ ହୋଇଥାଏ । ଜ୍ୟୋତିଷ ଗଣନା ଦ୍ୱାର୍ ମଣିଷ ଜୀବନର ଭବିଷ୍ୟତ ଜାଣିବା ପ୍ରଥା ବାଇବେଲ୍ ସମ୍ମତ ନୁହେଁ ।

[ ଧୀରେନ୍ଦ୍ର କୁମା ମହାନ୍ତି, ବିଶପ]

- ଜ୍ୟୋତିଷ ଗଣନା ଏକ ବିଜ୍ଞାନ ବୋଲି ଧର୍ଯାଇଛି । ପ୍ରତ୍ୟେକ ବିଜ୍ଞାନ ଭଳ ଜ୍ୟୋତିଷ ଗଣନା ମଧ କେତେକ ନୟମ କାନୁନ ଦ୍ୱାର୍ ସିଦ୍ଧାନ୍ତ କର୍ଯାଇଥାଏ । କନ୍ତୁ ଏହି ଗଣନା ବେଳେବେଳେ ଭୁଲ ହୋଇଥାଏ । ସାଧାରଣତଃ ସେହି ଗଣନାର ସତ୍ୟ ପ୍ରତିପାଦିତ ହୁଏ ବୋଲି ଲୋକଙ୍କର ବିଶ୍ୱାସ । ହିନ୍ଦୁ ସମ୍ପ୍ରଦାୟର ଜ୍ୟୋତିଷ ଶାସ୍ତ୍ରରେ ଯେଉଁଭଳ ବିଶ୍ୱାସ ରହିଛି, କାଥଲିକମାନଙ୍କର ସେଭଳ ବିଶ୍ୱାସ ନାହିଁ ।

[ ଡ. ଲୁଇ ସଭ୍ସୁନ୍ଦର, କାଥଲିକ୍]

- ଜ୍ୟୋତିଷ ଗଣନା ତାହା ମିଛ ବ୍ୟାପାର, ଯଦିଓ ବହୁ ପାଠୁଆ ଲୋକଙ୍କର ଏଥିରେ ଦୃଢ଼ ବିଶ୍ୱାସ ଅଛି । ଏଇଟା ତାଙ୍କର ସୂକ୍ଷ୍ମ ବିଚ୍ରର ଅଭ୍ବର ପରିଚ୍ୟକ । ବହୁ ପାଠୁଆ ଲୋକ ପଢ଼ିକରି କମ୍ପାଘୁଷ୍ ନେଇ ଭୁଲ୍ କରିଥାନ୍ତି । ସେହିପରି ସେମାନେ ମାନସିକ ଦୁର୍ବଳତା ଯୋଗୁଁ ଜ୍ୟୋତିଷ ଗଣନାରେ ବିଶ୍ୱାସ କରି ଭୁଲ କରୁଛନ୍ତି ।

[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଶ୍ରୀ ଗୌରୀ କୁମାର ବ୍ରହ୍ମାଙ୍କ ମତରେ ଯଦି ଆଜିର ଚକସ୍ତା ବିଜ୍ଞାନ, କୃଷି ବିଜ୍ଞାନ, ପାଣିପାଗ ବିଜ୍ଞାନକୁ ସତ୍ୟଭିତ୍ତିକ ବିଜ୍ଞାନ ବୋଲି କୁହାଯିବ, ତା'ହେଲେ ଜ୍ୟୋତିଷ ଗଣନା ମଧ ବିଜ୍ଞାନ । ତାଙ୍କ ପାଖରେ ଯୋଗ୍ୟ ଲୋକ ଅଛନ୍ତି, ତାଙ୍କ ଦ୍ୱାର୍ ସନ୍ଦେହ ଦୂର କର୍ଯାଇପାରିବ ବୋଲି ସେ ସ୍ପଷ୍ଟ ଭବେ ଉଲ୍ଲେଖ କରିଛନ୍ତି । ସେଇଭଳ ଜ୍ୟୋତିଷୀ ଜଣକ ଦକ୍ଷ କ ନା ତା' ଉପରେ ଫଳାଫଳ ନର୍ଣ୍ଣୟ ନର୍ଭର କରୁଛି ବୋଲି ଅନେକେ ମତ ଦେଇଥିବାବେଳେ, ବାଇବେଲ୍ ଓ କାଥଲିକମାନେ ଭିନ୍ନ ମତ ପୋଷଣ କରିଛନ୍ତି । ସ୍ୱର୍ଗତ ମଇନୁଦ୍ଦିନ ଅହମଦଙ୍କ ମତରେ ମାନସିକ ଦୁର୍ବଳତା ଯୋଗୁଁ ଜ୍ୟୋତିଷ ଗଣନାରେ ବିଶ୍ୱାସ କରି ଭୁଲ କରିବା ଠିକ୍ ନୁହେଁ । ବହୁ ଲୋକ ଶିଶୁଟିଏ ଜନ୍ମ ହେଲେ ଜାତକ ତିଆରି

କରିଥିବାବେଳେ କେତେକ ସେଥିରୁ କ୍ଷାନ୍ତ ରହନ୍ତି, କାରଣ ତାଙ୍କର ବିଶ୍ୱାସ ବଳବତ୍ତର ଥାଏ ଯେ ମଣିଷ ଉପରେ ଗ୍ରହ ନକ୍ଷତ୍ରର ପ୍ରଭାବ ବିଜ୍ଞାନ ସମ୍ମତ ନୁହେଁ, ତେଣୁ ଜ୍ୟୋତିଷୀ ଦ୍ୱାରା ଫଳାଫଳ ନିର୍ଣ୍ଣୟ କରିବା ବୃଥା । ଜ୍ୟୋତିଷ ଗଣନାର ସତ୍ୟାସତ୍ୟ ସମ୍ପର୍କରେ କହିବା ଏକ କଷ୍ଟକର ବ୍ୟାପାର । ଅବଶ୍ୟ କେତେକ ଜ୍ୟୋତିଷୀ କର/ କୋଷ୍ଠୀ/ କପାଳ ଦେଖି କେତେ କଥା ଠିକ୍ ଠିକ୍ କହିଥାନ୍ତି ।

ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ । ଆଜିକାଲି ଦୈନିକ ସମ୍ବାଦପତ୍ର, ଟିଭିରେ ଏ ବିଷୟ ଅତିମାତ୍ରାରେ ପ୍ରଚ୍ଚରିତ ପ୍ରସାରିତ ହୋଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଅଛି । ମାତ୍ର ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଲୋକେ ଅନ୍ଧବିଶ୍ୱାସର ଶିକାର ହେବା ସ୍ୱାଭାବିକ । ଏହାର କେବେ ଅନ୍ତ ଘଟିବ ତାହାକୁ ବୁଦ୍ଧିଜୀବୀ ଅପେକ୍ଷା କରିଛନ୍ତି ।

( ଲେଖକ)

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ – 9861145687

ବେଦାନ୍ତୀର ଆଗାମୀ ସଂଖ୍ୟା ମଇ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅପ୍ରେଲ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଆମ ଓଡିଆ



ସୌମ୍ୟ ରଞ୍ଜନ ପାଲ

ୱାଇଗୃର୍ ଏଠି ବଢିଲାଣି ହେଲେ
ପରିବାର ସୁଖ ନାହିଁ,
ଜନନୀ ଆଖିରୁ ଗଡୁଅଛି ଲୁହ
ଝିଅ ଫୋନେ ସିଏ ବାଇ ।
ଫକୀର ମୋହନ ଜିଇଁଛନ୍ତି ଆଜି
ମୂରତି ଲଗା ହଷ୍ଟେଲେ,
ଓଡିଆ ପଣିଆ ଦାଦନ ଖଟୁଛି
ନାଲିପାଣି ଦ୍ୱାର ଠେଲେ ।
ସାମାଜିକ ସେଇ ଗଣମାଧ୍ୟମରେ
ଦେଖିବ କେତେ ଯେ ଭିଡ,
ହେଲେ ବାସ୍ତବରେ କଣ୍ଟା ଫୁଟିଗଲେ
ଖୋଜାପଡେ ଶକ୍ତ ନୀଡ ।
ପଢିବାକୁ ସତେ ବେଳ ଅଛି କାର
ଦାଗ ମାରିବାରେ ବାଇ,
କେତେବେଳେ ଏଠି ସାଜନ୍ତି ବଉଳ
କା ପାଇଁ ଅବେଳେ କାଇ ।
କଙ୍କଡା ଖାଇଣ କଙ୍କଡା ଜାଟିର
ଦେଲେ ଚରିତ୍ର ବଦଳ,
ଜଗନ୍ନାଥେ ପ୍ରଭୁ ଖଣ୍ଡା ଧର ଯେନ
ମଥା ଟେକୁ ସ୍ୱାର୍ଥ କଳ ।

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା।

# ମିଛ ବି ମିଠା ସତ ବି ମିଠା



ନରେନ୍ଦ୍ର ସାହୁ

ସତ ଆଉ ମିଛ ଦୁଇ ଗୋଟି ଶବ୍ଦ
ଏବେ ମଧ ବୁଝୁ ନାହିଁ,
ଶିଶୁରୁ ମୁଁ ଯୁବ, ଯୁବରୁ ବୟସ୍କ
ହେଲି ପଛେ ଯେତେ ମୁହିଁ।

ସତରେ କ ଅବା ଲୁଚ ରହିଅଛି
ପିଲ୍ବେଳ ମିଥ୍ୟା ଯାତ,
ଆଜି କାଲି କହି, ବାପା ଯେ ଭଣ୍ଡେଇ
ଖୁସି ଦେଉଥିଲେ ନତ୍ୟ ।

ଜହ୍ନମାମୁଁ ଆମ ଆସିବରେ ଧନ
ମାଆ ଦେଥିଲ୍ କହି,
ମିଠା ଲ୍ଗୁଥିଲ୍ ମିଥ୍ୟାର ବଚନ
ଜହ୍ନ ନ ଆସିଲେ ବି ନାହିଁ।

କଥା ଭୂତ ପ୍ରେତ ନୁହଁଇ ତ ସତ
ଜାଣିଲେ ବି ଆଜି ମୁହିଁ,
ପ୍ରଗାଢ ନଦରେ ଶୋଇ ପଡୁଥିଲି
ବୁଢୀ ମାଆ ଦେଲେ କହି।

ଗାଆଁ ଗୁହାଳୀର ବାଣୀ ଶିକ୍ଷକଙ୍କର
ସତ କ ମିଛ ଅଜଣା,
ମିଛ ଭାବେ ସତ, ସତ ଭାବି ମିଛ
ହେଲି ନାହିଁ ବାଟବଣା।

ଏସବୁ ମିଛରେ ଲୁଚ ରହୁଥିଲା
ହସଖୁସି ଭରା ଗନ୍ଧ,
ସତ ନାହିଁ ହେଲେ ମିଠା ଲାଗୁଥିଲା
ଅନୁଭବେ ନାହିଁ ଦ୍ୱନ୍ଦ।

ମିଥ୍ୟା ଶୁଣି କରି ଦେବା ଯେ ପାଶୋରି
ଲାଗିଲେ ବି ମିଠା ସେହି,
ସତ କୁହ ସଦା ମନରେ ବିଗ୍ଭରି
କଷ୍ଟ ନ ଲାଗିବ ଭାଇ।

ଡଭାର, ଗଂଜାମ

# ମହାମାନବ



ସତ୍ୟନାରାୟଣ ଗନ୍ତାୟତ

ମୂର୍ତ୍ତି ବନ ସାରିଥିବା ମହାମାନବଙ୍କୁ ଆହୁରି ଡେଙ୍ଗା କରି ଦିଆଗଲା ।

ଦୈନ୍ୟର ପାହାର ଖାଇ ଖାଇ ଏଇନେ ଆହାର ପାଇଁ ଉହଳ ବିକଳ ହେଉଥିବା ନାମକୁ ମାତ୍ର ମଣିଷଟେ ମୂର୍ତ୍ତିର ମହାମାନବଙ୍କ ନଭଶ୍ଚୁମ୍ବୀ ଚେହେରା ଦେଖି ଆଚମ୍ବିତ ହୋଇଗଲା ।

ଠିକ୍ କାଲି ସବୁଥର ପରି ଆଜି ସଂଧ୍ୟାରେ ବି ସେ ମୋଟା ଚଷମା ପିନ୍ଧା ପିଲାଟି ପଥପ୍ରାନ୍ତ ଲାଇଟ୍ ପୋଷ୍ଟ ତଳେ ପଢିବାକୁ ଆସିଲେ ତା'କୁ ଜରୁର୍ ଏଇଆ ପଚାରିବ : ହେରେ, ଆଜିଯାଏ କିଆଁ ମିଛ କହୁଥିଲୁ ଯେ ମୂର୍ତ୍ତିର ଏଇ ମହାମାନବ ଆମ ପରି ଛୋଟ ମାପର ମଣିଷଙ୍କ ସହ ମିଶି ନିଜେ ସେଇଆ ହୋଇ ଯାଇଥିଲେ ବୋଲି ?

ସୁହାସିତମ୍, କସ୍ତୁରୀ ନଗର, ରାୟଗଡା ୭୬୫୦୦୧

# ଖ- ଗ ଚରିତ



ପ୍ରତିଭା ପ୍ରିୟଦର୍ଶିନୀ

କୌଣସି ଏକ ଦେଶରେ ଥିଲେ ଦୁଇଟି ପ୍ରାଣୀ। ଗୋଟିଏ ଗଧ ( ଯାହାକୁ ଆମେ ଏଠି ଗ ନାମରେ ଚହ୍ନିବା) ଓ ଗୋଟିଏ ଖଚର ( ଯାହାକୁ ଆମେ ଏଠି ଖ ନାମରେ ଚହ୍ନିବା) । ଦୁହେଁ ପରସ୍ପର ପରିଚତ ଥିଲେ, ଯଦିଓ ସେମିତି କୌଣସି ଭାବ ଲଗା ସମ୍ପର୍କ ନଥିଲା। ଗ ତା ବାଟରେ ଓ ଖ ତା ବାଟରେ ନିଜ ନିଜ କର୍ମ ଆଦରି ବଞ୍ଚୁଥିଲେ। ଏମିତି ଗୋଟାଏ ବସନ୍ତ ସଞ୍ଜରେ ଘାସ ଚରୁ ଚରୁ ଭେଟହେଲେ ଦୁହେଁ । ଗ ଖୁବ ଆଗ୍ରହ ରେ ସମ୍ଭାଷଣ ଜଣେଇଲା। ଏଇ ଗ ବାକି ଗଧଙ୍କ ଭିତରେ ଭିନ୍ନ ବାରି ହୋଇପଡେ ତା ଅପେକ୍ଷାକୃତ ସଫେଦ ରଙ୍ଗ, କଠିନ ଶ୍ରମ ଓ ଆଖି ଦୃଶିଆ ଶାନ୍ତ ( ତୁଚ୍ଛା ରେ ଢେଁଚୁ ଢେଁଚୁ କରି ଶବ୍ଦ ପ୍ରଦୂଷଣ କରେନି) ସ୍ୱଭାବ ଯୋଗୁଁ । ଗ କୁ ଦେଖି ଖ ଆଶ୍ଚର୍ଯ୍ୟ ହେଲା, କେମିତି ଏ ପିସ୍ ଟା ତା ଦୃଷ୍ଟିରୁ ଏତେଦିନ ଲୁଚ ରହିଲା !! ଦୁହେଁ ଖୁବ ଗପିଲେ। ନିଜ ପୁରୁଣା ଦିନ ପରସ୍ପର କୁ ଜଣେଇଲେ। ସେଇଠି ଗ ଜାଣିଲା, ଖ କେମିତି ପର ପ୍ରଭାବରେ ଗଧ ରୁ ଖଚର ପାଲଟିଛି। ଆଉ ତାର ଏଇ ରୂପାନ୍ତର ପାଇଁ ଖୁସି ବି ହେଲା।

ତା ପରେ ନିୟମିତ ଦୁହିଁଙ୍କ ସାକ୍ଷାତ ହୁଏ, କଥାବାର୍ତ୍ତା ହୁଏ। ଖ ତା ମଗଜ ଆଉ ତାକତ ବଖାଣ କରେ। ଗ ଶୁଣେ ଆଉ ସୁହୃଦ ବନ୍ଧୁଟିଏ ହୋଇ ଖ କୁ ବରାବର ପ୍ରେରିତ କରେ ତା ଭିତରେ ଥିବା ଘୋଡ଼ା ଅଂଶର ବୈଶିଷ୍ଟ୍ୟ ଚହ୍ନିବାକୁ। କ୍ରମଶଃ ଖ ବି ଘୋଡ଼ା ଟିଏ ଭଳି ଅନୁଭବ, ବ୍ୟବହାର ଓ କାର୍ଯ୍ୟ କଲା। ଏତକ ଦେଖି ଗ ଖୁସିରେ ଆତ୍ମହରା ହୁଏ। ଏତିକବେଳେ ଖ ମୁଣ୍ଡକୁ ବୁଦ୍ଧି ଟେ ଜୁଟିଲା। ସିଏ ଗ କୁ ପ୍ରସ୍ତାବ ଦେଲା, ତୁ କିଛି ଜାନୁଆର ଯୋଗାଡ଼ କର, ମୁଁ ବି କିଛି ଯୋଗଡୁଛି। ଆମେ ଗୋଟେ ଫାର୍ମ ଗଢିବା। କାମ କରିବାକୁ ପଶୁ ଭଡାରେ ଦେବା। ଲାଭ ପଇସା ସବୁ ପଶୁଙ୍କ ଭିତରେ ବାଣ୍ଟିଦେବା। ସଂଗଠିତ ହେଇ

କାମ କରି ଚଳବା । ଗ କୁ ପ୍ରସ୍ତାବ ଭ୍ରି ଭଲ ଲାଗିଲା । ଖ ମଗଜ କୁ ତାରିଫ କରି କରି ତା ପାଟି ଥକୁ ନଥାଏ। ଦୁହେଁ ପଶୁ ଖୋଜି ବାହାରିଲେ।

ଗ ଧରି ଆଣିଲା ଆଉକଛି ଗଧ, କେଇଟା ମେଣ୍ଢା, ଦୁଇ ଗ୍ରିଟା ଲେଖାଏଁ ମାଙ୍କଡ଼, ବିଲେଇ, ପେଗ୍ଯ, କୋକଶିଆଳ ଭଳ ପ୍ରାଣୀ ମାନଙ୍କୁ। ଗ ମୁହଁ ଗ୍ହିଁ ସମସ୍ତେ ଆସିଲେ। ସେପଟେ ଖ ଡାକ ଆଣିଲା ଆଉ ଗୁଡ଼ାଏ ଖଚର, କେଇଟା ଗଧିଆ ଆଉ କଛି ଶାଗୁଣା ମାନଙ୍କୁ। ସମସ୍ତେ ମିଶି ମହମାନ୍ୟ ଖ କୁ ଘୋଡ଼ା କହି ଜୟ ଜୟ କରି ଗଗନ ପବନ କମ୍ପେଇ ଦେଲେ। ଖ ର ପ୍ରସ୍ତାବ ଥିଲା ନୂଆ ଜାନୁଆର ଙ୍କୁ ବେଶୀ କାମ ଦେଲେ ସେଗୁଡା ଫିଡିକ ଯିବେ, ତେଣୁ ଗ ବେଶୀ ଖଟୁ। ତା ଦେଖା ଦେଖି ବାକ ମାନେ ଖଟଣୀ ପାଇଁ ମନ ବଳେଇବେ। ଗ ଖୁସିରେ ଗ୍ଜି ହେଲା। ମରି ପଡି ଖଟିଲା। ମାଟି ବୁହାଇ ଫାର୍ମ ପାଇଁ ଜମି ତିଆରିଲା। ବାଡ଼ ବୁଜିଲା। ଗଛ ଲଗେଇ ପାଣି, ଖତ ଦେଲା। ଗ୍ତି ଦିନ ଏକାକାର କରି କେଇଟା ଦିନରେ ଫାର୍ମକୁ ସବୁଜ ଛନଛନ କରି ଗଢି ତୋଳଲା। ବାକ ଜାନୁଆର ମାନେ ବି କାଁ ଭାଁ ସାହାଯ୍ୟ କରନ୍ତି। କଏ ଗଛ ମୂଳେ ପାଣି ଗିଲାସେ ଢାଳଦିଏ, ଆଉ କଏ ସାର ମୁଠେ ଛାଟି ଦିଏ।

ଗ ନୟମିତ ନଷ୍ଠାପର କାମ କରିଥାଏ ଖର୍ ରେ ସିଝି, ବର୍ଷାରେ ଭିଜି ଆଉ ଶୀତରେ ଥରିଥରି। ବାକ ସମସ୍ତେ ଫାର୍ମ ହାଉସ ଛାତ ତଳେ ବସି ଗ୍ଦର ସିଲେଇରେ ବ୍ୟସ୍ତ ରହନ୍ତି। ଗ ଦୂରରୁ ଦେଖି ଖୁସିହୁଏ, ଏତେ ଗ୍ଦର କେତେ କାମରେ ନଆସିବ ସତେ। କ୍ଷଣିକ ଦେଖି ପୁଣି ନଇଁପଡ଼ି କାମରେ ମନଦିଏ।

ଦିନକର କଥା, ଉଦୁଉଦିଆ ଖର୍ବେଳ, ଗ ଫାର୍ମ ବାଡ଼ ରୁ ନର୍ମୂଳ ହଟେଇବା ରେ ଲାଗିଥାଏ। ଦୂରରୁ ଖ ଡାକ ଦେଇ କହିଲା, "ଏ ଗ ! ତୁ ପଳା, କାଲିଠୁ ଆଉ କାମକୁ ଆସିବୁନ। ଆମର ଏଠି ନୂଆ ଫ୍ୟାକ୍ଟ୍ରି ହେବ। କୁଶଳୀ କାରିଗର ଲାଗିବେ। ତୁ ସେଥିକ ଫିଟ ହେବୁନ। ଯା... ପଳା।" ଗ କଛି ବୁଝି ପାରିଲା ନାହିଁ। ଢବ ଢବ କରି ଗ୍ହିଁଥାଏ ଖ କୁ। ମନେ ମନେ ଭ୍ବୁଥାଏ ସେ କଣ ଏଠି ମଜୁରିଆ ଥିଲା ? ହେଲେ ତା ସରଳ ମଗଜ କଛି ବୁଝି ପାରିଲା ନାହିଁ। ସେ ଚୁପଗ୍ପ ଗ୍ଲିଗଲା ସେଠୁ।

ମନେ ମନେ ଭାରି କଷ୍ଟପାଏ। କେତେଥର ଭାବେ ଖ କୁ ଯାଇ ପଗ୍ଭରିବ କାହିଁକି ଏମିତି ତଡିଦେଲା ବୋଲି। ହେଲେ ବିବେକ କହେ, "ମଜୁରିଆ କହି ଲେଉଟାଇ ଦେଲା, ତାକୁ ପଗ୍ଭରିଗଲେ ତୋ ପୁରୁଣା ପରିଚତ ନୁହଁ ମାଲିକାନା ମୁହଁ ନେଇ ସେ ଉତ୍ତର ଦେଲେ ତୁ କ ସହି ପାରିବୁ? ଯା, କାମରେ ଲାଗ। ଖଟିବୁ, ବଞ୍ଚିବୁ।" ଗ ପୁଣି କାମ କଲା। ନଜ ଶ୍ରମ ଖଟେଇ ସୁନ୍ଦର କ୍ଷେତ ଗଢିଲା। କେତେ କେତେ ଜୀବ ଖାଦ୍ୟ ପାଇଲେ। ହୁଡା ଉପରେ କେତେ ଚଢେଇ କଚରି ମିଚରି ହୁଅନ୍ତି। ସେତିକ ଦେଖି ଗ ର ଥକା ମେଣ୍ଟିଯାଏ।

ଦିନେ ଯାଉ ଯାଉ ଦୂରରୁ ଦୃଷ୍ଟିରେ ପଡ଼ିଲା ଖ ର ସେଇ ଫାର୍ମ। ଫାର୍ମରେ ଆଉ ଆଗ ଭଳ ସବୁଜିମା ନଥିଲା। ମାଟିରୁ ନୁହଁ, ପଥର ଆଉ ପ୍ଲାଷ୍ଟିକ କୁଣ୍ଡରୁ ଉଠିଥିଲେ କେଇଟା ରଙ୍ଗ ବେରଙ୍ଗ ଗଛ। ବାଡ଼ ସାରା ଭର୍ତ୍ତି ହୋଇଥିଲା ନର୍ମୂଳ। ଦୂର ମୁଣ୍ଡରେ ସେ ଫାର୍ମ ହାଉସ ରେ ଏବେ ବହୁତ ଗହଳ। ସବୁ ଜନ୍ତୁ ଜନ୍ତୁ ଏକା ଭଳ ଦିଶୁଛନ୍ତି। କୌତୁହଳ ରେ ଟିକେ ପାଖେଇ ଯାଇ ଦେଖିଲା ବେଳକୁ ସମସ୍ତେ ଘୋଡେଇ ହେଇଛନ୍ତି ଘୋଡା ଭଳ ଦିଶୁଥିବା ଗୋଟାଏ ଲେଖାଏଁ ଗ୍ଭଦର, ହଁ ସେଇ ଗ୍ଭଦର ଯାହାକୁ ସମବେତ ଭାବେ ବୁଣୁଥିଲେ ନଜ ନଜ ପାଇଁ ଢେର ଦିନତଳେ।

ଗ ଦୀର୍ଘଶ୍ୱାସ ଟେ ପକାଇ ଉର୍ଦ୍ଧ୍ୱକୁ ଗ୍ଭହିଁଲା, ସଦବୁଦ୍ଧି ଦିଅ ସଭିଙ୍କୁ, କହି ତା ବାଟରେ ବାହାରିଗଲା। ସେପଟେ ଫାର୍ମ ହାଉସରୁ ଶୁଭୁଥିଲା ସମବେତ କଣ୍ଠରେ ଘୋଡା ହ୍ରେସା ର ଅଭ୍ୟାସ.....

( ବି.ଦ୍ର. କାହାଣୀ ଟି କାଳ୍ପନକ ଏବଂ ଏକ ମେଣ୍ଢା ପଲ ଙ୍କ କାହାଣୀରୁ ଅନୁପ୍ରାଣିତ। କୌଣସି ବ୍ୟକ୍ତି ବିଶେଷ ଙ୍କ ସହିତ କାହାଣୀର ପ୍ରତ୍ୟକ୍ଷ ଅବା ପରୋକ୍ଷ ସମ୍ବନ୍ଧ ନାହିଁ। ତଥାପି ଯଦି କେହି ମହାନୁଭବ ଦେହକୁ ନେଲେ ତାହା ତାଙ୍କ ନଜ ବିବେକ ଆଧାରିତ ହେବ, କାରଣ ଭୁଲ କରିଥିବା ଲୋକକୁ ପ୍ରତ୍ୟେକ ଆଙ୍ଗୁଳ ତା'ରି ଆଡେ ଉଠିଥିବା ପରି ଲାଗେ, ସେଥିପାଇଁ ଲେଖିକା ଦାୟୀ ନୁହେଁ)

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# ତଥାପି ଗାଆଁଟା ବାସୁଛି



ଶିଶିର କୁମାର ପଣ୍ଡା

ଆମ ଗାଆଁ ଆଉ ଗାଆଁ ପରି ନାହିଁ
କୋଠା ହୋଇଗଲାଣି ଗୋଟାକୁ ଗୋଟା
ଆଗପରି କେହି ବିଲକୁ ଯାଉନ
ହାତରେ ଧରିକ ପିତଳ ନୋଟା ।
ପଢ଼ିଆ ଗଢ଼ିଆ ଗନ୍ଧଉ ନାହିଁକ
ଅସନା ହଉନ କୋଉଠି ଆଉ
ଟଙ୍କିକା ଗ୍ରୃଉଲ ପାଉଛି ବୋଲିକ
ମୁଢ଼ି ବିକୁନାହିଁ ବଳଆ ସାହୁ ।
ବିଲବାଡ଼ି ସବୁ ଘାସରେ ପୂରିଛି
ଚରିବାକୁ ନାହିଁ ବଳଦ ଗାଈ
ଫକୀର ଭାଇଟା ଦିନବେଳେ ଶୋଇ
ଘଡ଼ିଘଡ଼ି ଖାଲି ମାରୁଛି ହାଇ ।
ପାଇପ୍ ରେ ପାଣି ଗାଆଁକୁ ଆସୁଛି
କଳ ଖୋଲିଦେଲେ ପଡୁଛି ଝରି
ଶୁଣୁଛି ସୁକୁଟା ଦାଦୀଟା କୁଆଡ଼େ

ତିନମାସ ହେଲା ଗଲାଣି ମରି ।
ଗାଆଁରୁ ଏମୁଣ୍ଡ ସେମୁଣ୍ଡ ଗଣିଲେ
ଆଠଟା ହୋଇବ ମାରୁତି ଗାଡ଼ି
ଗାଆଁଟୋକା ଏବେ କଥା କଥାକରେ
ଘରୁ ଆଣୁଛନ୍ତି ପିସ୍ତଲ କାଢ଼ି ।
ତଥାପି ଗାଆଁଟା ଗାଆଁ ପରି ଲାଗେ
ଉଠୁପଛେ ସେଠି ଗଞ୍ଜେଇ ଧୂଆଁ
ଅଛି ସେ ମାଟିରେ ମମତା ମହକ
ପବନ ଅଟେ ତା' ହୃଦୟ ଛୁଆଁ ।

କୁଆଁସ, ମେରଦା କାଟିଆ, ଯାଜପୁର



# ଭକତ ବନ୍ଧୁ



ବିଭୁତି ଭୁଷଣ ସାମଲ

ଭକତକୁ ତୁମେ ବନ୍ଧୁ ଭାବ ବୋଲି
ତୁମେ ତ ଭକତ ବନ୍ଧୁ
ସାଗରଠୁ ବଳ କରୁଣା ଭଣ୍ଡାର
ତୁମେ ତ କରୁଣା ସିନ୍ଧୁ( ୧)

ଦଇତ ମାନଙ୍କ ଅରି ବୋଲି ତୁମେ
ନାମ ତୁମ ଦଇତାରୀ
ଅସୁର ସ୍ୱଭାବ ଥାଏ ଯାହାଠାରେ
ତୁମେ ତାହାର ବଇରୀ( ୨)

ଗିରି ଗୋବର୍ଦ୍ଧନ କରିଲ ଧାରଣ
ତୁମେ ଗୋବର୍ଦ୍ଧନ ଧାରୀ
ରଖିଲ ଗୋପାଳ ଧେନୁଙ୍କୁ ସକଳ
ଇନ୍ଦ୍ର ଗର୍ବ ଖର୍ବ କରି ( ୩)

ସୁଦର୍ଶନ ଚକ୍ର କରିଛ ଧାରଣ
ବୋଲାଇଲ ଚକ୍ରପାଣି
ମନ ଜାଣି ଫଳ ଦିଅ ଆଦିମୂଳ
ଭକତର ମନଜାଣି ( ୪)

ଏ କଳ ଯୁଗରେ ଶ୍ରୀକ୍ଷେତ୍ର ଧାମରେ
ବିଜେ ପ୍ରଭୁ ଜଗନ୍ନାଥ
ଅନାଥର ନାଥ କରୁଅଛ ଯାତ
ଲକ୍ଷ୍ମୀଦେବୀ ପ୍ରାଣନାଥ( ୫)

ଭ୍ବରେ ଅଇଁଠା ଭ୍ବରେ ଗୋଇଠା
ଭ୍ବେ ଖାଇ ଶାଗଭଜା
କଦଳୀରୁ ଗୈପା ଭକ୍ତ ମୁଣ୍ଡେ ଅଠା
ପଣସ ଖାଇବା ମଜା( ୬)

କରମା ବାଇର ଖେଚୁଡି ଖାଇଲ
ସବୁଦିନ ମାଗି ମାଗି
ବନ୍ଧୁ ମହାନ୍ତିକୁ ଖାଇବାକୁ ଦେଇ
ଗୈରିରେ କରିଲ ଭ୍ଗି( ୭)

ଭକ୍ତ ସାଲବେଗ ଡାକଲେ ଆକୁଳେ
ରଥ ଅଟକାଇଥିଲ
ଆଶାରୁ ଅଧିକ ଦେଉଅଛ ବେଶୀ
ମୋତେ ଚରରଣୀ କଲ ।( ୮)

କନଷ୍ଠ ଯନ୍ତ୍ରୀ,
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଶାଖା,
କୁଳଅଣା

# ପ୍ରଭୁ କୃପା ପାଇବ



ପ୍ରଶାନ୍ତ କୁମାର ନାଥ

ମନ୍ଦିରକୁ ଯାଇ ପୂଜୁଛ ଠାକୁର
ଭକ୍ତିଭାବ ମନେ ଭରି
ଭାବୁଛ ଠାକୁରେ ତୁମରି ମନରେ
ବସିଯିବେ ଘର କରି ।

ପ୍ରଭୁଙ୍କୁ ପାଇବ ତୁମ ଅଗଣାରେ
ପିତାମାତା ସେବୁଥିଲେ
ତାଙ୍କ ଆଶୀର୍ବାଦ ଜୀବନ ତୁମର
କଟିଯିବ ପୁରା ଭଲେ ।

ଅନ୍ତର କନ୍ଦେଇ ମନ୍ଦିର ଧାଇଁଲେ
ପାଇବକ ପ୍ରଭୁ କୃପା ?
ପିତାମାତା ସେବା କରୁଥାଏ ଯିଏ
ହୁଏସେ ଜଗତଜିତା ।

ଭାବୁଛକ ତୁମେ ଲାଞ୍ଚ କଛି ଦେଲେ
ନଜର ହୋଇବେ ପ୍ରଭୁ
ଭୋଗରାଗ ଆଉ ଦକ୍ଷିଣା ଯାଚଣ
କରିନେବ ତୁମେ କାବୁ ।

ଅଦୃଶ୍ୟ ଭାବରେ ଠାକୁର ଅଛନ୍ତି
ସବୁଠାରେ ବିଦ୍ୟମାନ
ଗୁରୁ ଗୁରୁଜନ ସେବା କରୁଥିଲେ
ଜିଣିବ ତାଙ୍କରି ମନ ।

ସାହାଯ୍ୟ କରିବ ଅଭାବୀ ଲୋକଙ୍କୁ
ପ୍ରଭୁ ହୋଇଯିବେ ଖୁସି
ଦୁଃଖୀ ରଙ୍କି ଦେଖି ଦାନ କରୁଥିବ
ଦିନ କଟିଯିବ ହସି ।

ନର ଦେହେ ପରା ନାରାୟଣ ଥାନ୍ତି
ଏକଥା ରଖିବ ମନେ
ତାଙ୍କରି ସେବାରେ ପ୍ରଭୁ କୃପା ପରା
ତୁମେ ଯେ ଲଭିବ ଦିନେ ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

# ମାନିଲେ ଦେବତା ନ ମାନିଲେ ପଥର



ଡକ୍ଟର ବିଜ୍ଞାନୀ ଦାସ

ଆଜି ସରକାରୀ ବନ୍ଦ ର ତୃତୀୟ ସପ୍ତାହ । କଛି କାହିଁକି ଭଲଲାଗୁନି । ଆମେରିକାନ୍ ମିଟିଓରୋଲୋଜି ସୋସାଇଟିର (ଏ.ଏମ୍.ଏସ୍) ମିଟିଙ୍ଗ୍ ଥିଲା ଫିନିକ୍ସ, ଆରିଜୋନାରେ, ଯାଇହେଲାନି । କଂପାନୀ ତରଫରୁ ଜାନୁୟାରୀ ୩ ତାରିଖରେ ଇମେଲ୍ ଆସିଲା ଯେ, "ଯେଉଁମାନେ ଏ.ଏମ୍.ଏସ୍ ଯିବାପାଇଁ ହୋଟେଲ୍ ଓ ଏୟାର୍‌ଲାଇନ୍ ଟିକେଟ୍ ବୁକ୍ କରିଛ, ସବୁ ଖାରଜ କର । ଯଦି ଆସନ୍ତା ସପ୍ତାହରେ ସରକାର ଖୋଲିଲା ତ, ପୁଣି ଥରେ ଟିକେଟ୍ କରିବ ଓ ହୋଟେଲ୍ ବୁକ୍ କରିବ ।" ସୁମନାର ମନହେଲା କି ସିଏ ଏ ମୁହୂର୍ତ୍ତରେ ଏ ଚାକରିଟି ଛାଡିଦିଅନ୍ତା ଓ ଅନ୍ୟ କେଉଁଠାରେ ଚାକରି କରନ୍ତା । ଏମିତି ହଟହଟା ହେବାଟା ଭାରି ଦୁଃଖ ଦେଉଥିଲା । କେତେସବୁ ପାହାଚ ଦେଇ ସିଏ ଏ ମିଟିଙ୍ଗ୍ ପାଇଁ ସ୍ୱୀକୃତି ପାଇଥିଲା, ହେଲେ ଏବେ ସବୁ ବନ୍ଦ । ଅନ୍ତତଃ ୟୁନିଭର୍ସିଟିରେ କାମ କରୁଥିବା ବେଳେ ଏମିତି ହଟହଟା ହେବାକୁ ପଡୁନଥିଲା । ତାପରେ କେଉଁଠିକୁ ସଂକ୍ଷିପ୍ତ ସାରାଂଶ (ଆବସ୍ଟ୍ରାକ୍ଟ) ପଠାଇବା ମଧ୍ୟ ସହଜ ଥିଲା । ହେଲେ ଏ ସରକାରୀ ସଂସ୍ଥାରେ କାମ କରି ଯାବତୀୟ ସମସ୍ୟା । ପ୍ରଥମରେ ତ ଆବସ୍ଟ୍ରାକ୍ଟ୍ ଟିଏ ଲେଖିକରି ଅନୁମୋଦନ ଆଣିବା ପର୍ଯ୍ୟନ୍ତ ଯାବତୀୟ ସ୍ତର ଦେଇ ଯିବାକୁ ପଡିବ । ପ୍ରଥମେ କଂପାନୀକୁ ଲେଖିବ, କଂପାନୀ ତାର ପ୍ରମୁଖ ଠିକାଦାରକୁ ଲେଖିବ, ସିଏ ପୁଣି ସରକାରୀ ସମୀକ୍ଷକ ପାଖକୁ ଦସ୍ତଖତ ପାଇଁ ଯିବ ଓ ତାପରେ ଡିପାର୍ଟମେଣ୍ଟ ଡାଇରେକ୍ଟର ଦସ୍ତଖତ ପାଇଁ ଯିବ । ଏତେ ସବୁ ହୋଇସାରିବା ପରେ ବି ପୁଣି ଏମିତି ଦୁର୍ଯୋଗ ଅପେକ୍ଷା କରି ବସିଥିଲା । ସେ ଟ୍ରମ୍ପ୍ ମୁଣ୍ଡର କଣ ପଶିଲା କେଜାଣି, ସରକାର ବନ୍ଦ କରିଦେଲା ।

ସୁମନା ଏକା ମେରୀଲାଣ୍ଡରେ ରହେ । ତାର ସ୍ୱାମୀ ନର୍ଥ କାରୋଲିନାରେ ରୁହନ୍ତି । ଭାଗ୍ୟକୁ ଏପର୍ଯ୍ୟନ୍ତ ପିଲାପିଲି କଛି ହୋଇନି, ନହେଲେ କେମିତି କଣ କରିବାକୁ ପଡନ୍ତା, କଏ

ଜାଣେ ? ସିଏ ସ୍ୱାମୀ, ସ୍ତ୍ରୀ ଦୁଇଜଣ ପି.ଏଚ୍.ଡି. କରି ଭଲ କଲେ କି ଭୁଲ୍ କଲେ ଏପର୍ଯ୍ୟନ୍ତ ବୁଝିପାରନ୍ତିନ । ସୁମନାର ସ୍ୱାମୀ ପ୍ରମୋଦର ଦାଦା ପୁଅ ଭାଇ ବିନୋଦ ଭାରତରେ କଣ ସଫ୍ଟୱେୟାରରେ ଟ୍ରେନିଙ୍ଗ୍ ନେଇ ଏଠି ପହଞ୍ଚିଗଲା ଯେ, ବର୍ଷକୁ ଶହେ ହଜାରରୁ ଅଧିକ ଦରମା ପାଉଛି । ତାର ପତ୍ନୀ ଅନୁସ୍ମା ଏଇଠି ଆସି କଣ ଗୋଟିଏ ଇନଫରମେସନ୍ ସାଇନ୍ସ ରେ କୋର୍ସ କରିପକେଇଲା, ଏବେ ସିଏ ବି ଶହେ ହଜାର ଡଲାର୍ ପାଖାପାଖି ଦରମା ପାଉଛି । ସେମାନଙ୍କର ଯୋଡିଏ ପୁଅ, ଝିଅ ହେଲେଣି । ସେମାନେ ନିଜ ଘର କିଣିଲେଣି, ବିଶେଷ କରି ଅତି ଭଲରେ ଅଛନ୍ତି । ସେମାନଙ୍କ ତୁଳନାରେ ସୁମନା ଓ ପ୍ରମୋଦଙ୍କ ଜୀବନ କେତେ ସଂଘର୍ଷ କରି ଚାଲିଛି । ନା, ସେମିତି ରୋଜଗାର ଅଛି, ନା ସ୍ଥାୟୀତ୍ୱ । ଭାଗ୍ୟ ବଶତଃ ସୁମନାକୁ ଏ କଂପାନୀ କେମିତି କାମ ଦେଇଦେଲା । ତାକୁ ଚାକିରି ମିଳିଯିବା ପରେପରେ ସରକାର ନିୟମ କରିଦେଲା ଯେ ଆମେରିକାନ୍ ଜାତୀୟତା କି ଗ୍ରିନ୍‌କାର୍ଡ ନଥିବା ବ୍ୟକ୍ତିମାନଙ୍କୁ ସେମାନେ ଚାକିରି ଦେଇପାରିବେନି । ସେଥିପାଇଁ ପ୍ରମୋଦକୁ ଏଠି କିଛି ମିଳିପାରିଲାନି । ତେଣୁ ସିଏ ନର୍ଥ କାରୋଲିନାରେ ପୋଷ୍ଟ ଡକ୍ଟରାଲ କାମ ଅବ୍ୟାହତ ରଖିଛନ୍ତି ।

ସେମାନେ ବେଳେବେଳେ ବିନୋଦ ଓ ଅନୁସ୍ମାଙ୍କ ଘରକୁ ଯାଆନ୍ତି, ପିଲାମାନଙ୍କ ଜନ୍ମଦିନରେ ହେଉ କି ଛୁଟି ସମୟରେ । ସେଇଠି ଆଲୋଚନା ହୁଏ । ବିନୋଦ କହେ, "ଭାଇ, ମୁଁ ତ କହିବି ତମେ ଏବେ ପରିବାର ଗଢ, ନହେଲେ କେତେଦିନ ଅପେକ୍ଷା କରିବ ? ଯାହାହେଲେ ଭାଉଜଙ୍କର ତ ସ୍ଥାୟୀ ଭଲ ଚାକିରି ଅଛି । ଡେରିହେଲେ କଣ ଅସୁବିଧା ହେବ, କିଏ ଜାଣେ ? "

ଓଡିଶାରୁ ଶାଶୁ, ଶ୍ୱଶୁର ଫୋନରେ ପଚାରନ୍ତି । "ବିନୋଦ, ଅନୁସ୍ମାଙ୍କର ପିଲାମାନେ ଏତେ ବଡ ହେଲେଣି । ତମେମାନେ କିଛି ତ ଶୁଭ ସମ୍ବାଦ ଦିଅ । ଆମମାନଙ୍କୁ ଉତ୍ତରଦାୟାଦର ଖୁସି ଖବର ଆଉ କେବେ ମିଳିବ ? ''

ନଣନ୍ଦ ବି ସେମିତି କୁହନ୍ତି । "ତମେମାନେ ଏତେ ପାଠ ପଢି ଏ ପର୍ଯ୍ୟନ୍ତ ସେଟ୍‌ଲ୍ ହୋଇପାରିନ ? ଆଉ ବିନୋଦ କେଉଁ ଅନାମଧେୟ ପ୍ରାଇଭେଟ୍ ଇଂଜିନିୟରିଙ୍ଗ୍ କଲେଜରେ ପାଠ ପଢୁଥିଲା । ସିଏ ଏତେ ରୋଜଗାର କଲାଣି, ସେଟ୍‌ଲ୍ ହୋଇଗଲାଣି । ତମମାନଙ୍କର

କ୍ୟାରିୟର୍ ଫାଷ୍ଟ୍ କ୍ଲାସ୍, ହେଲେ ଜୀବନ ଏମିତି ସଂଘର୍ଷମୟ । ଭାରତକୁ ଫେରିଆସୁନ କାହିଁକି ? ଏଠିତ ଏବେ ସମସ୍ତଙ୍କର ଦରମା ବହୁତ ଭଲ ସ୍କେଲରେ ମିଳଲାଣି ।"

ସୁମନା ମଧ ସେମିତି ଭାବେ । ବେଳେବେଳେ ମନହୁଏ, ଅନ୍‌ଲାଇନରେ କଛି ସଫ୍ଟୱେୟାର୍ କୋର୍ସ କରି ପୂରା କ୍ୟାରିଅର୍ ବଦଳେଇ ଦିଅନ୍ତା । ସାରା ଛାତ୍ରୀ ଜୀବନରେ ସିଏ ଭଲ କରିଆସିଛି । କୌଣସିଥିରେ ହାରିଯାଇନ କ କୌଣସି ଚ୍ୟାଲେଞ୍ଜରୁ ହଟିଯାଇନ । ଯେ କୌଣସି ନୂଆ ପାଠକୁ ନଜ ସାଧନା ଓ ଶ୍ରମ ବଳରେ ଆୟତ କରିପାରିବାର ବିଶ୍ୱାସ ତାର ଅଛି । ହେଲେ ପୁଣି ମନରେ ଚନ୍ତା କରେ, "ଏତେ କଷ୍ଟ କରି ଏ ମିଟିରିଓଲୋଜି ବିଷୟଟିକୁ ମୁଁ ଆୟତ କରିଛି । ଏତେ ସହଜରେ ଛାଡିଦେବି ? ସଫ୍ଟୱେୟାରରେ ତ ସମସ୍ତେ କାମ କରିପାରିବେ । ହେଲେ, ଏ ବିଷୟରେ ଜ୍ଞାନ ଆହରଣ ନ କରିଥିବା ବ୍ୟକ୍ତି କଣ ସହଜରେ କଛି କାମ କରିପାରିବେ ? ନା, ମୁଁ ଏ ବିଷୟକୁ ଛାଡିପାରିବିନ ।"

ଗବେଷଣା ସମ୍ବନ୍ଧୀୟ ସନ୍ଦର୍ଭ ଲେଖିବା, ଜର୍ଣ୍ଣାଲରେ ପ୍ରକାଶିତ କରେଇବା, କନ୍‌ଫରେନସ୍‌ରେ ଯାଇ ପ୍ରେଜେଣ୍ଟ୍ କରିବା, ସେ ସୁଖ, ସେ ପୁଲକ ସତରେ ଅନ୍ୟ ରକମର । ସେସବୁ ବାଦ ଦେଇ, ସିଏ ତା ଜୀବନ ଅତିବାହିତ କରିବା ଦୁରୂହ ହେବନ କ ?

ସେଇକଥା ପ୍ରମୋଦ କୁହନ୍ତି । "ଦେଖ, ମାନଲେ ଦେବତା, ନ ମାନଲେ ପଥର । ଆମେମାନେ ଉଚ୍ଚଶିକ୍ଷାକୁ ଜୀବନର ମାନ ବୋଲି ମାନନେଲେ ଓ ସେଥିରେ ଆଗ୍ରହୀ ହେଲେ। ବିନୋଦ ଓ ଅନ୍ୟମାନେ ଅନ୍ୟ ରକମର ଜୀବନକୁ ମାନନେଲେ ଓ ସେମାନେ ତାଙ୍କ ଚାହୁଁଥିବା ଜୀବନ ବଞ୍ଚିଲେ । ତୁମେ ସେଥିପାଇଁ ତୁଳନା କରି ଦୁଃଖ କାହିଁକି ପାଉଛ? "

"ହଁ ସେଇକଥା । ଦେଖୁନ, ଟ୍ରମ୍ପ୍‌କୁ ଆମେ ଜୋକର୍ ବୋଲି ମାନୁଥିଲେ । ହେଲେ କେତେଲୋକ ତାକୁ ନେତା ବୋଲି ମାନ ଭୋଟ୍ ଦେଲେ ଓ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି କରେଇଦେଲେ । ଏହାଠାରୁ ବଳ ଆଶ୍ଚର୍ଯ୍ୟ କଥା ଆଉ କଣ ଦେଖିବାକୁ ମିଳବ ।" - ସୁମନା ମନ୍ତବ୍ୟ ଦିଏ ।

ସେଇ ଟ୍ରମ୍ପ୍ ଆଜି ସାରା ଦେଶକୁ ହୁଲ୍‌ସ୍ଥୁଲ୍ କରିଦେଇଛି । ମେକ୍ସିକୋ ଦେଶ ସୀମାରେ ପ୍ରାଚୀର ନହେଲେ, ସିଏ ସରକାର ଖୋଲିବାକୁ ଦସ୍ତଖତ କରିବନ । ଟ୍ରମ୍ପ୍‌ର ଏ ସିଦ୍ଧାନ୍ତକୁ

ଅନେକଜଣ ସମର୍ଥନ କରୁଛନ୍ତି । ଡେମୋକ୍ରାଟ୍ ମାନେ ବି ତାଙ୍କ ଜିଦ୍‌କୁ ନ ଛାଡିବେ ବୋଲି ଜିଦ୍ ଧରି ବସିଛନ୍ତି । ସେମାନଙ୍କୁ ଟିହାଇବା ପାଇଁ ବି ଅନେକ ଅଛନ୍ତି । ଆଉ ଏ ସବୁ ଭିତରେ ଘାଣ୍ଟିଚକଟି ହୋଇ ବିଚରା କଷ୍ଟ ଭୋଗୁଛନ୍ତି ସୁମନା ଭଳି ନିର୍ଦ୍ଦୋଷ ଲୋକମାନେ ।

ମନେ ପଡିଯାଉଥିଲା ଭଦ୍ରକର ହିନ୍ଦୁ, ମୁସଲମାନ ଦଙ୍ଗାର ସମୟ । ୧୯୯୧ ମସିହାର କଥା। ସେତେବେଳେ ସୁମନା ଛୋଟ ଥାଏ, ଆଠବର୍ଷର ହୋଇଥାଏ । ସିଏ ପଡିଶା ଘରେ, ସାଙ୍ଗ ନିତୁ ସାଙ୍ଗରେ ଖେଳୁଥିଲା । ହଠାତ୍ କବାଟରେ ଠକ୍‌ଠକ୍ ହେଲା । ନିତୁର ମା' କବାଟ ଖୋଲିଲେ । ଦୁଇଜଣ ମୁସଲ୍‌ମାନ ଯୁବକ ହଠାତ୍ ଘର ଭିତରକୁ ପଶିଆସି ସବୁ ଜିନିଷ କଣ୍ଟୁଡି ଭାଙ୍ଗିଲେ । ଘରଦ୍ୱାର୍ ଛିନ୍‌ଛାନ୍ କରି ନିତୁର ମା'କୁ ପଚାରିଲେ, "ହେଇ, ତୋ ସ୍ୱାମୀ କୁଆଡେ ଯାଇଛି କି ? ତାର ଭଲ କପାଳ ଆଜି, ଆମ ହାତରୁ ବଞ୍ଚିଗଲା । କହିଦେବୁ ତାକୁ, ଆମେ ଆସିଥିଲୁ, ପୁଣି ଆସିବୁ ।"

ନିଜ ମା' ପ୍ରତି ଏମିତି ବ୍ୟବହାର ଦେଖି ନିତୁର ରକ୍ତ ତାତି ଉଠୁଥାଏ । ହେଲେ ସୁମନାର ମନରେ ଭୟ ଥାଏ । ସେଥିପାଇଁ ରାଗକୁ ନିୟନ୍ତ୍ରିତ କରି ଟେବୁଲ୍ ତଳେ ଚୁପ୍‌ଚାପ୍ ବସି ରହିବାକୁ ସୁମନା ନିତୁକୁ ଇଙ୍ଗିତ ଦେଉଥାଏ ।

ଏମିତି ଧମକ ଦେଇ, ନିତୁ ମା'ର ହାତ ଓ ବେକରୁ ସୁନା ଗହଣା ସବୁ ଲୁଟ୍ କରିନେଇ ସେ ଯୁବକମାନେ ଚାଲିଗଲେ । କେବଳ ଭଗବାନଙ୍କୁ ଧନ୍ୟବାଦ ଯେ, ସିଏ ତା' ମା' ଉପରେ କିଛି ଅତ୍ୟାଚାର କଲେନି କି ପିଲାମାନେ, ଯିଏ କି ଭୟରେ ଟେବୁଲ୍ ତଳେ ପଶି ଯାଇଥିଲେ, ସେମାନଙ୍କୁ ଖୋଜି କିଛି ଗୋଳମାଳ କଲେନି ।

ସେମାନେ ଚାଲିଗଲା ପରେ, ସୁମନା ଡରିଡରି ଯାଇ ନିଜ ଘରେ ପଶିଲା । ତା' ମା'କୁ ନିତୁ ଘରର କାହାଣୀ ବତେଇବା ପରେ, ତା' ମା ତାକୁ ଆଉ କୁଆଡେ ଯିବାକୁ ବାରଣ କଲା । ଗୋଟିଏ ସପ୍ତାହରୁ ଅଧିକ ଦିନ ସେମାନେ ସେମିତି ଡରିହରି ରହିଲେ । କେହି ବାହାରକୁ ବାହାରିଲେନି । ପହରା ଦେଉଥିବା ପୋଲିସ୍ ଆସି ବେଳେବେଳେ ଖବର ଦେଇ ଯାଉଥିଲା ଓ ଖବରକାଗଜ ଦେଉଥିଲା । ସେଥିରେ ଏମିତି ବିଭତ୍ସ କାହାଣୀ ସବୁ ଥିଲା, ସେକଥା ପଢି ମୁଣ୍ଡ କାହାର ଉତ୍ତ୍ୟକ୍ତ ନ ହୋଇ ରହିପାରିବନି ।

ତେବେ ସେ ବୟସରେ ମଧ୍ୟ ସୁମନା ମନରେ ପ୍ରଶ୍ନ ଆସିଥିଲା "ଆରେ ଏ ଲୋକ ତ ସବୁ ଏକା ଆମରି ଭଳି । ତାଙ୍କ ଠାକୁର କାହିଁକି ତେବେ ଅଲଗା ହେଲେ ? ଆଉ ସେ ଠାକୁର ମାନେ ଯଦି ଏତେ ବଡ ଠାକୁର ସବୁ, ଏତେ ବଳଶାଳୀ, ଏମିତି ଜଘନ୍ୟ କାମ କରୁଥିବା ଲୋକମାନଙ୍କୁ ସିଏ ନିଜେ ଆସି ସଂହାର କଲେନି କାହିଁକି ? "

ସ୍କୁଲରେ କେତେଜଣ ସାଥୀ ତାର ମୁସଲ୍‌ମାନ୍ ସଂପ୍ରଦାୟର ଥିଲେ । ପରିସ୍ଥିତି ସବୁ ଠିକ୍ ହୋଇଗଲା ପରେ, ସେମାନେ ସାଙ୍ଗମାନେ ସବୁ ଏମିତି ବିଚ୍ଚାର କରୁଥିଲେ । ହେଲେ ସେ ବିଚ୍ଚାରର କୌଣସି ଉତ୍ତର ନଥିଲା । ତେବେ ସୁମନାର ସେ ମୁସଲ୍‌ମାନ ସାଙ୍ଗମାନେ ଏବେ ସବୁ ବଡବଡ ଜିଲ୍ଲା ଅଧିକାରୀ ପୋଜିସନେ୍ର ଅଛନ୍ତି । ନିତୁ ସତକୁ ସତ ଏବେ ଜଣେ ପୋଲିସ୍ ଇନସପେକ୍ଟର । ସୁମନା ଓଡିଶା ଗଲେ, ସେମାନଙ୍କ ସହିତ ଭେଟ ହୁଏ । ସେମାନେ ସବୁ ବୁଝନ୍ତି, ତଥାପି ମଧ୍ୟ ହିନ୍ଦୁ, ମୁସଲ୍‌ମାନ ଦଙ୍ଗା ଓ ଦେବସ୍ଥାନ କଥା ପଡିଲେ କିଛି କରିପାରନ୍ତିନି । ବେଳେବେଳେ ସାଂପ୍ରଦାୟିକ ବିଷ ଏମିତି ଚରିଯାଏ ଯେ, ସେତେବେଳେ ସାଙ୍ଗ, ସାଥୀ, ମଣିଷତ୍ୱର ଭାବନା କେମିତି ଦୂରେଇଯାଏ । ହଠାତ୍ ଛୋଟ ଘଟଣାରୁ ବଡ ଘଟଣା ଆରମ୍ଭ ହୋଇଯାଏ । ନହେଲେ ୨୦୧୭ରେ କଣ ଏମିତି ପୁଣି ଦଙ୍ଗା ଘଟିଥାନ୍ତା ?

ଜେଜେମା ୧୯୯୧ର ଦଙ୍ଗା ଦିନରୁ ସୁମନାକୁ କେତେ ବୁଝାଏ । "ଦେଖେ, ଆମ ଠାକୁର ହେଲେ ଜଗନ୍ନାଥ । ଆମର ତେତିଶ କୋଟି ଦେବଦେବତା । ତାଙ୍କ ଭିତରେ ସିଏ ହେଲେ ସର୍ବଶ୍ରେଷ୍ଠ । ହେଲେ ମୁସଲ୍‌ମାନ ମାନେ ଆମ ଦେବତାମାନଙ୍କୁ ସହି ପାରନ୍ତିନି । ସେମାନେ ସବୁବେଳେ ଆମମାନଙ୍କର ଦେବାଳୟ ସବୁକୁ ନଷ୍ଟ କରିଦେବା ପାଇଁ ଚେଷ୍ଟା କରିଆସିଛନ୍ତି । ଏମିତି କି ଦେବାଳୟକୁ ଭାଙ୍ଗି ସେ ସ୍ଥାନରେ ମସ୍‌ଜିଦ୍ ଗଢିଛନ୍ତି ସେମାନେ। ତୁ ଟିକେ ସେମାନଙ୍କ ଠାରୁ ସାବଧାନ ହୋଇ ରହିବୁ । ସେମାନଙ୍କୁ କେବେ ବି ବିଶ୍ୱାସ କରିବୁନି ।"

ସୁମନା ବୁଝେ, ପୁଣି କିଛି ବୁଝେନା । ହିନ୍ଦୁମାନଙ୍କ ଦେବତାଙ୍କୁ ହିନ୍ଦୁମାନେ ମାନନ୍ତି । କିନ୍ତୁ ଅନ୍ୟ ସଂପ୍ରଦାୟର ଲୋକଙ୍କ ପାଇଁ ସେସବୁ ପଥରର ମୂର୍ତ୍ତି ବ୍ୟତିରେକ ଅନ୍ୟ କିଛି ନୁହେଁ । ସେମିତି ଅନ୍ୟ ସଂପ୍ରଦାୟର ଈଶ୍ୱରମାନେ ସେମାନଙ୍କ ସଂପ୍ରଦାୟ ପାଇଁ ବିଶିଷ୍ଟ ଅଟନ୍ତି, ହିନ୍ଦୁମାନଙ୍କ ପାଇଁ କିଛି ନୁହେଁ । ଏସବୁ ସତ୍ତ୍ୱେ ବି ଆଜିର ମଣିଷ ପରସ୍ପର ମଧ୍ୟରେ

ମାନବିକତାର ସଂପର୍କ ଗଢେ, ବିଭାଜନର ନୁହେଁ । ସୁମନାର ଜଣେ ସାଙ୍ଗ ଥାଏ, ସବିନା। ଯଦିଓ ଜେଜେମା ଏମିତି କୁହନ୍ତି, ହେଲେ ସବିନା ଘରକୁ ଆସିଲେ, ଜେଜେମା ଓ ବୋଉ ମିଶି ତାକୁ କେତେ ପିଠାପଣା ଖୁଆନ୍ତି । ସେମିତି ସବିନାର ଘରକୁ ଗଲେ, ତାର ବଡ ଭଉଣୀ ମାନେ ସୁମନାକୁ କେତେ ସ୍ନେହ ଦେଖାନ୍ତି । ସେଇଥିରୁ ସୁମନା ବୁଝେ, ମଣିଷର ଭଲପାଇବା, ମାନବିକତା ହିଁ ଶାଶ୍ୱତ, ସେମାନଙ୍କ ଭିତରେ ଥିବା ପାର୍ଥକ୍ୟ ନୁହେଁ ।

ଏବେ ଟ୍ରମ୍ପ୍ ସେମିତି ବିଭାଜନ ସୃଷ୍ଟି କରୁଛି । ଖାଣ୍ଟି ଆମେରିକାର ଲୋକ ଆଉ ଆପ୍ରବାସୀ ଆମେରିକାର ଲୋକ । ତା' ଭିତରେ ପୁଣି ସ୍ୱୀକୃତିପ୍ରାପ୍ତ ଦେଶୀୟକୃତ ନାଗରିକ ଓ ଅନ୍ୟ ନାଗରିକ । ଏମିତି କି କେତୋଟି ମୁସଲ୍ମାନ ବହୁଳ ଦେଶରୁ ଆସୁଥିବା ବ୍ୟକ୍ତିଙ୍କ ପାଇଁ ଅଧିକ କଟକଣା, ମେକ୍ସିକୋରୁ ଆସୁଥିବା ବ୍ୟକ୍ତିଙ୍କ ପାଇଁ ପ୍ରାଚୀର ଗଢିବା ଇତ୍ୟାଦି। ବେଳେବେଳେ ସୁମନା ଡରିଯାଏ । ଯଦି ଏମିତି ପାର୍ଥକ୍ୟର ବିଷ ପ୍ରସ୍ଫୁରିତ ହେବ, ତାର ଫଳାଫଳ କଣ ହେବ ? ସୁମନା ବିଶ୍ୱର ସବୁ ଦେଶବାସୀଙ୍କ ସହିତ କାମ କରେ, କାରଣ ତା' କାମ ହିଁ ସେମିତି । ତା ବ୍ୟତିରେକ, ତାର କର୍ମସ୍ଥଳୀରେ ସବୁଦେଶର ନାଗରିକ ମାନେ ଥାଆନ୍ତି । ଚୀନ, ଜାପାନ, ଭାରତ, ପାକିସ୍ଥାନ, ଜର୍ମାନୀ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଆଫ୍ରିକା, ଥାଇଲାଣ୍ଡ, ରୁଷିଆ, ସବୁ ଦେଶର ଲୋକ ମିଶି କାମ କରନ୍ତି । ଏମିତିରେ ଯେ କୌଣସି ଦେଶ ବିରୁଦ୍ଧରେ କିଛି ବି ହେଲେ, ସୁମନାକୁ ଭଲଲାଗେନ । କାରଣ, ସିଏ ସେ ଦେଶର ସହକର୍ମୀ ମାନଙ୍କ ମନସ୍ତତ୍ତ୍ୱ ବିଷୟରେ ଭାବି ବିଚଳିତ ହୁଏ ।

ପ୍ରଥମେ ଯେତେବେଳେ ସରକାର ବନ୍ଦ ର ଘୋଷଣା ହେଲା, ସୁମନା ଭାବିଥିଲା, ଦୁଇ- ତିନ ଦିନ ପରେ ସବୁ ପୁଣି ଠିକ୍ଠାକ୍ ହୋଇଯିବ । ଆଉ ସେତେବେଳେ ବି ଏ ସରକାର ବନ୍ଦ ସମୟଟା ସୁମନା ପାଇଁ ଠିକ୍ କାମ ଦେଲା । ଘରକୁ ସେତେବେଳେ ଅନେକ ଲୋକ ଆସିଥିଲେ । ପ୍ରମୋଦଙ୍କର ଦାଦା, ଖୁଡୀ ଯିଏ କି ନିଜ ପୁଅ ପାଖକୁ ଆସିଥିଲେ, କ୍ରିଷ୍ଟମାସ ଛୁଟିରେ ଆମେରିକାର ରାଜଧାନୀ ଓ୍ୱାଶିଂଟନ୍ ଡିସି ବୁଲାବୁଲି କରିବା ପାଇଁ ସେମାନେ ମେରୀଲାଣ୍ଡ ଆସିଲେ । ସେମାନଙ୍କ ସହିତ ବିନୋଦ ଓ ଅନୁସ୍କା ବି ଆସିଥିଲେ । ସମସ୍ତଙ୍କ ପାଇଁ ଆପାର୍ଟମେଣ୍ଟରେ ରହିବା ଠିକ୍ କରିବା, ରୋଷେଇବାସ କରିବା ଓ ଘରସଫା କରିବା ଇତ୍ୟାଦି କାର୍ଯ୍ୟ ସବୁକୁ ସୁମନା ଅଫିସ୍ କାମ ସହିତ ତୁଲେଇ ପାରିନଥାନ୍ତା । ଏବେ ଏ ସରକାର ବନ୍ଦ ସମୟରେ କଂପାନୀ ତରଫରୁ ଟେଲିଓ୍ୱାର୍କ ପାଇଁ ଅନୁମତି ମିଳିବାରୁ, ସିଏ ନିଜ କାମ ସହିତ ଅତିଥିଚର୍ଚ୍ଚା ଅତି ସୁସ୍ଥୁରୂପେ ତୁଲେଇ ପାରିଥିଲା ।

ହେଲେ ସେ ସରକାରୀ ବନ୍ଦ ଯେ ଏମିତି ରୂପ ନେବ ଓ ଏତେଦିନ ଧରି ରହିବ, ଏବଂ ସୁମନାକୁ କନ୍‌ଫରେନ୍ସ ଯିବାରୁ ବଞ୍ଚିତ କରିବ, ସେସବୁ ଭାବିନଥିଲା ସୁମନା ।

ପ୍ରମୋଦ କିନ୍ତୁ କନ୍‌ଫରେନସ୍ ଗଲେ । ସିଏ ୟୁନିଭର୍ସିଟି ତରଫରୁ କାମ କରୁଥିଲେ ବୋଲି ତାଙ୍କର ଯିବାରେ କିଛି ଅସୁବିଧା ନଥିଲା । ୟୁନିଭର୍ସିଟି ଅଫ୍ ମେରୀଲାଣ୍ଡ ର ଜଣେ ସହ ଲେଖକ ସୁମନା ପାଇଁ ତାର ରିସର୍ଚ୍ଚ ପେପର୍ ପ୍ରେଜେଣ୍ଟ କରିଦେବେ ବୋଲି ପ୍ରତିଶ୍ରୁତି ଦେଲେ । ସୁମନା ଅନେକ ଦୁଃଖିତ ଥିଲା ।

ସବୁଦିନେ ସିଏ ଟିଭିରେ ସମ୍ବାଦ ଦେଖୁଥିଲା, ପ୍ରତିଘଣ୍ଟାରେ ଥରେ ୟାହୁ ନିଉଜ୍, ସି.ଏନ୍.ଏନ୍ ନିଉଜ୍, ଗୁଗୁଲ୍ ନିଉଜ୍ ଯାଞ୍ଚ କରୁଥିଲା । ହେଲେ କିଛି ଭଲ ସମ୍ବାଦ ନଥିଲା । କେତେବେଳେ ଟ୍ରମ୍ପ୍ ମିଟିଙ୍ଗକୁ ସମୟ ଅପଚୟ କହି ମିଟିଙ୍ଗରୁ ଉଠିଯାଉଥିଲା ତ କେତେବେଳେ ବାଚସ୍ପତି ପାଇଁ ନିର୍ବାଚିତ ହୋଇଥିବା ନାନ୍‌ସି ପେଲୋସି ଟ୍ରମ୍ପ୍‌କୁ ସମାଲୋଚନା କରି କହୁଥିଲା, "ସିଏ ନିଜ ସମସ୍ୟାରୁ ସମସ୍ତଙ୍କୁ ବିଭ୍ରାନ୍ତ କରିବା ପାଇଁ ଏମିତି ଜାତୀୟ ସମସ୍ୟା ସୃଷ୍ଟି କରିଛନ୍ତି ।"

କେତେକେତେ ସରକାରୀ କର୍ମଚାରୀ ଶୁଭ ସମ୍ବାଦ ପାଇବା ପାଇଁ ଘରେ ଅପେକ୍ଷା କରି ବସିଥିଲେ । ସୁମନା ଭଳି ଠିକାଦାର ଦ୍ୱାରା ନିଯୁକ୍ତି ପାଇ ସରକାରୀ ଅଫିସରେ କାମ କରୁଥିବା ବ୍ୟକ୍ତିମାନେ, ଘରୁ ନାମକୁ ମାତ୍ର କାମ କରୁଥିଲେ, କିନ୍ତୁ ସେଥିରେ ଏତେଟା ଉତ୍ପାଦକତା ନଥିଲା ।

ଆସନ୍ତା ସପ୍ତାହରେ ସୁମନାର ଓଡିଶା ଯିବାର ଅଛି । ପ୍ରମୋଦଙ୍କ ମାଉସୀଝିଅ ଭଉଣୀର ବାହାଘର । ସେମାନେ ବି ଦୁଇବର୍ଷ ହେଲାଣି ଓଡିଶା ଯାଇନାହାନ୍ତି । ତେଣୁ ସ୍ଥିର ହୋଇସାରିଛି ଓଡିଶା ଯିବା ପାଇଁ । ଏଣେ ଯିବାପୂର୍ବରୁ ଯେଉଁ ସବୁ କାମ ସାରିଦେବାର ଯୋଜନା କରିଥିଲା ସୁମନା, ସେସବୁ ହୋଇପାରିନି । ଯେହେତୁ ସରକାରୀ କର୍ମଚାରୀ ମାନେ କାମ କରୁନାହାନ୍ତି, ସେମାନେ କୌଣସି ପ୍ରକାରର ସଂଯୋଗ ସ୍ଥାପନ କରିପାରିବେନି । ସେମିତି ଆଦେଶ ମିଳିଛି ସେମାନଙ୍କୁ ।

ଜାନୁୟାରୀ ୭ ତାରିଖ ସକାଳେ ସୁମନା ନିଜ ବାପାଙ୍କ ସହିତ କଥା ହେଉଥିଲା । ବାପା କହୁଥିଲେ, "ଟିକେ ଦେଖିକରି ଆସିବୁ । ଗୁରିଆଡେ ଭାରତ ବନ୍ଦ ଚାଲିଛି । କେତେବେଳେ କଣ ବିଶୃଙ୍ଖଳା ହୋଇଯିବ, ସେଥିପାଇଁ ସାବଧାନ ଥିବୁ ।"

ସୁମନା ମନରେ ଭୟ ପଶିଗଲା । ଏମିତି ଭାରତ ବନ୍ଦ ହେବାର କେତେ ବିଭତ୍ସ ଦୃଶ୍ୟ ସିଏ ଖବର କାଗଜରେ ପଢ଼ିଛି, ଟିଭିରେ ଦେଖିଛି । ହଠାତ୍ ମାଡପିଟ୍, ଦଙ୍ଗା ସୃଷ୍ଟି ହୋଇଯାଏ। ଦୋକାନ, ବଜାର, ଯାନବାହନ ପୋଡି ନଷ୍ଟ ହୋଇଯାଏ । କୋଟିକୋଟି ଟଙ୍କାର ସଂପତ୍ତି ଗୋଟିଏ ଘଣ୍ଟାରେ ରାସ୍ତାର ଧୂଳି ସହିତ ମିଶିଯାଏ । ବନ୍ଧୁକରୁ ଗୁଳି ଫୁଟେ, ରାସ୍ତାରେ ନିଆଁ ଜଳେ, କେତେ ଲୋକଙ୍କର ସାରା ଜୀବନର ସଞ୍ଚୟ କ୍ଷଣକରେ ଭସ୍ମ ହୋଇଯାଏ । କାହିଁକି ଲୋକ ଏତେ ଉତ୍ତ୍ୟକ୍ତ ହୁଅନ୍ତି ? କାହିଁକି ସେମାନେ ଶାନ୍ତି ଶୃଙ୍ଖଳାର ସହିତ ନିଜର ଦାବୀ ଉପସ୍ଥାପନା କରନ୍ତିନି ? ଏସବୁ ପ୍ରଶ୍ନର ଉତ୍ତର କାହା ପାଖରେ ନଥାଏ ।

ଭାରତରେ ଅନ୍ୟମାନେ ସବୁ ବନ୍ଦ କରନ୍ତି, ସରକାର ନୁହଁନ୍ତି । ବିରୋଧୀ ଦଳ ହିଁ ସରକାରକୁ ଜବରଦସ୍ତ ବନ୍ଦ କରିଦିଅନ୍ତି । ହେଲେ ଏ ଦେଶରେ ସରକାର ନିଜେ ସରକାରକୁ ବନ୍ଦ କରିଦିଅନ୍ତି । ସବୁ ସେଇ ଏକା କଥା । ଏ ସବୁ ମୂଳରେ ସେଇ ମାନବାର ଭୂତ କି ବିଶ୍ୱାସ ରହିଛି । କେହି ନିଜନିଜର ମାନବାରୁ ଓହରିବାକୁ ପ୍ରସ୍ତୁତ ନୁହଁନ୍ତି । ଭାରତରେ କ୍ରାନ୍ତିକାରୀ ମାନେ ଭାବନ୍ତି ଯେ ଗାଡିଘୋଡା ସବୁ ପୋଡି, ରାସ୍ତା ବନ୍ଦ କରି, ସମସ୍ତଙ୍କୁ ଡରେଇରଖିଲେ ଯାଇ ସରକାର ଦାବୀ ଶୁଣିବ । ଏଠି ସେମିତି ଶାସକ ଦଳ ଭାବୁଛି ଯେ ସରକାରକୁ ବନ୍ଦ କରିଦେଲେ, ଅପର ପକ୍ଷ ସେମାନଙ୍କର ପ୍ରସ୍ତାବକୁ ଅନୁମୋଦନ କରିବ ।

ସମୟ ବିତୁଥିଲା । ରିପବ୍ଲିକାନ୍ ମାନେ ଟ୍ରମ୍ପ୍‌ର ନିଷ୍ପତ୍ତିକୁ ଦେବତା ଭଳି ମାନୁଥିଲେ । ଡେମୋକ୍ରାଟ୍ ମାନଙ୍କ ପାଇଁ ସେସବୁ ବାଟର ପଥର ଭଳି ତୁଚ୍ଛ ଥିଲା ।

ଏବେ ସରକାର ବନ୍ଦହେବାର ୨୦ ଦିନ ପୂରିଆସୁଥିଲା ।.......

ରଦରେଫର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# କହିଥିଲ ମନ କଥା



ଶଶଧର ମହାପାତ୍ର

ଯେଉଁଦିନ ତୁମେ ମୋ ପାଖରେ ବସି
ଛୁଇଁଲ ପ୍ରଥମ ଛୁଆଁ
ଅଲିଭ୍ ଅକ୍ଷରେ ମୋର ହୃଦୟରେ
ଲେଖିଦେଲ ତୁମ ନାଁ

ତୁମ ଅଧରରୁ ରଙ୍ଗ ଟିକେ ନେଇ
ପିନ୍ଧିଛି ବିଜୟ ଟୀକା
ତୁମ ନାଁ ସଙ୍ଗେ ମୋ ନାଁ ଯୋଡି
ଲେଖିଅଛି ଗୀତ ଏକା

କେତେ ବାଲିଘର ଗଢିଥିଲେ ଦିହେଁ
ସାଗର କୂଳରେ ବସି
କାଳ ବଇଶାଖୀ ଅକସ୍ମାତ ଆସି
ସବୁ ନେଇଗଲା ଭସି

ଜ୍ୟେଷ୍ଠ ମାସ ଖରା ତୁମରି ଗାଲରେ
ଚୁମ୍ବନ ଦେଇ ଯାଏ
ଝାଳ ଗମ ଗମ ତୁମ ମୁଖେ ଦେଖି
ମୋ ମନରେ କଷ୍ଟ ହୁଏ

ଆଷାଢର କଳା ବାଦଲ ଉହାଡେ
ମଉନେ ଥାଅ ଯେ ବସି
ସତେକ ଯେମିତି ଟିକଏ କଥାରେ
ଯାଇଛି ମୋ ପ୍ରିୟା ରଷି

ଧାରା ଶିରାବଣ ବରଷାରେ ଭିଜି
ପହଞ୍ଚିଥିଲ ମୋ ଦ୍ୱାରେ
ମୁକୁଳା କେଶ ଯେ ଏଣେ ତେଣେ ହୋଇ
ଖେଳୁଥିଲା ଛାତିପରେ

ଭାଦ୍ରବ ମାସର ଅନ୍ଧାର ରାତି
ଆଣିଲା ବିରହ ବ୍ୟଥା
ଲୁଚାଇ ନପାରି ମନର ବେଦନା
କହିଥିଲ ମନ କଥା

ଅଶ୍ୱିନ ମାସରେ ଦିଶୁଥିଲ ମୋତେ
ଦେବୀ ପ୍ରତିମାଟେ ଭଳି
ଦିଅଁଙ୍କ ସାମ୍ନାରେ ପୂଜା କରୁଥିଲ
ଭକ୍ତିର ପ୍ରଦୀପ ଜାଳି

ଥର୍‌ାଇ ଦେଲ୍‌କ ତୁମ ତନୁ ମନ
କାର୍ତ୍ତିକ ମାସର ଜାଡ
ସୁଖ ସ୍ୱପ୍ନ ସବୁ ଦେଖୁ ଦେଖୁ ତୁମେ
ଲେଉଟାଉଥିଲ କଡ

ମାର୍ଗଶୀର ମାସେ ଓଢଣୀ ପକାଇ
କହିଥିଲ ହସି କରି
ତୁମ ପାଇଁ ଆଜି ବୋହୂ ମୁଁ ସାଜିଛି
ନେଇ ଯାଅ ହାତ ଧରି

ପୌଷମାସ ଖର୍‌ା ତୁମକୁ କାହିଁକି
କଣେଇଁ କଣେଇଁ ଗ୍ଚହେଁ
ତୁମ ବାଟ ଗ୍ଚହିଁ ଭ୍‌ାବୁଭ୍‌ାବୁ ମୁହିଁ
ର୍‌ାତିଟା ବି ପାହିଯାଏ

ମାଘ ସକାଳର କୁହୁଡିକୁ ଢାଙ୍କି
ଆସ ତୁମେ ଲୁଚ ଲୁଚ
ଲ୍‌ାଜେଇ ଲ୍‌ାଜେଇ କୁହ ମନକଥା
ବାକିଥିଲ୍‌ ଯାହା କଛି

ଫଗୁଣ ଆସିଲେ, ଫୁଲଟେ ଫୁଟିଲେ
ତୁମ ଛବି ମନେ ଆସେ
ବାଟରେ ଘାଟରେ ଗ୍ଚଲିଗଲ୍‌ବେଳେ
ତୁମ ମୁହଁ ତୋଫା ଦିଶେ

ଚଇତାଳ ବାଆ ଅସଜଡା କରେ
ଫୁରୁ ଫୁରୁ ଉଡେ କେଶ
ଟିକଏ ଲ୍‌ାଜେଇ ସଜାଡୁଥିଲଗୋ।
ମୁରୁକେଇ ଦେଇ ହସ

ହିଡେନ୍ ଭ୍‌ାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତର୍‌ାଷ୍ଟ୍ର ଆମେରିକା

# ସାଥି



ସୀତାରାମ ଦାଶ

ବିରହ ବେଦନା କେତେ ଯେ ଯନ୍ତ୍ରଣା,
ବିରହିର ମନ ଜାଣେ ।
ବାର୍ଦ୍ଧକ୍ୟେ ବିରହ କେତେ ଯେ ଦାରୁଣ,
କହିବାକୁ ଶଙ୍କା ମଣେ ।

ତୁମ ବିରହ ତ ବିରହ ଲାଗିନ,
ବୟସର ଭୋଗ ବେଳେ ।
ତୁମ ବିନା ପ୍ରିୟା ବଂଚ ମୁଁ ପାରୁନ,
ଜୀବନର ସାୟଂ କାଳେ ।

ଦୁଃଖ କଷ୍ଟ ସହି ଖାଲି ପେଟ ହୋଇ,
ଯାହାର ନେଲି ଯତନ ।
ତା ପାଖରେ ଅଛି ସରଗର ଶଶି,
ମୁଁ ହେଲି ମଲାଜହ୍ନ ।

ବୃଦ୍ଧାଶ୍ରମ ଆଜି ନିବାସ ମୋହର,
ନିର୍ଜନତା ମୋର ସାଥି ।
ଅନ୍ତିମ କାଳରେ ତୁମେ ଥିଲେ ପ୍ରିୟା,
ପାଇଥାନ୍ତି ଟିକେ ତୃପ୍ତି ।

ସାନମୂଳାଇ, ଗୋବିନ୍ଦପୁର, କଟକ

# ମାତୃଋଣ



ଅନାମ ଚରଣ ସାହୁ

ଜନନୀଠୁ ବଳ ସଂସାରେ କଏସେ
କୁହବାରେ ଧୀର ଗଣ
ମାତୃଋଣ ଶୁଝି ଲଭିବେ ମୁକତି
ବୀରବଲ କଲେ ପଣ ।
ସମ୍ରାଟଙ୍କ ଠାରୁ ଲଭିଥିବା ଧନ
ନିଜ ଜ୍ଞାନ ବୁଦ୍ଧି ବଳେ
ମା ପାଶେ ସମର୍ପି ଋଣ ଶୁଝିବାକୁ
ମଥାନତ ପାଦ ତଳେ ।
ବେନି ଭୁଜ ଧରି ଉଠାଇ କହିଲେ
ବୀରବଲଙ୍କର ମାଆ
ତୁ ପରା ମୋହର ଅମୂଲ୍ୟ ରତନ
ବୃଦ୍ଧା କାଳେ ହେବୁ ସାହା ।
ତଥାପି ମୋ ଧନ ରଖିବି ତୋ ମନ
ବଚନ ଦିଅ ତୁ ମୋତେ
ଏକରାତି ଲାଗି ଶୋଇବୁ ମୋ ପାଶେ
କଷ୍ଟ ପଡୁ ପଛେ ଯେତେ ।
ମାଆଙ୍କର ବାଣୀ ବୀରବଲ ଶୁଣି
ମନେ ମନେ ଆନନ୍ଦିତ
ଏକରାତି ମାତ୍ର ସଅଳେ ପାହିବ
ହେବେ ମାତୃଋଣ ମୁକ୍ତ ।

ବାରୁଣୀରେ କଲେ ସୂରୁଜ ଶୟନ
ଘୋଟିଗଲା ଅନ୍ଧକାର
ଜନନୀ ନିକଟେ ଆସି ଉଭା ହେଲେ
ବୀରବଲ ଜ୍ଞାନ ବୀର ।
ନେତ୍ର ଯୁଗଳରେ ନିଦ୍ରାଘାରେ ଯେବେ
ଶୁଭଇ ମାତାଙ୍କ ଡାକ
ତୃଷାରେ ମୋହର ଅଧର ଅଧୀର
ବେଗେ ଆଣ ଅମ୍ବୁ ପାଖ ।
ବାରବାର କରି ନୀର ଆଣିଦେଲେ
ତୃଷାତୁର ମାତା ପାଇଁ
ତଳପ ଭିଜଇ ଜଳ ବିନ୍ଦୁ ଝରି
ରାତି ଆସେ ପାହି ପାହି ।
ନିଦ ନ ହୋଇଲା କହିଲେ ଜନନୀ
ପାଣି ଢାଳୁ ବାରବାର
"ହସ୍ତ ଥରେ ମୋର ଶୁଣରେ କୁମର
ବୟସ ଗଲାଣି ମୋର" ।
ନୟନେ ମୋହର ନ ଆସିଲା ନିଦ
ହେଲି ମୁହିଁ ନିଦ୍ରାହୀନ
ମୋ ତନୁ ଅବଶ ନଷ୍ଟ ହୁଏ ବେଶ
ଅସ୍ଥିର ହୁଏ ମୋ ମନ ।

ପୁତ୍ର ମୁଖୁ ଶୁଣି ଏହିପରି ବାଣୀ
ଜନନୀ କହିଲେ ହସି
ଯେବେ ଥିଲୁ ଶିଶୁ କୋଳେ ମୋର ଆସୁ
ଶୁଆଇ ଦିଏ ଆଉଁସି ।
ବାରମ୍ବାର ବାବୁ ପଣତଟି ମୋର
ଭିଜେ ତୋର ପରିସ୍ରାରେ
ନିଦ ନ ଆସିବ ମୋ ରଙ୍କ ନେତ୍ରରେ
ପାଲଟାଏ ଧୀରେସ୍ଥିରେ ।
ଏକଖଣ୍ଡୀ ବସ୍ତ୍ର ଥିଲା ମୋର ପାଶ
ଜାଣିଛୁକି ଦୁଃଖୀଧନ
ତୋର ପାଇଁ ସିନା ରାତି ମୋର ସରେ
ହୁଏ କେତେ ନିଦ୍ରାହୀନ ।
ମାତା ମୁଖୁ ଶୁଣି ହେଲେ କେତେ ଗୁଣି
ବହିଯାଏ ଅଶ୍ରୁଧାର
ମାତା ଋଣ କେହି ଶୁଝି କି ପାରଇ
ସଂସାରେ ଅଛି କେ ବର ।
ଅସାଧ୍ୟ ସାଧନ କରିବାକୁ ସିନା
ବଳଥିଲା ମୋର ମନ
ମାତୃତ୍ୱ ପାଖରେ ଊଣା ଯେତେ ଜ୍ଞାନ
ଜାଣିଲା ଏ ଅକିଞ୍ଚନ ।

ବିଭୁତିପୁର, କାକଟପୁର, ପୁରୀ

# ମାଙ୍କଡ ଖେଳ



ସୁଧାଂଶୁ ଶେଖର ଦ୍ୱିବେଦୀ

ମାଙ୍କଡିଆ ଗୋଟେ ହାତରେ ଦଉଡି ଧରିଥାଏ । ଯେଉଁଥିରେ ଛୋଟ ମାଙ୍କଡଟେ ବନ୍ଧା ହୋଇଥାଏ । ଅନ୍ୟ ହାତରେ ଡମ୍ବରୁ ବଜେଇ ମାଙ୍କଡ ନାଚର ପ୍ରଦର୍ଶନ ଲୋକଙ୍କ ସମ୍ମୁଖରେ ଦେଖାଉଥାଏ । ତା ସହ ସାତ- ଆଠ ବର୍ଷର ଝିଅଟିଏ ମଇଳା ଜାମା ପିନ୍ଧି ମାଙ୍କଡଟି ଯେଭଳି କରୁଥାଏ, ଅବିକଳ ସେହିଭଳି ସେ ବି କରୁଥାଏ । ମାଙ୍କଡ ପରି ଗୁଳିବା, ଆଖି ପିଚ୍ଛୁଡା ମାରିବା, କୁଦାମାରି ଖେ- ଖେ ହେବା, ଇତ୍ୟାଦି ସବୁ ଠିକ୍ ଠାକ୍ କରୁଥାଏ । କେବଳ ଯାହା ତାର ଲାଙ୍ଗୁଡଟେ ନଥାଏ । ତାର ଏଭଳି ଉପକ୍ରମ ଦେଖି ଲୋକମାନେ ହସି ହସି ବେଦମ୍ ହେଉଥାନ୍ତି ।

ପୁଣି ଦିନେ ମାଙ୍କଡିଆ ସେଇ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିଲା । ହେଲେ ସେଦିନ ସାଥିରେ ତା ପ୍ରିୟ ମାଙ୍କଡ ନଥାଏ । କାନ୍ଧରୁ ସାତସିଆଁ ଥଳି ବାହାରକରି ତଳେ ରଖିଲା । ଶୌଚ ବସିଲା ଭଳି ଗୋଡ ଆଙ୍କୁଳର ପଞ୍ଝା ଉପରେ ବସି ଡିବି ଡିବି ଡମ୍ବରୁ ବଜେଇଲା । ଡିବି ଡିବି ଶବ୍ଦ ଶୁଣି ଆଖ- ପାଖ ଅଞ୍ଚଳର କିଛି ଦେଖଣାହାରି ରୁଣ୍ଡ ହୋଇଗଲେ । ଏଥର ମାଙ୍କଡିଆ ଡାକମାରି କହିଲା, "ଏ ମୁନ୍ନି! କୁଆଡେ ଗଲୁ? ଆ, ସଭିଙ୍କୁ ପ୍ରଥମେ ସଲାମ୍ କର !"

ତା କଥା ମାନି ମୁନ୍ନି ମାଙ୍କଡ ପରି ଦୌଡି ଦୌଡି ଆସି ସଭିଙ୍କୁ ସଲାମ୍ କଲା । ତା ପରେ ଡମ୍ବରୁ ଶବ୍ଦର ତାଳେ ତାଳେ ମୁନ୍ନି ମାଙ୍କଡ ଖେଳ ଦେଖାଇଲା ।

ତାର ଏଭଳି କାର୍ଯ୍ୟ ପାଇଁ କିଛି ଲୋକ ରାଗିଯାଇ କହିଲେ, ହଇରେ, ତୋତେ ଟିକେ ଲଜ୍ଜା ଲାଗୁନି? ନିଜ ଝିଅକୁ ମାଙ୍କଡ ବନେଇ ନଚଉଛୁ? ତୋ ମାଙ୍କଡ କୁଆଡେ ଗଲାକି?

ମାଙ୍କଡିଆ ଆଖିରୁ ଠପ୍ ଠପ୍ ଲୁହ ଗଡିପଡିଲା । ବାଷ୍ପଭରା କଣ୍ଠରେ କହିଲା, "ଆଜ୍ଞା ! ମୋ ମାଙ୍କଡଟା କାଲି ମରିଗଲା । ଆମର ଦୁଇଓଳ ଖାଇବାର ବ୍ୟବସ୍ଥା ତାହାରି ଦ୍ୱାରା ହିଁ ହୋଇପାରୁଥିଲା । କଣ କରିବି ଆଜ୍ଞା ! ତା ବଦଳରେ ଝିଅକୁ ନଚେଇ କଛି କମେଇବିନ ତ ବଞ୍ଚିବୁ କେମିତି? ମୋତେ ବି ସରମ ଲାଗୁଛି ବାବୁ । ହେଲେ ଭୋକରେ ପୀଡା ଏତେ ଯନ୍ତ୍ରଣା ଯେ...., ଛାଡନ୍ତୁ, ଆପଣମାନେ ବୁଝିପାରିବେନ ।"

ସେତବେଳକୁ ମୁନ୍ନି ପୁରୁଣା ସିଲଭର ଥାଳଆକୁ ଲୋକଙ୍କ ସମ୍ମୁଖରେ ଦେଖେଇ ମାଙ୍କଡପରି ସଲାମ୍ ମାରୁଥିଲା ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ



# ଅଭିନନ୍ଦନ



ଓଡିଆ ଭାଷାନ୍ତର:
ସନାତନ ମହାକୁଡ

ମୂଳ ରଚନା ( ହିନ୍ଦୀ) :
ଧରମ ଦୁବେ


ଉଜ୍ଜ୍ୱଳ ଲଲାଟ ପ୍ରଚଣ୍ଡ ତେଜ

ବିକଟ ସବୁ ଅରିର ବ୍ୟୂହ ଭେଦ

ଫେରିଲ୍ ସଗର୍ବେ ଭାରତୀ ନନ୍ଦନ

ଅଭିନନ୍ଦନ, ଅଭିନନ୍ଦନ, ଅଭିନନ୍ଦନ ॥

ବେରୁଆଁବାରୀ, ନୟାଗଡ, ଓଡିଶା।



# ତୁମେ ଗଲ୍ ପରେ



ସାଗର ପ୍ରଧାନ

ତୁମେ ଗଲ୍ ପରେ ନଈ ତ ଝୁରୁନ
ସାଗର ମିଳନ ପାଇଁ
ତୁମେ ଗଲ୍ ପରେ ନିର୍ଝର ଝରଣା
ନୀରବେ ଯାଉଛି ବହି

ତୁମେ ଗଲ୍ ପରେ ବସନ୍ତେ ବହୁନ
ମଳୟ ମିଳନ ବାଆ
ତୁମେ ଗଲ୍ ପରେ ଶ୍ରାବଣ ଲ୍ ଗୁନ
ବରଷା ର ମିଠା ଛୁଆଁ

ତୁମେ ଗଲ୍ ପରେ ବଂଶୀ ତ ଗାଉନ
ମିଳନ ର ମଧୁ ଛନ୍ଦ
ତୁମେ ଗଲ୍ ପରେ ଫୁଲରୁ ଝରୁନୀ
ପ୍ରୀତି ମହକ ର ଗନ୍ଧ

ତୁମେ ଗଲ୍ ପରେ ଫଗୁଣ ଆଣୁନ
ହୋଲି ର ରଙ୍ଗ ପସର୍
ତୁମେ ଗଲ୍ ପରେ ଏକାକୀ ବଞ୍ଚିଛି
ହୋଇଗଲି ବେସାହାର୍

ପାତ୍ରପୁର, ଗଂଜାମ

# ମୋହାବିଷ୍ଟା



ଆଶା ସାହୁ ( ଆରତୀ)

ସମ୍ମୁଖରେ ପାର୍କଟିଏ। ଛୋଟିଆ କିନ୍ତୁ ବେଶ୍ ରୁଚି ସମ୍ପନ୍ନ ଓ ସଫା ସୁତୁରା। ଏରିଆ ଅନୁପାତରେ ଲୋକସଂଖ୍ୟା ଖୁବ କମ ଆମେରିକୀୟ ଲୋକାଲିଟି ମାନଙ୍କରେ। ସେଥିପାଇଁ ବିଶେଷ ଅସନା ହୁଏ ନାହିଁ। ପାର୍କଟିର ଠିକ୍ ମଝାମଝି ମେପଲ୍ ଗଛଟିଏ। ଗୋଲାପୀ ଲାଲ ମିଶା ସୁନ୍ଦର ପତ୍ର, ଭାରି କୋମଳ।ଗଛରୁ ଗୋଟିଏ ଗୋଟିଏ କରି ପତ୍ର ଝଡୁଛି। ବସନ୍ତ ଋତୁ କି ନା। ଏକ, ଦୁଇ, ତିନ, ଚାରି...., ଗଣି ଲାଗିଛନ୍ତି ସାବିତ୍ରୀ ଅନ୍ୟମନସ୍କ ହୋଇ। ସତେ କି ତାଙ୍କ ଗାଁ ଘର ପଛ ବାରିରେ ଝଙ୍କା ଆମ୍ବ ଗଛରୁ ଧୁମ ପବନରେ ଝଡ଼ି ପଡ଼ି ଥିବା ଆମ୍ବ ଗଣୁଛନ୍ତି। ବ୍ୟାଘାତ ସୃଷ୍ଟି ହୁଏ, ସଫେଇ କର୍ମଚାରୀଙ୍କ ଭେକ୍ୟୁମର ଗର୍ଜନରେ। ସାପ ବେଙ୍ଗକୁ ଗିଳିଲାପରି ପତ୍ର ଗୁଡ଼ିକୁ ଉଦରସାତ୍ କରୁଥାଏ ମେଶିନଟି।

ଝରକା ପାଖରୁ ଅପସରି ଆସିଲେ ସେ। ମୋଟା ମୋଟା ଗଦି ଉପରେ ଅର୍ଦ୍ଧ ଶୟନାବସ୍ଥାରେ ବସି ପଡ଼ିଲେ ଗୋଲ କୁଶନକୁ ଆଉଜି। ଦିୱାନ କଭରରେ ପଦ୍ମ ଫୁଲର ପ୍ରିଣ୍ଟ, ମନେ ପଡ଼ିଲା ତାଙ୍କର ଟିକି ଗାଡ଼ିଆ। କେତେ ପଦ୍ମ କଇଁ ଫୁଟୁଥିବ। ସୁନୁସୁନିଆଁ ଆଉ କଳମ ଶାଗରେ ଭରି ଯାଇଥିବ ହିଡ଼ ସବୁ। ପୁଣି ଆନମନା ହୋଇ ଗଣି ବସିଲେ ପ୍ରିଣ୍ଟେଡ ଫୁଲ ମାନଙ୍କୁ।

ଶେଃ, କଣ ହେଇଛି ତାଙ୍କର, ମତିଭ୍ରମ ହେଲାଣି କି?

ଟି ପଯ୍ ଉପରୁ ପ୍ରତିଭା ରାୟଙ୍କ ଯାଜ୍ଞସେନୀ ଉପନ୍ୟାସ ଟି ଉଠେଇ ଆଣିଲେ। ପୃଷ୍ଠା ଉପରେ ସ୍ୱାମୀ ଶକ୍ତିକାନ୍ତଙ୍କ ମୂର୍ତ୍ତି ଉଭା ହେଲା। ପଚଶ ତମ ବିବାହ ବାର୍ଷିକୀ ରେ ବାରି ବଉଳ ଗଛ ମୂଳରେ ସେ ଉପହାର ଦେଇଥିଲେ ଏହି ଉପନ୍ୟାସଟି, ତାଙ୍କ ହାତଗୁନ୍ଥା ବଉଳ ମାଳଟିଏ ସହ। ଅବସନ୍ନ ହୋଇଗଲା ଶରୀର। ମନ ସ୍ଥିର ହୋଇ ପାରୁନାହିଁ। ମନକୁ ନିଜ ଅକ୍ତିଆରକୁ ଆଣିବାକୁ ଏ ବିଦେଶୀ ବଙ୍ଗଳାରେ କିଛି ଆକର୍ଷଣ ନାହିଁ।

ଘର ପୂରା ଫାଙ୍କା। କେହି ନାହାନ୍ତି। ନାସାରେ କାର୍ଯ୍ୟରତ ଝିଅ ଜ୍ୱାଇଁଙ୍କର ଆସିବା ଯିବାର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ। ନାତି ଦୁହେଁ ତ ସହଜରେ ଆମେରିକାନ୍ ପୈତୃକ ଗୁଣସୂତ୍ର ନେଇ ଜାତ। ସେମାନେ ରୂପ ରଙ୍ଗ ଗୁଣ କୋଉ ଦିଗରୁ ହେଲେ ଭାରତୀୟ ଲାଗନ୍ତି ନାହିଁ। ମାଆର ଶ୍ୟାମଳ ରଙ୍ଗଟା ହେଲେ ଥାଆନ୍ତା ଭଲା। ପାଶ୍ଚାତ୍ୟ ସଂସ୍କୃତି ସହ ତାଳ ଦେଇ ସେମାନେ ସମ୍ପୂର୍ଣ୍ଣ ଭାବେ ଆମେରିକାନ୍ ଭଳି ବ୍ୟବହାର କରନ୍ତି। ଭୋଜନ, ଶୟନର କିଛି ସମୟ ନାହିଁ। କେତେବେଳେ କୁଆଡେ଼ ଯାଉଛନ୍ତି, କଣ କରୁଛନ୍ତି, କେତେ ଝିଅଙ୍କ ସହ ବୁଲୁଛନ୍ତି ତାଙ୍କ ପିତାମାତାଙ୍କୁ ମଧ୍ୟ ଅଗୋଚର, ବା ସେମାନେ ଜାଣିବାକୁ ମଧ୍ୟ ଚାହିଁ ନାହାନ୍ତି କେବେହେଲେ।

ଝିଅ ଜ୍ୱାଇଁ ମଧ୍ୟ କେହି କାହା କଥାରେ ମୁଣ୍ଡ ପୁରାନ୍ତି ନାହିଁ। ଝିଅର ଅନେକ ପୁରୁଷ ବନ୍ଧୁ ଥିଲା ବେଳେ ଜ୍ୱାଇଁର ମଧ୍ୟ ଅନେକ ମହିଳା ବନ୍ଧୁ ଅଛନ୍ତି। ସମସ୍ତଙ୍କର ପରସ୍ପର ସହିତ ବ୍ୟବହାରରେ ଆଦୌ ଶାଳୀନତା ନାହିଁ। ବାଃ ରେ ସଂସ୍କୃତିର ଉନ୍ନତି। ମଣିଷ ଲଗାମ ଛଡ଼ା ଘୋଡ଼ା ଭଳି ଅପ ସଂସ୍କୃତି ଆଡ଼କୁ ଧାଉଁଛି। ବର୍ତ୍ତମାନ ଲଜ୍ଜା, ସଂକୋଚ, ଭାବ ପ୍ରବଣତା, ପରିବାର ଇତ୍ୟାଦି କେବଳ ଶବ୍ଦ ମାତ୍ର। ଭାରତୀୟ ମାନେ ମଧ୍ୟ ବାହ୍ୟ ଆଡ଼ମ୍ବର ଓ ଫେସନର ଦୁନିଆରେ ନିଜର ମହାନ୍ ସଭ୍ୟତା, ଅନନ୍ୟ ସଂସ୍କୃତି ଓ ବିରାଟ ଐତିହ୍ୟ ସବୁକୁ ତିଳାଞ୍ଜଳି ଦେବାକୁ ବସିଲେଣି।

ତୀବ୍ର ଘୃଣାରେ ଅତିଷ୍ଠ ହୋଇ ପଡ଼ିଲେ ସାବିତ୍ରୀ।

ପୂର୍ବେ କଣ ମହିଳା ମାନେ ପାଠ ପଢୁ ନଥିଲେ? କେତେ କେତେ ମହାନ୍ କାର୍ଯ୍ୟ କରି ଯାଇଛନ୍ତି ପ୍ରାଚୀନ ଯୁଗରେ ମହିଳା ମାନେ।

ଗାର୍ଗି, ଶକୁନ୍ତଳା, ଜୀଜାବାଈ ପ୍ରଭୃତି ବିଦୂଷୀ, ପୁରୁଷ ମାନଙ୍କ ସହ କାନ୍ଧରେ କାନ୍ଧ ମିଳାଇ କାର୍ଯ୍ୟ ସମ୍ପାଦନ କରିଥିବା କୈକେୟୀ, ଲକ୍ଷ୍ମୀ ବାଈ, ସରୋଜିନୀ ନାଇଡୁ ପ୍ରଭୃତି। କିନ୍ତୁ ସମ୍ଭ୍ରମତା ଓ ଶାଳୀନତା କୁ ସମ୍ମାନ ଦେଇ।

ଆମେରିକାରେ ଏ ଉଚ୍ଛୃଂଖଳତା ତାଙ୍କୁ ଅସହ୍ୟ ମନେ ହେଉଥିଲା। ଭାରତରେ ମଧ୍ୟ ଏହା ନିଜର ଡେଣା ପକ୍ଷ ମେଲି ସାରିଲାଣି। କିନ୍ତୁ ଏଠାରେ ତାହା ଉତ୍କଟ ଓ ବିଭତ୍ସ ହୋଇ ଗଲାଣି। ମର୍ଯ୍ୟାଦା ସମ୍ପର୍କ ବୋଲି କିଛି ନାହିଁ।

ଝିଅକୁ ଆକଟିବାକୁ ଇଚ୍ଛା ହେଉଛି ତାଙ୍କର। ଏ ଭିତରେ ସେ ଜାଣି ସାରିଲେଣି ଯେ ଝିଅ ଜ୍ୱାଇଁ ର ଯୁଗ୍ମ ଜୀବନ କେବଳ ଏକ ସାଲିସ, ଲୋକ ଦେଖାଣିଆ, ଏକ କମ୍ପ୍ରୋମାଇଜ। ଯଦିଓ ତାଙ୍କ ଭିତରେ କଟୁତା ନାହିଁ, ତଥାପି ସେମାନେ ସ୍ୱଇଚ୍ଛାଗ୍ରସ୍ତ ହୋଇ ବିବାହୋତର ସମ୍ପର୍କ ସ୍ଥାପନ କରୁଛନ୍ତି। ଏସବୁ ନେଇ ନିଜ ମନରେ କଳୁଷତା ମଧ୍ୟ ଆଣୁ ନାହାନ୍ତି। ଆଶ୍ଚର୍ଯ୍ୟ ହୁଅନ୍ତି ସାବିତ୍ରୀ, ଅଣନିଶ୍ୱାସୀ ଲାଗେ ତାଙ୍କୁ। ତା ମାନେ ପାଶ୍ଚାତ୍ୟ ସଂସ୍କୃତି କଣ ପାଶବିକ ହୋଇ ସାରିଲାଣି।

ଝିଅକୁ ଥରେ ଦି ଥର ତାଗିଦ କଲେ, ସେ କିନ୍ତୁ ହସରେ ଉଡ଼ାଇ ଦେଲା,

- what rubbish mama, give up those old nasty indian ideas. We are very much ok with each other.

ସାବିତ୍ରୀ ଚୁପ୍ ହୋଇଗଲେ ସିନା ହେଲେ ମନ ତାଙ୍କର ବିଦ୍ରୋହୀ ହୋଇ ଉଠିଲା। ସର୍ବୋତ୍କୃଷ୍ଟ ସଂସ୍କୃତି ତାହେଲେ ନ୍ୟାଷ୍ଟି ୟାଙ୍କ ପାଇଁ। ସେ ନିଜକୁ ଧିକ୍କାର କଲେ। କାହିଁକି ସେ ଏଠାକୁ ଆସୁଥିଲେ କେଜାଣି।

ଝିଅ ବୋଲି ପଦେ କହି ପାରିବେ ନାହିଁ। ବେଶି କହିଲେ ସେ ବିରକ୍ତ ହୋଇ ଇଆଡୁ ସିଆଡୁ କଥା କହିବ।
ପ୍ରତିଭାଶାଳିନୀ, ମେଧାବିନୀ ବୋଲି ଆଗରୁ ତା ମନରେ ଅହଂକାର ଅଛି। ଅନେକ ସମୟରେ ସେ ତାଙ୍କୁ ଓ ଶକ୍ତିକାନ୍ତଙ୍କୁ କଡ଼ାକଡ଼ି ଜବାବ ମଧ ଦେଇଛି, କିନ୍ତୁ ଅଲିଅଳ ଓ ଉଚ୍ଚ ଶିକ୍ଷିତା ବୋଲି ତା କଥା ସେମାନେ ଧରୁ ନଥିଲେ।

ଏଠାକୁ ଆସି ସେ ଅନେକାଂଶରେ ହୃଦୟହୀନା ମଧ ହୋଇ ଯାଇଛି।

ହେଇ ସେଦିନ କମୋଡ଼ ଅଭ୍ୟାସ ନ ଥିବାରୁ ସେଥିରେ ବସୁ ବସୁ ଗୋଡ଼ ମକଚ ହୋଇ ଯାଇଥିଲା ଯେ ସେ କେବଳ "be careful" କହି ଗୁଲିଗଲା ତା କାମରେ । କେହି ହେଲେ ଆହା ପଦେ କହିଲେ ନାହିଁ । ସମସ୍ତେ ଏଠାରେ ମେଶିନ୍। ଭାରି କାନ୍ଦ ମାଡ଼ିଲା ସାବିତ୍ରୀଙ୍କୁ। ନିଜେ ମଲମ ଲଗାଉ ଲଗାଉ ବୋହୂ ସୁପର୍ଣ୍ଣା କଥା ମନେ ପକାଉଥିଲେ। ଥରେ ଝୁଣ୍ଟି ପଡ଼ି ଗୋଡ଼ ବୁଢ଼ା ଆଙ୍ଗୁଠିରୁ ରକ୍ତ ବାହାରୁଥିଲା ଯେ ସୁପର୍ଣ୍ଣା ବ୍ୟତିବ୍ୟସ୍ତ ହୋଇ ଡେଟଲ ତୁଳା ଧରି ଗୁଲି ଆସିଥିଲା ଚିକିତ୍ସା କରିବାକୁ। ସେସବୁ ତାଙ୍କୁ ନାଟକ ମନେ ହେଉଥିଲା। "ଛାଡ଼, ସେ ସୁଆଗ", କହି ସେ ତା ହାତ ଛିଞ୍ଚାଡ଼ି ଦେଇଥିଲେ। ତଥାପି ସେ ଜବରଦସ୍ତି ଆସି ଔଷଧ ଲଗାଇ ଆଉଁସି ଦେଇଥିଲା। ତାଙ୍କର ଦେହ ଟିକିଏ ଅସୁସ୍ଥ ହେଲେ ଘରେ ସମସ୍ତେ

ବ୍ୟାକୁଳ ହୋଇ ପଡୁଥିଲେ। ପାଖ ପଡୋଶୀ ମାନେ ମଧ୍ୟ ଦିନକୁ ଦଶଥର ପଚ୍ଚରୁଥିଲେ। ସେ କନ୍ତୁ ସୁପର୍ଣ୍ଣା ସହ ଭଲ ବ୍ୟବହାର କରୁନଥିଲେ। ସଦାବେଳେ ଝିଅ ସହ ତୁଳନା କରି ତାକୁ ମାନସିକ ଆଘାତ ଦେଉଥିଲେ।

ସେମିତି ଏକ ଛୋଟ ଭୂଲ ବୁଝାମଣା ରେ ସେ ଅଭିମାନ କରି ଝିଅ ପାଖକୁ ପଳେଇ ଆସିବାର ନଷ୍ପତ୍ତି ନେଇଥିଲେ। ହେଲେ ବର୍ତ୍ତମାନ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ନମନ୍ତେ ବ୍ୟାକୁଳ। ପୁଅ ଓ ନାତି କୁ ଦେଖିବାକୁ ଉଚ୍ଛନ୍ନ।

ତାଙ୍କ ପୁଅ ଝିଅ ଭଳ ମେଧାବୀ ନଥିଲା। ଅଥକ ପରିଶ୍ରମ କଲେ ସୁଦ୍ଧା ତା ଦେଇ ପରି ନମ୍ବର ରଖି ପାରୁ ନଥିଲା। ସୁଧାର, ଶାନ୍ତ ସ୍ୱଭାବର ପୁଅ ତାଙ୍କର କେତେ ଅଭାଷା ଶୁଣୁ ନଥିଲା। ତାଙ୍କ ଠାରୁ ମଧ୍ୟ ଓ ତା ବାପାଙ୍କ ଠାରୁ ମଧ୍ୟ। କେତେ ବିଶେଷଣ ଲଗାଇ ସେ ତାକୁ ଡାକୁ ନଥିଲେ। କୁଳାଙ୍ଗାର, ମୂର୍ଖ, ଗଧ ଇତ୍ୟାଦି ଇତ୍ୟାଦି।

ଏବେ ସେ ଜିଲ୍ଲା କାର୍ଯ୍ୟାଳୟରେ ବରିଷ୍ଠ କରଣୀ ଭାବରେ କାର୍ଯ୍ୟରତ।

ଶକ୍ତିକାନ୍ତ ମୃତ୍ୟୁ ଶଯ୍ୟାରେ ଥିଲାବେଳେ ମନ ପ୍ରାଣ ଦେଇ ପୁଅ ବୋହୂ ସେବା କରି ଥିଲେ। କନ୍ତୁ ସେ ଝିଅକୁ ଝୁରି ହେଉଥିଲେ। ଝିଅର ନାଁ ତୁଣ୍ଡରେ ନେଇ ସେ ଆରପାରିକୁ ଯାଇଥିଲେ, ଝିଅ କନ୍ତୁ ଆସିଲା ନାହିଁ। ସେ ଭାବିଲେ କାର୍ଯ୍ୟଗ୍ରପ ଓ ରିର୍ଜଭେସନ ଅଭାବରୁ ସେ ଆସି ପାରି ନଥିବ। କନ୍ତୁ ସେ କଳ୍ପନା କରି ନଥିଲେ ଯେ ରୋବଟ ଦୁନଆରେ ଆସି ସେ ବି ଏକ ରୋବଟ ପାଲଟି ଯାଇଛି। ବିଜ୍ଞାନ ପଢ଼ି ପଢ଼ି ସେ ଶରୀରଟାକୁ ଏକ ମେଶିନ୍ ବୋଲି ଭାବୁଛି। ଶରୀରେତର ମନର ସ୍ନେହ, ଶ୍ରଦ୍ଧା, ଭାବପ୍ରବଣତା ର ମୂଲ୍ୟ ସେ ଆଉ ବୁଝି ପାରିବ ନାହିଁ। ସ୍ଥୁଳ ଶରୀରରେ ଯେ ଏକ ସୂକ୍ଷ୍ମ ମନ ଥାଏ, ସେ ତାହା ପାଶୋରି ଦେଇଛି।

ସ୍ୱାମୀଙ୍କର ମୃତ୍ୟୁ ପରେ ସେ ଖୁବ ଚଡ଼ଚଡ଼ା ହୋଇ ଯାଇଥିଲେ। କଥା କଥାକେ ରାଗ , ରୁଷା, ଅଭିମାନ। ମିଛରେ ବୋହୂ ଉପରେ ରାଗ, ଦୋଷାରୋପ କରୁଥିଲେ। ଏପରିକି ଏଡ଼େ ଗୁଲୁଗୁଲିଆ ନାତିର ମୋହ ମଧ ତାଙ୍କୁ ଆମେରିକା ଆସିବାରୁ ନିବର୍ତ୍ତାଇ ପାରି ନଥିଲା। ସେ ଝିଅକୁ ଫୋନରେ କହିଥିଲେ ଯେ ସେ ତା ପାଖରେ ରହିବେ। ଝିଅ ତାଙ୍କୁ ନେବାର ବ୍ୟବସ୍ଥା କରି ଦେଇଥିଲା। ପୁଅ, ବୋହୂ ଓ ନାତି ସାଙ୍ଗରେ ଦିଲ୍ଲୀ ଆସିଥିଲେ ତାଙ୍କୁ ବାଟେଇ ଦେବାପାଇଁ। ରାସ୍ତା ସାରା ପୁଅ ବୋହୂ ତାଙ୍କୁ ଶୀଘ୍ର ଫେରି ଆସିବାକୁ କହୁଥିଲେ।

ଏତେ ଦିନ ପରେ ସେ ଝିଅ ଜ୍ୱାଇଁ ଓ ନାତି ମାନଙ୍କୁ ଦେଖିବା ପାଇଁ ପାଗଳନୀ ହୋଇ ଯାଉଥିଲେ। ସେ ଭାବିଥିଲେ ତାଙ୍କୁ ପାଛୋଟି ନେବାପାଇଁ ସମସ୍ତେ ଆସିଥିବେ। କିନ୍ତୁ ତାଙ୍କୁ ନିରାଶ ହେବାକୁ ପଡ଼ିଲା। ଜଣେ ଅଧସ୍ତନ କର୍ମଚାରୀ ଆସିଥିଲା ତାଙ୍କୁ ନେବାକୁ। ତଥାପି ମୋହାବିଷ୍ଟ ସାବିତ୍ରୀଙ୍କ ମନରେ କିଛି ଦୂର୍ଭାବନା ଆସି ନଥିଲା। ଯେବେ କି ବୋହୂର ଲୁହ ଛଳଛଳ ଆଖି ଦେଖି ସେ ତାଚ୍ଛଲ୍ୟରେ ମୁହଁ ମୋଡ଼ି ଦେଇଥିଲେ।

କିନ୍ତୁ ଆଜି ସେ ଯଥାର୍ଥରେ ସେହି ଲୁହର ମୂଲ୍ୟ କଳନା କରି ପାରିଛନ୍ତି। ନିଜ ଗାଁ ମାଟିର ମୋହ ଏବେ ସେ ଅନୁଭବ କରି ପାରିଛନ୍ତି। ମେପଲ୍ ଗଛରେ ସେ ନିଜ ବାରି ଆମ୍ବଗଛର ପ୍ରତିଚ୍ଛବି ଦେଖୁଛନ୍ତି।

ମେପଲ୍ ଗଛର ପତ୍ର ଗଣିଲାବେଳେ ବାସ୍ତବରେ ସେ ଦିନ ଗଣୁଛନ୍ତି, ତିନି ମାସିଆ ଭିସା ସରିବାକୁ ଆହୁରି ତେଇଶ ଦିନ ବାକି ଅଛି।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଔଡ୍ର ଔଦାର୍ଯ୍ୟ



ରାଜଶେଖର ସି. "ଚମା"

ବହୁ ପୁରାତନ ଯେ କଳଙ୍ଗ ଉତ୍କଳ ସୁସଂସ୍କୃତ ସାମ୍ରାଜ୍ୟ,
ଔଚ୍ଚ୍ୟ ଔଚିତ୍ୟ ଔଜ୍ଜ୍ୱଲ୍ୟ ଔତ୍କର୍ଷ୍ୟ ଯେ ଔଡ୍ର ଔଦାର୍ଯ୍ୟ,
ପ୍ରାଚୀନ ଯାହାର ଶିଳ୍ପକଳା ଔଜସ୍ୟ ନୈପୁଣ୍ୟ ଭାସ୍କର୍ଯ୍ୟ,
ଔତ୍କଳୀ କବିଙ୍କ କାବ୍ୟ ଜଣାଏ ଯାହାର ଔତ୍ତମେୟ ଔନ୍ନତ୍ୟ। ୧।


ପୁରୀ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଅତ୍ୟନ୍ତ ଅମୁଲ୍ୟ,
ଓଡ଼ିଆ ମହାତ୍ମା ଦେଇଥିବା ପୁରୁଣା ପରମ୍ପରା ଅତୁଲ୍ୟ,
ଉତ୍କଳୀୟ ରନ୍ଧନ ରୀତିର ଅନ୍ୟସହ ନାହିଁ ତାରତମ୍ୟ,
କଳଙ୍ଗ ପ୍ରଦେଶର ପାର୍ବଣ ସଂସ୍କୃତି ସର୍ବଦା ସୁରମ୍ୟ। ୨।

ଅଭୁଲା ଯେ ସୋମବଂଶୀ ଗଙ୍ଗବଂଶୀ ମହାରାଜାଙ୍କ ଐତିହ୍ୟ ଆଧିପତ୍ୟ,
ପ୍ରଦାନ କରିଲେ କୋଣାର୍କ ଲିଙ୍ଗରାଜ ମନ୍ଦିରର ଚିରସ୍ଥାୟୀ ସ୍ଥାପତ୍ୟ,
ଅବିସ୍ମରଣୀୟ ଯେ ସମ୍ରାଟ କପିଳେନ୍ଦ୍ରଦେବ ଗଜପତିଙ୍କ ବୀରତ୍ୱ ଚାତୁର୍ଯ୍ୟ,
ବର୍ଣ୍ଣତୀତ ରାଜାଧିରାଜ ଶ୍ରୀଜଗନ୍ନାଥଙ୍କ ରାଜରାଜେଶ୍ୱର ବେଶର ସୌନ୍ଦର୍ଯ୍ୟ। ୩।

ଓଡ଼ିଶୀ ନୃତ୍ୟ ଯେ ଲ୍ଳତ୍ୟ ଲ୍ବଣ୍ୟ,
ଓଡ଼ିଶୀ ସଙ୍ଗୀତ ଯେ ସଦା ଶ୍ରୋତବ୍ୟ,
ଓଡ଼ିଆ ଭ୍ଗବତ ସଦା ଯେ ଶ୍ରାବ୍ୟକାବ୍ୟ,
ଓଡ଼ିଆ ଭ୍ଷା ରହୁ ସଦା ନିତ୍ୟ ନବ୍ୟ ଭବ୍ୟ। ୪।

ସୁଗ୍ବରୁ ରୂପେ ଅବିର୍ମ ରହୁ ଆମ ଔଡ୍ର ଔଦାର୍ଯ୍ୟ,
ପୂଜନୀୟ ବନ୍ଦନୀୟ ଯେ ଉତ୍କଳ ମୃତ୍ତିକାର ମାହାତ୍ମ୍ୟ,
ଯାହାର କ୍ରମବୃଦ୍ଧି ହେତୁ ରହୁ ଆମ ମଧ୍ୟେ ଚୈତନ୍ୟ,
ତେବେ ସୁନିଶ୍ଚିତ ରହିବ ସମସ୍ତ କ୍ଷେତ୍ରରେ ଅଗ୍ରଗଣ୍ୟ। ୫।

chvrajasekhar@gmail.com



# ବିବର୍ଣ୍ଣ ଛାଇ



ବିଦ୍ୟାଧର ସେଠୀ

ସମୟର ନଈ ଧାରେ
କାଳ କରାଳ ଗତିରେ
କଏ ଜିତେ କଏ ହାରେ
ଏଇତ ଜୀବନ
ପ୍ରଖର ତଟୀନୀ ସ୍ରୋତେ
ଅମାନିଆ ମନ ଭସେ
ଏ ପାଖେ ଜୀବନ ଆଉ
ସେ ପାଖେ ମରଣ ।
ଜୀବନର ସଂଜ୍ଞା ଯଦି
ଯନ୍ତ୍ରଣାର ଢେଉ ହୁଏ
ମରଣର ଅନ୍ୟ ନାମ
କଳ୍ପିତ ନିର୍ବାଣ
କଣ୍ଟକିତ ଚଲାପଥେ
ପୀୟୂଷ ବିଷ ପାଲଟେ
ଆକାଂକ୍ଷାର ବାଲିଘର
ହୁଏ ଦିବାସ୍ୱପ୍ନ ।

ବିଗଳିତ ହୃଦୟରେ
ଯେବେ ଗୃହେଁ ନଦୀ ତୀରେ
ନିଜ ଛାଇ ଲାଗେ ମୋତେ
ଆଂଶିକ ବିବର୍ଣ୍ଣ
ସେ ପାର୍ଶ୍ୱର ଦୃଶ୍ୟପଟ
କଏ ସେ ଦିବ୍ୟ ପୁରୁଷ
କରିବାକୁ ଆଲିଙ୍ଗନ
କରେ ନିମନ୍ତ୍ରଣ ।

ବ୍ୟକ୍ତିଗତ ସହାୟକ, ଜିଲ୍ଲା ପରିଷଦ
କାର୍ଯ୍ୟାଳୟ, ବାଲେଶ୍ୱର

# ଉଠାଅ ହେ ସବ୍ୟସାଚୀ; ଗାଣ୍ଡିବ ତୁମର



ବ୍ରଜନାରାୟଣ ପାଣିଗ୍ରାହୀ

କବି ବନ୍ଧୁବର ! ପୋଛ ଆଖି ବାରେ,
ଦେଖ ଫେଇ ତୃତୀୟ ନୟନ,
କଲମ ଶାଣିତ କର,
ସୃଷ୍ଟି କର ସ୍ଫୁଲିଙ୍ଗର ତାନ ।
ତୁମେ ପରା ଦ୍ୱିତୀୟ ଈଶ୍ୱର
କଳ୍ପଲୋକ- ସ୍ରଷ୍ଟା ପୁଣି ନବ ଚେତନାର !!!
ଜାତିର ଏ ଶୋକାବର୍ତ୍ତେ ଥମି ଯାଅ ନାହିଁ
ଶବ୍ଦ- ବାଣ ସଂଯୋଗରେ ଗର୍ଜି ଉଠୁ କମାଣ ତୁମର ।।
ମଣିଷ ପଣିଆ ପାଇଁ ରକ୍ତେ ଲାଗୁ ନିଆଁ
ସାରା ବିଶ୍ୱ ନଳ - ମାନବର ମିଳିତ ହୁଙ୍କାର
ମୂକ କଣ୍ଠେ ଭାଷା ଦେଉ ଆଜି
'କେତେ ଦିନ ରାଜ୍ ହେବ ଆତଙ୍କବାଦର' ???
ଅକାଳରେ ଅଦିନରେ ଯେଉଁ ମାନେ
ସୁଗମ- ଦୁର୍ଗମ ଡେଇଁ ଭୁଲି ରାତ୍ର- ଦିନ
ଜାତିର ଜୀବନ- ମାନ ରଖିବାକୁ ଶୋଉଥିବେ
ତ୍ୟାଗ ଯାହା ଦୃଷ୍ଟାନ୍ତ ବିହୀନ ।
ବୁକୁର ଶୋଣିତ ଧାରେ ଅଞ୍ଜଳ ପୂରାଇ

ଦେଶ ଜନନୀର ପଦେ ଶେଷ ଅର୍ଘ୍ୟ ଦେଇ

ନୀରବିଲେ ସବୁଦିନ ଗ୍ଳଲିଗଲେ ହସି ହସି

ତେଇଁ ସବୁ ସଂସାରର ମାୟା- ମୋହ- ନଇ ।।

ପୁତ୍ର- ହରା, ପତି- ହରା, ପିତୃ- ହରା ଆଖିର ଲୁହରେ

ଗାଢ଼ କର ଲେଖନୀର ମସୀ,

ଶଙ୍ଖ- ବ୍ରହ୍ମ ନାଦ ତୋଳ ବଜ୍ର ନାଦେ କମ୍ପୁ ଧରା

ମାନବ ବାଦର ଶତ୍ରୁ ଗଡି ପଡୁ ଖସି ।।

ଆଗେ ହେଉ ମସୀର ଲଢେଇ,

ଯେତେ ଯାହା ଧିକ୍କାରର ପଦ ଯୋଡ଼ି ଯାଅ

ଜହ୍ଲାଦ- ବର୍ବର ପ୍ରାଣ ସଂଗୋପନେ ଥାଇ

ଜୀବନ୍ମୃତ ରହିଥାନ୍ତୁ ହୋଇଣ ଅଥୟ ।।

କରୀହା ଚର- ଦୁଃଖିନୀ ଭାରତ ମାତାର

ଲହୁ- ଲୁହ ମ୍ଳାନ ଦେଖି ନୀରବ ରହିବା !!

ସନ୍ତାନଙ୍କ ଅକାଳ ନିଧନ ଦେଖି

ଘୃଣ୍ୟ- ପଶୁ ଅଟ୍ଟହାସ ମଉନେ ସହିବା...?

ତେଣୁ ଏବେ କ୍ଷିପ୍ର କର, ତୀବ୍ର କର ଗାଣ୍ଡିବର ତୀର

ଏ ମାଟିର ସୁପ୍ତ ସିଂହ ଛାଡୁ ତା ହୁଙ୍କାର !!!

ସୃଷ୍ଟି ହେଉ ଆଗ୍ନେୟ ଆହ୍ୱାନ,

ଉଠାଅ ହେ ସବ୍ୟସାଚୀ ଗାଣ୍ଡିବ ଏଥର ।।

ଏବେ ଆଉ ସ୍ୱପ୍ନ କ ଯୌବନ ନୁହେଁ, ପ୍ରୀତିର ଗୁଞ୍ଜନ ନୁହେଁ,

ନୁହେଁ ପୁଣି ଫଗୁଣର ଗୀତ ;

ଏଠି ସେଠି ହତଭାଗୀ ପୁତ୍ର- ହରା ଜନନୀକୁ

ନୀରବେ ଦେଖିବା, କାନ୍ଦୁଥିବ ଏଠି ଦିବା- ରାତ୍ର ।।

ଶକ୍ତି ସାହସ ବିକ୍ରମେ ଜାଗୁ ବିଶ୍ୱ- ପ୍ରାଣ
ତା'ପରେ ଗାଇବ ଶାନ୍ତି- ମୈତ୍ରୀ - ପ୍ରୀତି - ମମତାର ଗାନ ।
ଫେରି ଗ୍ଚହଁ ଅତୀତକୁ ଯେତେ ଯାହା ଶାନ୍ତିର ଇଲାକା
କିଏ ଥିଲା ତା'ର ରୂପକାର ?
ଯେତେ ଯାହା ଭଙ୍ଗା- ଗଢା ଧରା ପରେ ହୁଏ
କିଏ ସେଠି ନେପଥ୍ୟର ସ୍ୱର ? ?
ତେଣୁ ବନ୍ଧୁ ! ଉଠ- ଜାଗ- ଦୃଢ଼ କର ଛାତି
ଶକ୍ତ ଓ ଶାଣିତ ହେଉ ଏଇ ଅଭିଯାନ
ହୁଏତ ନିଧନ ଅବା ଧରା ସ୍ୱର୍ଗ- ଶାନ୍ତି
ଯାହା ଆସୁ ସେ ତ ପରା ଧାରା- ଚିରନ୍ତନ ।।

ମଧୁବନ, ବାଲିଆପାଳ, ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ସୀମାହୀନ ସ୍ମୃତି



ପୁରୁଷୋତ୍ତମ ମିଶ୍ର

କଲେଜ୍ କ୍ୟାମ୍ପସ୍ ରେ ପେନ୍ଥା ପେନ୍ଥା ଆମ୍ବ ବଉଳ ଗଛରେ ଝୁଲି ଖେଳୁଥିଲା । କୋଇଲି ବି ରହି ରହି କୁହୁ କୁହୁ ଡାକୁଥିଲା । ବସନ୍ତର ବାର୍ତ୍ତା ନେଇ ସୁଲୁସୁଲିଆ ମଳୟ ବୋହି ଆସୁଥିଲା । ରତୁରାଜ ଙ୍କ ଆଗମନରେ ମୋ ମନ ବି ଉଚାଟ ହେଉଥିଲା, ଯଦିଓ ମୁଁ ଏ ଭିତରେ ଉଣେଇଶ ଟି ବସନ୍ତ ପାର କରିସାରିଥିଲି । କାହିଁକି କେଜାଣି ସେଥର ର ସେହି ରତୁଟା ମୋ ଜୀବନରେ ନୂଆ ରଙ୍ଗ ବୋଳୁଥିବା ପରି ମୋତେ ମନେ ହେଉଥିଲା ।

ସେତେବେଳେ ମୁଁ କେଉଁଝର ର ସରକାରୀ ଇଂଜିନିୟରିଂ କଲେଜ୍ ରେ ତୃତୀୟ ବର୍ଷ ବି.ଟେକ୍ ର ଛାତ୍ର । ଆଗକୁ ପରୀକ୍ଷା ଥାଏ । କିନ୍ତୁ ମୁଁ ପଢ଼ା ପଢ଼ି ନକରି କଲେଜ୍ ଫଙ୍କସନ ପାଇଁ ମାତିଥାଏ । ଆହୁରି ମଧ୍ୟ କଲେଜ୍ ର ବିଭିନ୍ନ ସମସ୍ୟା ନେଇ ସେତେବେଳେ ଛାତ୍ର ଓ ପ୍ରିନ୍ସିପାଲ୍ ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥାଏ । ବଡ଼ ଗୋଟେ ଅଡୁଆ ପରିସ୍ଥିତି ଦେଇ ମୁଁ ଗତି କରୁଥିଲି । ପ୍ରାୟ ପ୍ରତିଦିନ ଗଣ୍ଡଗୋଳ ଓ ବିଶୃଙ୍ଖଳା । ମୋର ମନ ଓ ମସ୍ତିଷ୍କ ଇଂଜିନିୟରିଂ ପାଠ ଠୁ ଅନେକ ଦୂରକୁ ଦୁରେଇ ଯାଉଥିଲା ଯୋଉଟା ପାଇଁ ମୁଁ ଆଦୌ ସଚେତନ ନଥିଲି । ମୋ ଗରିବ ପରିବାର ପ୍ରତି ମୋର କର୍ତବ୍ୟ କୁ ମଧ୍ୟ ମୁଁ ଭୁଲି ଯାଇ ଭୁଲ ଗୋଟେ ବିପଦପୂର୍ଣ୍ଣ ରାସ୍ତାକୁ ପାଦ ବଢ଼ାଉ ଥିଲା ବେଳେ ତା ସହ ମୋର ଦେଖା ହେଲା । ଆଜି ବି ମୋର ସେହି ଝରଣା ପରି ସ୍ୱଚ୍ଛ ଓ ଛଳ ଛଳ ସ୍ମୃତି ର ହାଲକା ହାଲକା ନରୀହପଣ ମୋ ଆଖି ଆଗରେ ନାଚଯାଏ । ମୁଁ ଶତ ଚେଷ୍ଟା କଲେ ବି ଭୁଲି ପାରେନ ।

ସ୍ମୃତି ସହ ପ୍ରଥମ ଭେଟ ଲେଡିଜ୍ ହଷ୍ଟେଲ ସାମ୍ନାରେ । ମୁଁ ମୋ ବ୍ୟାଚ୍ ର ଅନ୍ତରଙ୍ଗ ଝିଅ ସାଙ୍ଗ ଟେ ଠାରୁ ଗୋଟେ ବହି ଆଣିବାକୁ ଯାଇଥାଏ । ପାଠ ପଢ଼ାରେ ବହୁତ ପଛେଇ ଯାଇଥିବା ହେତୁ ମୋର ପ୍ଲସ ଟୁ ଠାରୁ ଆଜି ଯାଏଁ ବେଷ୍ଟ ଫ୍ରେଣ୍ଡ ଭାବେ ମୋ ସାଥ

ଦେଇଥିବା ପ୍ରିୟ ସାଙ୍ଗ 'ନାଜିଆ' ମୋତେ ଖୁବ ଗାଳି କରୁଥାଏ । ମୁଁ ମୁଣ୍ଡ ତଳକୁ କରି ତାର ସବୁ ଗାଳିକୁ ହଜମ କରୁଥାଏ । ସେହି ସମୟରେ ଗେଟ୍ ଭିତରକୁ ସଲୱାର ସୁଟ୍ ପିନ୍ଧା ତନୁ ପାତଳୀ ଝିଅଟେ ପଶିଗଲା । ସେ ଯିବା ପୂର୍ବରୁ ନାଜିଆ ଓ ମୋ ଆଡ଼କୁ ଟିକେ ଚାହିଁ ଦେଇଗଲା । ମୋ ନଜର ତା ଆଖିରେ ପଡିବା କ୍ଷଣି ଆଉ ଫେରେଇ ଆଣି ପାରିଲିନ । ସେ ଚାଲିଯାଇଥିଲା ମୁଁ କିନ୍ତୁ ଅନ୍ୟମନସ୍କ ଭାବେ ସେହି ତାର ଯିବା ରାସ୍ତା କୁ ଦେଖୁଥିଲି । ନାଜିଆ ସବୁ ବୁଝିପାରେ ।

:କରେ ମନ ଲାଖି ଗଲା କି ?

:ଉଁ.. କଣ କହୁଛୁ ?

:ସ୍ମୃତି.. ତା ନାଁ ସ୍ମୃତି ।

ନାଜିଆ ମୁରୁକି ହସି କହିଲା ।

ମୁଁ ମୋ କାନ କୁ ଆଉଁଷୁ ଆଉଁଷୁ ପଚାରିଲି, "କୋଉ ଇୟର୍ କ ରେ "?

: ଫାର୍ଷ୍ଟ ଇୟର । ମୋ ରୁମ୍ ମେଟ୍ ।

: ବାଃ ! ବଢିଆ ହେଲା ।

: ସେ ବହୁତ ସିମ୍ପଲ ଝିଅଟା ବେ । ତୋ ଟାଇପ୍ ର ନୁହେଁ । ବୁଝିଲୁ? ତୁ ଏବେ ପଢା ପଢିରେ କନସେନଟ୍ରେଟ୍ କର । ଆଉ ସବୁ ବାତଚାମୀ ଛାଡ଼ ।

ମୁଁ ସେଦିନ ନାଜିଆ ର ହଷ୍ଟେଲ ରୁ ବହି ନେଇ ପଳେଇ ଆସିଥିଲି । କିନ୍ତୁ ସେହି ସେହି ନିରୀହ ଗୋଲ ସୁନ୍ଦର ମୁହଁ ଟା ଓ ବଡ଼ ବଡ଼ ଆଖି ଦୁଇଟା ପୁଣି ଥରେ ମୋତେ ସେଠିକି ଟାଣି ନେଉଥିଲା । ମୁଁ ଫିଜିକାଲ୍ ଭାବେ ତ ବୟେଜ୍ ହଷ୍ଟେଲ ରେ ଥି ଲି କିନ୍ତୁ ମାନସିକ ସ୍ତରରେ ମୋ ମନଟା ଗାର୍ଲସ ହଷ୍ଟେଲ ର ଫାର୍ଷ୍ଟ ଇୟର ଝିଅ ସ୍ମୃତି ପାଖରେ ଘୁରିବୁଲୁଥିଲା ।

ନାଜିଆ କୁ ଫୋନ ଲଗେଇଲି । ପୁଣି ତା ପରଦିନ ତା ହଷ୍ଟେଲ କୁ ଗଲି । ବାରମ୍ବାର ନାଜିଆ କୁ ଫୋନ କରିବା ଓ ଲେଡ଼ିଜ ହଷ୍ଟେଲ ର ଚକ୍କର କାଟିବା ଦେଖି ମୋ ସାଙ୍ଗ ମାନେ ଭିନ୍ନ କଥା ଭାବୁଥିଲେ । ନାଜିଆ ବି ଏ ଭିତରେ ଝିଅଟାକୁ ମୋ ବିଷୟରେ କହିଦେଇଥାଏ । ଝିଅଟାର ପ୍ରତିକ୍ରିୟା କଣ ଜାଣିବାକୁ ମୁଁ ଭୀଷଣ ଭାବେ ଆଗ୍ରହୀ ଥିଲି ।

ଆଜି ମନେ ପଡ଼େ, ଖୁବ ମନେ ପଡ଼େ ସେହି ପ୍ରଥମ ଥର ତା ଓଠରେ ମୋ ନାଁ ଟା ଶୁଣିବାର ସୁଖଦଃ ମୁହୂର୍ତ୍ତ ।

: ସୋନୁ ! ( ନାଜିଆ ମୋତେ ଏଇ ନାଁରେ ଡାକେ ) ଇଏ ସ୍ମୃତି । ମୋ ରୁମ୍ ମେଟ୍ ।

: ହାଏ ସ୍ମୃତି ! କେମିତି ଅଛ ?

: ଭଲ ଅଛି ସାର୍ ।

: ସାର୍ ନୁହେଁ ତୁମେ ମୋତେ ସୋନୁ ନହେଲେ ସମ୍ବିତ ଡାକପାରିବ ।

: କନ୍ତୁ ସାର୍..

:କନ୍ତୁ ଫିନ୍ତୁ କଛି ନାହିଁ । ମୋତେ ଭଲ ଲାଗିବ ।

ସେ ଲାଜ ଲାଜ ହେଇ ମୋତେ କହିଥିଲା, "ଓକେ ସମ୍ବିତ " ।

ମୁଁ ଏବେ ଆଉ ନାଜିଆ କୁ ଫୋନ ନକରି ସ୍ମୃତି କୁ କଲ୍ କରୁଥିଲି । ନାଜିଆ ପାଖେ କାମ ଥିଲେ ବି ସ୍ମୃତି କୁ ଜଣାଉଥିଲି । ନାଜିଆ ବିରକ୍ତ ହେଉଥିଲା । ଦେଖାହେଲେ କହୁଥିଲା, "ହଉରେ ପୁଅ, ଗର୍ଲ ଫ୍ରେଣ୍ଡ କୁ ପାଇ ବେଷ୍ଟ ଫ୍ରେଣ୍ଡ କୁ ଭୁଲିଗଲୁ ନାଇଁ? "

ମୁଁ କନ୍ତୁ ତାକୁ ପାଇନଥିଲି । ମୋତେ ଲାଗୁଥିଲା ମୁଁ ଜୋର କରି ସ୍ମୃତି ସହ କଥା ହେଉଛି । ତାର ଆଗ୍ରହ ନାହିଁ । ସେ ଭୟ ରେ ବା ସିନୟର୍ ବୋଲି ରେସପେକ୍ଟ ଦେଇ କଥା ହେଉଛି । ମୁଁ ଅନୁଭବ କରୁଥିଲି ସେ ଖୁସି ନଥିଲା । ବସନ୍ତ ର ଆଗମନ ରେ ମୁଁ ଆନମନା ହେଉଥିଲି ସେ କନ୍ତୁ ଆହତ ହେଉଥିଲା ପରି ମୋତେ ଲାଗୁଥିଲା ।

ମାର୍ଚ୍ଚ ପନ୍ଦର ତାରିଖ । ହୋଲି ର ପୂର୍ବ ଦିନ । ମୁଁ ସ୍ମୃତି କୁ ହଷ୍ଟେଲ ବାହାରକୁ ଡାକଲି । ସେ ଆସିଲା । ଅପରାହ୍ନ ପାଞ୍ଚଟା । ଆମ୍ବ ବଉଳ ର ବାସ୍ନା ରେ ମୁଁ ଅଣନଶ୍ୱାସୀ ହେଉଥିଲି । ଋତୁ ଟା ଉପରେ ଭୀଷଣ ରାଗୁଥିଲି । କୋଇଲି ଟାର ରାବ ବଡ଼ ବିରକ୍ତ ବୋଧ ହେଉଥିଲା ମୋତେ । ମୁଁ ଜାଣିପାରୁନଥିଲି କାହିଁକି ମୋତେ ଏମିତି ଲାଗୁଥିଲା । ଆମେ ଚାଲି ଚାଲି କଛି ବାଟ ଗଲୁ । ଦୁହେଁ ନିରବ ଥିଲୁ । ସେ ପ୍ରଥମେ କହିଲା, "ସମ୍ବିତ ତୁମେ ପଢ଼ା ପଢ଼ି କରୁଛ ତ ? "

: ମନ ଲାଗୁନ ।

:ଏମିତି ହେଲେ କେମିତି ହେବ କୁହ ? ଫ୍ୟୁଚର୍ କଥା ଟିକେ ଚନ୍ତା କର ଏବେ ଠୁ । ସମୟ ଗଡ଼ିଗଲେ ଆଉ କଛି କରିହେବନ । ପ୍ଲିଜ୍ ପାଠରେ ମନ ଦିଅ ।

:ମୁଁ ଆଜି ଗୋଟେ କଥା ତୁମକୁ ପଚାରିବାକୁ ଡାକଛି । ତୁମେ ସତ କହିଦେଲେ ମୋର ଦ୍ୱନ୍ଦ୍ୱ ଦୂର ହେବ ଆଉ ମୁଁ ସବୁ ଛାଡ଼ି ଶାନ୍ତିରେ ପଢ଼ି ପାରିବି ।

: ପଚାର ।

: ସ୍ମୃତି, ମୁଁ ତୁମକୁ କାହିଁକି ଏତେ ନଜର ଭାବେ ଜାଣେନ । ମୁଁ ତୁମ ଭାବନାରେ ସବୁବେଳେ ବୁଡି ରହୁଛି । ବହୁତ ଭଲ ପାଉଛି ତୁମକୁ । ଆଉ ମୋତେ ଲାଗୁଛି ମୁଁ ତୁମକୁ ଜୋରକରି ମୋ ସହ କଥା ହେବାକୁ ବାଧ୍ୟ କରୁଛି କେବଳ ମୋ ନଜର ସ୍ୱାର୍ଥ ପାଇଁ । ତୁମେ ମୋତେ ଆଜି କ୍ଲିଅର କରି କୁହ ତୁମେ ବାଧ୍ୟରେ ମୋ ସହ ମିଶୁଛ ନାଁ ନଜ ଇଚ୍ଛା ରେ ? ଦେଖ, ତୁମେ ସତ କହିବ ଆଜି । ସତ ଯାହା ହେଇଥିବ ମୁଁ ଖୁସି ଖୁସି ଗ୍ରହଣ କରିନେବି । ଆଉ ମୋ ନଜ ଅତ୍ୟାଚାର ମୁଁ ନଜେ ସହିପାରିବିନ । ନାଜିଆ ବି ମୋ ସହ ଏବେ ଭଲରେ କଥା ହେଉନାହିଁ । ମତେ ଦୋଷୀ ଦୋଷୀ ଲାଗୁଛି ।

ମୋ କଥା ଶୁଣି ସ୍ମୃତି କୁ କାହିଁକି ଏତେ କଷ୍ଟ ଲାଗିଲା ମୁଁ ଆଜି ଯାଏଁ ବୁଝିପାରି । ସେ ଟା ଢଳ ଢଳ ଆଖିରୁ ଲୁହ ଗଡେଇବା ଆରମ୍ଭ କରିଦେଲା । କଛି କହିପାରିଲାନ । ମୁଁ ରୁମାଲ୍ ଟା ବଢ଼େଇଲି । ସେ ନେଲାନାହିଁ । ମୁଁ ଆହୁରି ଆଘାତ ପାଇଲି । ବ୍ୟସ୍ତ ଲାଗିଲା । ସେ କଛି ସମୟ

କାନ୍ଦି ସାରିଲା ପରେ ହଠାତ ମୋ ଡାହାଣ ବାହୁ ପାଖରେ ନିଜ କାନ୍ଦୁରା ମୁହଁ ଟାକୁ ଗୁଞ୍ଜିଦେଇ କହିଲା, "ମୁଁ ସେମିତି ଝିଅ ନୁହେଁ ଯେ ଏମିତି କଏ ଜୋର କରିଦେଲେ ତା ସହ ରାତି ରାତି ଫୋନ ରେ ଗପିଦେବି । ଆଗରୁ କେବେ କୋଉ ପୁଅ ସହ କଥା ହେଇନି । କାହା ପାଇଁ କେବେ ବି ମୋ ହାର୍ଟ ରେ କଛି ଫିଲିଙ୍ଗ୍ସ ନଥିଲା । ଏଇ ଫାର୍ଷ୍ଟ ଟାଇମ୍ । ମୁଁ ଜାଣିନି ନାଜିଆ ଦି କାହିଁକି ତୁମ ସହ କଥା ହେଉନାହାଁନ୍ତି । ସେ ମୋ ସହ ବି ଭଲରେ କଥା ହେଉନାହାଁନ୍ତି ।"

ମୁଁ ସ୍ମୃତି କୁ ଏଥର ସିଧା ପଚାରିଲି "ଡୁ ୟୁ ଲଭ୍ ମି ? "

ସେ ଖାଲି ଡବ ଡବ କରି ମୋତେ ଦେଖିଲା । ପୁଣି ରାଗରେ ଲାଲ୍ ପଡିଯାଇ କହିଲା, "ମୋତେ କଣ ବୋଲି ଭାବୁଛ ? ମୁଁ କଣ ଯାତ୍ରା କରୁଛି? "

ସନ୍ଧ୍ୟା ନଇଁ ଆସୁଥିଲା । ଅସ୍ତମିତ ସୂର୍ଯ୍ୟଙ୍କ ରକ୍ତିମ କିରଣ ସ୍ମୃତି ର ଗାଲରେ ପଡ଼ି ସେ ଆହୁରି ଆକର୍ଷଣୀୟା ଦିଶୁଥିଲା । ମୁଁ ତାକୁ ନିଜ ଆଡ଼କୁ ଭିଡ଼ି ଆଣି ପଚାରିଲି "ତାହେଲେ କଣ କରିବା କୁହ ? ଏବେ ବୁଝିଲି ତୁମକୁ । ସରି ସ୍ମୃତି । ଆଉ କେବେ ପଚାରିବିନି । ଏବେ ଆଗକୁ କଣ କରିବି କୁହ? "

: ସାଧନା । ଗଭୀର ସାଧନା । ସେ ଗଣ୍ଡଗୋଳ, ମାଡ଼ପିଟ୍, ଦାବୀ - ଆନ୍ଦୋଳନ, ଘେରାଉ ଛାଡ଼ି ପଢ଼ା ପଢ଼ି କର । ନହେଲେ ତୁମ ଫିଲିଙ୍ଗ୍ସ ମୋ ଅକୁହା ହୃଦୟର ସବୁତକ ଅବ୍ୟକ୍ତ ଅପ୍ରକାଶ୍ୟ ପ୍ରେମ ଏହି କ୍ୟାମ୍ପସ୍ ଭିତରେ ସୀମିତ ରହିଯିବ । ଆଉ ଏଇଠି ହିଁ ଶେଷ ନିଶ୍ୱାସ ଛାଡ଼ିଦେବ । ଏହି ବିଲ୍ଡିଙ୍ଗସ, ହଷ୍ଟେଲ, ରାସ୍ତା, ଗଛ ଲତା ଭିତରେ ଆମ ପ୍ରେମ ଚୀରଦିନ ପାଇଁ ଲୁଚିଯିବ ।

ସ୍ମୃତି ସେଦିନ ସେତିକି କହି ହଷ୍ଟେଲ କୁ ଫେରିଯିବାକୁ ଲାଗିଲା । ମୁହଁ ଅନ୍ଧାର ସଞ୍ଜବେଳକୁ ଷ୍ଟ୍ରିଟ ଲାଇଟର ଅନୁଜ୍ଜ୍ୱଳ ଆଲୋକ ରେ ଆମ ଦୁହିଁଙ୍କ ଛାୟା ଦୀର୍ଘକାୟ ଦିଶୁଥିଲା । ଛାୟା ଦୁଇଟି ପରସ୍ପର ଠୁ ଧୀରେ ଧୀରେ ଦୁରେଇଲେ । ସେ ତା ହଷ୍ଟେଲ ହତା ପାର କରି ଭିତରକୁ ଯାଇସାରିଥିଲା । ମୁଁ ବାହାରେ ଟିକେ ସମୟ ଟହଲ ମାରି ଫେରି ଆସିଲି । ସେଦିନ କିନ୍ତୁ ଆଉ ପଛକୁ ବୁଲି ଦେଖିନଥିଲି । ଆତ୍ମବିଶ୍ୱାସ ବଢ଼ି ଯାଇଥିଲା । ଆଉ

ସେବେଠୁ କୋଉଦିନ ପଛକୁ ବୁଲି ଦେଖିନାହିଁ । ସ୍ମୃତି ର ସ୍ମୃତି ମୋତେ ଆଗକୁ ବାଟ କଢେଇ ନଏ ।

ମୋ ଜୀବନର ବିଂଶତମ ବସନ୍ତ ପାର ହେଇ ସାରିଥିଲା । ସ୍ମୃତି ର ନିରୀହ, ଅନାବିଳ ସ୍ନେହ, ପ୍ରେମ ଆଗରେ ମୁଁ ନିଜର ସମସ୍ତ ବଦଗୁଣ କୁ ବଳି ପକେଇ ଦେଇଥିଲି । ଦୁଇଟା ଡୋରରେ ଛକ ପରି ବାନ୍ଧି ହୋଇଯାଇଥିଲା ମୋ ଜୀବନ । ଗୋଟେ ସ୍ମୃତିର ଭଲପାଇବା ର ଡୋର, ଆରଟି ମୋର ପୂର୍ବରୁ ଛିଡି ଯିବାକୁ ବସିଥିବା ଓ ନୂଆ ନୂଆ ଗଣ୍ଠି ପଡ଼ି ମଜବୁତ ହେଇଥିବା ସେହି ପାଠ ର ଡୋର । ବାପା ବୋଉଙ୍କୁ ଏତେଟା ଫୋନ କରୁନଥିଲି । ନାଜିଆ ସହ ଦୂରତା ବଢ଼ିଯାଇଥିଲା । ଦ୍ୱିତୀୟ ବର୍ଷ ବେଳକୁ ସ୍ମୃତି ମଧ୍ୟ ନାଜିଆ ର ରୁମ୍ ଛାଡ଼ି ସାରିଥି ।

ମୁଁ ସ୍ମୃତିର ଯେତେ ନିକଟବର୍ତ୍ତୀ ହେଉଥିଲି ନାଜିଆ ଓ ପୁଗ୍ ଦୁନିଆଁ ଠୁ ସେତିକି ଦୁରେଇ ଯାଉଥିଲି । କିନ୍ତୁ ଏଇଟା ବି ସତ ମୁଁ ମୋ ବିଶୃଙ୍ଖଳିତ ଜୀବନରୁ ବାହାରି ଆସି ପାଠ ରେ ବେଶି ରୁ ବେଶି ମନୋଯୋଗ ଦେଉଥିଲି । ମୁଁ ଗ୍ରହୁଁନଥିଲି ଆମ ଭଲ ପାଇବା କ୍ୟାମ୍ପସ୍ ରେ ଶେଷନିଶ୍ୱାସ ଛାଡ଼ିଦେଉ । ଆମ ପ୍ରେମକୁ ବଞ୍ଚେଇ ରଖିବା ପାଇଁ ମୋତେ ପଢ଼ିବାକୁ ଥିଲା । ଭଲ ରେଜଲ୍ଟ କରି ଜବ୍ କରିବାର ଥିଲା । ମୁଁ ପଢୁଥିଲି । ଜବ୍ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେଉଥିଲି । ମୋର ଫାଇନାଲ ପରୀକ୍ଷା ଆଉ ଅଳ୍ପଦିନ ଥିଲା, ସ୍ମୃତି ଫୋନ କରି କହିଲା ସେ ବାଲେଶ୍ୱର ଯାଉଛି, ତା ଘର କୁ । ତା ମାମା ଙ୍କ ଦେହ ଭଲ ନାହିଁ । ମୁଁ ଦୁଃଖୀ ହେଲି । କିନ୍ତୁ ବରାବର ଟଚ୍ ରେ ରହିବାର ପ୍ରତିଶୃତିଟି ନେଇ ତାକୁ ଯିବାକୁ ଦେଲି ।

ସ୍ମୃତି ମୋତେ ଫୋନ କରେ । ମାମା ଭଲ ହେଇଗଲେ ଆସିବ କହେ । ମୁଁ ପଢ଼ା ପଢ଼ି କରେ। ନାଜିଆ ଏବେ ପୁଣି ଥରେ ମୋତେ ପଢ଼ାରେ ସାହାଯ୍ୟ କରେ । ନିଜର ନୋଟସ୍ ମୋ ସହ ସେୟାର କରେ । ଆମେ ଦୁହେଁ ମିଶି ପଢୁ । ଫାଙ୍କା ସମୟରେ ତା ସହ କଫି ପିଇବାକୁ, ଆଇସ୍କ୍ରିମ ଖାଇବାକୁ ଯାଏ। ସେଦିନ ଥିଲା ନାଜିଆ ର ଜନ୍ମଦିନ । ସେ ମୋତେ ନିକଟସ୍ଥ ଏକ ପାର୍କ କୁ ଡାକଲା । ମୁଁ ଭାବିଲି ଅନ୍ୟ ଫ୍ରେଣ୍ଡସ୍ ବି ଥିବେ । କେହି ନଥିଲେ । କେବଳ ଆମେ ଦୁହେଁ । ନାଜିଆ କେକ୍ କାଟିଲା । ଆମେ ସେଲିବ୍ରେଟ୍ କଲୁ । ସେ ତା ଫୋନ ରେ ଗୁଡ଼ାଏ ଫୋଟୋ ଉଠେଇଲା । ମୋ କାନ୍ଧରେ ହାତ ରଖି ସେଲ୍ଫି ନେଲା । ମୁଁ ତା ଗାଲରେ କ୍ରିମ

ବୋଳବାର ଦୃଶ୍ୟ କୁ ବି ସେ ମୋବାଇଲ କ୍ୟାମେରା ରେ କ୍ୟାପଚର୍ କରିନେଲା । ମୁଁ ହଷ୍ଟେଲ୍ କୁ ଫେରିଲି । ଖୁସି ଥିଲି । କନ୍ତୁ ସ୍ମୃତି କୁ ବହୁତ ମିସ୍ କରୁଥିଲି । " ସେ ଯଦି ଜାଣିବ ନାଜିଆ ଆଉ ଆଗଭଳ ମୋ ଉପରେ ରାଗୁନ ନିଶ୍ଚୟ ଖୁସି ହେବ ", ମନେ ମନେ ଭାବୁଥିଲି ।

ତା ପରଦିନ ସକାଳୁ ସ୍ମୃତି କୁ ଫୋନ ଲଗେଇଲି, ସେ କହିଲା," ପଢ଼ ମନ ଦେଇ । ଫୋନ ଫାନ୍ ଏତେ କରନା । ମୁଁ ଘରେ ବ୍ୟସ୍ତ ରହୁଛି । କଥା ହେଇପାରିବିନ ।"

ମୋତେ କାହିଁକ କେଜାଣି ତା କଣ୍ଠରେ ସେହି ପୂର୍ବର ମଧୁରତା ଥିଲା ପରି ଲାଗିଲାନ ।

ମୁଁ ପୁଣି ଲାଇବ୍ରେରୀ ରୁ ଆସି ଫୋନ କଲି ସେ ରିସିଭ କଲାନ । ମେସେଜ ଦେଲା, "ପଢ଼ । ରାତି କୁ କଥା ହେବା ।" ରାତିରେ ବି ସେମିତି, "ବାପା ଅଛନ୍ତି । ତୁମେ ପଢ଼ । ପରୀକ୍ଷା ମୁଣ୍ଡ ଉପରେ "।

ସ୍ମୃତି ଫେରୁନଥିଲା କମ୍ପା ମୋ ସହ ଭଲରେ କଥା ହେଉନଥିଲା । ମୋତେ ବ୍ୟସ୍ତ ଲାଗୁଥିଲେ ବି ମୁଁ ଆମ ଭଲପାଇବା ର ଭବିଷ୍ୟତ କଥା ଚନ୍ତା କରି ପଢ଼ାରେ ମନ ଦେଉଥିଲି । ଦିନ ପରେ ଦିନ ଗଡ଼ିଗଲା । ମୋ ପରୀକ୍ଷା ଆରମ୍ଭ ହେଇଗଲା । ମୁଁ ଫୋନ ପ୍ରାୟ ବନ୍ଦ ରଖିଲି । ସ୍ମୃତି ର ଫୋନ ଆଉ ଆସୁନଥିଲା । ପରୀକ୍ଷା ସରିଲେ କଥା ହେବି ଚନ୍ତାକରି ଆଉ ଏତେଟା ବ୍ୟତିବ୍ୟସ୍ତ ହେଲିନ । ମୁଁ ଫେସବୁକ ବି ଖୋଲୁନଥିଲି । ମେସେଜ ଚେକ୍ କରିବାକୁ ସମୟ ମିଳୁନଥିଲା ।

ପରୀକ୍ଷା ସରିଗଲା । ମୁଁ ସ୍ମୃତି କୁ ମେସେଜ କଲି । ମେସେଜ ଡେଲିଭରି ହେଲାନ । କଲ୍ କଲି ଫୋନ ଲାଗିଲାନ । ନମ୍ବର ସ୍ୱୀଚ୍ ଅଫ ଥିଲା ।

ମୁଁ ଖୁବ ବିବ୍ରତ ହେଲି । ମୋର ଗୋଟେ ଭଲ କମ୍ପାନୀ ରେ ଇଣ୍ଟରଭିୟୁ ଟେ ଥିଲା । ମୁଁ ସ୍ଥିର ହେଇପାରିଲିନ । ଫେସବୁକ ରୁ ସ୍ମୃତି ର ଆକାଉଣ୍ଟ ରିମୁଭ ହେଇସାରିଥିଲା । "ବଡ଼ ଅଜବ ଝିଅ", ରାଗରେ ଗାରୁ ଗାରୁ ହେଲି । ତା ସାଙ୍ଗ ମାନଙ୍କୁ ପଗ୍ଚରିଲି, ସେମାନେ କହିଲେ କଛି ଜାଣିନାହାଁନ୍ତି ।

ନାଜିଆ ର ସିଲେକ୍ସନ ହେଇଗଲା । ମୁଁ କଟିଯାଇଥିଲି । ମୁଣ୍ଡ ତଳକୁ କରି ବସିଥିଲି । ନାଜିଆ ଆସି ମୋତେ ଖୁବ ବୁଝେଇଲା । ଆଗକୁ ଆହୁରି ଭଲ କମ୍ପାନୀରେ ମୁଁ ମନୋନୀତ ହେବି ବୋଲି ମୋତେ ଆଶ୍ୱାସନା ଦେଲା । ମୁଁ ତା ଆଞ୍ଚୁଳ ଭିତରେ କାନ୍ଦି ପକାଇ ମେଞ୍ଚାଏ ଲୁହ ଢାଳ ଦେଲି । ସେ ଲୁହ ର ମାନେ ଯେ ସ୍ମୃତି ର ସ୍ମୃତି ସେ ଠିକ ବୁଝିନେଲା ।

:ନାଜ୍, ସେ ଠିକ ଥିବ ତ ?

:ଠିକ ମାନେ ? ସେ ବହୁତ ଠିକ ଅଛି । ତୁ ଖାଲି ଯାହା ତା ପାଇଁ ଲୁହ ଗଡ଼ଉଛୁ । ବୋକା କୋଉଠିକାର । ଆରେ ତାର ବାଲେଶ୍ୱର ରେ ଗୋଟେ ମନ୍ତ୍ରୀ ର ପୁଅ ସହ ଚକ୍କର ଚାଲିଥିଲା । ସେ ଯେମିତି ସାଧା ସିଧା ଦେଖାଯାଏ, ସେତିକ ନୁହେଁ । ବହୁତ ଚୁପ ସୈତାନ । ତା ମ୍ୟାରେଜ ଠିକ ହେଇଯାଇଛି ।

ମୋ ମୁଣ୍ଡ ଉପରେ ଆକାଶ ଖସିପଡିଲା । ଇଚ୍ଛା ହେଉଥିଲା ନାଜିଆ କୁ ଟେକ କଚାଡ଼ି ଦେବାକୁ ।

"ତୁ ମିଛ କହୁଛୁ ନାଜ୍ " ।

ନାଜିଆ ତା ଫୋନ କାଢିଲା ଆଉ ଗୋଟେ ଫୋଟୋ ମୋତେ ଦେଖେଇଲା । ମୁଁ ରାଗରେ ମାଟିକୁ ବିଧା ଟାଏ ମାରିଲି । ନାଜିଆ ଠାରୁ ବଡ଼ କାକୁତି ହେଇ ବିଶ୍ୱାସଘାତିନୀ ର ନମ୍ବର ଆଣିଲି । ଫୋନ କଲି । ସେ ଉଠେଇଲା । ମନ ଇଚ୍ଛା ଶୋଧିଲି । ସେ କଣ କହୁଥିଲା ଶୁଣିଲିନି।

ସିମ କାର୍ଡ କାଢ଼ି ଫିଙ୍ଗିଦେଲି । ନୂଆ ଜୀବନ ଟେ ଆରମ୍ଭ କରିବାର ସଂକଳ୍ପ ନେଲି । ଜବ୍ ହେଇଗଲା । ନାଜିଆ, ମୁଁ ଓ ଅନ୍ୟ ସମସ୍ତେ ଅଲଗା ଅଲଗା ହେଇ ଚାକରୀ ପାଇଁ କେଉଁଝର ଛାଡ଼ି ଦୂରକୁ ଚାଲିଗଲୁ । ମୋ ଅସମ୍ପୂର୍ଣ୍ଣ ପ୍ରେମ କାହାଣୀ ସତରେ ସ୍ମୃତି ହେଇ କଲେଜ୍ କ୍ୟାମ୍ପସ୍ ରେ ଲୁଚ ରହିଗଲା ।

ସେହି ଘଟଣାର ଅନେକ ବର୍ଷ ପରେ ପୁଣି ଗୋଟେ ସେହି କଲେଜ୍ ଦିନର ବସନ୍ତ ଫେରିଆସିଲା ପରି ମୋତେ ଲାଗୁଥିଲା । ମୁଁ କେଉଁଝର ଆସିଥିଲି ଗୋଟେ କାମରେ । କଲେଜ୍

ଆଡ଼େ ବାହାରିଲି । କ୍ୟାମ୍ପସ୍ ରେ କେବଳ ମୋତେ ସ୍ମୃତି ର ସ୍ମୃତି ହିଁ ଦିଶି ଯାଉଥିଲା । ସବୁଠି ତାହାରି ଚହ୍ନ । ସେ ଠିକ କହୁଥିଲା, ଆମ ପ୍ରେମ ଏହିଠି ଜନ୍ମ ହେଇ ଏହିଠାରେ ଶେଷନିଶ୍ୱାସ ଛାଡ଼ିଛି ।

ସ୍ମୃତିର ଗୋଟେ ଫ୍ରେଣ୍ଡ ମୋତେ ଦେଖିନେଲା । ମୁଁ ତାକୁ ଚହ୍ନି ପାରିଲିନ । ସେ ଚହ୍ନି ଆସିଲା ମୋ ପାଖକୁ ।

: ସାର୍ କେମିତି ଅଛନ୍ତି ? ଏବେ କୋଉଠି ?

:ଭଲ ଅଛି । ମୁମ୍ବାଇ ରେ ଏବେ । ସରି ମୁଁ ଆପଣଙ୍କୁ ଜାଣି ପାରିଲିନ ।

:ମୁଁ ସ୍ମୃତି ର ବ୍ୟାଚ୍ ମେଟ । ସରିତା । ଏଠି ଫ୍ୟାକଲ୍ଟି ଅଛି ଏବେ ।

: ଆଚ୍ଛା ଆଚ୍ଛା । ସେ ଏବେ କୋଉଠି ?

:ସାର୍.. ଆପଣ କଣ ସତରେ ଜାଣନ୍ତିନ ? ନାଜିଆ ଦି କହିନାହାନ୍ତି ?

:ନାଜିଆ ର ନମ୍ବର ମୋ ପାଖେ ନାହିଁ କି ତା ସହ ସୋସିଆଲ ମିଡ଼ିଆ ରେ ବି ମୋର କଣ୍ଟାକ୍ଟ ନାହିଁ ।

:ମାନେ ? ? ? ଆପଣ ତାଙ୍କ ସହ ଆଫେୟାର ରେ ..

:ହେଉ୍ ପାଗଳ ନାଁ କଣ ? କଏ କହିଲା ?

:ସେ ଯେଉଁ ଫୋଟୋ ସବୁ ସ୍ମୃତି କୁ ସେଣ୍ଡ୍ କରିଥିଲେ ? ?

ମୁଁ ସରିତା ର କଥା କିଛି ବୁଝିପାରିଲିନ । କୋଉ ଫୋଟୋ କଣ ? ମୁଁ ପୁଣି ଥରେ ସ୍ମୃତି କଥା ପଚ୍ଚରିଲାରୁ ସେ ଯାହା କହିଲା ମୋ ଛାତି ଟା ସେହି କ୍ଷଣି ଫାଟି ଟୁକୁଡ଼ା ଟୁକୁଡ଼ା ହେଇଗଲା । ଏବେ ମୋ ପାଖରେ ଫାଙ୍କା ଭଙ୍ଗା ହୃଦୟ ଟେ ଛଡ଼ା କିଛି ଆଉ ନଥିଲା । ସ୍ମୃତି ସତରେ କେବଳ ସ୍ମୃତି ହେଇ ରହିଗଲା । ମୁଁ ଏବେ ଆଉ ଚ୍ହିଁଲେ ବି ହାତ ବଢ଼େଇ ପାରିବିନ । କେତେ ମୂର୍ଖ ଟେ ମୁଁ ! ସେଦିନ ତା ନମ୍ବର ପାଇଲା ପରେ ତାକୁ ଗାଳ ନକରି

ଟିକେ ବୁଝେଇ ପାରିଥାନ୍ତି ହେଲେ ! ନାଜିଆର ସତ ଟା ତା ସାମ୍ନା କୁ ଆଣିପାରିଥାନ୍ତି ହେଲେ ! ହାୟ ରେ କେଡ଼େ ଦୁର୍ଭାଗା ମୁଁ ଆଉ ଆମ ଅଧୁରା ପ୍ରେମ !!

ସ୍ମୃତି ର ବାହାଘର ଠିକ ହେଇଯାଇଥିଲା ସତ । ସେ ନାଜିଆ କୁ ଫୋଟୋ ପଠେଇଥିଲା ସତ, କନ୍ତୁ ସେ ଚାହୁଁନଥିଲା ସେ ପିଲାକୁ ବାହା ହେବାକୁ । କେବଳ ନାଜିଆ କୁ ଜଣେଇବାକୁ ଚାହୁଁଥିଲା ସେ ମୋ ଆଉ ନାଜିଆ ଭିତରେ ଆଉ ଆସିବନ । ସେଥିପାଇଁ ସେହି ଫୋଟୋଟା ସେ ନାଜିଆକୁ ପଠେଇଥିଲା । ନାଜିଆ ସେହି ଫୋଟୋ କୁ ସ୍ମୃତି ବିରୁଦ୍ଧରେ ହତିୟାର କରିନେଲା । ତା ଜନ୍ମଦିନ ର ଫୋଟୋ କୁ ଯେମିତି ମୋ ବିରୁଦ୍ଧରେ ଅସ୍ତ୍ର କରି ସ୍ମୃତି କୁ ପଠେଇଥିଲା । ମୁଁ ଯେବେ ନାଜିଆ ଠୁ ଜୋର କରି ସ୍ମୃତି ର ନମ୍ବର ଆଣି ତାକୁ ଖୁବ ଖରାପ କରି ଗାଳ କଲି । ବିଚାରୀ ନରୀହ ଝିଅ ଟା କଛି ବୁଝିପାରିଲାନ କଣ କରିବ । ସେହି ମୋବାଇଲ ଟାକୁ ହାତରେ ଧରି ତା ତିନ ମହଲା ଛାତ ଉପରୁ ତଳକୁ ଡେଇଁ ପଡ଼ିଲା । ତିନମାସ କୋମାରେ ରହି ଜୀବନ ମୃତ୍ୟୁ ଭିତରେ ସେତୁ ହେଇ ପଡ଼ିରହିଲା ପରେ, ଦିନେ ଚୀରଦିନ ପାଇଁ ସେ ଆଖି ବୁଜିଦେଲା ।

ମୁଁ ସରିତା ଆଗରେ କାନ୍ଦି କାନ୍ଦି ଲୋଟିଗଲି । କାହାରି ସହ ସମ୍ପର୍କ ରେ ନଥିବା କାରଣ ରୁ କଛି ଜାଣି ପାରିନଥିଲି । ବସନ୍ତ ର ମଳୟ ପବନ ବୋହୁଥିଲା । ଆମ୍ବ ବଉଳ ଝୁଲି ଖେଳୁଥିଲେ । କୋଇଲି କୁହୁ କୁହୁ ଡାକୁଥିଲା । ମୁଁ ଲୁହ ପୋଛି ଉଠିଲି । ମଳୟ ର ସାଥେ ସାଥେ ଉଡ଼ିଲି, ଦୌଡିଲି । ଦୌଡ଼ି ଦୌଡ଼ି ଲେଡ଼ିଜ ହଷ୍ଟେଲ ପାଖକୁ ଗଲି । ସୀମାହୀନ ସ୍ମୃତି ମୋ ଆଖି ଆଗରେ ନାଚ ଯାଉଥିଲା । ମୁଁ ସେହି ସିମାହୀନତା ଭିତରେ ନଜକୁ ହଜେଇ ଦେବାପାଇଁ ପାହାଚ ଚଢୁ ଥିଲି । ଯେତେ ଉପରକୁ ଯାଉଥିଲି ସ୍ମୃତିକୁ ସେତେ ପାଖରେ ପାଉଥିଲି । ଏବେ ମୁଁ ଶିଖର ରେ । ସ୍ମୃତିର କୋଳରେ ଝାସ ଦେବାରେ ଆଉ ମୋତେ ସାମାନ୍ୟତମ ଭୟ ନାହିଁ ।

ନନ୍ଦିପୁର, ଦଶରଥପୁର, ଯାଜପୁର

# ଭିନ୍ନ ଏକ ଯୁଦ୍ଧ



ରାଜବାଳା ତ୍ରିପାଠୀ

କେବେ କେବେ ଏ ଯୁଦ୍ଧ ପାଇଁ ବି
ଅଣ୍ଟା ଭିଡି ଛିଡା ହୁଅ
ଗର୍ଜନ ତର୍ଜନ କରି ଚଉଦିଗ କମ୍ପାଇ
ଦିଅ ରଣ ହୁଙ୍କାର...
ସେ ହୁଙ୍କାରରେ ଥର ହର ହେଉ
ଶତ୍ରୁର ଦରବାର ।।
ସେ ଯୁଦ୍ଧ ଅଶିକ୍ଷା ବିରୁଦ୍ଧରେ
ଯୁଗ ଯୁଗ ଧରି ମଣିଷକୁ
ଶୋଷି ଶୋଷି ପଙ୍ଗୁ କରିଥିବା
ଗରିବୀ ଭୋକମାରି ବିରୁଦ୍ଧରେ ।।
ମଣିଷ ମଣିଷ ଭିତରେ
ଗାର ଟାଣୁ ଥିବା
ଜାତି ଲିଙ୍ଗ ଧର୍ମ ବର୍ଣ୍ଣ ଭଳ ସବୁ ଅସମତା ବିରୁଦ୍ଧରେ
ଆଖି ଥାଉ ଥାଉ ଅନ୍ଧ କରୁଥିବା
ଧର୍ମର ପାଖଣ୍ଡତା ବିରୁଦ୍ଧରେ
କୁସଂସ୍କାର ଆଉ
ଅନ୍ଧବିଶ୍ୱାସ ବିରୁଦ୍ଧରେ ।।

ବାଜୁ ରଣ ଦୁନ୍ଦୁଭି ସବୁରି ମନରେ
ଜ୍ଞାନ ଆଉ ତର୍କର ଧାର ଶାଣିତ ହେଉ
ଫୁଟୁ ଶହ ଶହ ବୋମା
ଅନ୍ତରେ ଅନ୍ତରେ
ସେ ବିସ୍ଫୋରଣରେ
ଭାଙ୍ଗି ଚୁରମାର ହେଉ
ମଣିଷ ମଣିଷ ଭିତରେ ଥିବା
ସବୁତକ ବିଷମତାର ପ୍ରାଚୀର ।।
ଭୁଶୁଡି ପଡୁ
ବର୍ଷ ବର୍ଷରୁ ମଣିଷ ମନରେ
ଘର କରିଥିବା
ଅନ୍ଧବିଶ୍ୱାସ କୁସଂସ୍କାରର ଦୁର୍ଗ ।।
ଖର୍ବ ହେଉ
ପୁଞ୍ଜିବାଦର ଗର୍ବ ଆଉ ଗାରିମା ।।
ଶତ ଛିନ୍ନ ହୁଅନ୍ତୁ
କାଳ୍ପନିକ ସତ୍ତାସବୁ ।।
ରକ୍ତ ନୁହେଁ ପ୍ରେମପ୍ରୀତିର ବନ୍ୟାରେ
ବତୁରୀ ଯାଉ
ପୃଥିବୀର କୋଣ ଅନୁକୋଣ ।।
ବନ୍ଧୁତ୍ୱର ଡୋରରେ ବାନ୍ଧିହେଉ
ଉତ୍ତରରୁ ଦକ୍ଷିଣ ମେରୁ ।।
ଏହି ଭୀଷଣ ସଂଗ୍ରାମ ପରେ ପରେ
ରଣଭୂମିର ଧ୍ୱଂସ ସ୍ତୁପରୁ

ପ୍ରତିଷ୍ଠା ହେଉ
ମାନବିକତାର ଭିତ୍ତିଭୂମି
ଫର ଫର ହେଇ
ଉଡୁ ବିଜୟ କେତନ
ଜୟ ହେଉ ଜୀବନର
ଜୟ ହେଉ ଜ୍ଞାନ ବିଜ୍ଞାନର
ଜୟ ହେଉ ମାନବିକତାର ।।

ସହାୟକ ପ୍ରଫେସର,
ସରକାରୀ ବିଜ୍ଞାନ କଲେଜ,
ଛତ୍ରପୁର, ଗଞ୍ଜାମ, ଓଡିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ହେ ବସନ୍ତ



ଚନ୍ଦ୍ର ଶେଖର ଗୋ

ରଙ୍ଗର ପର୍ବ ଏ
ଦିହରେ ଲାଗିଯାଏ
ଆଉ
ପାଣିରେ ଧୋଇଯାଏ ।

ସେଇ ଲାଗିବା
ପୁଣି
ଧୋଇଯିବା ଭିତରେ
ହୃଦୟ ରଙ୍ଗେଇ ସାରିଥାଏ
ସେଇ
ପୁରୁଣା ସମ୍ପର୍କ ସବୁ
ଆହୁରି ନିବିଡ଼ ହୋଇଯାଏ ।

ଅଭାବରେ
ଭାବ ଭରିଦିଏ
କାହାପାଇଁ
ସ୍ମୃତି ପାଲଟିଯାଏ ।

ଖୁସୀ ବୁଣିଦିଏ
ଆଉ
ଲେଉଟିଯାଏ ।

କର୍ଲାଖମାର, ସିନାପାଲି, ନୂଆପଡ଼ା

# ପଖାଳ ଦିବସ
# ଅନୁଚିନ୍ତା



ବସନ୍ତ କୁମାର ବରାଳ

କଳା କଉଶଳ ନିପୁଣ ଉତ୍କଳ
ନୀଳାଚଳ ନାଥ ବିଜେ ନୀଳାଚଳ
ପ୍ରଭୁଙ୍କ ଭୋଜନ ସ୍ଥଳ ଯେଉଁ ଧାମ
ଲଭିଛି ପ୍ରସିଦ୍ଧି ଭାରତେ ସେ ନାମ ।୧ ।
ଟଂକତୋରାଣୀରେ ତହିଁ ମନତୋଷ
ପ୍ରଭୁ ଦରଶନେ ଘେନେ ତା ଅବଶ୍ୟ
ନୀଳାଚଳଧାମୁ ଲଭିଛି ବିସ୍ତୃତ
ପ୍ରଭୁ କୃପାଯେତ ପଖାଳ ବିଭୁତ ।୨।
ପ୍ରତି ଓଡିଆର ଅତି ଆପଣାର
ଅତୀତ ସ୍ମୃତିରେ ଗୁନ୍ଥା ନାମ ତାର
"ପଖାଳଖିଆ" ର ପରମ୍ପରା ଆମ
"ବିବାହ ବାସୀ" ର ପ୍ରଥମ ଭୋଜନ ।୩ ।
ସମ୍ପର୍କ ସୂତ୍ରର ତହିଁରୁ ବିସ୍ତାର
ଉତ୍କଳବାସୀର ଏକାନ୍ତ ନିଜର
ଅତି ଅଳପରେ ଅନେକ ସନ୍ତୋଷ
ସକାଳେ ତା ସମ ନମିଳେ ଅବଶ୍ୟ ।

ଛାତ୍ରାବାସ ବାସେ ଅପର୍ତ୍ତି ନନାର

ଦୁଇଡଙ୍କି ସଙ୍ଗେ ଆଳୁଭଜାସାର

ସେଥିପାଇଁ ଯେତେ ମନର ବ୍ୟଗ୍ରତା

ସମ୍ପନ୍ନ ସମାଜେ ଅଜଣା ସେ କଥା ।୫ ।

କୃଷି କ୍ଷେତ୍ର ଯେବେ ମିଳଇ ପଖାଳ

ବ୍ୟଞ୍ଜନ ସେଠାବେ ନାମକୁ ମାତର

ଖଟା ପିଆଜର ସଙ୍ଗେ ଆଳୁପୋଡା

ବଡେ ସଙ୍ଗେ କେବେ ଘେନ ଲଂକାଯୋଡା ।୬ ।

ବାଜେଣିଆ ଯେବେ ଲାଗଇ ଶରୀର

କାହିଁ ତାହା ସମ ଆଉ ଉପଗ୍ଚର

ଖର୍‌ଦିନେ କହ କଏ ତାହା ସରି

ଗ୍ରୀଷମ ସତାପୁ କରିଦିଏ ପାରି ।୭ ।

ଜ୍ୱର ଅଭ୍ୱେ ସେ ଯେ ମହୌଷଧୀ

ଉତ୍କଳୀୟ ପ୍ରାଣ ଜାଣଇ ସେ ବିଧି

ଏକାକୀ ଜନର ଏକାନ୍ତ ଆଶ୍ରୟ

ପ୍ରବାସୀ ଜନର ଅଂଗ୍ଧଏ ସମୟ ।୮ ।

ଲହୁ ସେଇ ସୁଖ ସହଦେଶ ପ୍ରାଣୀ

ପଖାଳ ମହିମା ନହେବ ବଖାଣି

ମହାପ୍ରଭୁଙ୍କର ଶୁଭ ଆର୍ଶୀବାଦ

ପଖାଳ ତୃପ୍ତିରେ ଭରୁ ସବୁହୃଦ ।

ଅନୁଗୁଳ, ଓଡିଶା।

# ସଂବାଳୁଆ ର ପର



ସିପ୍ରା ନାମତା

ପାରୁଲ ର ଆଖି ଶୁଷ୍କ ନୀରସ ଦେଖାଯାଉଛି ।କାନ୍ଦିବା କଣ ସେ ଜାଣେନା । ଦୁଃଖ ର କଥା ବୋଲି ବୁଝେ । ସାନ ଭଉଣୀ ଲୁସ୍କି ଓ ଭାଇ ସାକଲ୍ ବି କଛି ବୁଝନ୍ତିନ ।ବୟସ ଆଉ କେତେ କ ସେମାନଙ୍କ ର ଯେ ବୁଝିବେ ଏତେ କଥା ?

ଆସି ଦିନ ଦ୍ୱି ପହର ହେଲାଣି, ଲୋକେ ଜମା ହୋଇ ଗଲେଣି ଜଣେ ଜଣେ କରି । ପାରୁଲ ଆଉଜାଇ ନେଇଛି ସାକଲ୍ କୁ କୋଳ ରେ । ଲୁସ୍କି ଦୁଇ ଆଣ୍ଠୁ ସନ୍ଧିରେ ମୁହଁ ପୋତି ଅନୁଛ ମାଟି ପିଣ୍ଡା ରେ ବସିଛି । କୋକେଇ ବାନ୍ଧି ରଖିଛନ୍ତି କୁଟୁମ୍ବ । କୋକେଇ ବୋଇଲେ , ଦଉଡିଆ ଖଟ ଖଣ୍ଡକ ରେ କୁଟା ଉପରେ ମଶିଣା ଆଉ ପାରୁଲ ମାଆ ର ଚର୍ ପୁରୁଣାଲୁଗା ଟିଏ । ପଞ୍ଚମ ଶ୍ରେଣୀରେ ପଢୁଥିବା ପାରୁଲ ର ହସ କାନ୍ଦ କଛି ଜଣା ପଡୁନ । ଠାକୁର୍ କୁ କେହି ଜଣେ ହଲାଇ ଦେଲା । ଗ୍ଚରିଜଣ ଖଟ ର ବାହୁଙ୍ଗୀ ଧରି ଉଠାଇଲେ । ପଛକୁ ଫେରି ଦେଖିଲା ନାହିଁ ସେ ଯିବା ପରେ କଏ କଣ କରୁଛି । ହେଲେ ପାରୁଲ କୁ ଲାଗୁଥିଲା ଯେମିତି ଖଟ ଉପରୁ ତା ମାଆ ଶୂନ୍ୟ ମଣ୍ଡଳ କୁ ଗ୍ଚଲିଯାଇଛି ଆଉ ବଡ ଅସହାୟ ନେନ୍ଦ୍ର ରେ ଗ୍ଚହିଁ କଛି କହିବାକୁ ଚେଷ୍ଟା କରୁଛି । କନ୍ତୁ ପାରୁଲ ଜାଣିବା ଅବସ୍ଥାରେ ନ ଥିଲା ଯେ ତା ମାଆ, "ମୋ ଯିବା ପରେ ଭାଇ ଭଉଣୀ ତୋତେ ଲାଗିଲା" ବୋଲି କହୁଛି । କାରଣ ଠାକୁର୍ କୁ ଆଦୌ ବିଶ୍ୱାସ କର୍ଯାଇ ପାରେନା । କାହିଁକନା ଦିବସର ଅର୍ଦ୍ଧେକ ସମୟ ସେ କୋଉ ହାଣ୍ଡିଆ ଖଟି ରେ ପଡିଥାଏ ନତୁବା କାହା ପାଖରୁ ଯଦି କାଣୀଗ୍ଚଏ ନାଲି ପାଣି ମିଳଯାଏ ତେବେ ତାକୁ ଆଉ ଖୋଜି ପାଇବା ମୁସ୍କିଲ ହୋଇ ପଡେ । ଏମିତି ଅବସ୍ଥାରେ ସେ ଯେ ଛୁଆ ଙ୍କ ଯତ୍ନ ନେବ ସେ ବିଶ୍ୱାସ ହାରୁନ ର ନ ଥିଲା । ଏତେ କଥା ପାରୁଲ ର ମନ କୁ ଛୁଇଁ ପାରୁ ନ ଥିଲା । ସୂର୍ଯ୍ୟ ରଶ୍ମୀ ର ଉଷ୍ଣତା ବଢୁଥାଏ । କେହି ଜଣେ ଆଉ ଅଧିକ

ବିଳମ୍ବ ନ କରିବାକୁ ପର୍‌ମର୍ଶ ଦେଉଥାନ୍ତି । ଠାକୁର୍ ପିଣ୍ଡା ରେ ଲୁହକ ପଡିଥାଏ । ଜୀବନର ଏକ ନିଷ୍ଠୁର ଚକ୍ର । ପ୍ରତ୍ୟେକ ପ୍ରାଣୀଙ୍କ ର ଅବ୍ୟସମ୍ଭାବୀ ଘଟଣା ।

ହାରୁନ ର କ୍ରିୟାକର୍ମ ଶେଷ ହେଲା । ପାରୁଲ ର ମନ ରେ ଆଗ ଭଳ ସର୍‌ଗ ନାହିଁ । ବାପା ଭାତ ରାନ୍ଧିବା ପାଇଁ ସଜ କରେ, ପାରୁଲ ହାଣ୍ଡି ରେ ପାଣି ଦିଏ, ଚାଉଳ ଛାଡେ ପେଜ ଗାଳେ ନାହିଁ ସେମିତି ପାଣି ଢାଳଦେଇ ରଖିଦିଏ । ସଜନା ଶାଗ ସିଝେଇ ରସୁଣ ଗୁରିଫଡା ଦେଇ ଛୁଙ୍କ ମାରେ । ଆଳୁ ଦୁଇଟା ନିଆଁ ରେ ପୋତି ଦିଏ । ଅଧା ତିନିପା ସିଝିଗଲା ପରେ କାଢି ଆଣେ । ରିଟି ପିଟି ହୋଇ ସ୍କୁଲ ଯିବାକୁ ବାହାରେ । କିନ୍ତୁ ଅଡୁଆ କରେ ଛୋଟ ଭାଇ ସାକଲା ଟା । କାନ୍ଦି କାନ୍ଦି ଦିଦି ଦିଦି କହି ଗୋଡାଏ ପଛରେ । ଏକା ସାଙ୍ଗରେ ଲୁସ୍କି, ସାକଲା ଙ୍କୁ ନେଇ ସ୍କୁଲ ବାହାରେ ପାରୁଲ । ସେ ଯେମିତି ସ୍ୱୟଂକ୍ରିୟ ଭାବେ ସବୁ ବୁଝି ପାରୁଥିବା ଝିଅ ଟିଏ । ତା ମାଆ କ'ଣ ଦେଖିପାରୁଥିବ ଏସବୁ ? କେଜାଣି !! କିନ୍ତୁ ସେ କରିଯାଏ ମାଆ କରୁଥିବା କାମ ଗୁଡିକୁ ନିଜ ଶୈଳୀରେ ।

- - - - - - - -     - - - - - - - - - -     - - - - - - - - - -

ଠାକୁର୍ ହାରୁନ କୁ ଗୋଟେ ମେଳା ରୁ ନେଇ ଆସିଥିଲା । ଧାଙ୍ଗିଡି ମେଳା । ବୟସରେ ଠାକୁର୍ ଠାରୁ ବଡ ଥିବା ହାରୁନ ପତି ପରିତ୍ୟକ୍ତା ଥିଲା । ପ୍ରଥମ ପତିଠାରୁ ତିନୋଟି ପୁଅ ଥିଲେ ମଧ୍ୟ ଦେହର ଭୂଗୋଳ ଗୋଲମଟଲ ଥିଲା । ଠାକୁର୍ ଯୌବନର ନିଶା ରେ କଣ ଠିକ୍ କଣ ଭୁଲ ବୁଝିବା ପୂର୍ବରୁ ହାରୁନ ଦୁଇଟି କନ୍ୟା ସନ୍ତାନ ଜନ୍ମ ଦେଇସାରିଥିଲା । କିଛି ଦିନ ପରେ ସଂସାର ଜ୍ୱାଳା ରେ ହାରୁନ ର ସ୍ୱାସ୍ଥ୍ୟ କ୍ରମେ ବିଗିଡି ଯାଉଥିଲା ବେଳେ କିଆରୀ ଆଉ ଥରେ ଯେମିତି ଫସଲ ଭାର ରେ ପୂର୍ଣ୍ଣ ହୁଏ ଆସନ୍ନ ଗର୍ଭୋଦୋୟ ଭାର ରେ ନଇଁ ପଡୁଥିଲା ବେଳେ ଠାକୁର୍ ର ମନ ଆଉ ଲାଗୁ ନ ଥିଲା । ବାଦଲ ଟା ଗର୍ଜ୍ଜନ କରୁଥିଲା କଗୁଡି ହେବା ପାଇଁ ମାଟି ଉପରେ । ଘର କୋଣ ରେ ରଡି ଛାଡୁଥିଲା ହାରୁନ । ବୋହି ଆସୁଥିଲା ରକ୍ତ ଧାର ଧାର ହୋଇ ମାଟି ବତୁରି ଯାଉଥିଲା । ଜନ୍ମ ନେଇଥିଲା ସାକଲା । ହାରୁନ ର ସ୍ୱାସ୍ଥ୍ୟ ଖରାପ ରହୁଥିବା ବେଳେ ଠାକୁର୍‌ର ବେପାର ମାନ୍ଦା ପଡିଯାଉଥିଲା । ତିନୋଟି ଛୁଆ ଙ୍କ ଖବର ବୁଝୁ ବୁଝୁ ତାକୁ ବେଳ ଅଣ୍ଟୁ ନ ଥିଲା । ବେପାର କରିବା କଷ୍ଟ ହୋଇପଡୁଥିଲା ଏ କଥା ବୁଝୁଛି କିଏ ? ତଥାପି ହାରୁନ କାମ କରେ । ଗେରସ୍ତ ର ଦୁଃଖ

ସହିପାରେନ । ଏଣେ ଛୁଆ ଙ୍କ କଥା ତେଣେ ଆର୍ଥିକ ରୋଜଗାର ର ଚନ୍ତା ଖାଉଥାଏ । ଗରିବ ବାପୁଡା ର ନତିଦିନଆ ଘଟଣା କୋଉ ଦିନ ଚୁଲ୍ଲୀ ଜଳେ ତ କୋଉ ଦିନ ଜଳେନା । ବାସି ତୋରାଣି ମୁନ୍ଦେ, ପଖାଳ ଗଣ୍ଡେ ରେ କାମ ଚଳଯାଏ । ହେଲେ ଛୋଟ ଛୁଆ ଙ୍କ ମୁହଁକୁ ଗରମ ଭାତ ଦି'ଗୁଣ୍ଡା ଦେବାକୁ କାମ ଖୋଜନ୍ତି ଗେରସ୍ତ, ଭାରିଯା । ଗୃଷ ଜମି ବୋଲି ନଜର କଛିବି ନାହିଁ ଭାଗ କୁ ନେବା ପାଇଁ, ରୁଆ ପୋତା ବେଉଷଣ କାମ କୁ ସମ୍ବଳ ମଧ ନାହିଁ ଯେ, କରିପାରିବ । ସେଥିପାଇଁ ମୂଲ ଲାଗିବାକୁ ପଡେ । କନ୍ତୁ ବେଶୀ ପରିଶ୍ରମ କରିବାରୁ ଠାକୁରା କୁ ଜ୍ୱର ଆସିଲା ଓ ରକ୍ତ ବାନ୍ତି କଲା । ସେଇଦିନ ଠାରୁ ବାହାର କାମ ବନ୍ଦ । ନଜର କେଇଟା ଛେଳ, ମେଣ୍ଢା, ଘୁଷୁରୀ ଙ୍କୁ ନେଇ ପାଳଲା । ହାରୁନ ମୂଲ ଲାଗିବାକୁ କାମ ଖୋଜିଲେ ଠାକୁରା ମନା କରେ ।

- - "ଆଲୋ ମୁଁ ମରଦ ଟାଏ ବା । ମୋ ବାହାରେ କଣ ଏତେ ଟିକେ ବଳ ନାହିଁ ଯେ ତୁ ଯିବୁ କାମ କରିବାକୁ । ମୋ ମରଦ ପଣିଆ କୁ ଧିକ ।"

ଦିନେ ରାତିରେ କାଶ ବଢିଲା ଯେ ବଢିଲା ।ହାରୁନ ତେଲ ଟିପେ ଗରମ କରି ତା'ଛାତିରେ ମାରିଦେଲା । କନା ପୁଡିଆ ଟେ କରି ନଆଁ ଧାସ ରେ ଦେଖେଇ ଦେଖେଇ ଠାକୁରା ଗୋଡ଼ ହାତକୁ ସେକ ଦେଉଥିଲା ବେଳେ ଶୀତ ରାତିର ଉଷୁମ ପରଶ ଚୁଲ୍ଲୀ ଭିତର ର ନଆଁ ତା ଲହ ଲହ ଜିଭରେ କେତେବେଳେ ହାରୁନ ର ପଣତ କାନ କୁ ଗ୍ରାସି ଦେଇଥାଏ ଜାଣି ନ ଥାଏ ହାରୁନ ।

ସେଥିରୁ ମୁକୁଳବା ବେଳକୁ ହାରୁନ ର ଗୋଟାଏ ଗୋଡ ସମ୍ପୂର୍ଣ୍ଣ ସିଝିଯାଇଥାଏ ଓ ଉପରକୁ ଟିକଏ ଜଙ୍ଘ ପର୍ଯ୍ୟନ୍ତ । ସରକାରୀ ଡାକ୍ତରଖାନାରେ ଚକିତ୍ସା ପାଇଁ ଯେତକ ସୁବିଧା ମିଳଲା ସେତକ ସମୁଦ୍ର କୁ ଶଙ୍ଖେ ପରି । ଡାକ୍ତର କହିଲେ - - - -"ଏଠାରେ ପୋଡା ଜଳା କେସ ପାଇଁ ବିଶେଷ ସୁବିଧା ନାହିଁ । ତମେ ୟାକୁ ଆଉ କୋଉଠି କୁ ନେଇଯାଅ । ଏଠି ବେଡ ଟା ଶୀଘ୍ର ଖାଲି କରିଦିଅ"।

କୋଉ ବଡ ଡାକ୍ତରଖାନା କୁ ନେଇକରି ଯିବ ସେ ? ବି ପି ଏଲ କାର୍ଡ ନେଇ ଦେଖେଇଥିଲା ସେ କାଉନସିଲର କୁ, ସେଥିପାଇଁ କଛି ପଇସା ଦରକାର ବୋଲି କାଉନସିଲର କହିବା ପରେ କେତେ ହାତ, ଗୋଡ ଧରି ନେହୁରା ହେବା ଟା ବୃଥା ହେଲା । ଘରେ ଦି ଓଳ

ଖାଇବାକୁ ଜୁଟୁନ ...ଆଖିରୁ ଧାର ଧାର ହୋଇ ଲୁହ ଖସି ପଡେ । ଆକାଶଟା ରୁଷିଲା ପରି ସବୁବେଳେ ଥମ ଥମ ଦେଖାଗଲା ଠାକୁର୍ ର ମୁହଁ । ଘର ଅଗଣାରେ ଖଟିଆ ରେ ପଡିଥାଏ ହାରୁନ । ମାଆ ର ଗାଳ ରେ ସ୍କୁଲ ଯାଉଥିବା ପାରୁଲ ବଡ ହୋଇ ପଞ୍ଚମ ଶ୍ରେଣୀ ରେ ପଢୁଥାଏ । ମାଆ ପଡିବା ଦିନ ଠାରୁ ସ୍କୁଲ ବନ୍ଦ ଅଧେ ଦିନ । ସ୍କୁଲ ମାଷ୍ଟ୍ରେ ଡକେଇ ପଠାନ୍ତି ପାରୁଲ ର ବାପା ଠାକୁର୍ କୁ । ସବୁ କାହାଣୀ ଶୁଣି ଆଉ କଛି କହିପାରନ୍ତି ନାହିଁ । ସୁବିଧାରେ ସପ୍ତାହ କୁ ଦୁଇ ତିନ ଦିନ ସ୍କୁଲ ଆସିବାକୁ କୁହନ୍ତି । ମୁଣ୍ଡ ଟୁଙ୍ଗାରି ଗ୍ଭଲିଯାଏ ଠାକୁର୍ । ଲୁସ୍କି ପଢେ ତୃତୀୟ ରେ । ଜଣେ ସ୍କୁଲ ଗଲେ ଆଉ ଜଣେ ବନ୍ଦ । ଧୀରେ ଧୀରେ ଚକସ୍ତା ର ଅବହେଳା ଯୋଗୁଁ ପୋକ ହୋଇଯାଇଥାଏ ହାରୁନ ର କ୍ଷତ ସ୍ଥାନରେ । ତିନ ଗ୍ଭରି ମାସ ପଡିଲା ପରେ ହାରୁନ ଦିନେ ଗ୍ଭଲିଗଲା ଛୁଆ ମାନଙ୍କୁ ଛାଡିଦେଇ ।ଠାକୁର୍ ଭୀଷଣ ଅସହାୟ । ବସନ୍ତ ଆସିବା ପୂର୍ବରୁ ପତ୍ର ଝଡା ଦିଏ ନବ ପଲ୍ଲବ ରେ ବିକଶିତ ହେବାପାଇଁ । କନ୍ତୁ ତା'ର ଯେ ଗଣ୍ଡି ହିଁ ଭାଙ୍ଗିଗଲା ଅଧାରୁ ସେଥିରେ ଆଉ ଯେ ନୂତନତ୍ୱ ର ସଞ୍ଚାର ହେବ ସେଭଳ ଆଶା ସେ କରିପାରୁ ନାହିଁ ।

ଘର ଅଗଣା, ଖାଁ... ଖାଁ.... ।

ଏଇଠି ଖଟିଆ ରେ ହାରୁନ ପଡିଥିଲା । କଛିଦିନ ପରେ ବାଡି ଖଣ୍ଡିଏ ଧରି ଗ୍ଭଲୁଥିଲା । ସେଇ ଗ୍ଭଲିବା ବେଳେ ଝୁଣ୍ଟି ପଡିଲା ଯେ ଆଉ ଉଠିପାରିଲା ନାହିଁ । କେହି କଛି ସାହାଯ୍ୟ କରିପାରିଲେ ନାହିଁ କେବଳ ସମବେଦନା ଟିକକ କୁ ଛାଡିଦେଲେ । ସାକଲା କୁ ସମ୍ଭାଳ ହେଉନାହିଁ । ଠାକୁର୍ କୁ କେହି କେହି ଆଉ ଗୋଟେ ଆଣିବାକୁ ପର୍‌ମର୍ଶ ଦେଉଛନ୍ତି ।

ପାରୁଲ ଓ ଲୁସ୍କି ର ସ୍କୁଲ ବନ୍ଦ ହେଉଛି । ପାରୁଲ ଭଲ ପଢୁଛି ।ବୁଦ୍ଧି ଦିଶୁନାହିଁ କଛି କରିବାକୁ ।

ମାମୁଁ ଘର ଗାଁ ରେ ମେଳା ବସିଛି । ପାରୁଲ ଓ ଲୁସ୍କି ଅଡି ବସିଛନ୍ତି ଯିବାକୁ । ଅନ୍ୟ ଉପାୟ ନ ପାଇ ଠାକୁର୍ ଇଛା ନ ଥିଲେ ବି ଛୁଆ ଙ୍କ ପାଇଁ ସେମାନଙ୍କୁ ନେଇ ଗଲା । ମେଳା ରେ ଛୁଆ ମାନେ ବୁଲୁଥିଲେ ଅଜା ସହିତ । ମନ ମାରି ଧୀର ଗତିରେ ଗ୍ଭଲୁଥାଏ ଠାକୁର୍ ସାକଲା କୁ ଧରି । କେତେବେଳେ ସାକଲା ହାତରୁ ଖସି ଯାଇଛି । ମୁଣ୍ଡ ଝାଇଁ ମାରିଗଲା ଠାକୁର୍ ର । ଖେଦି ଗଲା ସବୁଆଡେ । କଛି ସମୟ ପରେ ଦେଖିଲା ସାକଲା

ଖେଳୁଛି ଜଣେ ସ୍ତ୍ରୀଲୋକ ପାଖରେ । ସେପଟେ ନାଚ ଗୀତ ର ଆସର ଗ୍ଭଲିଛି । ଯୁବକ ଯୁବତୀ ପରସ୍ପର ଙ୍କ ର ମନ ପସନ୍ଦ ସାଥୀ ନିର୍ବାଚନ ର ଇଏ ଗୋଟେ ବେଳ । ସାକଲ୍ କୁ ଆଣିବା ପାଇଁ ହାତ ବଢାଇଲ୍ ସେ । ଠାକୁର୍ ହାତ କୁ ବଢାଇ ଦେଉ ଦେଉ ସ୍ତ୍ରୀଲୋକ ଟା କହିଲ୍ "- ମୁଁ ଡାଙ୍ଗରି" । ସେତେବେଳେ ଦଳେ ଲୋକ ସେମାନଙ୍କୁ ଅତିକ୍ରମ କରୁଥିଲେ । ହଠାତ ଜଣେ ବୃଦ୍ଧା ଠାକୁର୍ ଓ ଡାଙ୍ଗରି କୁ ଟାଣି ନେଇ ଦଳ ରେ ମିଶାଇ ନେଲେ । ସେମାନେ ଏ ଦୁହିଁଙ୍କୁ ସାଥୀ ବୋଲି ଭାବୁଥିଲେ ।

ସେ ଘଟଣା ପର ଠାରୁ ଡାଙ୍ଗରି ପାଲଟି ଗଲ୍ ଠାକୁର୍ ର ଘରଣୀ । ଆଉ ପାରୁଲ କୁ ରାନ୍ଧିବାକୁ, ପାଣି ବୋହିବାକୁ, ଅଗଣା ଖରଳବାକୁ, କମ୍ବା ଘର ଲିପିବାକୁ ପଡ଼ିଲାନ । ସେ ଓ ଲୁସ୍କି ନିର୍ବିଘ୍ନ ରେ ସ୍କୁଲ ଗଲେ । ଡାଙ୍ଗରି ସାକଲ୍ କୁ ଆପଣେଇ ନେଇ ଥିଲ୍ ଠିକ୍ ଜନ୍ମ କଲ୍ ମାଆ ପରି ପହିଲେ ପହିଲେ । ପତ୍ର ର ରଙ୍ଗ ବଦଳେ ସବୁଜ ରୁ ମାଟିଆ ପୁଣି ହଳଦିଆ ଶେଷରେ ଝଡି ପଡେ ପତ୍ର ଝଡା ଦେଇ । ମାଟିରେ ଗ୍ଭର୍ ଚ୍ଚୋପିଲେ ମୂଳ ଜଳ ପାଇ ଛନ ଛନ କଅଁଳ ପତ୍ର ମେଲେଇ ବସେ । ବୟସ ବଢିବା ସଙ୍ଗେ ସଙ୍ଗେ ଦ୍ରୁମ ଟି ମହାଦ୍ରୁମ ରେ ପରିଣତ ହୁଏ । ସେତେବେଳେ କୋମଳ ସ୍ୱର ଆସ୍ତେ ଆସ୍ତେ ଲିଭିଯାଏ କର୍କଶତା ର ସ୍ପର୍ଶ ରେ । ଏଇ ତ ଜୀବନର ସତ୍ୟ, ଅତି ବାସ୍ତବତା । ଡାଙ୍ଗରି ର ଛଳ ଛଳ ମାତୃତ୍ୱ ଅନୁଭବ କରେ ନିଜ ଭିତରେ ଏକ ପରିବର୍ତ୍ତନ ର ସ୍ୱର । ଉଲ୍ଲସି ଉଠେ ନିଜକୁ ନିଜେ । ଛ'ଫୁଟିଆ ମର୍ଦ୍ଦ କାଇଲୁ ର ବଳଷ୍ଠ ବାହୁ ଆଉ ଛାତିର ନିବିଡତା ଦୀର୍ଘ ସାତ ବର୍ଷ ପରେ ବି ଏଇ ରୂପାନ୍ତର କୁ ଅନୁଭବ କରିବାକୁ ଦେଇପାରି ନ ଥିଲ୍ ଯାହା ଠାକୁର୍ ପାଖରୁ ସେ ପାଇଛି । ସେଇଥିପାଇଁ ସେ କାଇଲୁ କୁ ଛାଡି ଦେଇଆସିଥିଲ୍ ସବୁ ଗଞ୍ଜଣା ଆଉ ଦୋଷ କୁ ସହି ନପାରି । ପାରୁଲ ଆଉ ଠିକ୍ ସମୟରେ ସ୍କୁଲକୁ ଯାଇପାରେ ନାହିଁ ।ମଝିରେ ମଝିରେ ସ୍କୁଲ ବନ୍ଦ ହୁଏ । କିନ୍ତୁ ଠାକୁର୍ ଜାଣି ପାରେନା କିଛି । ଡାଙ୍ଗରି ଠାକୁର୍ କୁ ବାନ୍ଧି ରଖିଥାଏ ତା ଦେହ ର ଜ୍ୟାମିତିକ ପରିଦର୍ଶନରେ । ଦିନ ବିତିଯାଏ ଡାଙ୍ଗରି କୋଳ ରେ ପୁତ୍ର ସନ୍ତାନ ଟିଏ ହାତ ଗୋଡ ହଲାଇ ଖେଳେ । ପାରୁଲ ର ଗ୍ଭପ ବଢିଯାଏ । ପ୍ରବଳ ଇଛା ତା'ର ସ୍କୁଲ ଯିବ ....କିନ୍ତୁ କେମିତି ? ଲୁସ୍କି ର ପଢ଼ିବାର ଇଛା ନାହିଁ ତଥାପି ସେ ତାକୁ ଘରୁ ଘଉଡି ଦିଏ ସ୍କୁଲ ପାଇଁ । ଇତି ମଧ୍ୟରେ ସେ ଷଷ୍ଠ ଶ୍ରେଣୀ କୁ ଉତ୍ତୀର୍ଣ୍ଣ ହୋଇ ସପ୍ତମ କୁ ଯିବାପାଇଁ ପ୍ରସ୍ତୁତ ହେବାକୁ ଥାଏ ।

ପାରୁଲ ଏକ ଅଜଣା ଭାବନା ଚକ୍ରାରେ ବେଳେ ବେଳେ ଅତିଷ୍ଠ ହୋଇପଡୁଛି । ବାପା ଡାକଲେ ବି ତା ସାମ୍ନା କୁ ଯିବା ପାଇଁ ଲାଜ ଲାଗୁଛି। କଅଁଳ ମାଂସ ଖୁନ୍ଦି ହେଇଯାଉଛି ଛାତିରେ, ଆଉ ସମାନ୍ତରାଳ ଲାଗୁନ ଦେହ ର ସମ୍ମୁଖ ଭାଗ । କେମିତି ଭିନ୍ନ ଲାଗୁଛି ପୁରୁଣା ପାରୁଲ ଆଉ ନୂଆ ପାରୁଲ ଭିତରେ । ସ୍କୁଲ ଗଲା ବେଳେ ସଦ୍ୟ ଗଜୁରୁ ଥିବା ନଗୁଆ ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଗୃହାଁଣୀ କେମିତି ଅସ୍ବ୍ୟବସ୍ତ୍ୟ କରିପକାଏ ତାକୁ । ଠିକ୍ ଭାବେ ପଢିଥିଲେ ଏତେବେଳକୁ ନବମ ଡିଆଁ ମାରିସାରନ୍ତାଣି । ସେଇ ଅବଶୋଷ ସବୁବେଳେ ରହିଥାଏ ତା ମନ ରେ । ଏବେ ତ ନୂଆ ମାଆ ଆଉ ଆଗ ଭଳ ଭଲ ପାଉନ। ଲୁସ୍କି ବି ତା'କଥା ଶୁଣୁନ । ଅନେକ ସମୟରେ ସେ କାନ୍ଦି ପକାଏ କନ୍ତୁ ସେ କାନ୍ଦ କାହାକୁ ଦେଖେଇବା ମନା ।

ସେଦିନ ରାମୁଆ ର ନଜର ପଡ଼ିଲା ପାରୁଲ ଉପରେ । ଗାଁ ମୁଣ୍ଡ ନଳକୂଅ ରୁ ପାଣି ବୋହୁଥିଲା ବେଳେ ।- - "ଆହା, ଛୁଆ ଟି ଭାଗ୍ୟ ଦେଖ... !! ଆଲୋ ପାରୁ ତୁ ଆଉ ସ୍କୁଲ ଯାଉନୁ କ ?

...ଆଉ ମାତ୍ର ଦି ତିନ ଟା ବରଷ ଗଡ଼ିଗଲେ ବଳେ ମୁଣ୍ଡ କୁ ହାତ ପାଇଯାଆନ୍ତା । ଠାକୁର ଭାଇ ଜାଣେ କ ? ତୋ ସ୍କୁଲ ନ ଯିବା କଥା ...।

ଦଣ୍ଡେ ଠିଆ ହେଲା ପାରୁଲ ତା'ପରେ ଆସ୍ତେ ମୁଣ୍ଡ ହଲାଇ ନାହିଁ କଲା ।- - - - ଦେହ ଭଲ ରହୁନ ତ ସେଇଥିପାଇଁ ଯାଇନ ।

- - - ହଉ ତୁ ଘରକୁ ଯା । ମୁଁ ତାକୁ କହିଦେବି ଯେ ..।

ରାମୁଆ, ଗାଁ ମୁଖିଆ । ଜୁଆନ ଚେହେରା । ରୂପ ଯେମିତି ଗୁଣ ବି ସେମିତି । କାହାରି ଦୁଃଖ ଦରଦ ସହିପାରେନା ବୋଲି ସଭିଙ୍କ ମୁହଁରେ କେତେ ପ୍ରଶଂସା । ଓଃ ସେଇ ରାମୁଆ ଆଜି ତା କଥା ବୁଝିଦେବ ବୋଲି କହିଛି, ଯାହା ହେଉ ଭାରି ଭଲ ଲୋକ ।

ସେଦିନ ସଞ୍ଜ ପରେ ...

- - ଠାକୁର ଭାଇ, ଓ ଠାକୁର ଭାଇ ଘରେ ଅଛୁ କ ?

ରାମୁଆ ର ଡାକ ରେ ଡାଙ୍ଗରି ବାହାରି ଆସିଲା । ରାମୁଆ କହିଛି ଭଲ ମନ୍ଦ କଥା ପଚାରିବା ସମୟରେ ଠାକୁର କାମ ରୁ ଫେରି ଆସିଲା । ରାମୁଆ ର ପାରୁଲ ର ସ୍କୁଲ ଯିବା ପ୍ରସଙ୍ଗରେ ତାକୁ ମାଷ୍ଟ୍ରେ ଡାକ କହୁଥିବା ପ୍ରସଙ୍ଗ ଉଠାଇବା ଦେଖି ଠାକୁର କହିଲା,

- - - ରାମୁଆ, ଦେଖୁଛୁ ତ ଆମ ଘର କଥା କେମିତି ଗୋଟିକ ପରେ ଗୋଟିଏ ଦୁଃଖ ମାଡିଆସୁଛି । ଏମିତି ରେ କଣ ବା କରିପାରିବି ? ଭାବୁଛି ଏ ସନ ପାରୁ କୁ ବିଭା ଦେଇଦେବି । ମୋ ଦେଇ ଆଉ ସମ୍ଭାଳ ହେବନ ।

- - - - ତୁ କଛି ଚନ୍ତା କର ନା ମ । ପାରୁ ପାଇଁ ଏକ ସେ ଏକ ପିଲା ମିଳବେ । ହେଲେ ସେ କଥା ନୁହେଁ ଯେ, ଯାହା କରିବୁ ତା ପୂର୍ବରୁ ଥରେ ଚନ୍ତା କରିବୁ, କାରଣ ଏବେ ତ ତୋର ଆଉ ପୂର୍ବ ଅବସ୍ଥା ନାହିଁ। କହି ରାମୁଆ ଚାଲିଗଲା ।

ଘର କୋଣ ରେ ଥାଇ କାନ ପାରିଥିଲା ପାରୁଲ, ରାମୁଆ ସତ ରେ ଭଲ ଲୋକ କ ନା ପରଖୁ ଥିଲା । କଣ ବୁଝୁଥିଲା ସେ ଜାଣେନ କନ୍ତୁ ବିଭାଘର ପ୍ରସଙ୍ଗ ର ଉତ୍ଥାପନ ହେବା ଦେଖି ଆଖି ଦୁଇଟି ତା'ର ବିଷର୍ଣ୍ଣ ହୋଇ ଉଠିଲା । ବାପା କୁ ବି ଦୋଷ ଦେଇ କ ଲାଭ ଯେ? ସବୁ ତା'ଭାଗ୍ୟ ର ଦୋଷ ...ହଁ ସେଇ ଭାଗ୍ୟ ..ନୁହେଁ ତ ଆଉ କଣ ଯେ ? ମାତ୍ର ମନ ତଳ ର ସେଇ ସୂକ୍ଷ୍ମ ଚେତନା ଟିରେ ଖେଳଗଲା ଗୋଟେ ସିର ସିର ତରଙ୍ଗ, କମ୍ପିଗଲା ସାରା ତନୁବଲ୍ଲରୀ ଟି ଏକ ଅହେତୁକ ଶିହରଣରେ । ରାମୁଆ ଖୁବ୍ ଭଲ ପିଲା, ତାକୁ ନେଇ କଛି ସ୍ୱପ୍ନ ଦେଖାଯାଇ ପାରେ ।

ଏଇ ତ ସଂବାଳୁଆ ନଜକୁ ଆବଦ୍ଧ କରି ରଖିଛି ତା'ର ସୁରକ୍ଷା କବଚ ଭିତରେ .....ପ୍ରତୀକ୍ଷା ଅଛି ପରିବର୍ତ୍ତିତ ହେବାକୁ ଏକ ସୁନ୍ଦର ଜୀବନ କୁ ଯେଉଁଥିରେ ଖାଲି ରଙ୍ଗ ଆଉ ରଙ୍ଗ ...

ତା ସାଥିରେ ଏକ ନବ କଳ୍ପନା ର ଉଚ୍ଛ୍ୱାସ ରେ ନୀଳ ଆଭା ମଣ୍ଡଳ କୁ ଛୁଇଁବାର ପ୍ରୟାସ ଟିକ ଟିକ ଡେଣା ଦ୍ୱାରା । ଦୋଳାୟମାନ ପବନ ର ଗତି ରେ ନଜକୁ ସାବଲୀଳ କରି ରଖିବାର ଅଦମ୍ୟ ପ୍ରଚେଷ୍ଟା ।ଫୁଲ ରୁ ଫୁଲ କୁ ଉଡିବୁଲିବା ର ଧର୍ମ ରେ ।ଏକ ଅବୋଧ ଦୃଷ୍ଟିରେ ଚାହିଁଥିଲା ପାରୁଲ ସେଇ କାନ୍ଥ ଓ ଛପର ତଳ ସନ୍ଧି ଜାଗା ଟିକୁ ଯାହାକୁ ତିନ ଦିନ ତଳେ ସେ ଓ ଲୁସି ଆବିଷ୍କାର କରିଥିଲେ । ଗୋଟେ ଅଳନ୍ଧୁ ମଳା ଟେ । ଲୁସି ତାକୁ

ଖେଳିବାକୁ ଯାଉଥିଲା କନ୍ତୁ ପାରୁଲ ମନା କରିଥିଲା । ସେ ଦେଖିଛି ଏଇ ବସା ଭିତରୁ ସୁନ୍ଦର ପ୍ରଜାପତି ଟିଏ ବାହାରିବାର ।

- - - - ଆଉ ସକ ସକ ହଅନା ବା, ଏଥର ଘର କାମ ରେ ମନ ଲଗା । ସେମାନେ କାଲି ଆସିବେ ଏଠିକୁ । ଟିକେ ସଫା ସୁତୁରା କରିବାକୁ ହେବ ପିଣ୍ଡା, ଅଗଣା ..।

ଡାଙ୍ଗରି କାମ ବନ୍ଦ କରିଦେଇ ଗ୍ଭଲିଗଲା ପୁଅ କୁ ଶୁଆଇବାକୁ । ବହି ବସ୍ତାନ କୁ ଗୋଟେ କଡ କୁ ରଖି ଦେଇ ଲଥ କରି ବସିଗଲା ପାରୁଲ । ମୁହଁର ରଙ୍ଗ ଉଡ଼ିଗଲା । ଶୁଖିଲା ମୁହଁରେ କାମ ରେ ମନ ଦେଇ ଗୁଣୁ ଗୁଣୁ ହେଲା । କଣ କହୁଥିଲା ସେକଥା କାହାକୁ ଶୁଭୁ ନ ଥିଲା ।

- - - - - ଦି'ଟା ଛେଳ, ଗାଈ ଗୋଟେ ଦେବ କହୁଛି । କଣ କରିବା ?

ପ୍ରଶ୍ନ ଥିଲା ଠାକୁରା ର ଡାଙ୍ଗରି ଉଦ୍ଦେଶ୍ୟ ରେ ।

ପୁଣି କହିଲା, ଗୋରୁ ଆଣି କଣ ହେବ ? ନଜର ତ ବଖରେ ହେଲେ ଜମି ନାହିଁ । ପର ଦୁଆରେ ମୂଲ ଲାଗିବାକୁ ପଡୁଛି ।

ଗାଈ ଟେ ହେଲେ ଦୁଧ ଦେବ । ଏଇୟା ଭାବି ଗାଈ କଥା କହିଲି ମୁଁ । ଠିକ୍ କହିଛି ତ ?

- - - - ହଁ, ଠିକ୍ କହିଛ । ଦୁହାଁଳଆ ଗାଈ କଥା କହିବ । ଛୁଆ ଟା ବି ଦୁଧ ଟିକେ ପାଇଯାଆନ୍ତା । ଡାଙ୍ଗରି ସେତକ କହି ଦେଇ ଅଗଣା କୁ ଗ୍ଭଲିଗଲା କଛି ଜିନଷ ଆଣିବାକୁ। ପାଖ କବାଟ ସେ ପଟ ରୁ ଜୁଳୁ ଜୁଳୁ ଗ୍ଭହିଁଥିବା ଆଖି ଦୁଇଟି ପ୍ରତି ସେମାନଙ୍କର ଦୃଷ୍ଟି ନ ଥିଲା ।

ଏବେ ସେ ଅଳନ୍ଧୁ ମଳା ଟା ଭାଙ୍ଗି ଯାଇଛି । ଲୁସ୍କି ଶୋଇବା ବେଳେ ପାରୁଲ କଥା ଭାବୁ ଭାବୁ ଲକ୍ଷ୍ୟ କରୁଛି କଛି ଗୋଟେ ବାହାରିବାକୁ ଚେଷ୍ଟା କରୁଛି ତା 'ଭିତରୁ । ଏକ ଅଜଣା ଆବେଗ ରେ ଗୋଟେ ଝଟକା ରେ ଉଠିଯାଇ ଠିଆ ହୋଇଗଲା ସେଇଠି ପାରୁଲ ଗ୍ଭଲିଯାଇଛି ତା ଶ୍ୱଶୁର ଘର କୁ। ଲୁସ୍କି ଥମ କରି ଛିଡା ହୋଇଗଲା । କଛି ସମୟ ନୀରବତା ର ପ୍ରତୀକ୍ଷା ପରେ କେତେବେଳେ ଆଖି ସାମ୍ନା ଦେଇ ଉଡିଗ୍ଭଲି ଯାଇଥିଲା ଲୁସ୍କି କୁ ମାତ

କରିଦେଇ । ଲୁସ୍କି ସେଇଠି ବସିଗଲା । ଆଖିରୁ ଝର ଝର ହୋଇ ଲୁହ ବୋହିଯାଉଥାଏ ତା'ର । ପାରୁଲ ର ଅନୁପସ୍ଥିତି ଅସହ୍ୟ ବୋଧ ହେଉଥାଏ । ନଦ ହଜି ଯାଇଥାଏ ଆଖିରୁ ।

ବାସ୍ତବତା କୁ ମର୍ମେ ମର୍ମେ ଅନୁଭବ କରୁଥାଏ ପାରୁଲ । ବୟସରେ ଦୁଇଗୁଣ କ ଆଉ ଟିକଏ ଅଧିକ ହେବ, ପୁରୁଷ ଟିକୁ ବିଭା ହୋଇଛି ପାରୁଲ । ଦୁଇଟା ଛେଳ ଓ ଗୋଟେ ଗାଈ ର ପଣି ରେ । ତା'ଜୀବନର ମୂଲ୍ୟ କଛି ନାହିଁ !! ପୁରୁଷ ଟି ଯେ ଏକବାର ଅସହ୍ୟ ସେକଥା ନୁହେଁ, କନ୍ତୁ ସେ ଯେ ପାରୁଲ କୁ ଦୟା କରିଛି ସେ କଥା ବି ତ ନୁହେଁ । ତେବେ ଆଉ କଣ ବାକ ରହିଲା ? ସମ୍ପୂର୍ଣ୍ଣ କ୍ଲାନ୍ତ ହୋଇ ପାରୁଲ ଶୋଇଯାଇଥିଲା । ମୁଦ୍ରିତ ନୟନ ରେ ରଙ୍ଗୀନ ଫୁଲ ର ବଗିଚ୍ଚ ମଝିରେ

ଫୁଆର୍ । ଓଃ କ ଚମତ୍କାର ଦୃଶ୍ୟ । ରଙ୍ଗ ବେରଙ୍ଗ ର ଜାତି ଜାତି ପ୍ରଜାପତି, ଭଅଁର, ଉଡିବୁଲୁଛନ୍ତି କନ୍ତୁ ଏ କଣ? .....କଛି ସମୟ ପରେ ସେମାନେ କଏ କୁଆଡେ ଛିନ୍ନଛନ୍ନ ହୋଇ ଗ୍ଲିଗଲେ ତ କଛି ଜଣଙ୍କର ଟିକ ଟିକ ଡେଣା ସବୁ ଛିଡି ଯାଉଛି, କଟି ଯାଉଛି, ସେମାନେ ଆଉ ମନ ଇଛା ଉଡି ପାରୁ ନାହାନ୍ତି । ପଡି ଯାଉଥାନ୍ତି ତଳକୁ ...ଓଃ ...କ କଷ୍ଟ ....ଉଠିବାକୁ ଚେଷ୍ଟା କରୁଥିବା ପ୍ରଜାପତି ମାନେ ବାରମ୍ବାର ଭୂଲୁଣ୍ଠିତ ହେଉଥାନ୍ତି ....। ଏଇ ତ ଟିକକ ଆଗରୁ କ ସୁନ୍ଦର ଦେଖାଯାଉଥିଲା ବଗିଚ୍ଚ ଟି କନ୍ତୁ ବର୍ତ୍ତମାନ .......କୁଆଡେ ଗଲା ସେମାନଙ୍କ ପର ......।

ପାରୁଲ ର ଆଖି ଖୋଲୁ ନ ଥାଏ, କନ୍ତୁ ଗୋଟିଏ ସ୍ୱର ଭାସିଆସୁଥାଏ - - - ମୋ ପର,.... ମୋ ପର ....।।

ତୁଳସୀଚଉର୍, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

# ତୋ କଥା



ସିଦ୍ଧେଶ୍ୱର ତ୍ରିପାଠୀ

ତୁ ଆରମ୍ଭ କରିଥିଲୁ ପ୍ରେମରେ
ସାରିଦେଇଥିଲୁ ପ୍ରତାରଣାରେ
ଶୁଣେଇ ଥିଲୁ ମିଳନର ଗୀତ
ଲେଖେଇ ଦେଲୁ ବିରହ କବିତା ।

ଆଜି ବହୁ ଦିନ ପରେ
ତୁ ଆଖିରୁ  ଝରାଉଛୁ ଲୁହ
ସ୍ୱୀକାର କରିନେଉଛୁ ତୋ ଭୁଲ
ଠିଆ ହେଉଛୁ ପ୍ରାୟଶ୍ଚିତର ଦୁଆରେ

ହେଲେ ସବୁକିଛି ରହି ଯାଇଛି
ନବୁଜ ଅନ୍ଧାରି କୋଠରୀ ଭିତରେ
ହଜିଯାଇଛି ଛବି ।

ପୋଡି ଯାଇଛି ମୋ ମନ
ଖଣ୍ଡ ଖଣ୍ଡ ହେଇଛି ହୃଦୟ
ତୁ ବୁଝିପାରିଛୁ ମୋ ପ୍ରେମକୁ
ଅନୁଭବ କରିଛୁ ମୋ ସମର୍ପଣକୁ ।

ତୁ ଅଙ୍ଗେ ନଭେଇଛୁ ନସଙ୍ଗ ଜୀବନ
ଅନୁଭବ କରିଛୁ ବିରହ ଦହନ
ଭୁଲ କାହାର
କଣ ଏ ଜୀବନର ଭବିଷ୍ୟତ
ଖୋଜିଖୋଜି ବିତେ ରାତି ଦିନ
ମିଳେନାହିଁ ଏଇ ଅସମାହିତ
ପ୍ରଶ୍ନର ଉତ୍ତର ।

କବିର ଘର, କୁଣ୍ଡିଲୋ, କେରଙ୍ଗ ଖୋର୍ଦ୍ଧା

# ଏଇଠି ଗୋଟେ ବୁଢ଼ୀ ଥିଲା



ସନ୍ତୋଷ କୁମାର ମହାନ୍ତି

ଏଇଠି ଗୋଟେ ବୁଢ଼ୀ ଥିଲା
କୁଡ଼ିଆ ଘରେ ରହୁଥିଲା
ମୂଲ ମଜୁରୀ କରୁଥିଲା
ଭୋକ ଶୋଷରେ ଜିଇଁଥିଲା
ଏକାକୀ ସିଏ ରହୁଥିଲା
ସମୟ ସହ ଲଢୁଥିଲା
ବୁଢାଟା ତାର ମରିଥିଲା
ପୁଅ ଦାଦନ ଯାଇଥିଲା
ଭିଟାମାଟିକୁ ଭୁଲିଥିଲା
ଆଖିର ଲୁହ ବୁଢ଼ୀ ପୋଛି
କେତେ ନେହୁର ହେଉଥିଲା
ସଭିଏଁ ଦୁଃଖ ଦେଖୁଥିଲେ
ଆଖି ବୁଲେଇ ଯାଉଥିଲେ
ଫାଇଲ ତଳେ ଦୁଃଖ ହଜେ
ଆଖି ଲୁହରେ କାନ୍ଧ ଭିଜେ

ବୁଢ଼ୀ ଜାଗାକୁ କମ୍ପାନୀ ନେଲା
ଜାଗା ଛାଡିବାକୁ ସେ ମନାକଲା
କୁଡ଼ିଆ ଠାରୁ କିଛି ଦୂର
ମିଳିଲା ବୁଢ଼ୀର ଶରୀର
ସଭିଏଁ କହିଲେ ହାତୀ ଦଳଦେଲା
ବୁଢ଼ୀ ଜାଗାରେ କଂପାନୀ ହେଲା ।।



ନବଜୀବନ ସମାଜ, ଗ୍ରାମ/ ଡାକ- ସଫା,
ଜିଲ୍ଲା- କଟକ- ୭୫୪୦୨୨

# ପହିଲି ବସନ୍ତ



କେ. ନିର୍ମଳ

ନଆର୍ ଦୁନଆଁ ଝୁରୁଛି ଝୁରିବ
ହୃଦୟରୁ ଏକ ସ୍ୱରେ,
ଅଧିର ହେବ  ସେ ପହିଲି ବସନ୍ତ
ଥରେ ଛୁଇଁ ଦେଲ୍ ପରେ ।

ଜୀବନ ନଈଟା ଯାଏ ବୋହି ବୋହି
ପ୍ରେମର ଉଚ୍ଛୁଳା ତୀରେ,
ସୁନ୍ଦର ତୃପ୍ତିର ଶେଷ କେବେ କୁହ
ପହିଲି ବସନ୍ତ ପରେ ।

ଉଡ଼ି ଉଡ଼ି ଯାଏ ମନ ପ୍ରଜାପତି
ଦିଗ୍ ବଳୟର ପାରେ,
ଛାଡ଼ିଯାଏ ପ୍ରେମ ଉଡ଼ନ୍ତା ଆକାଶେ
ସ୍ମୃତିର ସୁନା ଅକ୍ଷରେ ।

ଲହକା କୁହୁକ ମତୁଆଲ୍ ପ୍ରେମ
ମୋହନୀ ସପନ ପୁରେ,
ଝୁରୁଥାଏ ମନ ସେ ଅଭୁଲ୍ ସ୍ୱର୍ଗ
ଅଚହ୍ନା ଏ ଦୁନଆଁରେ ।

ମନ୍ଦର ମହ୍ଲାର ସ୍ୱର କୁଞ୍ଜବନେ
ଅଧିର ହୋଇ କେ ଝୁରେ,
ପ୍ରେମର ରାଗିଣୀ  ସେ ମନ ମୋହିନୀ
ଝୁରି ଝୁରି ଯାହା ମରେ ।

ଭଦ୍ରକ, ବାସୁଦେବପୁର ( ଜଗନ୍ନାଥ)

# ଭ୍ରମଣ କାହାଣୀ -
# ଗିରନାର ପାହାଡ

( ଜୁନାଗଡ଼, ଗୁଜରାଟ)



ସୁବଳ ମହାପାତ୍ର

## ଭାଗ- ୨

ପିଲାଙ୍କ ମନସ୍ତତ୍ୱ ବୁଝିବାକୁ ବାକି ନଥିଲା। ୩୭୦୦ ପାଖାପାଖି ପାହାଚ ଅତିକ୍ରମ କରି ସାରିଲୁଣି। ହଠାତ ଦେଖିଲି ଦୋକାନୀ ଭାଇଟିଏ ଦୋକାନ ଖୋଲି ଚା ତିଆରି କରିବାକୁ ବାସନ ଧୋଉଛି। ଦୋକାନ ଆଗରେ ଗୋଟେ ଖାଲି ଜାଗା ସହ ବସିବା ପାଇଁ ପିଣ୍ଡି ଟିଏ କରାଯାଇଛି। ଦୋକାନୀ ଭାଇ କୁ ପଚାରିଲି," କଣ ଚା ତିଆରି କରିବ? କେତେ ଟଙ୍କା? "

- ହଁ, ତିଆରି କରିବି। ହାଫ କୁ ଦଶ ଟଙ୍କା।

- ହଉ ତେବେ, ତିଆରି କର, ଆମେ ବସିଛୁ ଏଠି।

ସମସ୍ତଙ୍କୁ ଏଇଠି ରହି ଚା ପିଇବା ବୋଲି ଯେମିତି କହିଛି, ପିଣ୍ଡି ଉପରେ ଅଧା ଶୁଆ ଭାବେ ଗଡ଼ିଗଲେ ସମସ୍ତେ। ମଣିଷ କୁ ବାଧା ଲାଗିଲା ବେଳେ ତୁଚ୍ଛା ମାଟି ପିଣ୍ଡି ବି ତୁଳତଳିଆ ଶେଜ ଠାରୁ ମୂଲ୍ୟବାନ ଲାଗେ। କ ଝିଅ, କ ପୁଅ, କିଛି ବାଛବିଚାର ନାହିଁ। ଅଛି ତ କେବଳ ଅବଶ ଦେହଟିକୁ ମାତ୍ର ପାଞ୍ଚ ମିନଟ ପାଇଁ ଗଡେଇ ଦେବାର ଇଚ୍ଛା। ପୁଣି ବାଜିବ ଟିମ ଲିଡର ର ହଣ୍ଟର, "ଭାଗୋ, ଲାଇଫ ଇଜ ଏ ରେସ"....ପ୍ରାୟ ଦଶ ମିନଟ ପରେ ଦୋକାନୀ ଭାଇ ମନଜାଣି ସମସ୍ତଙ୍କ ପାଇଁ ହାଫ କଡା ଚା ଆଣି ଆସିଲା। ସମସ୍ତେ ନିଜ ନିଜ "ସୁପର ପାୱାର ନାପ" ରୁ ଉଠି, ଢୋକେ ଲେଖାଏଁ ପାଣି ପିଇ, ଚା କୁ ଏମିତି ପିଇ ଗଲେ ଯେମିତି ବୋଧହୁଏ ପ୍ରାୟ ମାସେ ହେଲା ଚା ପିଇ ନାହାନ୍ତି।

( ମୁଁ ଏତେ କଥା କହୁଛି କାରଣ ଦୋକାନୀ ହିସାବ କରି ନ ପାରି ମାତ୍ର ନଅ ଟି ଗ୍ଲାସ ଚା ଆଣିଥିଲା ଆଉ ମୁଁ ଚା ପିଆ ରୁ ବଞ୍ଚିତ ଥିଲି, ସେ ପୁନର୍ବାର ଦୋକାନ କୁ ଫେରି ଚା ଛାଣି ନ ଆଣିବା ଯାଏଁ) । ଚା ଦୋକାନୀ ଆଉ ଥରେ ଚା ଆଣିବାକୁ ଗଲା, ଆଉ ଗୋଟେ..ଆଉ ଗୋଟେ..ଆଉ ଗୋଟେ ହୋଇ, ପୁଣି ତାକୁ ଚା ଆଣିବାକୁ ପଡିଲା ସମସ୍ତଙ୍କ ପାଇଁ ଏଥର କନ୍ତୁ ଏଗାର ଟି ( ମୁଁ ବି ଦିଟା ଚା ପିଇବି ନା..) ।

ଦଶ ଜାଗାରେ କୋଡିଏ ମିନଟ ଯାଇ ସାରିଥିଲା । ଉଠିଲୁ ଏବେ ପୁଣି ଚଢ଼ିବା ପାଇଁ। କନ୍ତୁ ଏଥର ସମସ୍ତେ ଫୁସ । ଚାଲିବାକୁ ବଳ ପାଉନ, ଗୋଡ କାଟିବା ଆରମ୍ଭ ସମସ୍ତଙ୍କର । ମୁଁ ବି ଟିକେ ଜୋର ପାଟିରେ ଚଲ୍ଲେଇ ଦେଲି, "ମନା କରିଛି ନା ନାହିଁ? ଅଧିକ ସମୟ ବିଶ୍ରାମ ନେଲେ ଚାଲି ହେବନ ବୋଲି । ଏବେ ଭୋଗ ସମସ୍ତେ। କହିଥିଲି ଶୋଇବା ମନା। ପିଣ୍ଡି ଉପରେ ଗଡ଼ିଗଲ ସମସ୍ତେ। ଏବେ ବୁଝିଲ? ?" ସମସ୍ତଙ୍କ ମନ ନିରାଶା ରେ ଘାଣ୍ଟି ହେଉଥିଲା । ବୁଝି ପାରୁଥିଲେ ସମସ୍ତେ ଭୁଲ କେଉଁଠି ରହିଲା । ବେଳେବେଳେ ପିଲା ମାନଙ୍କୁ ଭୁଲ କରିବାକୁ ଛାଡ଼ିଦେବା କଥା। ନଜେ ବୁଝିଲେ ହିଁ ଆଉ ସେମିତି ଭୁଲ କରିବେନ। ନଜେ ନଜେ ଠିକଲେ ଶିଖିବେ, ଯେବେଯାଏଁ ଭୁଲ କରି ନାହାନ୍ତି, ସେମାନେ ଜାଣି ପାରିବେନ ଭୁଲ କଣ, ଠିକ କଣ । ଯେବେ ଜାଣିବେ ତା ପରେ ନଜେ ହିଁ ସୁଧୁରୀ ଯିବେ ।

ଏ ଭିତରେ ମୁଁ ନଶୋଇ ଏପଟ ସେପଟ ହେଉଥିଲି। ଏବେ ମୋ ପାଳ। ( ପୂର୍ବର ଗୁହାଣି ଭୁଲି ଯାଇଛି ନା କଣ? ) ଏଥର ଆଦେଶ ଦେବା ଭଙ୍ଗୀ ରେ କହିଲି, "ଗୋଡ ଦି ଥର ଭଲରେ ଛାଟି, ଦଶ ପନ୍ଦର ପାହାଚ ଟିକେ ଜୋର ଜୋର ଚାଲ। ଟିକେ ଭଲ ଲାଗିବ ।" କଥା ମାନ ସମସ୍ତେ ଗୋଡ଼ ଛାଟି ଜୋର ଜୋର ଚାଲିବା ଆରମ୍ଭ କଲେ। ଏଥର କନ୍ତୁ ଶିକ୍ଷା ଟି ଭଲ କାମ ଦେଇଥିଲା । ଆଠଶହ ପାହାଚ ମାତ୍ର ଅଧଘଣ୍ଟା ଭିତରେ ଅତିକ୍ରମ କରି ସାରିଥିଲୁ ।

ଜୈନ ମନ୍ଦିର, ଜୈନ ଧର୍ମାବଲମ୍ବୀ ମାନଙ୍କ ପାଇଁ ଏ ସ୍ଥାନ ଟି ଏକ ପବିତ୍ର ସ୍ଥଳ। ଦେଶ ର ପ୍ରାଚୀନ ଜୈନ ମନ୍ଦିର ମାନଙ୍କ ଭିତରେ ଅନ୍ୟତମ । ଏଠି ଶ୍ୱେତାମ୍ବର ଓ ଦିଗାମ୍ବର ଜୈନ ମନ୍ଦିର ସହ ଅନେକ ଗୁଡିଏ ମନ୍ଦିର ଓ ମୂର୍ତ୍ତି ସବୁ ଅଛି। ଧାଡି କ ଧାଡି ପ୍ରାୟ ୧୦୦ ଉପରେ ମୂର୍ତି, ଆଳତି ଚାଲିଥାଏ । ଜୈନ ଧର୍ମାବଲମ୍ବୀ ମାନେ ପ୍ରାୟତଃ ଧଳା କମ୍ବା ନାଲି ଲୁଗା ପିନ୍ଧିଥାନ୍ତି, ମୁହଁ ରେ ଧଳା କନା ବାନ୍ଧିଥାନ୍ତି । ମନ୍ଦିର ଭିତରକୁ ଯାଇ ଦର୍ଶନ

କଲୁ। ଜୈନ ମନ୍ଦିର ପାଖରେ ଶୌଚାଳୟ ( ପୁରା ପାହାଡ଼ ଉପରେ ଏହି ଗୋଟିଏ ଜାଗାରେ ଶୌଚାଳୟ ଅଛି) ସହ ଗାଧୋଇବା ପାଇଁ ଗରମ ପାଣି ର ସୁବିଧା ବି ଅଛି। ତା ସହ କେବଳ ଜୈନ ମାନେ ରହିବା ପାଇଁ ଧର୍ମଶାଳା ଟିଏ ବି ଅଛି। ବାଡ଼ି, ବ୍ୟାଗ ଓ ଜୋତା ମନ୍ଦିର ବାହାରେ ସିକ୍ୟୁରୀଟି ପାଖରେ ରଖି ମନ୍ଦିର ବୁଲିବା ପାଇଁ ଗଲୁ। ଦର୍ଶନ ପରେ ପୁଣି ବାହାରକୁ ଆସି ନିଜ ନିଜ ଜିନିଷ ପତ୍ର ଧରି ଚାଲିବା ଆରମ୍ଭ କଲୁ।



( ଜୈନ ମନ୍ଦିର )



( ଜୈନ ମନ୍ଦିର )



( ନେମିନାଥ )

ଜୈନ ମନ୍ଦିର ପରେ ପରେ ଗୌମୁଖୀ ଗଙ୍ଗା ମନ୍ଦିର ଓ କୁଣ୍ଡ। ହିନ୍ଦୁ ମାନଙ୍କର ଏକ ମନ୍ଦିର, ଭିତରେ କୁଣ୍ଡ ଭିତରେ ଗୋ ମୁଖରୁ ଝରୁଥିବା ଜଳ କୁଣ୍ଡରେ ପଡୁଥିଲା। ପାହାଡ଼ ଉପରେ ଥିବା ଦୁଇଟି କୁଣ୍ଡ ( ଗୌମୁଖୀ ଗଙ୍ଗା ଓ କମଣ୍ଡଳ କୁଣ୍ଡ) ମଧ୍ଯରୁ ଏହା ଅନ୍ୟତମ କୁଣ୍ଡ।



ଏଥର ଅଳ୍ପ ଆଗକୁ ଯାଇ, ଦୁଇଟି ଚପ୍ସ ପ୍ୟାକେଟ ଉଦରସ୍ଥ କରି ଅଳ୍ପ ପାଣି ପିଇ ଅଳ୍ପ କଛି ଫୋଟୋ ଉଠେଇ ପୁଣି ଆରମ୍ଭ କଲୁ ଚଢ଼ିବା। ୫୦୦ ପାହାଚ ପରେ ଅମ୍ବାଜି ମନ୍ଦିର। ହିନ୍ଦୁ ମାନଙ୍କର ମନ୍ଦିର। ବିଶେଷ କରି ଜୈନ, ହିନ୍ଦୁ ଓ ନବବିବାହିତ ମାନେ ଏହି ମନ୍ଦିର କୁ ଅଧିକ ସଂଖ୍ୟା ରେ ଆସନ୍ତି ମା ଙ୍କ ଆଶୀର୍ବାଦ ପାଇଁ। ମନ୍ଦିର ଟି ପ୍ରାୟ ୧୨୦୦ ଶତାବ୍ଦୀ ରେ ତିଆରି ହୋଇଥିଲା। ଅଧିକ ସଂଖ୍ୟା ରେ ଲୋକ ଏହି ଯାଏଁ ଆସି ପୁଣି ଫେରି ଯାଆନ୍ତି

ତଳକୁ। ଆଗକୁ ଯିବାକୁ ମନ କରନ୍ତି ନାହିଁ। ମନ୍ଦିର ଦର୍ଶନ, ଭୋଗ ସରି ଆମେ ପୁଣି ଆଗକୁ ଚାଲିବା ଆରମ୍ଭ କଲୁ। ତଳୁ ଏବେ ଯାଏଁ ଦେଖି ଆସୁଥିବା ଦୋକାନ ଗୁଡିକ ଏହିଠାରେ ଶେଷ। ଆଗକୁ କୌଣସି ଦୋକାନ ନାହିଁ। ତେଣୁ ଆଗକୁ ଯିବାକୁ ହେଲେ ଏହିଠାରୁ ପାଣି ଓ ଶୁଖିଲା ଖାଦ୍ୟ ନେଇ ଆଗକୁ ଯିବାକୁ ହୁଏ। ଆମ ପାଖରେ ଖାଦ୍ୟ ଓ ପାଣି ଆଗରୁ ଥିଲା। ତଥାପି ଦୋକାନ ଗୁଡିକୁ ଦେଖି ଆଶ୍ଚର୍ଯ୍ୟ ଲାଗିଲା। ପାଞ୍ଚହଜାର ପାହାଚ ଉପରେ ବି ବଡାପାଓ, ଦାବେଲି, ଗାଂଠିଆ, ପାମ୍ପଡ଼ ସହ ଆଳୁଚପ, ପକୁଡି ଆଦି ମିଳୁଥିଲା। ତଳୁ ଗ୍ୟାସଟାଙ୍କି ସହ ସବୁ ଆସବାବପତ୍ର ବୋହି ଆଣି ତେଲ କଡେଇ ବସେଇ ସେମାନେ ଗରମ ଗରମ ଜିନଷ ଛାଣି ଲୋକଙ୍କୁ ପରଷୁଥିଲେ। ଦାମ, ଶହେ ଗ୍ରାମ ପ୍ରତି ପ୍ରତି ମାତ୍ର ଦଶ ଟଙ୍କା ଅଧିକ। ପାଣି ବୋତଲ ତ ପାଞ୍ଚଶହ ପାହାଚ ପରେ ବି ଚାଳିଶ ଟଙ୍କା, ପାଞ୍ଚ ହଜାର ପାହାଚ ପରେ ବି ଚାଳିଶ ଟଙ୍କା। ଫ୍ରିଜ ସହ ଇଲେକ୍ଟ୍ରିକ ର ସବୁ ସୁବିଧା। କନ୍ତୁ ସବୁ ଜିନଷ ସେମାନଙ୍କୁ ତଳୁ ବୋହି ବୋହି ଆଣିବାକୁ ପଡୁଥିବାରୁ ବଡ ବଡ ଅକ୍ଷର ରେ ଲେଖାଥି "ଦୟାକରି ଖାଇ ସାରିବା ପରେ ପିଇବାକୁ ପାଣି ମାଗନ୍ତୁ ନାହିଁ" । ଭିନ୍ନ ଭିନ୍ନ ପ୍ରକାର ର ଦୋକାନ ପୁରା ପାହାଡ଼ ସାରା ଦେଖିବାକୁ ମିଳଥିଲା। ଏଠି କନ୍ତୁ ଖାଇବା ସହ ଭୋଗ, ଫଳ ଦୋକାନ, ସାଲଡ଼ ଦୋକାନ ଓ ଅନ୍ୟ ଦୋକାନ ସବୁ ଦେଖିବାକୁ ମିଳଲା। ତେବେ ଆମେ ପୁଣି ଆଗକୁ ଚାଲିଲୁ...



( ଅମ୍ବା ମାତା )



( ଅମ୍ବା ମାତା ମନ୍ଦିର ଗେଟ )



( ଅମ୍ବା ମାତା ମନ୍ଦିର)

ଗୋଟିଏ ପାହାଡ଼ ଛାଡି ଅନ୍ୟ ପାହାଡ଼ କୁ ଯିବୁ। ମଝିରେ କଛି ପାହାଚ ଚଢି ପୁଣି ଓ୍ୱଲ୍କେଇ ସାରି ପୋଲ ଉପରେ ଗ୍ଲିଲୁ । ସମତଳ ପୋଲ। ଦୁଇ ପାହାଡ ର ଅଗ୍ର ଭାଗକୁ ମିଶେଇ ପୋଲଟି ତିଆରି ହୋଇଛି। ଦୁଇ ପାହାଡ଼ ମଝିରେ ଅନ୍ୟ କୌଣସି ପ୍ରତିବନ୍ଧକ ନଥିବାରୁ ପବନ ବହୁତ ଜୋର ହେଉଥାଏ। ଏବେ ଯାଏଁ ଗ୍ଲି ଗ୍ଲି ଗରମ ଥିବା ଦେହ ବି ଶୀତ ରେ କୋଲ ମାରି ଯାଉଥାଏ। ତାପମାତ୍ରା ହଠାତ ୧୫ ଡିଗ୍ରୀ ରୁ କମି ପାଞ୍ଚ ଡିଗ୍ରୀ କୁ ଗ୍ଲି ଆସିବା ପରି ଲାଗୁଥାଏ। ଗ୍ଲିବା ପାଇଁ ଥିବା ପୋଲ ଦୁଇପଟେ ଶକ୍ତ ସିମେଣ୍ଟ ବାଡ଼। କନ୍ତୁ

ପବନ ଅଧିକ ଯୋଗୁଁ ଉଡେଇ ନେବା ଭଳ ଲାଗୁଥାଏ। ପଡିବାର କୌଣସି ଭୟ ନାହିଁ। ଶୀତ ଯୋଗୁଁ ଦେହ ହାତ ଥରି ଯାଉଥିଲେ ବି ବ୍ୟାଗ ଭିତରୁ ସ୍ୱିଟର କମ୍ବା ଜ୍ୟାକେଟ କାଢ଼ିବା ସମ୍ଭବ ନଥିବାରୁ ଶୀଘ୍ର ଶୀଘ୍ର ପାଦ ପକେଇ ଅନ୍ୟ ପାହାଡ଼ କୁ ଯିବାକୁ ଚେଷ୍ଟା କଲୁ।



( ଦୁଇ ପାହାଡ ମଝିରେ ଥିବା ପୋଲ )



( ଦୁଇ ପାହାଡ ମଝିରେ ଥିବା ପୋଲ ଉପରୁ ଗୋରଖ ନାଥ ମନ୍ଦିର )


ଅନ୍ୟ ପାହାଡ଼ ରେ ପହଞ୍ଚୁ ପହଞ୍ଚୁ ଏକ ମନ୍ଦିର ଶିବ ମନ୍ଦିର "ଗୋରଖନାଥ ଶିବ ମନ୍ଦିର" ଦେଖିବାକୁ ମିଳିଲା। ଅଖଣ୍ଡ ଧୁନ ଜଳୁଛି ସେ ମନ୍ଦିର ଭିତରେ। ମନ୍ଦିର ରେ ଥରେ ମୁଣ୍ଡିଆ ଟିଏ ଲେଖାଏଁ ମାରି ଗ୍ଭଲିଲୁ ଆଗକୁ। ୬୫୦୦ ପାହାଚ ଅତିକ୍ରମ କରି ସାରିଥିଲୁ ୟା ଭିତରେ । ଏଥର ସମୟ ଥିଲା ସମସ୍ତେ ଆଶ୍ଚର୍ଯ୍ୟ ହେବାର। ମୁଁ ତ ଆଗରୁ ଜାଣିଥିଲି ( review ପଢି ଓ ଫୋଟୋ ଦେଖି) , ହେଲେ ବାକି ସମସ୍ତେ ଆଶ୍ଚର୍ଯ୍ୟ ଯେତିକି ହେଲେ ତାଠୁ ଅଧିକ ଖୁସି ହେଲେ। କାରଣ ଏବେ ଥିଲା ଓହ୍ଲେଇବା ପାଳି। ପଛକୁ ଯିବା ନୁହେଁ, ଆଗକୁ ଯିବାକୁ ହେଲେ ୨୫୦୦ ପାହାଚ ଓହ୍ଲେଇବାକୁ ପଡିବ ପାହାଡ଼ ଉପରୁ ଓ ପୁଣି ଚଢ଼ିବାକୁ ପଡିବ ଅନ୍ୟ ଏକ ପାହାଡ଼। ପାହାଡ଼ ତଳେ ଅଛି କମଣ୍ଡଳୁ କୁଣ୍ଡ, ଅଖଣ୍ଡ ଧୁନ, ଉପରେ ଅଛି ପ୍ରଭୁ ଦତ୍ତାତ୍ରେୟ ଙ୍କ ପାଦୁକା। ମଝିରେ ମଝିରେ ମୋବାଇଲ ର ନେଟୱାର୍କ ଆସୁଥାଏ, ଯାଉଥାଏ । ଘରକୁ ଠାରେ ଦି ଥର କଏ କଏ ଫୋନ କରିଥିଲେ, ତିରିଶ ସେକେଣ୍ଡ, ପୁଣି ନେଟୱାର୍କ ଗଲା... ଏମିତି ଗ୍ଭଲିଥାଏ ...



( ଗୋରଖନାଥ ଶିବ ମନ୍ଦିର)



( ପଛରେ ଦେଖା ଯାଉଥିବା ମନ୍ଦିର ହେଲ୍ ଗୁରୁ ଦତ୍ତାତ୍ରେୟ ମନ୍ଦିର )



( ବର୍ଷାଦିନେ ଗୁରୁଃଶିଖର ପାହାଡ ର ଦୃଶ୍ୟ )

କ୍ରମଶଃ.....

ଖଲ୍ଲରୀ, ଅନୁଗୁଳ, ଓଡିଶା

# ନିଦାଘର ସୃତି



ସୁନତା ଗୌଡ

ଏବେ ଯେ ଗ୍ରୀଷ୍ମ କାଳ ହେଲା
ରୌଦ୍ରର ପ୍ରକାଶ ବଢିଲା ।
ଜଳ ବିହୁନେ ମୀନ ଯେହ୍ନେ
ସେହି ପ୍ରକାରେ ପ୍ରାଣୀମାନେ ।
ମନରେ ଶାନ୍ତ୍ୱନା ପାଇଁ
କରନ୍ତି ହା ହା କାର ଧ୍ୱନ ।
ସନ୍ଧ୍ୟାରେ ଶୀତଳ ସମୀର
ସଙ୍ଗେ ଚନ୍ଦ୍ରମାର ଶୀତଳ ।
ମନକୁ ମୁଗ୍ଧ କରିଥାଇ
ଜନ ମନକୁ ମୋହିଥାଇ ।
ସଦା ସ୍ନହାନ ପାଇଁ ଇଚ୍ଛା
ମନରେ ବାନ୍ଧିଥାଇ ବସା ।
ଶରୀର ଜଳାଶୟ ମାନ
ଶୁଷ୍କ ହୁଅନ୍ତି ତରୁ ତୃଣ ।
ସନ୍ଧ୍ୟା ସମୟ ଉପଗତ
ହୋଇଲେ ଶାନ୍ତ ହୁଏ ଚିତ ।
ଗ୍ରୀଷ୍ମର ପ୍ରବାହ ବଢଇ
କାମ ପୀଡା ଯାଏ ଶୀଥଳ ହୋଇ ।
ଏଇ ସେ ନିଦାଘର ସୃତି
କପରି ଶୋଭି ତାର ଦେଖ ଗୋ ସଖୀ

ଡୁମୁଡୁମା, ଭୁବନେଶ୍ୱର

# ମୋ ଛୋଟଘର



ପ୍ରକାଶ ଚନ୍ଦ୍ର ପଣ୍ଡା

ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର
ସ୍ନେହ ଶ୍ରଦ୍ଧାର ଏହି ମନ୍ଦିର
ତୁଳନା ନାହିଁ ଏଠି ତାହାର ।
ଯେଉଁ ମନ୍ଦିର ପୂଜା ପାଆନ୍ତି
ମୋ ଜନ୍ମଦାତା ଅତି ପ୍ରିୟର
ତାଙ୍କରି ପାଶେ ପୂଜା ପାଆନ୍ତି
ମୋ ଜନ୍ମଦାତ୍ରୀ ମାଆ ମୋହର ।
ସନ୍ଧ୍ୟା ସକାଳେ କରି ପ୍ରଣାମ
ପୂଜଇ ନିତି ହୃଦୟେ ମୋର
ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର ।
ତାଙ୍କରି ପାଇଁ ଜନମ ମୋର
ଚଳନ୍ତି ଦେବ ମନ୍ଦିରେ ମୋର
ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର ।

ତାଙ୍କରି ପାଇଁ ଜନମ ମୋର
ଚଳନ୍ତି ଦେବ ମନ୍ଦିରେ ମୋର
ଅମାୟିପ ତାଙ୍କ ସ୍ନେହ ଆଦର
ସତେକ ମୋ ପାଇଁ ଅମୂଲ୍ୟ ବର ।
ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର
ବୈକୁଣ୍ଠ ସମାନ ମୋହରି ଘର
ସ୍ନେହ ଶ୍ରଦ୍ଧାର ଛୋଟ ମନ୍ଦିର
ସେହି ମନ୍ଦିରେ ପୂଜକ ସାଜି
ଜାଳିବି ଦିପାଳୀ ସ୍ନେହ ପ୍ରେମର
ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର ।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ଶ୍ରୀ କ୍ଷେତ୍ର ଦର୍ଶନ



ଡମ୍ବରୁଧର ବାଗ

ଥରେ ହେଲେ ମୋତେ ନିଅ ହେ କାଳିଆ
ଦେଖିବି ତୋ ଶ୍ରୀକ୍ଷେତ୍ରକୁ ।
ବଡ ଦାଣ୍ଡେ ଥାଇ ଆନନ୍ଦ ମନରେ
ଦେଖିବି ତୋ ମନ୍ଦିରକୁ ।
ଶରଧା ବାଲିର ପବିତ୍ର ମାଟିକୁ
ମସ୍ତକରେ ଟିକେ ମାରିବି ।
କାଳିଆ ନାମକୁ ତୁଣ୍ଡେ ଉଚ୍ଚାରିଣ
ବାଇଶି ପାହାଚ ଚଢିବି ।
ଆଜନ୍ମ ର ଯେତେ ଦୁଃଖ କଷ୍ଟ କୁ
ରତନ ବେଦୀରେ ଥୋଇବି ।
ଜଗା କାଳିଆର ସୁଖ ପୁଡିଆକୁ
ଘରକୁ ନେଇ ଆସିବି ।
କୋଇଲି ବୈକୁଣ୍ଠ ନରେନ୍ଦ୍ର ପୋଖରୀ
ନେତ୍ର ନୟନରେ ଦେଖିବି ।
ପାପ ଭାର ଯେତେ ହୃଦୟରେ ଅଛି
ମହୋଦଧିରେ ଜାକିବି ।
ଜଗନ୍ନାଥଙ୍କ ର ନାମ ଜପି ଜପି
ମହା ପୁଣ୍ୟ ଫଳ ପାଇବି ।

ଚପ୍ରିଆ, ଗୋଲ୍‌ମୁଣ୍ଡା, କଳାହାଣ୍ଡି

# ଆମେ ଓଡିଆ, ଭାରି ବଢିଆ



କେଶରୀ ପ୍ରସାଦ ମହାନ୍ତି

ବ୍ୟକ୍ତି ଓ ଭୂମି ପରସ୍ପର ଐକ୍ୟ । ଏହି ଏକତାର ଭାବଧାରା କୁ କେନ୍ଦ୍ରିଭୂତ କରି ନଜର ମା', ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପାଇଁ ଯୁଗେ ଯୁଗେ ଅନେକ ଆନ୍ଦୋଳନର ପ୍ରମାଣ ଇତିହାସ ଦେଇଛି ।

ଠିକ୍ ସେପରି, ଉତ୍କଳ ଭୁଖଣ୍ଡର ବିକାଶ, ପ୍ରଶସ୍ତି, ସ୍ୱତନ୍ତ୍ରତା ତଥା ପଦମର୍ଯ୍ୟାଦା ଆଜି ଯେଉଁ ସୋପାନରେ ପଦାର୍ପଣ କରିଛି, ତା'ର ଅନ୍ତରାଳ ରେ ରହିଛି ଲୋକଶକ୍ତି, ଭାତୃଭାବ, ଏକତା ତଥା ଆଂଚଳକ କ୍ଷେତ୍ରରେ ସହଯୋଗ ।

ଏହି ଉତ୍କଳ ମାଟିର ଜ୍ଞାନୀ, ଗୁଣି, ବିଦ୍ୱାନ ତଥା ଆମର ପୁର୍ବପୁରୁଷମାନଙ୍କର ପ୍ରଚେଷ୍ଟା ଫଳରେ ୧୯୩୯ ମସିହା ଅପ୍ରେଲ ୧ ତାରିଖରେ ଓଡିଶା ସ୍ୱତନ୍ତ୍ର ମାନ୍ୟତା ପାଇଲା ଆଉ ସେହି ଦିନଠାରୁ "ଓଡିଆ" କହିଲେ ମୁଖ୍ୟତଃ ୨ଟି ଉପରେ ଇଙ୍ଗିତ କରେ । ଗୋଟିଏ ଓଡିଆ ଭାଷା ଓ ଅନ୍ୟଟି ଓଡିଆ ଭାଷାକୁ ବ୍ୟବହାର କରୁଥିବା ବ୍ୟକ୍ତିବିଶେଷ ।

ପ୍ରାଚୀନ ଶିଳାଲେଖ, ତାମ୍ରପଟ୍ଟା, ତାଳପତ୍ର ରେ ମଧ୍ୟ ଓଡିଆ ଭାଷାର ସାହିତ୍ୟ ସ୍ଥାନ ପାଇଥିବାର ପ୍ରମାଣ ମଧ୍ୟ ବର୍ତ୍ତମାନ ସାହିତ୍ୟ ସ୍ଥାନପାଇଥିବାର ପ୍ରମାଣ ମଧ୍ୟ ବର୍ତ୍ତମାନ ଇତିହାସ ପ୍ରମାଣ କରୁଛି । ଯାହାର ଫଳସ୍ୱରୂପ ଆମ ମାତୃଭାଷା "ଓଡିଆ" ମଧ୍ୟ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି ।

ଆମ ଓଡିଆ ଭାଷାର ସୌନ୍ଦର୍ଯ୍ୟ, ଔନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ହିଁ ଆମ ସାହିତ୍ୟକୁ ସଭ୍ୟତାର ଉଚ୍ଚ ସୋପାନରେ ପହଞ୍ଚାଇଛି । ସେଥିପାଇଁ ତ "ଆମେ ଓଡିଆ, ଭାରି ବଢିଆ" ଉକ୍ତିଟି

ଅନେକଙ୍କ ମୁଖରୁ ସ୍ୱାତଃପ୍ରଭୃତଃ ଭାବେ ନିର୍ଗତ ହୋଇ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସି" ର ଭାବଧାରାକୁ ଉଦ୍ଭବ କରାଏ ।

ଓଡିଶାର ସଂସ୍କୃତି, ପରମ୍ପରା, ଐତିହ୍ୟ, ପର୍ବପର୍ବାଣି, ଭାଷା, ସାହିତ୍ୟ, ପ୍ରାଚୀନ ଗ୍ରନ୍ଥାବଳୀ ର ମହାନତା ଓଡିଆ ମନଙ୍କର ଶରୀରର ଅସ୍ଥି ରୂପରେ ବିରାଜିତ ହୋଇ ରହିଛି । ଠିକ୍ ସେପରି ଓଡିଶାର ପ୍ରାଚୀନ କାରୁକାର୍ଯ୍ୟ, ଚନ୍ଦ୍ରକଳା, ପାଲା, ଦାସକାଠିଆ, ଘୋଡାନାଚ ଏସବୁ ଆମର ଶରୀରର ମାଂସ ରୂପରେ ବିରାଜମାନ କରିଛି ।

ଉତ୍କଳ କମଳର କେଶର ପୁଣ୍ୟ ନୀଳାଚଳ ଧାମରେ ସମସ୍ତ ବିଶ୍ୱବାସୀଙ୍କ ଦୁଃଖକୁ ଲାଘବ କରିବା ନିମିତ ପୂଜାପାଉଥିବା ଜଗତରନାଥ ଜଗନ୍ନାଥ ହିଁ ଉତ୍କଳୀୟମାନଙ୍କ ର ଶରୀରରେ ଆଧ୍ୟାତ୍ମିକତାର ରକ୍ତ ପ୍ରବାହିତ କରି ସ୍ନେହ, ପ୍ରେମ, ମମତାର ପ୍ରାଣବାୟୁ ପ୍ରଦାନ କରିଛନ୍ତି । ସେଥିପାଇଁ ତ ବିଭିନ୍ନତାରେ ଏକତା ହିଁ ଓଡିଶାକୁ ଅନେକ ଫୁଲ ର ମାଳାଟିଏ ରେ ସଜାଇ ଦେଇଛି ।

ଏହି ଓଡିଶାର ମାଟି ହେଉଛି ସଂଗ୍ରାମର ମାଟି, ବକ୍ସି ଜଗବନ୍ଧୁଙ୍କ ମାଟି, ସହିଦ ଲକ୍ଷ୍ମଣ ନାୟକଙ୍କ ମାଟି, ଜୟି ରାଜଗୁରୁଙ୍କ ମାଟି । ଏଣୁ ଏହି ଓଡିଆ ପୁଅର ପ୍ରତ୍ୟେକ ସ୍ୱେଦରୁ ହିଁ ସଂଗ୍ରାମର ବାସ୍ନା ଓ ପାଇକ ପୁଅର ବିରତ୍ୱର ଗାଥାକୁ ଜାଣିହୁଏ ।

ସାହିତ୍ୟ କ୍ଷେତ୍ରରେ ସାରଳା ଦାସ ଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ର ଓଡିଆ ଭାଗବତ, ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ, ବ୍ରହ୍ମାଣ୍ଡ ଭୂଗୋଳ, ଅରକ୍ଷିତ ଦାସଙ୍କ ମହିମଣ୍ଡଳ ଗୀତା ପ୍ରଭୃତି ଓଡିଆ ସାହିତ୍ୟର ପ୍ରାଚୀନତା ଓ ବଳିଷ୍ଠତାକୁ ପ୍ରଦାନ କରେ ।

କବି ରାଧାନାଥଙ୍କର ଚିଲିକା ଖଣ୍ଡକାବ୍ୟ, ଫକୀରମୋହନ ସେନାପତିଙ୍କ ଗଳ୍ପ ଜଗତ, ଗୋପିନାଥ ମହାନ୍ତିଙ୍କ ମାଟିର ମଟାଳ, ତଥା ସର୍ବୋପରି ଗୋପାଳଚନ୍ଦ୍ର ପ୍ରହରାଜଙ୍କ ର "ପୂର୍ଣ୍ଣଚନ୍ଦ୍ର ଭାଷାକୋଷ" (ଓଡିଶାର କଳା କୋଣାର୍କ) ପ୍ରଭୃତି ସାହିତ୍ୟ ଏବେବି ପ୍ରାଚୀନ ଓଡିଶାର ଗିତି, କବିତା, ଲୋକବାଣୀ, ନାଟକ, ପ୍ରଭୃତିର ବଳିଷ୍ଠତାକୁ ଦର୍ଶାଏ ।

ବିଚନ୍ଦ୍ରାନନ୍ଦ ଦାସଙ୍କ ର ମୁକୁର ପ୍ରତିକା ଓ କୃଷ୍ଣପ୍ରସାଦ ବସୁ, ଅଭିମନ୍ୟୁ ସାମନ୍ତସିଂହାର ଙ୍କର ଲେଖାଗୁଡିକ ମଧ୍ୟ ଆଜି ବି ଉତ୍କଳୀୟ ମାନଙ୍କର ବିରତ୍ୱକୁ ରୋମାଞ୍ଚିତ କରୁଛି ।

ପଣାସଂକ୍ରାନ୍ତି, ରଜପର୍ବ, ଦୁର୍ଗାପୂଜା, ଖୁଦୁରୁକୁଣି ଓଷା, କୁମାରପୂର୍ଣ୍ଣିମା, ଚତାଲଗି ଅମାବାସ୍ୟା ଏପରି ୧୨ ମାସରେ ୧୩ ପର୍ବ ଓଡିଶାର ଭାଇଚାରାକୁ ତଥା ଭାତୃଭାବକୁ ଉଚ୍ଚସୋପାନ ରେ ପହଂଚାଇଛି । ରଜ ପର୍ବର ପୋଡପିଠା, ପ୍ରଥମାଷ୍ଟମିରେ ଏଣ୍ଡୁରି ପିଠା ର ବାସ୍ନା ସତେ ଯେପରି ଅପୂର୍ବ ଆନନ୍ଦର ସଞ୍ଚାର ଆଣି ମନକୁ ଉତଫୁଲିତ କରାଏ ।

ଜଗତର ନାଥ ଜଗନ୍ନାଥଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମଧ୍ୟ ବିଶ୍ୱଦରବାରରେ ଉତ୍କଳର ବିଜୟ ବିଜୟିନକୁ ଉଡାଇଛି । ସୂର୍ଯ୍ୟମନ୍ଦିର କୋଣାର୍କର କାରୁକାର୍ଯ୍ୟ, ଲଳତଗିରି, ଖଣ୍ଡଗିରି, ଉଦୟଗିରି ର ବୌଦ୍ଧ ବିର୍ତ୍ତି, ପିପିଲି ର ଚାନ୍ଦୁଆ, କଟକର ତାରକସି କାମ, ଖୋର୍ଦ୍ଧା ଗାମୁଛା ଏସବୁ ମଧ୍ୟ ଆମ ଓଡିଆ ପୁଅର କାର୍ଯ୍ୟଦକ୍ଷତା ଓ ନୈପୁଣତା ର ପ୍ରମାଣ ପ୍ରଦାନ କରେ । ଏବେ ବି "ସମ୍ବଲପୁରି ପାଟ" ର ଚାହିଦା ବିଦେଶରେ ମଧ୍ୟ ବହୁଭାବରେ ବ୍ୟବହାର କରାଯାଉଛି ।

ଓଡିଆଣି ବୋହୁର ମଥାର ଓଢଣା, ବଙ୍କା କରି ପକାଉଥିବା ପାଦ, ଧିର ନମ୍ର ସ୍ୱର, ସ୍ୱଭିମାନର ଗୁଣଗାରିମା ପ୍ରଦର୍ଶନ କରିଥାଏ । ଧାନକ୍ଷେତ ର ମନମତାଣିଆ ଗନ୍ଧ, ସୋରିଷ କ୍ଷେତର ପୁଷ୍ପ ସମ୍ଭାର, ପଲ୍ଲିବଧୁର ସ୍ନିଗ୍ଧ ମଧୁର ପାଣି ବହିବାର ଛବି ମଧ୍ୟ ଭାବୁକ ମାନଙ୍କର ଲେଖନୀରେ ଉନ୍ମାଦତା ଭରିଦେଇଛି । ପଖାଳଭାତ, ସାଗ ଭଜା, ବଡିଚୁରା ର ବାସ୍ନାକୁ କେହି ବି ଓଡିଆ ମନରୁ ତଥା ଜୀବନର ଶେଷ ନିଶ୍ୱାସ ଥିବାଯାଏ ଭୁଲିପାରିବେ ନାହିଁ ।

ଶିଶୁଟିଏ କଥା କହିବା ଶିଖିବା ମାତ୍ରେ ତା ପାଟିରୁ ଝରି ପଡୁଥିବା ତଥା କୋମଳ ଓଠରୁ ନିର୍ଗତ ମା ଡାକଟିକୁ ଶୁଣିବା ମାତ୍ରେ ମାତୃ ହୃଦୟର ଅପୁର୍ବ ସିହରଣ ଖେଳଯାଏ । ଓଡିଶାର ଅନେକ ସ୍ଥାନରେ ହେଉଥିବା ଖଣ୍ଡା ଚାଳନା, ବାଡିଖେଳ, ମଲ୍ଲଯୁଦ୍ଧ ଏସବୁ ମଧ୍ୟ ପ୍ରତ୍ୟେକ ଓଡିଆଙ୍କ ମନରେ ଉର୍ଜାର ସଂଚାର କରିଥାଏ ।

ଓଡିଶାର ଆଦିବାସୀ ସଂସ୍କୃତି ର ଲୋକନୃତ୍ୟ, ଭାଷା, ତଥା ସର୍ବୋପରି ବନବାସୀମାନଙ୍କର ଛନ୍ଦ କପଟଶୂନ୍ୟ ହୃଦୟ ଓ ଆପଣାର ଭାଷା ମଧ୍ୟ ଅନେକ ପର୍ଯ୍ୟଟକଙ୍କୁ ଅକୃଷ୍ଟ କରିଛି । ମଙ୍ଗଳମାଳିନୀ ହଳାମ୍ବୁ ଚିଲିକାର ଅପୂର୍ବ ସୌନ୍ଦର୍ଯ୍ୟ ଯୁଗେଯୁଗେ କବି, ଲେଖକ, ଗାଳ୍ପିକ ମାନଙ୍କର ଲେଖନୀକୁ କରିଛି ଚଳଚଂଚଳ । ଏହି ଉତ୍କଳର ମାଟି ହେଉଛି ସତ୍ୟ, ସେବା, ସହିଷ୍ଣୁତାର ମାଟି, ତ୍ୟାଗ ଓ ବିରତ୍ୱର ମାଟି । ସତ୍ୟ ଓ ସେବା ଉତ୍କଳର ମେରୁଦଣ୍ଡ । ଅତିଥି ଦେବ ଭବ, ବାର୍ତ୍ତା ଓଡିଶାର ମୁଳମନ୍ତ୍ର । "ସକଳ ଘଟେ ନାରାୟଣ" ହିଁ କଳଙ୍ଗର ମୂଳତତ୍ତ୍ୱ । ଯୁଦ୍ଧରେ ପୃଷ୍ଠଭଙ୍ଗ ଦେଇଥିବା ଭିରୁମାନଙ୍କୁ କ୍ଷମା କରି ସର୍ବସ୍ୱ ତ୍ୟାଗ କରିବାର ଇତିହାସ ହିଁ ହେଉଛି ଉତ୍କଳ । ବାରବର୍ଷର ବାଳକ ବାଜି ରାଉତ, ଧର୍ମପଦ, ଏହି ମାନଙ୍କର ମାଟି ହିଁ ହେଉଛି ଉତ୍କଳ । ଭିମ ଭୋଇଙ୍କ ଲେଖନ ରୁ ଝରିପଡିଥିବା "ପ୍ରାଣଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ" – ଏହି ମହାନ ବାର୍ତ୍ତା ହିଁ କରିଛି ଉତ୍କଳକୁ ବିଶ୍ୱରେ ଅଦ୍ୱିତୀୟ ।

ଉତ୍କଳର ପୁରପଲ୍ଲୀରେ ନରନାରୀଙ୍କ ମଧ୍ୟରେ ଥିବା ସଦଭାବ, ସଂସ୍କୃତି, ପରମ୍ପରା, ଏସବୁ ହିଁ ଆଜି ବି ଓଡିଆ ଘରର ସ୍ୱାତନ୍ତ୍ରତା ପ୍ରତିପାଦନ କରେ । "ମୁଁ ଓଡିଆ, ମୋ ଭାଷା ଓଡିଆ । ଆମେ ଭାରି ବଢିଆ" ଏହି ଚନ୍ତାଧାରା ହିଁ ଓଡିଶାକୁ କରିଛି ମହାନ । ହେଲେ ଦୁଃଖର ବିଷୟ ପାଶ୍ଚାତ୍ୟ ସଭ୍ୟତାରେ ମାତି ଆଜି ଆମର ଲୋକମାନଙ୍କୁ ମାନବିକତାରେ ଘଟିଛି ପରିବର୍ତ୍ତନ ।

ଗାଁ ରେ ଚଷା ପୁଅ ହଳ ବୁଲେଇବା ଦୃଶ୍ୟ ହଜିଗଲାଣି । ଗୋପାଳ ପୁଅର ବଂସି ଧ୍ୱନ ଆଉ ଶୁଭାଯାଉନ । ଶରତ ଋତୁରେ ବିଲପାଟରେ କାଶତଣ୍ଡି ଦୃଷ୍ଟିଗୋଚର ହେଉନାହିଁ କ ପର୍ବପର୍ବାଣିରେ ପଡୋଶି ଆଉ ଆଗଭଳ ପିଠା ପଣା ବାଣ୍ଟୁ ନାହିଁ । ଏ ସବୁ ମୂଳରେ କେବଳ ପାଶ୍ଚାତ୍ୟ ସଭ୍ୟତା ନୁହେଁ, ବରଂ ଆମମାନଙ୍କର କୁତ୍ସିତ ମାନସିକତା ରହିଛି । ଅତିତରେ ଲୋକଙ୍କ ମଧ୍ୟରେ କଳହ ହେଉଥିଲେ ମଧ୍ୟ ପରେ ପୁଣି ସ୍ନେହ, ପ୍ରେମ, ମମତା ଥିଲା । ହେଲେ ଆଜି ତା ନାହିଁ ।

ଶେଷରେ ଆଜିର ଦିନରେ ଏ ଅବସ୍ଥାରେ ମୋ ଓଡିଆ ଭାଇ ଭଉଣୀମାନଙ୍କୁ କବି ମଧୁସୂଦନଙ୍କ ଉକ୍ତିଟି ମନେପକାଇବି-

"କୋଟିଏ ଓଡିଆ ଗୋଟିଏ ସ୍ୱରରେ ଡାକ ଥାହି ଜଗନ୍ନାଥ
ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ ଜାତିର ଉନ୍ନତି ପଥ ।
ସୁଦର୍ଶନ ଚକ୍ର ଗରଜି ଉଠିବ ବଳଆର ବାହୁକରେ
ମାତାର ଶ୍ରୀଅଙ୍ଗେ ପୂର୍ବଜାତ ହେବ ଶତ୍ରୁ ପଳାଇବେ ଭୟେ ।"

ଠିକ୍ ସେପରି ଆଉ ପଦେ ମଧ ମନେପଡେ:

"ଜାତି ନନ୍ଦିଘୋଷ ଚଳବନ ଭାଇ ସ୍ୱାର୍ଥକୁ ସାରଥି କଲେ,
ଟାଣେକରେ ଗାଡି ଦାନାର ତୋବଡା ଘୋଡାମୁହେଁ ବାନ୍ଧିଥିଲେ"

ତେଣୁ ସମସ୍ତେ ନିଜ ଓଡିଆ ଜାତିର ଜାତୀୟତାର ଭାବଧାରାକୁ ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ କାରଣ ବଥ ସିନା ବଥାଏ, ଆବୁ ବଥାଏ ନାହିଁ ।

ଆମେ ଓଡିଆ, ଆମ ଭାଷା ବଢିଆ । ତେଣୁ ଆମେ ଓଡିଆ କହିବାକୁ, ଲେଖିବାକୁ, ପଢିବାକୁ କେହିବି କୁଣ୍ଠା ବୋଧ କରିବା ନାହିଁ । ଆମେ ଯଦି ନିଜପାଇଁ ଚିନ୍ତା ନକରିବା, ଯେପରି ଉତ୍କଳ- କୋଶଳ ବିବାଦ ଜନ୍ମନେଇଛି, ସେପରି ଅନେକ ସମସ୍ୟା ଦେଖାଦେବ ।

ଆମେ ଏକ, ଆମ ଭାଷା ଏକ ।

ବନ୍ଦେ ଉତ୍କଳ ଜନନୀ

ଜୟ ଜଗନ୍ନାଥ.......

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଯାଜପୁର

# ବୀର ସହିଦଙ୍କ ପାଇଁ ପଦେ



ନନୁ ନାଏକ

ଏ ମାଆ ମାଟି ପାଇଁ
ଯିଏ ସହିଦ ହେଲେ
ସେ ବୀରଙ୍କ ଚରଣେ
କୋଟି ପ୍ରଣାମ ଢାଳେ ।
ବୀରତ୍ୱ ଗାଥା ଇତିହାସେ
ଲେଖି ରଖିବା
ଏ ଦେଶ ଏ ଜାତି ସବୁଦିନ
ହୃଦେ ରଖିବ ।
ହାରିବା ଡରିବା ଶିଖି ନାହିଁ
ଦେଶର ଯବାନଭାଇ
ଭାଙ୍ଗିଯିବେ ପଛେ
ଶତ୍ରୁ ଆଗେ ମୁଣ୍ଡ ପୋତିବେ ନାହିଁ ।
ନିଜ ଜୀବନକୁ ଉତ୍ସର୍ଗ କରି
ଜଗନ୍ତି ଦେଶ ଆମରି
ସେଇ ତ୍ୟାଗ ପାଇଁ
ମୁଣ୍ଡ ନଇଁଯାଏ ଆମର

ହିଦିଲ, ଅଶନବଣୀ, ମୟୂରଭଞ୍ଜ

# ଜୀବନ୍ ଜୁଏ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଜନମ୍ ଠାନୁ ଇ
ମରନ୍ ଭିତରେ
ଯେତକ ଥାଏସି ଦୂରତା,
ସେତେଦିନ୍ ତକ୍ ଜଲୁଥିବା ସତେ
ଆମର୍ ଜୀବନ୍ ସଲତା ।
ଜୀବନ୍ ଆଏତ ପାଏନ୍ ଫୁଟକା
ତଥାପି ଭରମୁଁ କେତେ,
ଜନମ୍ ଥିଲେ ତ ମରନ୍ ଟେ ଅଛେ
ପରଭୁ ହେଲେ ବି ସତେ ।
ବଂଧୁ, ବାଂଧବ୍ କୁଟୁମ୍ ବାଟୁମ୍
ସବୁ ତ ଆଏ ବେକାର୍
ପରାନ୍ ଛାଡଲେ ଅଛୁଁଆ କହେବେ
କରବେ ଛିଛି କାର୍ ।
ମଶାନର୍ ଜୁଏ ସଜା ହେଇଥିବା
ଖଇ ଝିଂଟି ନେବେ ବୁହି,
ଜନମ୍ ମରନ୍ ଦୁଇଟା ଜିନଷ୍
ଦୁନଆଁରେ ସତ୍ ଭାଇ।
କଏ କହୁଥିବା ବନେ ଲୁକଥିଲ୍
କଏ ଦେଉଥିବା ଗାଲି,
କଏ କାଂଦୁଥିବା ଗୁଲ୍ ଗୁଲ୍ ହେଇ
କଏ ମାରୁଥିବା ତାଲି।
ଜିଇଁ ଥିବା ଯାଏ ରାମ୍ ନାମ୍ ଜପ
ଜୀବନଟା ହେବା ସାର୍,
ମୁନୁଷ୍ ଜୀବନ୍ ତ ଦୁଇ ଦିନଆଁ
ଛାଡ ଲୁଭ, ଅହଁକାର୍ ।

ସୌଦାମିନୀ ନିଳୟ, ବଙ୍କିଆ,
ବିରମହାରାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଦିନ ପ୍ରତିଦିନ

ଅଜୟ କୁମାର ମହାନ୍ତି

ସମସ୍ତେ ଏଠି ଅସନ୍ତୁଷ୍ଟ
କଥା କାମରେ ବିଭେଦ ।
ଅଭିଯୋଗରେ ପାରଙ୍ଗମ
ସୁଖରୁ ହୁଅନ୍ତି ବାସନ୍ଦ ।।

ବସ୍ ନୁହଁଇ ପସନ୍ଦ
ଗୃହକରି ନଦିଏ ସନ୍ତୋଷ ।
ଜାତିକୁ ନେଇ ସଂରକ୍ଷଣ
ଦକ୍ଷତା ପାଏନା ସମ୍ମାନ ।।

ସ୍ତ୍ରୀ ସୁନ୍ଦରୀ ପଡୋଶୀଙ୍କ
ଯୌତୁକ ମିଳନ ଯଥେଷ୍ଟ ।
ଆକାଶ ଛୁଆଁ ଘର ଖର୍ଚ୍ଚ
ଆୟରୁ ବ୍ୟୟ ତ ଅଧିକ ।।

ବାପାର ବୋଝ ଛଅ ମାସ
ଘରଣୀ ଗ୍ରଗରେ ପଞ୍ଚମ ।
କାମବାଲି ନୁହେଁ ନୟମିତ
ବଢ଼ିଗଲେ ତା ରକ୍ତଚାପ ।।

ମୁଣ୍ଡରେ ନାହିଁ ଗୋଟେ ଚୁଳ
ଘର ହୋଇପାରିନ ଦ୍ୱିତଳ ।
ପଡୋଶୀଙ୍କର ଗାଡି ଫୋର୍ଡ
ତୁମ ଚଢୁଛ ବାଜାଜ୍ ସ୍କୁଟର୍ ।।

ଲୁଣ ଖାଇଯାଏ ହାଣ୍ଡି
ଚନ୍ଦାରେ ଝଡିଯାଏ ଗଣ୍ଡି ।
ଶିଙ୍ଘ କାହିଁ ଭାଗ୍ୟରେ ଘୋଡାର
କେତେ ସ୍ୱପ୍ନ ସତ ବାୟାଙ୍କର ।।

ଇଉନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ମୁଖ୍ୟ କାର୍ଯ୍ୟାଳୟ
୧୧, ହେମନ୍ତ ବସୁ ସରଣୀ,
କୋଲକତା ।

# ପଞ୍ଚୁକ



ସନ୍ତୋଷ ପଟ୍ଟନାୟକ

କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟ ପରମ ପବିତ୍ର ଦିବସ । ଏହି ପଞ୍ଚକରେ ତେତିଶ କୋଟି ଦେବତା ମନୁଷ୍ୟମାନଙ୍କର ସନ୍ନିକଟ ହୋଇଯାନ୍ତି । ଏହି ସମୟରେ ଏକଲକ୍ଷ ତୁଳସୀପତ୍ର ଚଢାଇ ବିଷ୍ଣୁଙ୍କୁ ପୂଜାକଲେ, ସମସ୍ତ ଦେବତା ପ୍ରସନ୍ନହୋଇ ବର ପ୍ରଦାନକରନ୍ତି । "ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ।" ଭଗବାନ୍ ବିଷ୍ଣୁ ଇପ୍ସିତ ବର ପ୍ରଦାନକରନ୍ତି । ଗୋଟିଏ ଗୋଟିଏ ତୁଳସୀ ଦଳ ଗୋଟିଏ ଗୋଟିଏ ମୋତି ହୋଇଯାଏ । ପାଞ୍ଚଦିନ ଗୋବିନ୍ଦ ନାମ ସ୍ମରଣକଲେ ଅକ୍ଷୟପୁଣ୍ୟ ପ୍ରାପ୍ତିହୁଏ । "ଗୋବିନ୍ଦ ଗୋବିନ୍ଦ ହରେ ମୁରାରେ ଗୋବିନ୍ଦ ଗୋବିନ୍ଦ ମୁକୁନ୍ଦକୃଷ୍ଣ । ଗୋବିନ୍ଦ ଗୋବିନ୍ଦ ରଥାଙ୍ଗ ପାଣେ ଗୋବିନ୍ଦ ଦାମୋଦର ମାଧବେତି ।" ଭାଗବତ ଏବଂ ଗୀତା ପାଠ କରିବା ବିଧେୟ । ଏହି ସମୟରେ ପ୍ରତ୍ୟେହ ଗୀତାର ଗୋଟିଏ ଶ୍ଳୋକ ପାଠକରି ମଧ୍ୟ ମନୁଷ୍ୟ ଜୀବନ୍ମୁକ୍ତ ହୋଇଯିବ । ସ୍କନ୍ଦ ପୁରାଣ ମତେ

"କାର୍ତ୍ତିକ ମାସି ବିପ୍ରେନ୍ଦ୍ର ଯସ୍ତୁଗୀତାଂ ପଠେନ୍ନରଃ
ତସ୍ୟ ପୁଣ୍ୟଫଳଂ ବକ୍ତୁଂ ମମଶକ୍ତି ର୍ନ ବିଦୀତେ
ଗୀତାୟାସ୍ତୁ ସମଂ ଶାସ୍ତ୍ରଂ ନ ଭୂତଂ ନ ଭବିଷ୍ୟତି
ସର୍ବ ପାପହରା ନତ୍ୟଂ ଗୀତୈକା ମୋକ୍ଷଦାୟିନୀ
ଶ୍ରୀମଦ୍ ଭଗବତସ୍ୟାପି ଶ୍ରବଣଂ ଯଃ ସମାଚରେତ୍
ସର୍ବପାପ ବିନର୍ମୁକ୍ତଃ ପରଂ ନର୍ବାଣ ମୃଚ୍ଛତି।"

ଏହି ପାଞ୍ଚଦିନକୁ ଭୀଷ୍ମ ପଞ୍ଚକ କୁହାଯିବାର ପୌରାଣିକ ରହସ୍ୟ ହେଉଛି – ବାଣ ଶଯ୍ୟା ଉପରେ ଶାୟିତ ପିତାମହ ଭୀଷ୍ମ ରାଜଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବର୍ଣ୍ଣନା କରିଥିଲେ,

ଯାହାକୁ ପାଣ୍ଡବମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ମଧ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ କହିଲେ ଆପଣ ଧନ୍ୟ । ଧର୍ମର ଗୂଢ଼ ରହସ୍ୟ ବର୍ଣ୍ଣନା କରିଛନ୍ତି । କାର୍ତ୍ତିକ ଏକାଦଶୀଦିନ ତମେ ଜଳର ଯାଚନା କରିଛ । ଅର୍ଜୁନ ବାଣର ବେଗରେ ଗଙ୍ଗାଜଳ ପ୍ରସ୍ତୁତ କଲେ, ଯଦ୍ୱାରା ତମର ତନ, ମନ, ପ୍ରାଣ ସନ୍ତୁଷ୍ଟ କଲା । ଏଣୁ ଆଜିଠାରୁ ପୂର୍ଣ୍ଣିମା ପର୍ଯ୍ୟ ପାଞ୍ଚଦିନ ଯେଉଁମାନେ ତୁମକୁ ଜଳ ଅର୍ଘଦାନ କରିବେ – ସେମାନେ ମୋତେ ତୃପ୍ତ କରିବେ। ଏହା ହେଉଛି ଭୀଷ୍ମପଞ୍ଚକ – ପ୍ରତିବର୍ଷ ପାଳତ ହେବ । ବ୍ରତଧାରୀ ସବ୍ୟ ହୋଇ ମହାତ୍ମା ଭୀଷ୍ମଙ୍କ ପାଇଁ ତର୍ପଣ କରିବେ । ଏହିଭୀଷ୍ମ ତର୍ପଣ ସମସ୍ତ ବର୍ଣ୍ଣର ଲୋକେ କରିପାରିବେ। ମନ୍ତ୍ର ହେଉଛି-

"ସତ୍ୟବ୍ରତାୟ ଶୁଚୟେ ଗାଙ୍ଗେୟାୟ ମହାତ୍ମନେ
ଭୀଷ୍ମାୟୈତଦ୍ ଦଦାମ୍ୟର୍ଘ୍ୟ ମାଜନ୍ମ ବ୍ରହ୍ମଗ୍ଚାରିଣେ ।"

ଆଜନ୍ମ ବ୍ରାହ୍ମଚର୍ଯ୍ୟ ପାଳନକର୍ତ୍ତା ପରମ ପବିତ୍ର ସତ୍ୟବ୍ରତ ପରାୟଣ ଗଙ୍ଗାନନ୍ଦନ ଭୀଷ୍ମଙ୍କୁ ମୁଁ ଏହି ଅର୍ଘ୍ୟ ପ୍ରଦାନ କରୁଛି । ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଏହି ଭୀଷ୍ମପଞ୍ଚକ ବ୍ରତ ପାଳନ କରନ୍ତି । ସନ୍ତାନହୀନ ବ୍ୟକ୍ତିଙ୍କ ପାଇଁ ଭୀଷ୍ମପଞ୍ଚକ ପାଳନୀୟ- ଏକଥା ପଞ୍ଚକରେ ଅର୍ଘ୍ୟଦାନ ମନ୍ତ୍ରରୁ ସୁସ୍ପଷ୍ଟ ହୋଇଥାଏ। ଅର୍ଘ୍ୟଦାନ ମନ୍ତ୍ର ହେଉଛି-

"ବୈୟାଘ୍ୟପଦ ଗୋତ୍ରାୟ ସାଙ୍କୃତ ପ୍ରବରାୟ ଚ
ଅପୁତ୍ରାୟ ଦଦାମ୍ୟେତ ଦୁଦକଂ ଭୀଷ୍ମ ବର୍ମଣେ
ବସୂନାମବତାରାୟ ଶନ୍ତନୋ ରାତ୍ମଜାୟ ଚ
ଅର୍ଘ୍ୟଂ ଦଦାମି ଭୀଷ୍ମାୟ ଆଜନ୍ମ ବ୍ରହ୍ମଚାରିଣେ।"

ଯାହାଙ୍କର ବ୍ୟାଘ୍ରପଦ ଗୋତ୍ର ଏବଂ ସାଂକୃତ ପ୍ରବର, ସେହି ପୁତ୍ର ରହିତ ଭୀଷ୍ମବର୍ମାଙ୍କୁ ମୁଁ ଏହିଜଳ ଦେଉଛି । ବସୁମାନଙ୍କ ଅବତାର, ଶାନ୍ତନୁଙ୍କ ପୁତ୍ର, ଆଜନ୍ମ ବ୍ରହ୍ମଚାରୀ ଭୀଷ୍ମଙ୍କୁ ମୁଁ ଅର୍ଘ୍ୟ ଦେଉଛି । ପଞ୍ଚଗବ୍ୟ, ସୁଗନ୍ଧଚନ୍ଦନ, କୁଙ୍କୁମଦ୍ୱାରା ଭକ୍ତିପୂର୍ବକ ଶ୍ରୀହରିଙ୍କ ପୂଜନ କରିବ । ଅଷ୍ଟାକ୍ଷର ମନ୍ତ୍ର "ଓଁ ନମୋ ବାସୁଦେବାୟ" ବା ଷଡାକ୍ଷର ମନ୍ତ୍ର "ଓଁ ରାମାୟ ନମଃ," ଶହେ ଆଠବାର ଜପ କରିବ । ବ୍ରତକାଳରେ ବ୍ରାହ୍ମଚର୍ଯ୍ୟ ପାଳନ କରିବ । କାର୍ତ୍ତିକ

ପୌଷମାସୀରେ ବ୍ରାହ୍ମଣଙ୍କୁ ନ୍ୟୁନ ପକ୍ଷେ ପାଞ୍ଚ ଜଣ ବ୍ରାହ୍ମଣଙ୍କୁ ଭୋଜନ ଦେଇ ବ୍ରତ ଉଦଯାପନ କରିବ । ଏହି ପଞ୍ଚକରେ ପାଞ୍ଚଦିନ ଯାକ ତାତ୍ପର୍ଯ୍ୟପୂର୍ଣ୍ଣ । ପଞ୍ଚକର ପ୍ରଥମଦିନ ହେଉଛି ବଡ ଏକାଦଶୀ । ଆଷାଢ ଶୁକ୍ଳପକ୍ଷ, ଏକାଦଶୀ ତିଥିରେ ଭଗବାନ ବିଷ୍ଣୁ ଶଙ୍ଖାସୁରକୁ ବଧ କରିଥିଲେ । ଅତଃ ସେହିଦିନ ଠାରୁ ଚାରିମାସ କାଳ ଭଗବାନ କ୍ଷୀରସାଗରରେ ବିଶ୍ରାମ କରନ୍ତି । ଚାତୁର୍ମ୍ୟାସ୍ୟା ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଜାଗ୍ରତ ହୁଅନ୍ତି । ଏହିକାରଣରୁ ବୈଷ୍ଣବମାନେ "ଉତ୍ତିଷ୍ଠୋତ୍ତିଷ୍ଠ ଗୋବିନ୍ଦ ଉତ୍ତିଷ୍ଠ ଗରୁଡଧ୍ୱଜ, ଉତ୍ତିଷ୍ଠ କମଳାକାନ୍ତ ତ୍ରୈଲୋକ୍ୟ ମଙ୍ଗଳଂ କୁରୁ" ମନ୍ତ୍ରୋଚ୍ଚାରଣ କରି ବିଷ୍ଣୁ ଭଗବାନଙ୍କୁ ଜାଗ୍ରତ କରାନ୍ତି । ହେ ଗୋବିନ୍ଦ ! ଉଠନ୍ତୁ, ଉଠନ୍ତୁ, ହେ ଗରୁଡଧ୍ୱଜ ! ଉଠନ୍ତୁ । ହେ କମଳାକାନ୍ତ ! ନିଦ୍ରା ତ୍ୟାଗକରି ତିନିଲୋକର ମଙ୍ଗଳ କରନ୍ତୁ । ପିତାମହ ବ୍ରହ୍ମା ଦେବର୍ଷି ନାରଦଙ୍କୁ କହୁଛନ୍ତି- " ଏହି ଏକାଦଶୀକୁ ପ୍ରବୋଧିନୀ ଏକାଦଶୀ କୁହାଯାଏ ।

ଏହି ଏକାଦଶୀରେ ଉପବାସ ରହିବା ହଜାରେ ଅଶ୍ୱମେଧ ତଥା ଶହେ ରାଜସୂୟ ଯଜ୍ଞର ଫଳ ଦିଏ । ପଞ୍ଚକର ଦ୍ୱିତୀୟଦିନ ହେଉଛି ଦ୍ୱାଦଶୀ । ଏହିଦିନ ଉତ୍ତମ, ବୁଦ୍ଧିମାନ ମନୁଷ୍ୟ ବୃଦ୍ଧ ପିତାମାତାଙ୍କୁ ବିଧିପୂର୍ବକ ଭୋଜନ କରାଇ ନିଜ ସ୍ତ୍ରୀ ସହିତ ଭଗବାନ ବିଷ୍ଣୁଙ୍କ ପ୍ରସାଦକୁ ସେବନ କରନ୍ତି । ଯେଉଁ ମନୁଷ୍ୟ ଏହି ପ୍ରକାର ବିଧିରେ ଦ୍ୱାଦଶୀ ବ୍ରତର ଭୋଜନ କରାଇ ନିଜ ସ୍ତ୍ରୀ ସହିତ ଭଗବାନ ବିଷ୍ଣୁଙ୍କ ପ୍ରସାଦକୁ ସେବନ କରନ୍ତି, ସେ ଉତ୍ତମ ସୁଖ ଉପଭୋଗ କରି ଶେଷରେ ମୋକ୍ଷପ୍ରାପ୍ତ ହୁଅନ୍ତି ।

ପଞ୍ଚକର ଶେଷ ତିନିଦିନ ତ୍ରୟୋଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା ଅତ୍ୟନ୍ତ ପୂଣ୍ୟମୟ ତିଥି । ପୂର୍ଣ୍ଣିମା ଏବଂ ତାର ପୂର୍ବ ଚାରିଦିନକୁ ମିଶାଇ ପାଞ୍ଚ ଦିନକୁ ପଞ୍ଚୁକ କୁହାଯାଏ । ଯଥା ପଞ୍ଚକ, ମହାପଞ୍ଚକ, ବକ ପଞ୍ଚକ, ଭୀଷ୍ମ ପଞ୍ଚକ ଓ ରାସ ପୂର୍ଣ୍ଣିମା । ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର କରି ଶୁଦ୍ଧ, ସାତ୍ତ୍ୱିକ ଭୋଜନ କରନ୍ତି ।

ବେଗୁନିଆପଡା ବ୍ଲକ୍, ତିରିଡା, ଗଞ୍ଜାମ

# ଅଭିନନ୍ଦନ



ଖଗେଶ୍ୱର ବାଗ

- - - - - ଏ ଶୁଭ ଲଗନେ ଏହି ତନେ ମନେ କରିବାକୁ ପଦ ବନ୍ଦନ
ଅଭିନନ୍ଦନ ହେ ବୀର ଯବାନ  ଅନ୍ତରରୁ ଅଭିନନ୍ଦନ ।।
ଶୁଭେ କରତାଳ ଉଚ୍ଛେ ହୁଳହୁଳ ଭାରତ ମାତାର ଜୟ
ଯା'ର ବୀର ପୁତ କପାଳେ ଲିଖନ ନାହିଁ କେବେ ପରାଜୟ ।।
ଚାହିଁଛି ଚାତକେ ଦେଖିବାକୁ ସତେ ଶୁଣିଛି ତୁମ୍ଭ କାହାଣୀ
ସେହି ବୀର ଗାଥା ପରାକ୍ରମ କଥା ହେ ଭାରତ ଶିରୋମଣି ।।
ଉଡାଇଲ ବ୍ୟୋମେ ବ୍ୟୋମଯାନ ତୁମେ ରଚ ରଣ କଉଶଳ
ଅରି ହୃଦେ ଖେଦ ଭରିଲ ପ୍ରମାଦ କେ ବା ଅଛି ତୁମ୍ଭ ତୁଲ !
ତୁମ୍ଭ ସାହସର ନାହିଁ ପଟାନ୍ତର ଶତ୍ରୁ କବଳରେ ଥାଇ
ହୃଦୟରେ ଭୀତ ନହେଲ ପ୍ରତୀତ କାଳ ଫେରିଗଲ ଚାହିଁ ।।
ତୁମ୍ଭେ ହିଁ ଆଦର୍ଶ  ଆମ୍ଭର ନମସ୍ୟ ତୁମ୍ଭେ ଉତ୍ସ ପ୍ରେରଣାର
ଜୀବନ ଯାବତ ହେଉ ଦୀର୍ଘମୟ ଚରଣେ କୋଟି ଜୁହାର ।।
କଳନା କ ହେବ ତୁମ୍ଭ ଦେଶପ୍ରେମ ଉଡାଇଲ ଯଶ ଚର
ରଚଗଲ ତୁମ୍ଭେ ଦେଶେ ଇତିହାସ ହେ ଅଭିନନ୍ଦନ ବୀର ।।

ବୁଦ୍ଧିକୋମନା, ଜିଲ୍ଲା- ନୂଆପଡା

# ଧରମା



ସତ୍ୟବ୍ରତ ସାହୁ

ଧରମା କ'ଣ ଜାଣିଥିଲ୍..
ବାପାଙ୍କୁ ଖୋଜୁ ଖୋଜୁ ସେ ହରେଇ ବସିବ ନିଜକୁ
ଶିଳ୍ପୀ ଘରର ପୁଅ ସେ
କେମିତି ଚୁପ ଗୁପ ବସିଥାନ୍ତା ଯେ
ମନ୍ଦିର ମୁଣ୍ଡି ମରି ପାରୁନ ଜାଣି !
ନିଜ ବୁଦ୍ଧିରେ ମାରିଦେଲ୍ ମନ୍ଦିରର ମୁଣ୍ଡି,
ଜାଜ୍ୱଲ୍ୟମାନ ଦୀପ୍ତିରେ ଝଲସି ଉଠିଲ୍ ସୂର୍ଯ୍ୟମନ୍ଦିର
ବାର ଶହ ବଢ଼େଇର ବାର ବର୍ଷ ସାଧନାର ସିଦ୍ଧି ।

ଅଥଚ ଏ କ'ଣ ...
ଖୁସି ବଦଳରେ ବିଷାଦର ଛାୟା ସଭିଙ୍କ ମୁଖରେ
ବୁଝିବାକୁ ଡେରି ହେଲ୍‌ନ ତାକୁ
ବାର ବର୍ଷ ବାଳକର ମନକୁ ବୁଝିପାରିଲେନ ବାର ଶହ ମନ
ଅଥଚ ବାର ଶହ ମନକୁ ବୁଝିନେଲ୍ ଧରମା ।
ରାଜା ଜାଣିଲେ ମୁଣ୍ଡକାଟ ...
ଗୋଟିଏ ମୁଣ୍ଡ ପାଇଁ ବାର ଶହ ମୁଣ୍ଡକାଟ !
ନା, ସହିପାରିବନ ସେ ..

ବାପାଙ୍କ ଠାରୁ ବିଦାୟ ନେଇ ସେ ଲୀନ ହୋଇଗଲ୍ ସାଗରରେ ।

ସତରେ...ଏମାନେ କେଡେ ସ୍ୱାର୍ଥପର

ବିଶୁ ଛଡା ଆହା ପଦେ କହିଲେନ କେହି ।

ଧରମା... ତମ ପବିତ୍ର ଆତ୍ମାରେ ତମେ ଲଗାଇନାହଁ କଳଙ୍କ ।

ସେଥିପାଇଁ ବୋଧେ ତମକୁ ଝୁରେ ଏ ଜାତି, ଏ ଜଗତ

ତମେ ଛୋଟ ହୋଇ ବି ମହାନ

ତମକୁ ଏ ଜାତିର କୋଟିଏ ପ୍ରଣାମ ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସଡ଼କ ସୁରକ୍ଷା - ଜୀବନ ରକ୍ଷା



ହରେରାମ ପଣ୍ଡା

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ
ପାଳତ ହେଉଛି ଦେଶରେ,
ଜନତାଙ୍କୁ ସଚେତନ କରିବାକୁ -
ନଦ ନାହିଁ ସତେ ର୍ତିରେ ॥

ଟି.ଭି. ରେଡିଓରେ, ସମ୍ବାଦ ପତ୍ରରେ -
କେତେ ନୂଆ ବାର୍ତ୍ତା ଆସୁଛି ,
ତଥାପି ଦେଶରେ ଦୁର୍ଘଟଣାରେ -
କେତେ ଯେ ଜୀବନ ଯାଉଛି ॥

ବିନା ହେଲମେଟ ବିନା D L ରେ
ଶହଶହ ଗାଡ଼ି ଗ୍ଲୁଛି,
ଅକାରଣେ କେତେ ନୀରିହ ଲୋକଙ୍କ -
ସଂସାର ଉଜୁଡ଼ି ଯାଉଛି ॥

ଭିତରେ ଯେତିକ ଉପରେ ସେତିକ
ଯାତ୍ରୀଙ୍କୁ ଗାଡ଼ିରେ ନଅନ୍ତି,
ଜାଣି ନଜାଣିଲ୍ ପରି ପ୍ରଶାସନ
ଦେଖ୍ ଆଖ୍ ବୁଜି ଦିଅନ୍ତି ॥

ନିଶା ପାନକରି ଚଳାନ୍ତି ଗାଡ଼ିକୁ
କାନେ ମୋବାଇଲ ଦେଇକ,
ଟ୍ରାଫିକ ନିୟମ କିଏ ବା ମାନୁଛି
କାହାକୁ ବା ଭୟ କାହିଁକ ?

ପେଟ୍ରୋଲ ଟାଙ୍କିରେ ବିନା ହେଲମେଟରେ -
ପେଟ୍ରୋଲ ମିଳଇ ଆଗରେ,
ନିୟମ ମାନିକ ଭକୁଆ ହୁଅନ୍ତି
ତେଲ ମିଳେ ତାଙ୍କୁ ପଛରେ ॥

ବଡ଼ବଡ଼ିଆଙ୍କୁ କିଏ ଦୋଷ ଦେବ
ମୁଣ୍ଡରେ ହେଲମେଟ ନଥିଲେ,
କେମିତି ଜନତା ସଚେତନ ହେବେ
କୁମ୍ଭୀର କାନ୍ଦଣା କାନ୍ଦିଲେ ?

ଆସନ୍ତୁ ସକଳେ ସଚେତନ ହେବା
ଭାବିବାକୁ ବେଳ ନାହିଁରେ,
"ସଡ଼କ ସୁରକ୍ଷା - ଜୀବନ ରକ୍ଷା "
ଆଜିର ଆହ୍ୱାନ ଭାଇରେ ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

# ବାଧକତା



ପୁଷ୍ପିତା ଭୂୟାଁ

କାଲି ଘଟିଥିବା ଘଟଣାରେ ମନୋରମାଙ୍କ ଘରେ ଯେଉଁ ଝଡ଼ ଉଠିଥିଲା ସେଥିରେ ତାଙ୍କର ମନଟା ପୁରା ଭାଙ୍ଗି ପଡିଥିଲା । ନିଜ ଉପରୁ ତାଙ୍କର ବିଶ୍ୱାସ ଉଠି ଯାଇଥିଲା। ତାଙ୍କ ହୃଦୟଫଟା ଜମା ସତ୍ୟକୁ ଗ୍ରହଣ କରି ପାରୁନଥିଲା। ଏହାର ସମାଧାନ ବି ସେ ଖୋଜି ପାଉନଥିଲେ। ସେ ବେଳକୁ ବେଳ ଭାଙ୍ଗି ପଡୁଥିଲେ। ତାଙ୍କ ମନ କେଉଁଥିରେ ଲାଗୁ ନଥିଲା। କେହିବି ନିଜର ନଥିଲେ ଯାହା ଆଗରେ ହୃଦୟ ଖୋଲି ଦୁଃଖ ଜଣାଇ ନିଜକୁ ଟିକେ ହାଲୁକା କରିବେ। ତାଙ୍କୁ ଭାରି ଏକା ଏକା ଲାଗୁଥିଲା। କଥାରେ ଅଛି ଦୁଃଖ ବାଣ୍ଟିଲେ ଲାଘବ ହୁଏ। ଚା' କପ ଟି ଧରି ସେ ବଗିଚା ଭିତରକୁ ଚାଲିଗଲେ। ଶୀତୁଆ ସକାଳର ତାଜା ତାଜା ଫୁଲ ଗୁଡିକୁ ଦେଖିଦେଲେ କାଳେ ତାଙ୍କ ମନଟା ଟିକେ ହାଲୁକା ହୋଇଯିବ । ସେ ଏକ ମା' ମନରେ ତାଙ୍କର ନିଜର ସନ୍ତାନ ପାଇଁ ଅଶେଷ ଭଲ ପାଇବା ଭରି ରହିଛି। ମା' କେବେ ନିଜ ସନ୍ତାନର ଅମଙ୍ଗଳ ଚିନ୍ତା କରି ପାରେନି କି ତାକୁ ଅସୁବିଧାରେ ପଡ଼ିବାର ଦେଖିଲେ ସହ୍ୟ କରି ପାରେନି।

ରୋହିତ ତାଙ୍କର ଏକମାତ୍ର ପୁଅ। ମନୋରମାଙ୍କ ଗୋଟିଏ ଲକ୍ଷ ତାଙ୍କର ଏକମାତ୍ର ପୁଅକୁ କିପରି ଏକ ସଫଳ ମଣିଷ ଭାବରେ ଗଢି ତୋଳିବେ। ଅନେକ ଦିନ ତଳୁ ସେ ମାନସଙ୍କୁ ଛାଡି ଅଲଗା ରହୁଥିଲେ ପୁଅ ସହିତ। ଦିନେ ସେ ମାନସ ଙ୍କୁ ଜୀବନ ଦେଇ ଭଲ ପାଇଥିଲେ । ବାପା ମା' ଙ୍କ ଅନିଚ୍ଛା ସତ୍ତ୍ୱେ ସେ ତା'ଙ୍କୁ ବିବାହ କରିଥିଲେ। ସେବେଠାରୁ ବାପଘର ଦୁଆର ତାଙ୍କ ପାଇଁ ସବୁଦିନ ପାଇଁ ବନ୍ଦ ହୋଇଯାଇଥିଲା। ଘର ସିନା ଛାଡି ଚାଲି

ଆସିଥିଲେ ମାନସ ଙ୍କ ପାଇଁ ଗୋଟାଏ ଦୁର୍ବଳ ମୁହୂର୍ତ୍ତର ବସବର୍ତ୍ତୀ ହୋଇ, ହେଲେ ବାପା ମା' ଭାଇ ଭଉଣୀ ଏମାନଙ୍କୁ କ'ଣ ସେ ହୃଦୟପଟରୁ ପୋଛିଦେଇ ପାରିବେ ! ଯେତେହେଲେ ସେମାନେ ତା'ର ଜନ୍ମଦାତା, ତାଙ୍କ ସହିତ ତା'ଙ୍କର ରକ୍ତର ସମ୍ପର୍କ ଅଛି। ବର୍ଷକ ପରେ ରୋହିତ ତାଙ୍କ କୋଳକୁ ଆସିଥିଲା। ପୁତ୍ରର ମୁଁହ ଦେଖି ସେ ସେମାନଙ୍କୁ ଭୁଲିବାକୁ ଚେଷ୍ଟା କରିଥିଲେ। ହେଲେ ତା'ଙ୍କର ଏ ସୁଖ ବେଶି ଦିନ ରହି ନଥିଲା। କିଛିଦିନ ପରେ ସ୍ୱାମୀ ମଧ୍ୟ ତା'ଙ୍କ ସହିତ ବିଶ୍ୱାସଘାତକତା କରିଥିଲେ। ତା' ଅଜାଣତରେ ମାନସ ନନ୍ଦିନୀକୁ ଭଲପାଉଥିଲେ। ସେଥିଲା ତାଙ୍କର ସହକର୍ମୀ। ଯେତେବେଳେ ମନୋରମା ଏସବୁ ଜାଣିବାକୁ ପାଇଲେ, ସେ ସେଦିନ ବହୁତ କାନ୍ଦିଥିଲେ ଓ ନିଜକୁ ବହୁତ ଧିକ୍କାର କରିଥିଲେ। ସେ ଜଣେ ଏମିତି ଲୋକପାଇଁ ନିଜ ଘରର ଚଉକାଠ ଡେଇଁ ପଳାଇ ଆସିଥିଲା, ଯେ ଆଜି ତାଙ୍କ ସହିତ ବିଶ୍ୱାସଘାତ୍ କରିଛି। କିଛିଦିନ ଏପରି ମନ ମାଳନ୍ୟ ଓ ଅଶାନ୍ତିରେ କଟି ଯାଇଥିଲା। ରୋହିତ ବଡ଼ ହେବାକୁ ଲାଗିଲା। ପ୍ରତି କଥାରେ ତାଙ୍କର ସ୍ୱାମୀଙ୍କ ସହିତ ଝଗଡା ହେବାକୁ ଲାଗିଲା। ମନୋରମା ଚିନ୍ତାକଲେ ସବୁଦିନ ଏପରି ଅଶାନ୍ତିରେ ରହିବା ଅପେକ୍ଷା ସେ ପୁଅକୁ ନେଇ ଅନ୍ୟତ୍ର ରହିବେ ଓ ତା'ର ଭବିଷ୍ୟତ ଗଢିବେ। ରୋହିତ ପିଲାଲୋକ । ଏସବୁ ତା'ର ପିଲାମନରେ କି ପ୍ରକାର ପ୍ରଭାବ ପକାଇବ। ସେ ନିଷ୍ପତି ନେଲେ ନିଜ ଗୋଡ଼ରେ ନିଜେ ଛିଡାହେବେ ଆଉ ପୁଅକୁ ମଣିଷ କରିବେ । ସେ ଚାକରି ଖୋଜିବାକୁ ଲାଗିପଡିଲେ ଆଉ ତାଙ୍କୁ ଗୋଟେ ସ୍କୁଲରେ ଚାକରି ମିଳିଯାଇଥିଲା।

ଆଉ ଯେଉଁଦିନ ସେ ମାନସଙ୍କ ପାଖକୁ ବିବାହ ବିଚ୍ଛେଦର ନୋଟିସ ପଠାଇଦେଇ ଅଲଗା ଘରକୁ ପଳାଇଥିଲେ ପୁଅକୁ ନେଇ, ସେ ଦିନ ଥିଲା ତାଙ୍କପାଇଁ ସବୁଠାରୁ କଠିନତ୍ତମ ଦିନ। ବାପା ମା'ଙ୍କ ଘର ତ ସେ କେବେଠାରୁ ଛାଡି ଆସିଥିଲେ ତାଙ୍କ ସହିତ ସବୁ ସମ୍ପର୍କ ତୁଟାଇ । ତାଙ୍କ ମା' ତାଙ୍କୁ ମନେପକାଇ ବହୁତ କାନ୍ଦନ୍ତି ବୋଲି ପ୍ରଣତି କହୁଥିଲା। ପ୍ରଣତି ଥିଲା ତାଙ୍କ ପିଲାଦିନର ସାଙ୍ଗ। ସେ ବେଳେବେଳେ ଯାଏ ମନୋରମାଙ୍କ ଘର ପାଖକୁ, କାରଣ ତା'ର ମାଉସୀଙ୍କ ଘର ଥିଲା ତାଙ୍କ ଘର ପାଖରେ। ପ୍ରଣତି ଠାରୁ ସେ ମା'ର ଖବର

ବୁଝନ୍ତି ବେଳେବେଳେ। ମା' କଥା ଶୁଣିଲେ ମନୋରମାଙ୍କୁ ଭାରି ଅସହାୟ ଲାଗେ। ମା'ଙ୍କୁ ଦେଖିବାକୁ ମନ ଉତ୍ତଳ ବିକଳ ହୁଏ । ହେଲେ ବାପାଙ୍କ କଡା ଆଦେଶ "ତୁ ଘରୁ ଗୋଡ଼ କାଢ଼ିଲେ ଆଉ ଘରକୁ ଫେରିବୁନ", ତାଙ୍କ କାନରେ ଗୁଞ୍ଜରିତ ହୁଏ। ଏକଥା ଭାବିଭାବି ମନୋରମାଙ୍କ ଅମାନଆ ଲୁହ ଗୁଡିକ ବୋଲ ମାନେନ। ଲୁହର ବନ୍ୟା ସୃଷ୍ଟି ହୁଏ।

ଏବେ ପୁଅ ବି.ଏ. ପାସ କଲାଣି। ତାର ଅଭିନୟ କରିବାରେ ଭାରି ସଉକ। ଅଭିନୟକୁ କ୍ୟାରିୟର କରିବ ବୋଲି ସେ ଠିକ୍ କରିଛି। ମନୋରମା ବି ସେଥିରେ ଏକମତ। ସେ ପୁଅକୁ ବାପା ମା' ଦୁହିଁଙ୍କର ସ୍ନେହ ଦେଇ ଗେହ୍ଲାରେ ବଢ଼େଇଛନ୍ତି। ସେ ପୁଅ ମନରେ କେବେ ଦୁଃଖ ଦେବାକୁ ଗ୍ୱହାଁନ୍ତିନ। ସେ ଯେଉଁଥିରେ ଭବିଷ୍ୟତ ଗଢ଼ିବ ସେ ରାଜି। ସେ କୋଉଁଠି ଅଭିନୟ ଶିଖିବ ସେଥିପାଇଁ ସବୁବେଳେ ଚନ୍ତିତ।

ସେତେବେଳେ ମନୋରମାଙ୍କର ମନେପଡେ ଏଲିଙ୍କ କଥା। ତାଙ୍କ ଠାରୁ ଗ୍ୱରିବର୍ଷ ସାନ ହେଲେବି ଖୁବ ଭଲ ସଂପର୍କ ଥିଲା ଏଲିଙ୍କ ସହ ପଢିଲା ବେଳେ ତାଙ୍କର। ଏକା କଲେଜରେ ପଢୁଥିଲେ ସେମାନେ। ସେ ପଢିଲାବେଳେ ଖୁବ ଭଲ ଅଭିନୟ କରୁଥିଲା କଲେଜ ଫଂକ୍ସନରେ। ଏବେ ଗୋଟେ ଅଭିନୟର ସ୍କୁଲ ଖୋଲିଛି। ଦିନେ ପୁଅକୁ ନେଇ ସେ ଏଲିଙ୍କ ସହ ଚହ୍ନା କରାଇଦେଲେ। ତାପରେ ପୁଅ ସବୁଦିନ ସେଠାକୁ ଯିବାକୁ ଲାଗିଲା ଓ ଭାରି ଖୁସି ହୋଇଗଲା ତାକୁ ଗୋଟେ ଉତ୍ତମ କେନ୍ଦ୍ର ମିଳଗଲା ଶିକ୍ଷା କରିବା ପାଇଁ। ଏଲିର ଅଭିଜ୍ଞତା ବହୁତ ସେ ପୁଅକୁ ଠିକ ରାସ୍ତା ଦେଖାଇବ ବୋଲି ମନୋରମାଙ୍କ ମନରେ ଦୃଢ ବିଶ୍ୱାସ ଥିଲା। ସେ ନଶ୍ଚିନ୍ତ ଥିଲେ। ଏମିତି କଛିଦିନ ଗଡି ଗ୍ୱଲିଲା। ମଝିରେ ମଝିରେ ସେ ଏଲିକୁ ଫୋନ କରି କୃତଜ୍ଞତା ଜଣାନ୍ତି। ଏଲି ବି ରୋହିତ ର ବହୁତ ଆଦର ଯତ୍ନ କରେ। ମନୋରମାଙ୍କର ଏଲି ଉପରେ ପ୍ରଗାଢ ବିଶ୍ୱାସ ସେ ତାଙ୍କ ପୁଅକୁ ତା' ପୁଅ ପରି ଯତ୍ନ କରିବ।

ସମୟ ଗଡି ଚାଲେ ଏଲି ଆଉ ରୋହିତ ପରସ୍ପର ପ୍ରତି ଆକର୍ଷିତ ହୁଅନ୍ତି। ସେମାନଙ୍କ ନିବିଡ଼ତା ବଢିଚାଲେ। ରୋହିତ ଅଧିକାଂଶ ସମୟ ଏଲିଙ୍କ ଷ୍ଟୁଡ଼ିଓରେ କଟାଏ। ମନୋରମା ଏନେଇ ବି ଚିନ୍ତା କରନ୍ତିନି କାରଣ ସେ ନିଶ୍ଚିନ୍ତ ଯେ ତାଙ୍କ ପୁଅ ତାଙ୍କ ସାଙ୍ଗ ପାଖରେ ଅଛି। କିନ୍ତୁ ସେ ଦୁହିଁଙ୍କର ଆକର୍ଷଣ ଧୀରେଧୀରେ ଭଲ ପାଇବାର ପରିଣତ ହୁଏ। ଏବଂ ସେମାନେ ବାହା ହେବେ ବୋଲି ତାଙ୍କ ଭିତରେ ନିଷ୍ପତି ନିଅନ୍ତି।

ଦିନେ ମନୋରମା ପୁଅ ପାଖରେ କାମ ଥିବାରୁ ଏଲିର ଷ୍ଟୁଡିଓ କୁ ଯାଇ ଯାହା ଦେଖିଲେ ତାଙ୍କ ଆଖିକୁ ବି ବିଶ୍ୱାସ କରି ପାରିନଥିଲେ। ରୋହିତର ବାହୁ ବନ୍ଧନରେ ଏଲିକୁ ଦେଖି ତାଙ୍କ ମୁଣ୍ଡ ଖରାପ ହୋଇଗଲା।
ସେ ଯାହା ଦେଖୁଛନ୍ତି ସତ ନା ସ୍ୱପ୍ନ। ଏହା କିପରି ସମ୍ଭବ! ରୋହିତ କୁ ଟାଣି ଆଣି ଏକ ଶକ୍ତ ଚାପୁଡ଼ା ତା' ଗାଲରେ ଲଗାଇ ଦେଇଥିଲେ ସେ। ଏଲିକୁ ବହୁତ ଗାଳି କରି ରୋହିତକୁ ଘରକୁ ନେଇଯାଇଥିଲେ। ପ୍ରଥମେ ରୋହିତ ମା'କୁ ବୁଝାଇବାକୁ ଚେଷ୍ଟା କରେ ଯେ ସେ ଯାହା ଦେଖୁଛନ୍ତି ତାହା କେବଳ ଗୋଟେ ଡ୍ରାମାର ସିନ୍ ମାତ୍ର । କିନ୍ତୁ ମନୋରମା ତାଙ୍କ ଆଖିକୁ ବିଶ୍ୱାସ କରିବେ ନା ପୁଅର କଥାକୁ। ଶେଷରେ ପୁଅ ମାନିଯାଏ ଯେ ସେ ଏଲିକୁ ଭଲପାଏ ଓ ବିବାହ କରିବାକୁ ଚାହେଁ।

ରୋହିତ ଏବେ ବଡ଼ ହେଲାଣି ସେ କ'ଣ ମା'ର ଆକଟ ରେ ଘରେ ରହିବ । ସେ ଘରଛାଡି ପଳେଇ ଯାଇଥିଲା। ଯେତେ ବୁଝାଇଲେ ବି ପୁଅ ମା' ର ସେ ଆକୁଳ କ୍ରନ୍ଦନ କୁ ପାଦରେ ଆଡେଇଦେଇ ଏଲି ପାଖକୁ ପଳାଇଥିଲା। ଏହା କିପରି ସମ୍ଭବ । ଏଲିର ବୟସ ପୁଅ ଠାରୁ ଦୁଇଗୁଣା ବଡ଼ । ରାହୁଲ ଏଲିର ପୁଅ ସମାନ ସେ କିପରି ତାକୁ ବିବାହ କରି ପାରିବ! ପୁଣି ଏଲି କଲେଜ ପଢିବା ସମୟରେ କେତେ ଜଣଙ୍କୁ ଭଲ ପାଇଛି ଆଉ ଛାଡିଛି । ତା'ର ସବୁ ହିସାବ ମନୋରମାଙ୍କୁ ଜଣା ଥିଲା । ସେ ଗୋଟେ ଚରିତ୍ରହୀନା। ଏବେ ବି ତା'ର ସେ ପୁରୁଣା ଅଭ୍ୟାସ ଟା ଥିବ ବୋଲି ମନୋରମା ବିଶ୍ୱାସ କରି ପାରୁନଥିଲେ । ମଣିଷର ବୟସ ବଢିବା ସାଙ୍ଗେ ସାଙ୍ଗେ ସେ ନିଜକୁ ମାର୍ଜିତ କରିନିଏ । ହେଲେ ଏଲି ଏ କ'ଣ କରୁଛି !

ତାଙ୍କର ମୁଣ୍ଡଟା ଗୋଳମାଳ ହୋଇ ଯାଉଥିଲା । ସେ ପୁଅକୁ ବୁଝାଇବାକୁ ପ୍ରାଣପଣେ ଲାଗିପଡିଥିଲେ । ମା' ର ଏସବୁ କଥା ରାହୁଲ ମୁଣ୍ଡରେ କିଛି ପଶୁନଥିଲା ତାକୁ କେବଳ ଏଲିର ଭଲ ପାଇବା  ଆଉ ତା'ର ସଫଳ କ୍ୟାରିୟର ଦିଶୁଥିଲା ।

ମନୋରମାଙ୍କ ପକ୍ଷେ ଘରେ ଏକା ବସି ପ୍ରଳାପ କରିବାଟା ସାର ଥିଲା। ଯେଉଁ ପୁଅକୁ ଦୁନିଆ ସହିତ ଲଢ଼ି ସେ ଦିନେ ବଡ କରିଥିଲେ। ଏବେ ସେ ତା' ବୟସର ଗୋଟେ ଦୁଇଗୁଣା ବୟସର ସ୍ତ୍ରୀ ଲୋକର ମୟା ଜାଲରେ ପଡି ଘର ଛାଡ଼ି ପଳାଇଛି। ପୁଣି ଏଲି କହୁଛି ଘର କରିବାରେ ମନର ମିଳନର ପ୍ରାଧାନ୍ୟ ବେଶି, ସେଥିରେ ବୟସ କେବେ ବାଧକ ହୋଇ ପାରେନା। କେତେ ସ୍ୱପ୍ନ ସେ ନଦେଖିଥିଲେ ପୁଅ ପାଇଁ। ସେ ପୁଅକୁ ଆକୁଳ ପ୍ରାଥନା କରିଥିଲେ ତୁ ଏଲିକୁ ଛାଡି ଯୋଉ ଝିଅକୁ ବାହା ହେବାକୁ ଚାହିଁବୁ ମୁଁ ବାହା କରିଦେବି । ହେଲେ ପୁଅ ତାଙ୍କର କୌଣସି କଥା ଶୁଣିବାକୁ ରାଜି ନଥିଲା।

ମନୋରମା କ'ଣ କରିବେ ତାଙ୍କୁ କିଛି ବୁଦ୍ଧି ବାଟ ଦେଖାଯାଉନଥିଲା। ପୁଅ କଥା ନମାନିଲେ, ସେ ତାଙ୍କର ଏକ ମାତ୍ର ସାହା ଭରସା ତାଙ୍କୁ ଏକା କରି ଚାଲିଯିବ। ଆଉ ସେ ଯଦି ପୁଅ କଥାରେ ରାଜି ହୁଅନ୍ତି ତେବେ ଦୁନିଆ ତାଙ୍କୁ ଭର୍ଛନା କରିବ । ଲୋକେ କ'ଣ କହିବେ। ଆଉ ସବୁଠାରୁ ବଡ଼ କଥା ତାଙ୍କର ଅନ୍ତର ଆତ୍ମା ପାଖରେ ସେ ଛୋଟ ହୋଇଯିବେ। ସେ ନିଜ ଆଖିରେ ନିଜେ ତଳକୁ ଖସି ଯିବେ। ଏହାର ସମାଧାନ ତାଙ୍କ ମୁଣ୍ଡରେ କିଛି ପଶୁନଥାଏ। ଜୀବନ ଠାରୁ ଅଧିକ ଏକ ମାତ୍ର ପୁଅକୁ ଛାଡି ସେ କ'ଣ  ସତରେ ବଞ୍ଚି ପାରିବେ! ତାଙ୍କୁ ଚାରିଆଡେ ଅନ୍ଧକାର  ଦିଶୁଥାଏ। ସେ ଯେ ପୁଅ ର ମୋହରେ ବନ୍ଧା ।

ପୁଷ୍ପିତା ଭୂୟାଁ, ପ୍ରତାପନଗରୀ, କଟକ

# ଯେବେ ଆସେ ବର୍ଷା



ଶୁଭସ୍ମିତା ବେହେରା

ଆସେ ଯେବେ ବର୍ଷା
ମନେ ପଡେ ତୁମ କଥା..
ଭାବି ବସେ ମୁଁ ଅନେକ କଛି
ବର୍ଷା ଆଉ ବାଦଲ ଭଳି
ଆମ ସଂପର୍କର ଘନିଷ୍ଠତା...
ବର୍ଷା ସହ ଆମ ଆଳାପ
ପୁଣି ଭିଜା
ଓଦା ମାଟି ସହ ଦୁଷ୍ଟାମୀ
ସତେ, ଭାରି ମନେପଡେ...
ସତେ, କାହିଁ ଗଲା ସେ ଦିନ
କ'ଣ ଲେଉଟି ଆସିବନ...!
ଆଜି ବି ମନେ ପଡ଼ିଗଲେ
ଆଖି ମୋର ଝାଉଁଳି ପଡେ,
ମନ ମୋର ଅଧୀର ହୁଏ
ପାଗଳନୀ ପ୍ରାୟ ହୋଇ ଉଠେ..
ବେଳେ ବେଳେ ଲାଗେ,
ବୋଧେ ନଜର ଲାଗିଗଲା କାହାର
ସେଇଥିପାଇଁ ଭାଙ୍ଗିଗଲା ଏ ଅମୂଲ୍ୟ
ସଂପର୍କ....

ଉଦୟନାଥ ଅଟୋନୋମସ କଲେଜ ( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

# ଭୁଲିଯାଉଛି ମୁଁ ମୋ ମାତୃଭାଷା



ବୈଷ୍ଣବ ମେହେର

ନାହିଁ ସମୟ ମୋ ପାଖେ
ଲେଖିବାକୁ ଗଳ୍ପ, କବିତା,
କାହିଁ ସମୟ ଲେଖିବି ମୁଁ
ଉପନ୍ୟାସ, କାଳ୍ପନିକ କଥା ।

ଅଛି ସମୟ ମୋ ପାଖେ
ସାମାଜିକ- ମାଧ୍ୟମରେ....
ଅସାମାଜିକ ତତ୍ତ୍ୱ ଲେଖି....
ନିଜର ଡିଣ୍ଡିମ ପିଟିବା ପାଇଁ,
ଅଛି ସମୟ ମୋ ପାଖେ
ପରର ଅନିଷ୍ଟକରି...
ଅନ୍ୟକୁ ଦୁଃଖ ଦେଇ...
ନିଜର କାମନା ପୂର୍ତ୍ତି ପାଇଁ ।

ଲେଖିବି ବୋଲି କଛି ଦିନେ
ଭାବିଲି ଏଇ ଶାନ୍ତି ମନେ,
ମୁଣ୍ଡେ ଘୁରୁଥାଏ ଅନେକ କଥା
ବୁଢି ଅସୁରୁଣି...
ଠେକୁଆ କଇଁଛ...
ଜହ୍ନମାମୁଁ ଗପ...

ଆହୁରି ଅନେକ...
ପୁଣି...
ଆଖି ବୁଜି ଅନୁଭବ କରେ,
ପାଶ୍ଚାତ୍ୟ କୁ ଅନୁକରଣ କରି,
ଧିରେ ଧିରେ ମୁଁ କାହିଁ
ଭୁଲିଯାଉଛି ମୁଁ ମୋ ମାତୃଭାଷା ।

ଉଧମତାର ସରହଦ ଡେଇଁ ମୁଁ
ଭୁଲିଯାଏ ଆଜି କବି ସମ୍ରାଟ,
ସ୍ୱଭାବ କବି, ଉତ୍କଳ ଗୌରବ,
ମଧୁବାରିଷ୍ଟରଙ୍କର ମହତ ଦାନ;
ପରଭାଷା ମୋହେ ହତାଦର କରି
ବୁଡେଇ ଦଉଛି ମାତୃଭାଷା ମାନ ।

ଜାଗିଉଠ ଆହେ ଉତ୍କଳ ସନ୍ତାନ,
କରେ ଧରି ଲେଖନି ମୁନ,
ଗରବେ କହିବା ସରବେ ଦିନେ,
ଓଡିଆ ମୁଁ, ରଖିବି ଓଡିଶା ମାନ ।

ଗଣ୍ଡାବାହାଲି, ନୂଆପଡା

# ଅପହଞ୍ଚ ଗାଁ ର ଚନ୍ଦ୍ର



ପ୍ରକାଶ ସାହୁ

ମୋ କର୍ମ କ୍ଷେତ୍ର ରେ ବନ୍ଧୁ ଜଣେ ପ୍ରଶ୍ନ କରିଲେ ତୁମେ ଗାଁ କୁ କାହିଁକ ଏତେ ଭଲ ପାଅ? କଣ ଅଛି ସେ ଧୂଳ ଧୂସରତ ର ଗାଁ ରେ? ବନ୍ଧୁ ଜଣ ଙ୍କ ପ୍ରଶ୍ନ ଶୁଣି ମୁଁ ମୁରୁକ ହସିଦେଲି ଅନିଚ୍ଛା ସତ୍ତ୍ୱେ।

କେଉଁଠୁ ଆରମ୍ଭ କରିବି କେଉଁଠି ଶେଷ କରିବି। କେମିତି ଆଙ୍କିବି କୁହ ସେ ଗାଁ ର ଚନ୍ଦ୍ର କୁ ତୁମ ମନ ଭିତରେ। ରଙ୍ଗ ତୁଳୀ ତ ଅଛି ହେଲେ କାନଭାସ ଟିଏ ଆବଶ୍ୟକ ଥିଲା। ତୁମ ପ୍ରଶ୍ନ ହିଁ ଯଥେଷ୍ଟ । ଗାଁ ହେଉଛି ମୋର ମା। ମୋ ମା ତ ମୋତେ ଦଶ ମାସ ଗର୍ଭ ରେ ଧରି ଜନ୍ମ କରିଛି। କିନ୍ତୁ ଗାଁ ର କୋଳ ରେ ମୁଁ ମଣିଷ ହୋଇଛି। ଗାଁ ର ସେହି କାଦୁଅ ରାସ୍ତା ରେ ପଡି ଉଠି ଚାଲିବା ଶିଖିଛି। ବାଇ ଚଢେଇ ର ଉଚ୍ଚ ତାଳ ଗଛର ବସା କୁ ଦେଖି ଛୋଟ ହୋଇ ଉଚ୍ଚ ଅଭିଳାଷ ରଖିବାକୁ ସାହସ ପାଇଛି।

ଆଜି ଗାଁ ଛାଡି ସହର କୁ ଆସିଛି ପରିବାର ପାଇଁ କିଛି ଅର୍ଥ ଯୋଗାଡ କରିବାକୁ। ଘରୁ ପ୍ରଥମ ଥର ପାଇଁ ପାଦ କାଢି ଆସିବା ବେଳେ ମୋ ଗାଁ ମୋତେ ହାତ ଠାରି କହୁଥିଲା ଯା ଚାଲିଯା। ଭଲ ମଣିଷ ଟେ ହେବୁ ଏହି ଗାଁ ର ନାମ କୁ ଉଚ୍ଚା ରଖିବୁ । ତୋ ପାଇଁ ଏହି ଗାଁ ର ମାଟି, ପବନ, ଗଛ ଲତା ସବୁ ଗର୍ବ କରିବ କିନ୍ତୁ ମୋତେ କେବେ ଭୁଲିଯିବୁନି । ଫେରିଆସିବୁ ମୋ କୋଳ କୁ ମୁଁ ତୋତେ ଅପେକ୍ଷା କରି ରହିଥିବି।

ହଁ ସେହି ଅପହଞ୍ଚ ଗାଁ ଯାହାର ନାମ ମାନଚନ୍ଦ୍ର ରେ ମିଳବା କଷ୍ଟକର। ତାରି ଚନ୍ଦ୍ର ଶିତ ସଖାଳ ର କୁହୁଡି ଭର୍ତ୍ତି ସମୟ ରୁ ଆରମ୍ଭ ପୁଣି ଶେଷ ହୁଏ ଝିପ ଝିପ ବର୍ଷା ର କୋହଲ୍ ସନ୍ଧ୍ୟା ରେ। ଆରମ୍ଭ ହୁଏ କୋଇଲି ର ମଧୁର ସ୍ଵର ରେ ଶେଷ ହୁଏ ମଂଦିର ର ଶଙ୍ଖ ନାଦ ରେ ଆଉ ସନ୍ଧ୍ୟା ଆଳତି ରେ।

ତାର ବର୍ଷା ଭିଜା ମାଟି ର ମହକ, ତା ବୁଢା ବରଗଛ ତଳେ ମୃଦୁ ପବନ ର ସ୍ପର୍ଶ, ନଦୀ ତୁଠ ର ଗଭୀର ଜଳ ରେ ସନ୍ତରଣ, ତା ଜଙ୍ଗଲ ର ଆମ୍ବ, ପଣସ, ତା ପାହାଡ ପାଦଦେଶ ର ଛୋଟିଆ ମଠ, ସବୁଜ ଧାନ ର କ୍ଷେତ...ହଁ ବନ୍ଧୁ ତୁମେ ଠିକ କହିଛ । ସେହି ଗାଁ ସତ ରେ ଅପହଞ୍ଚ । ତା ପାଖ କୁ ଯିବା କୁ ହେଲେ ମୋତେ ଯିବାକୁ ପଡେ କଟକ କମ୍ବା ଭୁବନେଶ୍ଵର। ତା ପରେ ନଜ ଜିଲ୍ଲା ର ବସ ଧରିବାକୁ ପଡେ। ପୁଣି ନଜ ଜିଲ୍ଲା ର ମୁଖ୍ୟ ସହର ରେ ପହଂଚବା ପରେ ଆଉ ଏକ ବସ ଯୋଗେ ନଜ ବ୍ଲକ କୁ। ପୁଣି ସେଠୁ ପାଞ୍ଚ କମି ଗ୍ଲ ଯାଏ ବ୍ରାହ୍ମଣୀ ନଦୀ ପାଖକୁ ପୁଣି ଆପେକ୍ଷା କରିବାକୁ ପଡେ । ସେପାରି ର ନାଉରି ଭାଇ କୁ ଲୋକେ ହେଲେ ଆସିବ ଏ କୂଳ କୁ। ପାଖାପାଖି ଏକ ଘଣ୍ଟା ରୁ ଅଧିକା ସମୟ ପରେ ନଦି ପାର ହୁଏ। ତା ପରେ ଆସେ ମୋ ଗାଁ ଗ୍ଭରିଆଡେ ଖାଲି ସବୁଜ ଗଛ ଆଉ କଞ୍ଚା ରାସ୍ତା।

ଧୀରେ ଧୀରେ ପାଦ ଆଗକୁ ଆଗକୁ ପକାଇବା ସହିତ ମୋ ମନ ରେ ଅଜଣା ଖୁସୀ ଆସେ। ଗାଁ ମାଟି ର ବାସ୍ନା ରେ ଶିହରଣ ଖେଳଯାଏ ଦେହ ସାରା।

ଏହିଠାରୁ ଆରମ୍ଭ ହୁଏ ଗାଁ ର ମନଲୋଭା ଚନ୍ଦ୍ର। କୁନ କୁନ ଅର୍ଧ ନଗ୍ନ ପିଲାଙ୍କର ରାସ୍ତା ପାର୍ଶ୍ଵରେ ଧୂଳ ଖେଳ, ଗ୍ଭଳ ଛପର ଘର ଉପରେ ମାଡି ଯାଇଥିବା କଖାରୁ, ଲାଉ ର ଲତା। ଅମଳ ହୋଇଥିବା ଧାନ କୁ ବସ୍ତା ରେ ରଖୁଥିବା ଗାଁ ର କୃଷୀ ଭାଇ। ବହି ବସ୍ତାନ ଧରି ବିଦ୍ୟାଳୟ କୁ ଯାଉଥିବା କଛି ଛୋଟ ଛୋଟ ପିଲା। ନଜ କୋଳ ରେ ନବ ଜାତ ଶିଶୁ କୁ ତେଲ ମାଲିସ କରୁଥିବାର ମା। ଗାଁ ର ବିସ୍ତୀର୍ଣ୍ଣ ପଡିଆ ରେ ବୁଲୁଥିବା କଛି ଗୃହ ପାଳତ

ପଶୁ । ବୟସ ର ଅପରାହ୍ନ ରେ ପହଂଚସାରିଥିବା କଛି ବୟସ୍କ ମଣିଷ ମାନ ଙ୍କ ର ମନ୍ଦିର ବେଢା ରେ ସମାଗମ ।

ପୁରୁଣା ସାଇକେଲ କୁ ମରାମତି କରୁଥିବା ଗାଁ ର ପଣ୍ଡା ନନା। ଚଉଁରା ମୂଳ ରେ ଧାନ, ମୁଗ, ବିରି କୁ ଶୁଖାଇ ଜଗି ରହିଥିବା ବୁଢ଼ୀ ମା। ଗୁଳ ଘର ର ମାଟି ଅଗଣା କୁ ଲିପୁଥିବା ଘର ର ନୂଆ ବୋହୂ। ନାତି, ନାତୁଣୀ ଙ୍କ ସହିତ ଖେଳୁଥିବା ବୁଢା ଜେଜେବାପା।....ଏହି ତ ସେହି ଗାଁ ର ଶାନ୍ତ ଆଉ ସୁନ୍ଦର ର ଚନ୍ଦ ଯାହା କବି ଆଉ ଲେଖକ ର ସ୍ୱପ୍ନ ର ଦୁନିଆ ଟେ।

ମୋ ଉତ୍ତର ରେ ମୋ ବନ୍ଧୁ ଜଣଙ୍କ ହସି ଦେଇ କହିଲେ - ସତ ରେ ଗ୍ରାମୀଣ ଜୀବନ ସବୁ ଠାରୁ ନିଆରା...

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଟିକେ ଖରା, ଟିକେ ଛାଇ



ଅଜୟ କୁମାର ବେହେରା

ଜୀବନର ଧାଁ, ଧପଡ଼ ରାସ୍ତାରେ
ପାଦ ପଡେ ବାଟ, ଅବାଟରେ
କଛି କଥା କହି ହୁଏ
ପୁଣି କଛି କଥା ସ୍ମୃତି ହୋଇ ରହିଯାଏ।।

ବାସ୍ତବିକ ଏଇ ଜୀବନରେ
ଶୂନ, ଛକ ଖେଳରେ
କଏ ହାରେ ଆଉ କଏ ଜିତେରେ
ଜିତିଲେ ମିଳେ ସୁନାମ
ହାରିଲେ ପୁଣି ଦୁର୍ନାମ।।

କହିବା ଲୋକ ତ କହିବେ
ବୁଝିବା ଲୋକ ବୁଝିବେ
ଧୈର୍ଯ୍ୟ ଥିବା ଲୋକ ମହତ ହୋଇବେ
ଅବୁଝାକୁ କଏ ବୁଝେଇ ପାରିବେ
ତାଙ୍କ ପାଖେ ଯେତେ ଗୀତା,

ଭାଗବତ ପଢେ ଗାଇବେ।।

ସଂଘର୍ଷ ପୂର୍ଣ ଜୀବନରେ
ଜୀବନ ବିତେ ସୁଖ, ଦୁଃଖରେ
ନ ରଖି ଅଭିମାନ ମନରେ
ଆମେ ଚାଲିବା ଆମ ବାଟରେ।।

ଟିକେ ଖଉ ଟିକେ ଛାଇ
ଜୀବନ ହେଇ ଅଛି ହେଇ ନାହିଁ
ତେବେ ମନେ ଏତେ ଗର୍ବ କାହିଁପାଇଁ
ଶେଷେ ଲୋଡ଼ା ହେବ ଛଅଖଣ୍ଡ କାଠ ଶ୍ମଶାନ ପାଇଁ।।

ଏମିତିକା ଏଇ ଜୀବନ
ଦୁଃଖରେ ଲାଗେ ମୂଲ୍ୟହୀନ
ମିଳେ ଯେବେ ସମ୍ମାନ
ବଞ୍ଚିବାକୁ ଇଛା ହୁଏ ସବୁ ଦିନ
ନ ରଖି ଅଭିମାନ।।

ମୋରଡ଼ା, ମୟୂରଭଞ୍ଜ

# ସାକ୍ଷାତ ଈଶ୍ୱର....



ଅରୁଣ କୁମାର ମହାନ୍ତି

ଭୁଲି ଯିବା ପଛେ          ସବୁ କଥା ଆମେ
ମା ବାପାଙ୍କୁ ଭୂଲିବା ନାହିଁ
ନାହିଁ କେ ଜଗତେ          ଏଡ଼େ ଧନୀ ସତେ
ତାଙ୍କ ଋଣ ସୁଝିବା ପାଇଁ......! ୧!

ଶିଖାଇଛି ଯାହା          ପିଲ୍‌ଦିନେ ମାଆ
ପାଶୋରି ନ ଯିବ ମନୁ
ସେ ସଂସ୍କାର ଶିକ୍ଷା          ସେନେହ ମମତା
ବଢୁ ଥିବ ଦିନ ଦିନୁ....! ୨!

ନିଜ ବକ୍ଷ ଚିରି          ଅମୃତ ପିଲ୍‌ଇ
କରିଲ୍ ଆମକୁ ବଡ଼
ସେ ଅମୃତମୟୀ          ମାଆ ପାଇଁ କେବେ
ଆଣିବାନି ମନେ ଝଡ.....! ୩!

କେତେ ଦୁଃଖ କଷ୍ଟ          ସହି ସିଏ ତୁମ
ସବୁ ଜିଦି ପୂର୍ କଲ୍
ସେ ପିତା ଆଶାକୁ          ପୂର୍ କରିବାକୁ
ଭୂଲି ବାନି ଆମେ ଜମା....! ୪!

ପଢ଼ି ନାହିଁ ଯିଏ          ମାଆର  ମୁଖକୁ
ସେ କ ବୁଝେ ମାଆ ଦୁଃଖ
ସେତ ମହାପାପୀ          ସୁଖରେ ଦୁଃଖରେ
ଦେଖେ ନାହିଁ ମାଆ  ମୁଖ......! ୫!

ଦୌଲତରେ ରେ ସବୁ          କଣି ପାର ତୁମେ
ମା ବାପା ମିଳବେ ନାହିଁ
ସେ ସୁଧା ଚରଣେ          ସମ୍ମାନ ଦେବାକୁ
କୁଣ୍ଠାବୋଧ କର ନାହିଁ......! ୬!

ବଡ଼ ହେଲେ ତୁମେ          ହୁଏକ ସେ କେବେ
ତୁମଠୁ ଅଧିକ ସାନ..?
ବଢ଼ି ଗଲେ ତୁମ          ସମ୍ମାନ କ ଯଶ
କମି ଯାଏ କ ତା ମାନ..? ? ! ୭!

ତାହାରି ସନ୍ତାନ          ହୋଇ ତୁମେ ଆଜି
ଭୁଲିଗଲ ପଛ ସ୍ମୃତି
ଗଛ ଯେତେ ବଡ଼          ଫଳ ତା ତଳକୁ
ନୁହେଁ କେବେ ଊର୍ଦ୍ଧ ଗତି....! ୮!

ଏତିକ ବୀନତି          ରଖିବ ମୋ ସାଥୀ
କର ମାତୃ ପିତୃ ସେବା
ଗୃହ ମନ୍ଦିରରେ          ସାକ୍ଷାତ ଇଶ୍ୱର
କରିବ ଆଦରେ ପୂଜା.....! ୯!

ଇଷାଣପୁର,  ଯାଜପୁର

# ଅଭିନନ୍ଦନଙ୍କୁ ଅଭିନନ୍ଦନ



ଡ଼ି ଶୁଭମ୍

ମୁଁ ଜଣେ ଭାରତୀୟ, ମୁଁ ଦେଶର ଯୋଜନା ବିଷୟରେ କିଛି ବି ଜାଣିନ । ଭାରତମାତା କ ଜୟ – ଏ ଥିଲା ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ନୀର୍ଭିକ ଶବ୍ଦ...

ଆମେ ଭାରତୀୟ, ଭାରତମାତାର ସନ୍ତାନ ଆମେ ...ଆମ ଭିତରେ ଦେଶପ୍ରେମର ରକ୍ତ ପ୍ରବାହିତ । ଦେଶମାତୃକାର ସେବା ଆମ ପାଇଁ ସବୁକିଛି । ଆଉ ଯଦି ଏହା ଭିତରେ କେହି ଯୁଦ୍ଧ ପାଇଁ ବି ଆସେ, ତାହେଲେ ବି ଆମେ ପ୍ରସ୍ତୁତ । ଦେଶଭକ୍ତିର ମାୟାଞ୍ଜନ ବୋଳ ସବୁବେଳେ ପ୍ରସ୍ତୁତ ସେନାରେ କର୍ତ୍ତବ୍ୟରତ ବୀରଯବାନ । ନିଜ ପ୍ରିୟପରିଜନଙ୍କୁ ଛାଡ଼ି ଦେଶ ପାଇଁ ନିଜକୁ ସମର୍ପି ଦେବାର ସେଇ ମାନସିକତା କେବଳ ସେଇ ଯବାନ ମାନଙ୍କ ଠାରେ ପରିଲକ୍ଷିତ ହୁଏ ।

ଭାରତ - ଏକ ଶବ୍ଦ ନୁହେଁ, ବରଂ ଏଥିରେ ଭରି ରହିଛି ଆତ୍ମୀୟତା । ସାରା ବିଶ୍ୱରେ ଏକ ସ୍ପର୍ଦ୍ଧିତ ଉଚ୍ଚାରଣ ଏ ଭାରତବର୍ଷ । ଏଠି ଥାଏ ଭାଇଚାରାର ନିବିଡ଼ ସମ୍ପର୍କ । ଏଠି ସକାଳ ହେଲେ ଶାଗପଖାଳର ଆସର ଜମେ ତ ପୁଣି ସଂଜହେଲେ ମଲ୍ଲୀର ମହକରେ ପରିବେଶ ମହକତ ହୁଏ । ଏଠି ଗାଁ ଗାଁ ରେ ନଇପଠା କାଶତଣ୍ଡୀର ଧୋବଫରଫର ଗାଲିଚା ଦେଖାଯାଏ ତ ପୁଣି କେତେବେଳେ ଶ୍ୟାମଳ ପରିପାଟୀରେ ସୁବର୍ଣ୍ଣର ଝଲକ ଦୃଶ୍ୟମାନ ହୁଏ । ଇଏ ପରା ଭାରତ - ଏଠି ମାଟି କଥା କୁହେ, ପବନର ସ୍ପର୍ଶକୁ ବି ଅନୁଭବ କରାଯାଇପାରେ । ଏଠିକାର ଇତିହାସ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ, ସେଥିପାଇଁ ତ ଆମେ ଭାରତୀୟ ବୋଲି ଗର୍ବକରୁ, ଭୟ ବୋଲି ଶବ୍ଦକୁ ବେଖାତିର କରି ଆମେ ବୀରତ୍ୱର ଜୟଗାନ କରୁ । ଆମ ଇତିହାସ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏକ ଅନିର୍ବାଣ ଅଗ୍ନିଶିଖା, ....ସାରା ବିଶ୍ୱରେ ଏକ ନିଆରା ଅନୁଭବ ।

ସଂଗ୍ରାମ ଆମ ଜୀବନର ପଦଚିହ୍ନ । ଶାଣିତ ସୂର୍ଯ୍ୟର ପ୍ରତିଭାରେ ପ୍ରତିଭାତ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ । ଏଠି ଫଲଗୁର ବାସ୍ନା ଥାଏ ତ ପୁଣି ବସନ୍ତର ସୌନ୍ଦର୍ଯ୍ୟ । ଏ ଜନଜୀବନ ଟା ନୀରବ କଥର ପ୍ରାୟ । ତମସାର ଗହ୍ୱର ଭିତରେ ପ୍ରସ୍ଫୁଟିତ ହୁଏ ମାଧୁର୍ଯ୍ୟ। ମଧୁରତାର ନବିଡ଼ ସର୍ମ୍ପକ ଏଠି ଜୀବନ୍ୟାସ ପାଏ । ଜୀବନର ରଙ୍ଗମଂଚ ସବୁବେଳେ ରଙ୍ଗୀନ । ଏ ମଂଚରେ ଗ୍ଭଲେ ନାଟକର ପରାକାଷ୍ଠା । ଅସୁମାରୀ ସୁଷମାରେ ସୁସଜ୍ଜିତ ଭାରତମାତା । ଏଇ ଭାରତବର୍ଷର ସୁରକ୍ଷାପାଇଁ ସେନାରେ ଜଗିରହନ୍ତି ସେନାବାହିନୀ ।

ସେଥିପାଇଁ କୁହାଯାଏ-

ମହୋଦଧି ନୀଳ ଊର୍ମିରେ ସାଜି
ଶଇଳ ସାନୁରେ ଗ୍ଭଜେ
ମହାନଦୀ ନୀଳ ଜଳରେ ପହଁରି
କେଦାର କାନନେ ବାଜେ ।

କଛି ଦିନ ପୂର୍ବରେ ସାରା ବିଶ୍ୱରେ ଚହଳ ପକାଇଥିବା ଭାରତୀୟ ବାୟୁସେନାର କମାଣ୍ଡର ଅଭିନନ୍ଦନଙ୍କୁ ଭାରତ ଛାଡ଼ିବା ପାଇଁ ସାରା ବିଶ୍ୱବାସୀ ଏକାଠି ହୋଇଥିଲେ । ସବୁଆଡ଼େ ଶୁଭୁଥିଲା ଆନ୍ଦୋଳନର ସ୍ୱର । ପୁଲୱାମା ଠାରେ ପାକସ୍ତାନୀ ନରରାକ୍ଷସମାନେ ଯେଉଁପରି ଭାବେ ଆମ ଯବାନମାନଙ୍କ ରକ୍ତରେ ହୋଲି ଖେଳଲେ, ତାର ପ୍ରତିଶୋଧ ନେବାକୁ ସଭିଏଁ ଏକନ୍ତିତ ହେଇ ଅନେଇ ବସିଥିଲେ । ଆଉ ଏହାର କଛିଦିନ ପରେ ସେନାର ଯବାନମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ଆମ ମାନ୍ୟବର ପ୍ରଧାନମନ୍ତ୍ରୀ । ଏହା ପରେପରେ ୨୭ ତାରିଖରେ ପାକସ୍ତାନୀ ଯୁଦ୍ଧବିମାନ ଏଫ୍ ୧୬ ଜାମ୍ମୁ କାଶ୍ମୀର ଆଡ଼କୁ ପଶିଆସିଥିଲା । ତେବେ ଏହା ଭାରତକୁ ଆକ୍ରମଣ କରିବା ପୂର୍ବରୁ ୱିଙ୍ଗ କମାଣ୍ଡର ଅଭିନନ୍ଦନ ଏହାର ପିଛା କରିବାକୁ ଯାଇ ପାକ ଅଧିକୃତ କାଶ୍ମୀର (ପିଓକେ) ଭିତରକୁ ଗ୍ଭଲିଯାଇଥିଲେ । ଆଉ ଏହାରି ଭିତରେ ଅଭିନନ୍ଦନ ଚଲାଉଥିବା ଯୁଦ୍ଧବିମାନ (ମିଗ୍ ୨୧) ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ପାରାଚୁଟ ଯୋଗେ ଅଭିନନ୍ଦନ ହୋରାନ ଗ୍ରାମରେ ଓହ୍ଲାଇବାପରେ ପାକସ୍ତାନୀ ଯୁବକଙ୍କ ଦ୍ୱାରା କାବୁ ହୋଇଯାଇଥିଲେ । ଆଉ ଠିକ ଏହି ସମୟରେ ନଜ ପାଖରେ ଥିବା କଛି ନକ୍ସାକୁ ନଷ୍ଟ କରିଦେବା ସହ ନୀର୍ଭିକତାର ସହ

ଭାରତମାତା କି ଜୟ କହିଥିଲେ । ଅଭିନନ୍ଦନଙ୍କ କ୍ଷତାକ୍ତ ଫଟୋ ଭାଇରାଲ ହେବାପରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳଲା । ତେବେ ଏହା ପରେ କେବଳ ଭାରତ ନୁହେଁ ସାରା ବିଶ୍ୱବାସୀ ଅଭିନନ୍ଦନଙ୍କୁ ଫେରାଇଦେବା ପାଇଁ ଦାବୀ କରିଥିଲେ । ବିଭିନ୍ନ ରାଷ୍ଟ୍ରର ସୁଚନ୍ତିତ ପରାମର୍ଶକୁ ପାଥେୟ କରି ଶେଷରେ ପାକସ୍ତାନ ତାଙ୍କୁ ଛାଡ଼ିବା ପାଇଁ ନଷ୍ପତି ନେଇଥିଲା । ଶେଷରେ ଅଟାରି- ୱାଘା ବର୍ଡ଼ରରେ ଅଗଣିତ ଭାରତୀୟ ଅପେକ୍ଷା କରିଥିଲେ ଅଭିନନ୍ଦନଙ୍କୁ । ଶେଷରେ କେଇଘଣ୍ଟାର ଦୀର୍ଘ ବ୍ୟବଧାନ ପରେ ଭାରତମାତାର ଅସଲ ବୀର ଅଭିନନ୍ଦନ ନଜ ଦେଶକୁ ଫେରିଲେ ।

ତେବେ ସତରେ ଏହା ଏକ ଅନୁଶୀଳନର ବିଷୟ । ଶତ୍ରୁ ମାଟିରେ ଭୟ ନକରି ବରଂ ନୀର୍ଭିକ ଭାବରେ ସେଠାରୁ ଭାରତ ଆସିଥିଲେ ଅଭିନନ୍ଦନ । ସାରା ଭାରତ ତାଙ୍କୁ ଅଭିନନ୍ଦନ ଜଣାଇବାକୁ ଅପେକ୍ଷା କରି ରହିଥିଲା । ସକାଳୁ ସକାଳୁ ଅଟାରି- ୱାଘା ବର୍ଡ଼ର ଲୋକାରଣ୍ୟ ହୋଇଯାଇଥିଲା ତାଙ୍କ ଝଲକ ପାଇବା ପାଇଁ ।

ଦେଶପ୍ରେମର ବହ୍ନିକୁ ଘେନ
ସେନାବାହିନୀର ବୀର ଯବାନ
ଶତ୍ରୁ ମାଟିରେ ବୀରତା ଦେଖାଇ
ଅଭିନନ୍ଦନ ତୁମକୁ ଅଭିନନ୍ଦନ । ।

ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ହେ ପରଂବ୍ରହ୍ମ



ପ୍ରଶାନ୍ତ କୁମାର ପଧାନ

ଭାଜ୍ୟ ଭାଗଫଳ ସବୁ ତୁମେ ମୋର
ମୁଁ ତ ଖାଲି ଭାଗଶେଷ
ଉଧାର ଆଣିଛି ତୁମଠୁ ନିଶ୍ୱାସ
ତୁମଠାରେ ହେବ ଶେଷ ||

ବଳ ପଡିଥିବା ଅଙ୍କଟିଏ ଅଟେ
ପରିଚୟ ଯା'ର ନ୍ୟୁନ
ପରଂବ୍ରହ୍ମ ତୁମ କରୁଣାରେ ମୋତେ
ଶୂନ୍ୟରୁ କରିବ ପୂର୍ଣ୍ଣ ||

ତୁମେ ତ ଊର୍ଦ୍ଧ୍ୱରେ ନିମ୍ନରେ ମୋ ସ୍ଥାନ
ମଝିରେ ଅନେକ ପଥ
ତୁମ ଇଙ୍ଗିତରେ ଆତଯାତ ହୁଏ
ଏଇ ମୋ ଜୀବନ ରଥ ||

ବିଭଜିତ ହୋଇ ସରୁଛି ଆୟୁଷ
ଅସ୍ତିତ୍ୱହୀନ ମୁଁ ଅଟେ
ଝୁଣ୍ଟିବା ଆଗରୁ ହାତ ଧରିନେବ
ଜୀବନର ଚଲାବାଟେ ||

ହରଣ ଗୁଣନ ମିଶାଣ ସାରିକ
ଜଣେଇବ ଫଳାଫଳ
ତୁମ ପରୀକ୍ଷାରେ ଉତ୍ତୀର୍ଣ୍ଣ କରିବ
ଠିକ ଥିଲେ କର୍ମଫଳ ||

ଗ୍ରାମ – ବୁଢ଼େମୁଣ୍ଡା, ଜିଲ୍ଲା - ବରଗଡ

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ହେ ବୀର ଯବାନ



ଶଙ୍କର୍ଷଣ କର

ହେ ବୀର ଯବାନ
ଦେଶ ଆଜି ଝରେ,
ତୁମ ବଳଦାନ....

ଛାତିକୁ ପଥର କରି
ଭାରତ ମାତା ଖୋଜେ,
ତୁମ ପରି ସନ୍ତାନ....

ପୁଲୱାମା ଆଜି ରକ୍ତରଞ୍ଜିତ
ଢାଳେ ଅସରନ୍ତି ଅଶ୍ରୁ,
ବାହୁନୀ ବାହୁନୀ କାନ୍ଦେ,
ଗାଇ ତୁମ ବୀରତ୍ୱ....

ଯୁଗଜନ୍ମା ବୀରପୁରୁଷ
ପ୍ରତିଟି ମା ଗୃହେଁ
ତୁମ ପରି ସୁପୁତ୍ର....

ଧନ୍ୟ ତୁମ କର୍ମ!
ସାର୍ ଜନନୀ କୁଳ ଗର୍ବିତ
ସାର୍ଥକ ଦଶମାସ
ଦଶଦିନର କଷ୍ଟ...
ଅଶ୍ରୁଳ ବିଦାୟ ଜଣାଏ
ତୁମକୁ ଏ ଦେଶ
ସଦା ରହୁ ତୁମ ଟେକ....

ପୁଣି ଫେରିବ ବୀରରୂପେ
ଦେଖାଇବ ତୁମ ବୀରତ୍ୱ
ଝୁରେ ଏ ଦେଶ....
ତୁମକୁ ଝୁରେ ଏ ଦେଶ....

କମାରପାଳ, କୁଳଅଣା, ମଭୁରଭଞ୍ଜ

# ଅଫେରା ଫଗୁଣ



ଧୀରେନ୍ଦ୍ର କୁମାର ପ୍ରଧାନ

ଶୁଭୁନ ତ କୋଇଲିର କୁହୁ
ଝରୁନ ତ ଓଠୁ ତାର ମହୁ
ବହୁନ ତ ମଳୟ ପବନ
ବାସୁନ ତ ଚନ୍ଦନ ଚନ୍ଦନ ।

ଶୁଭୁନାହିଁ ପାଦପେ ଗୁଞ୍ଜନ
ଫିକାଫିକା ଲ୍‌ଗେ ଫୁଲବନ
ଲ୍‌ଗେନାହିଁ କଆଁ ଜମା ମନ
ହସ କଥା ହେଲ୍‌ ତା ସପନ।।

କଣ୍ଟକତ ବସନ୍ତ ଏ ସନ
ପତ୍ରଝଡା ସମ ଏ ଜୀବନ
ଜୀର୍ଣ୍ଣଶୀର୍ଣ୍ଣ ବିଦୀର୍ଣ୍ଣ ଲପନ
ସିନ୍ଦୂର ତ ଲ୍‌ଗେ ରଙ୍ଗହୀନ।।

ହୃଦେ ଗୃପି ଦେଇ ଝଡ ମାନ
ଦୁଃଖ ତାର ବିସ୍ତୀର୍ଣ୍ଣ ଗଗନ
ଲୁଚଗଲ୍‌ କେଉଁଠି ତା ଜହ୍ନ
ଅପେକ୍ଷାର ନାହିଁ ଅନ୍ତମାନ ।।।।

ସୀମାରେ କହେଲ୍‌ ବିସ୍ଫୋରଣ
ଫେରିବନ ଆଉ ସେ ଫଗୁଣ।।।

ଝଜିରୀବାହାଳ, ଅନୁଗୋଳ

# ଦୁର୍ଭାଗ୍ୟ



ପ୍ରେମଶିଲ୍ ରାଉତ

ସମୟ ହେବ ରାତି ୬ ଟା । ଗ୍ରୀଷ୍ମ ସଂଧ୍ୟା ତ ଚାରିଆଡ଼େ ପରିବେଶଟା ଗହଳ ଲାଗୁଛି । ପାଖ ବଜାର ରୁ କଛି ଜିନଷ ପତ୍ର କଣା କଣି କରି ଫେରୁଥାନ୍ତି ସୁଦାମ । ସୁଦାମ କୁଲି ଭୁତି କରି ଓ ଜମି ଖଣ୍ଡେରେ ନଜର ଜୀବନ ନର୍ବାହ କରନ୍ତି। ତାଙ୍କର ପରିବାର କହିଲେ ସେ ଓ ତାଙ୍କ ସ୍ତ୍ରୀ ସୁମିତ୍ରା ଦେବୀ, ପିଲାପିଲି ତାଙ୍କର କେହି ନାହାନ୍ତି ସେଇଥିପାଇଁ ତାଙ୍କର ବେଶି ଦୁଃଖ । ହାତରେ ଧରିଥାନ୍ତି ବ୍ୟାଗ୍ ଟିଏ । ଗୁଣୁଗୁଣୁ ହୋଇ ଚାଲ ଚାଲ ଆସୁଥାନ୍ତି। ହଠାତ୍ ରାସ୍ତାରେ ତାଙ୍କ ପାଦ ରହିଗଲା କଇଁ କଇଁ କାନ୍ଦ ଶୁଣି। ଚାରିଆଡ଼େ ଅନେଇଲେ। ପରିବେଶଟା ଗହଳ ଲାଗୁଥିଲେ ମଧ ପାଖେ ଆଖେ ଦେଖିଲା କେହି ନାହିଁ । ଦୂରୁ ଲୋକମାନଙ୍କର କଥାବାର୍ତ୍ତା ଶବ୍ଦ ଶୁଭୁ ଥାଏ, କନ୍ତୁ ପାଖରେ କେହି ନଥାନ୍ତି । ଛୁଆର କଇଁ କଇଁ କାନ୍ଦ ଶୁଣି ସୁଦାମ ମନରେ ଭୟର ଛାୟା ଖେଳଗଲା । ଭୁତପ୍ରେତ ନା ସତସତିକା କଛି ବୁଝି ପାରିଲେ ନାହିଁ । ପାଖରେ ଥାଏ ବିରାଟ ବରଗଛ ଟିଏ ଓ ପୋଖରୀ । ପୋଖରୀ ପାଖରେ ଅଳଆଗଦା । ଗାଁର ସମସ୍ତେ ସେଠାରେ ଅଦରକାରୀ ମଇଳା, ପଚାସଢ଼ା ଜିନଷପତ୍ର, ପଲିଥିନ ଅଦରକାରୀ କାଗଜପତ୍ର ସବୁ କଛି ଅଳଆ ସେ ପୋଖରୀ ପାଖ ଅଳଆଗଦାରେ ଫୋପାଡ଼ିଥାନ୍ତି । ସୁଦାମ ମନରେ ସାହାସ ବାନ୍ଧି କାନ୍ଦ ଶୁଭୁଥିବା ଦିଗକୁ ଧିରେ ଧିରେ ପାଦ ପକାଇ ଅଗ୍ରସର ହୁଅନ୍ତେ ଅଳଆଗଦା ଆଡୁ ଶୁଭି ଆସୁଥାଏ ଛୁଆର ବିକଳ ଭରା କଇଁ କଇଁ କାନ୍ଦ । ସୁଦାମକୁ ଆହୁରି ଭୟଭୀତ କରି ଦେଉଥାଏ ସେ କୋହଭରା କଇଁ କଇଁ କାନ୍ଦ । ତଥାପି ସେ ଆଗେଇ ଚାଲିଥାନ୍ତି । ରାସ୍ତାରୁ ପ୍ରାୟ ୨୦ ହାତ ଖଣ୍ଡେ ହେବ ଅଳଆଗଦାଟା । ମନରେ ଭୟ ଥିଲେ ସୁଦ୍ଧା ଛୁଆର କଇଁ କଇଁ କାନ୍ଦ ସୁଦାମକୁ ତା ନକଟକୁ ଡାକ ଆଣୁଥାଏ। ମନେ ମନେ ଭଗବାନଙ୍କୁ ଡାକ ଡାକ ସୁଦାମ

ଅଳଆଗଦା ପାଖକୁ ଯାଇ ଯାହା ଦେଖିଲ୍ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଛୁଆଟିଏ ରକ୍ତ ଜୁଡୁବୁଡୁ ହୋଇ ଅଳଆଗଦାରେ ପଡ଼ିଛି । ଦେଖିଲେ ଜଣା ପଡୁଛି ଜନ୍ମ ପରେ କିଏ ଆଣି ଅଳଆଗଦାରେ ଫୋପାଡ଼ି ଦେଇଛି । ଜୋର୍ ରେ କଇଁ କଇଁ କାନ୍ଦୁଥିବା ଛୁଆଟିକୁ ଦେଖି ସୁଦାମ ସହି ନପାରି ହାତରେ ଥିବା ବ୍ୟାଗ୍ ଟିକୁ ଫୋପାଡ଼ି ଦେଇ କୁନି ଛୁଆଟିକୁ କୋଳକୁ ନେଲେ ।

ସେ କୁନି ଛୁଆଟି ସୁଦାମ ହାତର ସ୍ପର୍ଶ ପାଇ ଟିକେ ଶାନ୍ତ ହୋଇଗଲା । ତାର ଶାନ୍ତରୁ ଜଣା ପଡୁଥାଏ ସତେକି ତା'ର କେହି ସାହାଗ୍ୟ ମିଳିଯାଇଛି। ସୁଦାମ ନିଜ ଗାମୁଛାରେ ଛୁଆଟିକୁ ପୋଛାପୋଛି କରି ନିଜ ଛାତିରେ ଜାବୁଡ଼ି ଧରି କାନ୍ଦି ପକେଇଲେ। ଆଉ ଆକାଶକୁ ଗ୍ଚହିଁ କହିଲେ ହେ ଭଗବାନ ମୋ ଭାଗ୍ୟ କ'ଣ ଏତେ ଖରାପ । ମୁଁ ଏ ଦୁନିଆରେ କଣ ପାପୀ । ମୁଁ କେଉଁ ଜନ୍ମ ରେ କଣ ଭୁଲ୍ କରିଥିଲି କି କାହାର ଅନିଷ୍ଟ କରିଥିଲି ଯେ ତୁମେ ମୋତେ ଦଣ୍ଡ ଦେଇ ଚ୍ଚଲିଛ । ଆଉ ଆଜି ଲୁହ ଭିଜା ଓଠେ ହସ ଦେଇ ନିଜକୁ ଧନ୍ୟ ମନେ କରୁଛି । ତୁମେ ଦେଇ କି ବି ଦେଇ ଜାଣିଲ ନାହିଁ ପ୍ରଭୁ । ତୁମ ଉପହାରକୁ କିଏ ଖୁସିରେ ଗ୍ରହଣ କରୁଛି ତ କିଏ ଶିଶୁକନ୍ୟା ବୋଲି ନଇ କୂଳେ ତ କିଏ ଏହି ପରି ଅଳଆଗଦାରେ ଫୋପାଡୁଛନ୍ତି । ମୁଁ ତୁମକୁ ସକାଳେ ସଂଧ୍ୟାରେ ସବୁବେଳେ ଗୋଟିଏ ମାଗୁଣି କରେ, ପୁଅ ଟିଏ କି ଝିଅ ଟିଏ । ତୁମ ପାଇଁ କ'ଣ ନ କରିଛି ପୂଜା, ବ୍ରତ ଭୋଗ ନୈବେଦ୍ୟ ରେ କେବେ କମ୍ କରିଛି? ତୁମ ପାଖରେ ଦୀପ ଲଗେଇବା ଧୂପକାଠି ଜଳେଇବା କେବେ ଭୁଲି ନାହିଁ । ସକାଳେ ଆରତୀ କରିବା, ତୁମ ମଥାରେ ସିନ୍ଦୂର ଚନ୍ଦନ ଲଗେଇବା, ମୁଣ୍ଡରେ ଫୁଲ ଚଢ଼େଇବା କେଉଁଥିରେ ବି କମ୍ କରିନି। ହେଲେ ତୁମେ ଠାକୁର ସ୍ୱାର୍ଥପର, ନିର୍ଦ୍ଦୟ ଅଟ। ମୋ ଡାକ ତୁମେ କେବେ ହେଲେ ଶୁଣିଲ ନାହିଁ । ମୋ ଭାଗ୍ୟ ରେ ଖାଲି ଦୁଃଖ ହିଁ ଲେଖିଛ - ଏମିତି କହି ଛୁଆଟିକୁ କାନ୍ଧରେ ପକାଇ ଘର ଅଭିମୁଖେ ସୁଦାମ ଅଗ୍ରସର ହେଲେ । ଘରକୁ ପହଞ୍ଚି ସ୍ତ୍ରୀ ଆଗରେ ସବୁକଥା ଜଣାଇଲେ ।ସୁଦାମର ସ୍ତ୍ରୀ ସୁମିତ୍ରା ଦେବୀ ସବୁକଥା ଶୁଣି ଅତ୍ୟନ୍ତ ଖୁସି ହେଲେ ଓ ଭଗବାନଙ୍କୁ ମନେ ମନେ ସୁମରଣା

କରି ଧନ୍ୟବାଦ ଜଣାଇ କୁନ ଛୁଆଟିକୁ କୋଳେଇ ନେଲେ ଓ ଅତି ଶ୍ରଦ୍ଧାରେ ଛୁଆଟିର ଦେହସାରା ଚୁମ୍ବନ ଦେଇ ଗେଳ କଲେ । ତାଙ୍କ ଆଖିରୁ ଝରି ପଡୁଥାଏ ଖୁସିର ଲୁହଗୁଡିକ। ମନେ ମନେ ଭଗବାନଙ୍କୁ ନଜର ଅନ୍ତର ର ବେଦନାକୁ ପରିପ୍ରକାଶ କରି କହୁଥାନ୍ତି ସୁମିତ୍ରା ଦେବୀ। ଯାହା ହେଉ କେଉଁ ନା କେଉଁ ରୂପରେ ତ ମୋତେ ଏ ଶିଶୁକନ୍ୟା ଟିକୁ ଉପହାର ସ୍ୱରୂପ ଦେଇଛ ପ୍ରଭୁ। ମୋର ଏତିକି ହିଁ ଦରକାର ଥିଲା କହି ଭଗବାନ ଙ୍କୁ ବହୁତ କୃତଜ୍ଞତା ଜଣାନ୍ତି । ଦୁହେଁ ସ୍ୱାମୀ ସ୍ତ୍ରୀ କୁନ ଛୁଆଟିକୁ ପାଇ ବହୁତ ଖୁସି ।

କାହା ପାଇଁ ସିନା ଝିଅ ମସ୍ତବଡ ବୋଝ ଥିଲା, ଅଦରକାରୀ ବସ୍ତୁ ଟିଏ ଥିଲା, କନ୍ତୁ ସୁଦାମ ଓ ସୁମିତ୍ରାଙ୍କ ପାଇଁ ଝିଅଟି ସାକ୍ଷାତ ଲକ୍ଷ୍ମୀ ଓ ମୂଲ୍ୟବାନ ରତ୍ନ ଟିଏ ଥିଲା । ସେ ଦୁହେଁ ଦିନରାତିକୁ ଏକ କରି ଛୁଆଟିକୁ ଲାଳନପାଳନ କଲେ । ନଜେ ନ ଖାଇ ନ ପିଇ ଛୁଆର ସେବା ଯତ୍ନ କଲେ । ୨୧ ଦିନ ପରେ ଛୁଆର ନାମକରଣ କରାଇଲେ । ଛୁଆଟିର ନାମ ଦେଲେ ସିତା । ଦିନକୁ ଦିନ ଛୁଆଟି ବଢ଼ିବାକୁ ଲାଗିଲା । ଦୁହିଁଙ୍କର ପ୍ରତିପୋଷଣରେ ଛୁଆଟି ବସିଲା ଉଠିଲା ଗ୍ରାଲିଲା ଖେଳଲା ବୁଲଲା କଥା କହିଲା । ଛୁଆର ଏଭଳ ଧିରେଧିରେ ପରିବର୍ତ୍ତନ ଦେଖି ଦୁହିଁଙ୍କର ମନ ଖୁସିରେ ନାଚ ଉଠେ । ଦୁହେଁ ମନେ ଭାବନ୍ତି ନଜର ନ ହେଲେ କ'ଣ ହେଲା କେଉଁ ନା କେଉଁ ରୂପରେ ତ ଭଗବାନ ଆମକୁ ଏ ଗୁରୁଦାୟିତ୍ୱ ତୁଳେଇବାକୁ ଦେଇଛନ୍ତି । ଆଉ ଆମେ ନଶ୍ଚୟ ଛୁଆଟିକୁ ପାଳପୋଷି ସମାଜରେ ଜଣେ ଭଲ ମଣିଷ କରି ଛିଡ଼ା କରିବୁ । ଛୁଆଟିକୁ ବର୍ଷ ପୁରି ଦୁଇ ବର୍ଷ ହେଲା । ଖେଳୁଛି ବୁଲୁଛି, କଥା କହୁଛି । ତା'ରି ପାଇଁ ତ ଘରଟା ପୁରି ଉଠିଛି । ନ ହେଲେ ଘରଟା ପୁରାପୁରି ଶୁନ୍ ଶାନ୍ । ଛୁଆଟିକୁ ପାଇ ସୁଦାମ ଓ ସୁମିତ୍ରା ଦେବୀ ଦୁହେଁ ଦିନଗୁଡିକୁ ଏବେ ବେଶ୍ ହସଖୁସିରେ କଟାଉ ଅଛନ୍ତି। ମନରେ ଯେତେ ଅଭାବ କଷ୍ଟ ଯନ୍ତ୍ରଣା ଥିଲେ ମଧ ଛୁଆର ମୁହଁ ଗ୍ରହିଁ ଦିନଗୁଡ଼ିକୁ ଖୁସି ରେ ବିତେଇ ଦିଅନ୍ତି । ଏବେ ତାଙ୍କ ଜୀବନରେ ଖୁସିର ଝରଣା ଝରି ପଡୁଛି । ଏମିତି ରେ ଦୁଇ ରୁ ତିନ ବର୍ଷ ହେଲା । ଏବେ ଛୁଆକୁ ସ୍କୁଲ ପଠେଇବାର ବେଳ ଆସିଛି। ଛୁଆ ସ୍କୁଲ ଯିବ, ପାଠ ପଢ଼ିବ ଓ ଭଲ ମଣିଷ ହୋଇ ମା

ବାପାର ଟେକ ରଖିବ । ଠିକ୍ ସମୟରେ ସୁଦାମ ସରକାରୀ ବିଦ୍ୟାଳୟ କୁ ଯାଇ ସିତାର ନାମ ଲେଖାଇଲା ଏବଂ ସିତାକୁ ସ୍କୁଲରେ ପାଠ ପଢିବା ପାଇଁ ସ୍କୁଲକୁ ପଠେଇଲା ।ସିତା ସ୍କୁଲ ଗଲା ପାଠ ପଢିବାକୁ ।ତା ଘରରୁ ପ୍ରାୟ ଗୋଟିଏ କଲୋମିଟର ହେବ ସ୍କୁଲ । କେବେ ମାଆ ସହିତ ସ୍କୁଲକୁ ଯାଏ ତ କେବେ ବାପା ସହିତ । କେବେକେବେ ସ୍କୁଲ ନଯିବାକୁ ମଧ୍ଯ ଅଳ କରେ ଆଉ କୁହେ ମୁଁ ସ୍କୁଲ ଯିବିନ ପାଠ ପଢିବିନ। ମୋତେ ପାଠ ପଢିବାକୁ ଭଲ ଲାଗେନ ଏମିତି ଅନେକ କଥା କହେ ସିତା। କିନ୍ତୁ ସୁମିତ୍ରା ଦେବୀ ଓ ସୁଦାମ ତାକୁ ବହୁତ ବୁଝେଇ ସୁଝେଇ ସ୍କୁଲ ପଠେଇ ଦିଅନ୍ତି । ସ୍କୁଲ ସିନା ପଠେଇ ଦିଅନ୍ତି ହେଲେ ସିତା ପ୍ରତି ଥାଏ ଅଜସ୍ର ଭଲପାଇବା । ତାକୁ ଟିକେ ନ ଦେଖିଲେ ପାଗଳଙ୍କ ପରି ହୁଅନ୍ତି ସୁମିତ୍ରା ଦେବୀ । ତାଙ୍କୁ ସିତା ବିନା ଘରଟା ଭରି ଖାଁ ଖାଁ ଲାଗେ । ସ୍କୁଲ ଛୁଟି ହେବା ସମୟରେ ୪ ଟା ବାଜିଲା ମାତ୍ରେ ସୁମିତ୍ରା ଦେବୀ ଦୂଆରବନ୍ଧରେ ଛିଡ଼ା ହୋଇ ରାସ୍ତା ଆଡ଼କୁ ଚାହିଁଥାନ୍ତି ସବିତାକୁ ଅପେକ୍ଷା କରି ।

ଦିନକର ଘଟଣା। ସିତା ସ୍କୁଲ ଯିବାକୁ ବାହାରିଛି ।ହେଲେ ତା ସହ ସାଥିରେ ଯିବାକୁ କେହି ନାହିଁ । ବାପା ସୁଦାମ ବିଲକୁ ଯାଇଛନ୍ତି ବିଲକାମ କରିବାକୁ ଆଉ ସୁମିତ୍ରା ଦେବୀ ଘରର କାମରେ ବ୍ୟସ୍ତ ଥିବା ହେତୁ ସିତା ସାଥିରେ ସ୍କୁଲକୁ ଛାଡ଼ିବା ପାଇଁ ଗଲେ ନାହିଁ । ସେଦିନ ସିତା ଏକାକୀ ସ୍କୁଲକୁ ଗଲା ।ଯାଉ ଯାଉ ଛୋଟ ଝିଅଟି ସିତା ରାସ୍ତାରେ ବସ୍ ସହ ଧୋକାଖାଇ କଚାଡି ହୋଇ ତଳେ ପଡ଼ିଗଲା। ଦେହରୁ ମୁଣ୍ଡରୁ ରକ୍ତ ବୋହି ଦେହ ସାରା ଲାଲ୍ ହୋଇଯାଇଛି । ସିତା ନଜେ ବିହୋସ୍ ହୋଇ ପଡିଗଲା। ନିକଟରେ ଥିବା ଲୋକମାନେ ଆସି ସିତାକୁ ହସ୍ପିଟାଲ ନେଲେ ଓ ଭର୍ତ୍ତି କରିଲେ । ଏଣେ ସମୟ ଗଡି ଚାଲିଛି। ସୀତାର ମାଁ ବାପା ବି ଜାଣି ନାହାନ୍ତି ଦୁର୍ଘଟଣା ବିଷୟରେ । ସେପଟେ ହସ୍ପିଟାଲରେ ସିତାର ମୁଣ୍ଡକୁ ଖୁବ୍ ଜୋରରେ ମାଡ ବାଜିଥିବାରୁ ବଞ୍ଚିବା ଟା କହିହେବ ନାହିଁ ବୋଲି ଡାକ୍ତର କହୁଛନ୍ତି । ତେଣେ ସୁମିତ୍ରା ଦେବୀ ଦୁଆର ମୁହଁରେ ଝିଅ ସ୍କୁଲରୁ ଫେରିବା ବାଟକୁ ଚାହିଁ ବସିଛନ୍ତି। ସ୍କୁଲ ଛୁଟି ହେବାର ସମୟ ହେଇଗଲାଣି। ସୁମିତ୍ରା ଦେବୀ

ଅପେକ୍ଷା କରି କରି ବ୍ୟସ୍ତ ବିବ୍ରତ ହୋଇଗଲେଣି । ହେଲେ ସିତାର ଦେଖା ନାହିଁ । ୪ ଟା ରୁ ୫ ଟା ହେଲା ୬ ଟା ହେଲା ସିତା ଘରକୁ ଆସି ନାହିଁ । ସିତା ପାଇଁ ସୁମିତ୍ରା ଦେବୀଙ୍କ ମନରେ ଅନେକ ଅଶୁଭ କଥାଗୁଡିକ ଦୋଳ ଖେଳୁଥାନ୍ତି । ତାଙ୍କ ମନକୁ ପାପ ଛୁଉଁଥାଏ । ସତସତିକା ଗାଁ ର ଜଣେ ଖବର ଦେଇଗଲେ ଯେ ସିତା ବସ୍ ରେ ଧକ୍କା ଖାଇ ରକ୍ତାକ୍ତ ଅବସ୍ଥା ରେ ହସ୍ପିଟାଲରେ ମରଣ ସହ ଯୁଦ୍ଧ କରୁଛି ।ଏତିକି କଥା ଶୁଣି ଚମକି ପଡ଼ିଲେ ସୁମିତ୍ରା ଦେବୀ।ପାଟିରୁ ତାଙ୍କର କଥା ବାହାରୁନ । ମୁଣ୍ଡ ରେ ହାତ ରଖି ଭେଁ ଭେଁ କାନ୍ଦି ପକେଇଲେ । ଏବଂ ସୁଦାମ ନିକଟରେ ଯାଇ ସବୁକଥା ଜଣେଇଲେ । ସୁଦାମ ସବୁକଥା ଶୁଣି କାନ୍ଦି ପକେଇଲା । ଦୁହେଁ ନିଜ ଭାଗ୍ୟ କୁ ନିନ୍ଦି ହସ୍ପିଟାଲ ବାହାରିଲେ । ହସ୍ପିଟାଲ ରେ ଯାଇ ପହଞ୍ଚିଲା ବେଳକୁ ସିତା ଆଉ ଦୁନିଆରେ ନଥିଲା । ଦୁହେଁ ଛାତି ପିଟି କାନ୍ଦି ପକେଇଲା ଓ ଭଗବାନଙ୍କୁ ଗାଳି କରି ବିଭିନ୍ନ କଥା କହୁଥିଲେ। ଭଗବାନ ତୁମେ ବଡ ନିଷ୍ଠୁର । ଆମର ଖୁସି ଦେଖି ତୁମେ ସହ୍ୟ କରି ପାରିଲନାହିଁ । ଆମ ଭାଗ୍ୟ ରେ କିଛି ଖୁସି ନାହିଁ ଖାଲି ଦୁଃଖ ହିଁ ଦୁଃଖ ଲେଖିଛ। ଯାହା ପାଇଁ ମୁଖେ ହସ ଥିଲା, ଯିଏ ଶୁଖିଲା ଓଠରେ ହସ ଫୁଟେଇ ଥିଲା, ଯାହାକୁ ଦେଖିଲେ ସୁଦାମ ଓ ସୁମିତ୍ରା ଦେବୀ ଙ୍କ ଦୁଃଖ କଷ୍ଟ ଦୂରେଇ ଯାଉଥିଲା ଆଜି ସେ ନାହିଁ ଦୁନିଆ ଛାଡ଼ି ଚାଲି ଯାଇଛି । ଝଡ ତୋଫାନ ଜୀବନରେ ଫେରି ଆସିଥିବା ଖୁସିର ଲହରୀ, ସ୍ୱପ୍ନ ଭିଜା ଆଖି, ମନରେ ପକ୍ଷୀ ସାଜି ବସା ବାନ୍ଧିଥିବା ଆଶା ସବୁକିଛି ଧୂଳିସାତ ହୋଇ ଯାଇଛି । ଫୁଲ ଫୁଟିବା ଆଗରୁ ତ ମଉଳି ଯାଇଛି । ସିତା କୁ ନେଇ ଦେଖିଥିବା ସବୁ ସ୍ୱପ୍ନ ଚୁରମାର୍ ହେଇଯାଇଛି । ଏହାଠାରୁ ତାଙ୍କ ପାଇଁ ଦୁଃଖ ର ବିଷୟ କଣ ହୋଇପାରେ । ଦୁହିଁଙ୍କ ପାଇଁ କ'ଣ ଆଉ ସୌଭାଗ୍ୟ ହୋଇପାରେ ଦୁର୍ଭାଗ୍ୟ ହିଁ ଦୁର୍ଭାଗ୍ୟ ।

ଗ୍ରାମ- ବୃନ୍ଦାବାହାଲ, କଳାହାଣ୍ଡି

# ଜୀବନ ଯାତ୍ରା



କବି ପ୍ରସାଦ

ଜୀବନ ଯାତ୍ରା ବଡ଼ ଜଟିଳ
କେବେ ନିଦାଘ କେବେ ପୁଣି ମଳୟ ।
କେବେ କଣ୍ଟାମାଡ଼ି ଆଗକୁ ବଢ଼ିବାକୁ ହୁଏ
କେବେ ପୁଣି ଫୁଲର ପରସ ମିଳିଯାଏ ।
କେତେ ସପନ ଭାଙ୍ଗେ କେତେ ହୁଏ ପୂରଣ
ନିରାଶା ମଧ୍ୟ ମିଳେ ପୁଣି ଦିଶେ ଆଶାର କିରଣ ।
ହାରୁ ହାରୁ କେବେ ସବୁ ମିଳିଯାଏ
ଜିତୁ ଜିତୁ ପୁଣି ସର୍ବସ୍ୱ ଚାଲିଯାଏ ।
କିଛି ମଧ୍ୟ ହୋଇପାରେ ଆଗାମୀ ପାଦରେ
ବିପଦ ଅବା ସଂପଦ କେଜାଣି ଭେଟ କା' ସାଥିରେ ।
ତଥାପି ଆଗକୁ ବଢ଼ିବାକୁ ହୁଏ
କରମକୁ ନେଇ ପ୍ରାରବ୍ଧ ନିର୍ଧାରିତ ହୁଏ ।
ଆସନ୍ତି ଯାଆନ୍ତି କେତେ ହୃଦୟରେ ରହନ୍ତି
ବାଟରେ ନିଅନ୍ତି କେତେ ଅବାଟ ଦେଖାନ୍ତି ।
ଚୟନ ହିଁ ହୁଏ ଭଲ ଅବା ଭେଲ
ହଁ ଜୀବନ ଯାତ୍ରା ବଡ଼ ଜଟିଳ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା

# ମେର୍‌'ଖୁମ୍



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ସାତପଟିଆ ଦାଇଁ ଥି
ଭଉଁର୍ ଭଉଁର୍ କନ୍ଦୁରୁଛ
ମାଏତ୍ ଲାଗସି ଭାଏଲ୍,
ମନ୍ ଲାଗସି କାଏଁ ?
ଛିଡାବାରକେ ଦଅଁର୍
ମୋହ ମାୟା ସବୁ
ଇ ଠାନେ ନ,
ଲୁଭଲୁଭିଆ ମନ୍ ପରେ
ଯେତେହେଲେ ଲୋଭ ଛାଡବା କାଏଁ ?
ଘାଁଟିସନ ହଇ କନ୍ଦୁରୁଥିବ
ମେର୍‌'ଖୁମ୍ ଥି ବଂଧା ହଇ
ଅକଲ୍ ଅଛେ ଯେ,
ଲୋଭ ଖାଇ ଦଉଛେ,
ଧାନ୍ ଝଡବାର୍ ତକ୍
ପୁଆଲ୍ ଉପୁଲବାର୍ ତକ୍
ଇଠାନେ ସେଠାନେ ଇଁଚରେଇ
ଆଁଖିର୍ ଲୁଭେ ପେଟର୍ ଭୁକେ
କନ୍ଦୁରୁଥିମା ଗୁରେହି ହଇ
ମେର୍‌'ଖୁମର୍ ଗୃର୍‌'ହିକୁତି
ମୁକ୍ତି ପାଏମା
ପାହାତିଁଆ ତର୍ ବୁଡୁଥିବା ବେଲେ ।

ପ୍ରଧାନପାଲି, ସମ୍ବଲପୁର

# ତିତିଲି ର ତାଣ୍ଡବ



ମୋହନ ଚନ୍ଦ୍ର ବିଷୋୟୀ

ସହଶା ପ୍ରକୃତ୍ତି ମୂଖରେ କଏସେ ବୋଳଦେଲା ଚୂନକାଳ,
ସୌନ୍ଦର୍ଯ୍ୟ ଦେଖି ସତେଅବା ଇର୍ଶାରେ ଗଲା ସେ ଜଳ।

ସରୋବରରେ କୋମଳ ସଂଗଂତେ ହଂସେ କରୁଥିଲେ କେଳ,
ଖେତେ ଧାନକେଣ୍ଡା ଜାଣ ମଳୟେ ଖେଳୁଥିଲେ ଦୋଳୀ।

ଗୃଷି ଭୂଇଁକୁ ସଶେ୍ୟ କଲା ଶ୍ୟାମଳା ଝାଳକୁ ବିଲରେ ଢାଳ,
ଢାଳୀବାକୁ ଆଉ ବାକ ନାହିଁ ଲୁହ କରୁଣ କଥାକୁ ଭୁଲ।

ସବୁ ଆଶାରେ ପାଣିଢାଳ ଦେଲା ସ୍ୱପ୍ନକୁ ଦେଲା ସେ ଜାଳ,
ସତେଅବା କଏ ରାତୀକ ମଧ୍ୟରେ ଖେଳଦେଇଗଲା ହୋଲି।

ବର୍ଷ ବର୍ଷ ଠିଆ ହୋଇଥିବା ବୃଖ୍ୟ ଖ୍ୟଣକେ ଗଲେଣି ଟଳ,
ଦଶା ଯେଶନେ ନବୀନ ତୃଣକୁ ପାଦରେ ଦେଲାକେ ଦଳୀ।

ବୁଡିଗଲେ ଜଳେ ମରିଲେ ବିକଳେ ଦାନା ବିହୁନେ ଦି ଓଳ,
କେତେ ପ୍ରାଣୀ ଯେ ନାସଗଲେ ତାହା ପାରିବ କଏସେ କଳ।

ନା ସେ ମାନବ ନା ସେ ଦାନବ ସବୁ ସୁଖଶିରି ଦେଲା ଗିଳ,
ଏହି କରୂଣ ତାଣ୍ଡବ ଭିଆଇଛି ଜିଏ ନା ଟି ତାହାର "ତିତିଲି"।

ଗ୍ରାମ:ଖରଖରିଆ, ପୋଷ୍ଟ: ବଣଶୋଳା,
ଚକଟି, ଜିଲ୍ଲା: ଗଞ୍ଜାମ୍

# ଜୀବନ ବିଦ୍ୟାଳୟ ପାଇଁ ଦୀପଟିଏ ( ୨)

ପ୍ରିୟବ୍ରତ ପାଢ଼ୀ

ଚମ୍ପତିମୁଣ୍ଡାର ପୁରୁଣା ଜୀବନ ବିଦ୍ୟାଳୟ ଜାଗାରେ ଆଜି ଠିଆ ହୋଇଛି ପକ୍କା ସିମେଣ୍ଟ ଛାତବାଲା ଦୁଇତାଲାର ସରକାରୀ ଉଚ୍ଚ ବିଦ୍ୟାଳୟ। ଆମେ କିନ୍ତୁ ମାନସିକ ଭାବେ ସେଇ ପ୍ରାଚୀନ, ଷାଠିଏ ବର୍ଷ ତଳର ବିଦ୍ୟାଳୟକୁ ଭେଟିବୁ ବୋଲି ଅନୁଗୁଳରୁ ବାହାରିଥିଲୁ। ଯଥେଷ୍ଟ ଦୂରରେ ଗଛ ଛାଇ ଦେଖି ମଟର ସାଇକେଲ୍ ରଖି ନୀରବ ପଦପାତରେ ଆଗକୁ ଗଲୁ। ମେ ମାସର ଉତ୍ତର- ମଧ୍ୟାହ୍ନରେ କାଉକୋଇଲିର ସୋର- ଶବ୍ଦ ନଥିଲା। ଶିକ୍ଷକ ବା ଛାତ୍ରଙ୍କୁ ଭେଟିବା ଦୂର କଥା!

ମୁଁ ବାସ୍ତବରେ ଭେଟୁଥିଲି ୧୯୫୪ ରୁ ୧୯୫୮ ପର୍ଯ୍ୟନ୍ତ ଚାଲିଥିବା ନଡାଛପରର ଜୀବନ ବିଦ୍ୟାଳୟକୁ। ସେଠି ପ୍ରଧାନ ଆଚାର୍ଯ୍ୟ ହୋଇ ରହିଛନ୍ତି ଋଷିପ୍ରତିମ ଚଉଧୁରୀ ଭାଇ ଏବଂ ଶିଷ୍ୟଶିଷ୍ୟାମାନେ ଗୁରୁକୁଳ ଆଶ୍ରମରେ ଅଧ୍ୟୟନରତ। ରାଜା ବା ରାଜକର୍ମଚାରୀମାନେ ଋଷିଙ୍କୁ ଭେଟିବାକୁ ଆସିଲେ, ଆଶ୍ରମଠୁ ଢେର ଦୂରରେ ଘୋଡା ବା ରଥ ରଖି ଖାଲି ପାଦରେ ଚାଲିଚାଲି ଆସୁଥିଲେ ଏବଂ ସେଇ ପରମ୍ପରାଟି ମୋର ସ୍ମରଣକୁ ଆସୁଥିଲା। ମୋ ସାଥିରେ ଥିବା ଲକ୍ଷ୍ମୀଧର ଭାଇ କାନ୍ଥଛାଇ ପଡୁଥିବା ସିମେଣ୍ଟପାହାଚ ଉପରେ ବସିଗଲେ। କେମିତି ଏକ ବିକଳ ଆଖିରେ ସେ ଖୋଜୁଥିଲେ ଷାଠିଏ ବର୍ଷ ତଳର ଅତୀତକୁ। ମୁଁ ତାଙ୍କଠୁ ବି ବଡ ଅସହାୟ ଥିଲି। ଗଲାଜନ୍ମର କିଛି ଅନ୍ତରଙ୍ଗ ସ୍ମୃତିକୁ ସତେ କି ମୁଁ ଖୋଜୁଥିଲି।

ମୁଁ ଯେ ଅକସ୍ମାତ୍ ଘଟଣାକ୍ରମେ ସେଠାରେ ପହଞ୍ଚି ଯାଇଥିଲି, ସେକଥା ଆଦୌ ନୁହେଁ। ସେଠାକୁ ଯିବାପାଇଁ ଥିଲା ଗଲା ତିରିଶ ବର୍ଷର ମାନସିକ ପ୍ରସ୍ତୁତି। ଖାସ୍ କରି ଅନୁଗୁଳ ଯିବା

ପୂର୍ବରୁ ନନୀଗୋପାଲ୍ ପାଲିତ୍ ଙ୍କ "ଗ୍ଭଲିଛି ନକର" ଓ "ବାସରୀ" ପଢିଥିଲି । ଚୈତନ୍ୟ ପ୍ରସାଦ ସେଠୀଙ୍କ "ଆମ ଜୀବନ ବିଦ୍ୟାଳୟ", ଚତ୍ତରଞ୍ଜନ ଦାସଙ୍କ "ଜୀବନ ବିଦ୍ୟାଳୟ" ଓ "ଜଙ୍ଗଲ ଚଠି" କୁ ମଧ ପଢିଥିଲି । ଏପରିକ ସମଗ୍ର ପରିସ୍ଥିତିକୁ ଆକଳନ କରିବା ପାଇଁ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ "ଅନର୍ବାଣ" ଓ ମାଳତୀ ଚୌଧୁରୀଙ୍କ ଜୀବନୀ ମଧ ପଢିଥିଲି । ପାଖାପାଖି ଦୁଇ ହଜାର ପୃଷ୍ଠା ପଢିବା ପରେ ଯାଇ ଚମ୍ପତିମୁଣ୍ଡାକୁ ଯିବାପାଇଁ ନଜକୁ ଯୋଗ୍ୟ କରି ପାରିଥିଲି ।

ତେଣୁକରି ତ ତମାମ ଥୁଣ୍ଟା ଓ ଟାଙ୍ଗର୍ ଭୂମି ସତ୍ତ୍ୱେ ମୁଁ ଦେଖିଥିଲି ଅଝାଡ ଜଙ୍ଗଲକୁ । ଦିଗହଜା ଶୁଷ୍କ ଭୂମି ଭିତରେ ଦେଖୁଥିଲି ଝରଝର ହୋଇ ବହି ଗ୍ଭଲିଥିବା ଜଙ୍ଗଲୀ ଝରଣାକୁ । ଜନମାନବହୀନ ବିଦ୍ୟାଳୟ ପରିସର ଗ୍ଭରିପଟେ ଅନୁଭବ କରୁଥିଲି ପଲପଲ ନୃତ୍ୟରତ ମୃଗପଲଙ୍କୁ, ନର୍ଭୟରେ ବୁଲୁଥିବା ଠେକୁଆ, ଝିଙ୍କ ଓ ଶୃଗାଳ ପଲଙ୍କୁ । ଶୁଣି ପାରୁଥିଲି ଅଦୂରର ବାଘ ଓ ହେଟାଙ୍କ ଭୀତିପ୍ରଦ ଗର୍ଜନକୁ । ମୁଣ୍ଡ ଉପରେ ଅଗିବର୍ଷା ସତ୍ତ୍ୱେ ଅନୁଭବ କରୁଥିଲି ଯେମିତି ମୂଷଳ ଧାର୍‌ରେ ବର୍ଷା ଗ୍ଭଲିଛି ଏବଂ କୌଣସି ଏକ ଗ୍ଭଳ ଘରେ ପୁଅଝିଅମାନେ ମିଶି ରବୀନ୍ଦ୍ର ସଂଗୀତ ଗାନ କରୁଛନ୍ତି । କୋଉଁଠି ଓଦା କାଠ ଫୁଙ୍କି ଫୁଙ୍କି ପିଲ୍ଏ ଚୁଲୀ ଜଳାଉଛନ୍ତି । କେବେ ପୁଣି ସନ୍ଧ୍ୟା ଆସି ଯାଉଛି ଏବଂ ଗୋବର ଲିପା ପ୍ରାଙ୍ଗଣ ଉପରେ ପିଲ୍ଏ ବସି ସନ୍ଧ୍ୟା ଭଜନ ଗାଉଛନ୍ତି । ପୁଣି ଦିଶୁଥିଲ୍ ପିଲ୍ଏ ସମବେତ ପ୍ରାର୍ଥନା ସାରି ଧାଡିବାନ୍ଧି ଠିଆ ହୋଇଛନ୍ତି ଏବଂ ଚତ୍ତଭାଇ ଘରୁ ଲେଖି ଆଣିଥିବା ଦୁଇପୃଷ୍ଠାର ଲେଖାଟିକୁ ପିଲାଙ୍କ ଆଗରେ ପଢୁଛନ୍ତି । ମୁଁ କ୍ରମେ କ୍ରମେ କାୟା ପର୍ବର୍ତ୍ତନ କରି, ଜଣେ ପ୍ରାକ୍ତନ ଛାତ୍ରରେ ପରିଣତ ହେଉଥିଲି । ସମୟର ଉଜାଣି ଢେଉରେ ପହଁରି ପହଁରି ଯାଇ ଷାଠିଏ ବର୍ଷତଳକୁ ଗ୍ଭଲି ଯାଉଥିଲି । ବାଃ କ ଦୁର୍ବାର ଅନୁଭୂତି । ଆଖି ଆଗରେ କଣ ଦେଖୁଥିଲି ଅଥଚ କଣ ଅନୁଭବ କରୁଥିଲି! ଏଭଳ ଦ୍ୱୈତ ଅନୁଭୂତି କ୍ୱଚତ ଏକାଧାରରେ ଆସିଯାଏ । କଛି ପିଲ୍ ଜଙ୍ଗଲ ଭିତରୁ ଗାଇଗୋରୁ ଓ ପଣ୍ଡା ମଇଁଷିଙ୍କୁ ଚର୍‌ଇ ଆଣୁଥିଲେ । ଛାତ୍ର ଜଣେ ଶଗଡରେ ଅନୁଗୁଳ ହାଟରୁ ପରିବାପତ୍ର ଓ ସଉଦା ନେଇ ଫେରୁଥିଲେ । ଲ୍‌ଗୁଥିଲ୍ ଦୌଡିଯାଇ ଶଗଡରୁ ଜିନଷପତ୍ର ଓହ୍ଲାଇ ଦେବି କ? ମୁଁ ପାଲଟି ଯାଇଥିଲି

ମନବେଗରେ ଯାତ୍ରା କରୁଥିବା ଗୋଟିଏ ଅଶରୀରୀ । ତେଣୁ ସମୟର ବନ୍ଧନ ନଥିଲା । ସ୍ଥୂଳ ଦୂରତାର ଭୂମିକା ନଥିଲା । କୌଣସି ଛାତ୍ରୀର ହାତରେ ପାଦରେ ବଟା ଅଳନା ପତ୍ର ଲଗାଇ ଦେଉଥିବା ଲବଙ୍ଗଲତା ଅପାଙ୍କୁ ପଛରୁ ଆଖି ବନ୍ଦକରି ପଗ୍ଚରି ଦେବାକୁ ଇଚ୍ଛା ହେଉଥିଲା – ଅପା କହିଲ ଦେଖି, ମୁଁ କଏ?

କେଜାଣି କାହିଁକି ମୋ ଆଖି ଛଳଛଳ ହୋଇଗଲା । ଗ୍ଚଉଁକନା ଲାଗିଲା, ସତେକି କାନ୍ଧ ଉପରେ ହାତ ରଖି ପଛରୁ ଚଉଧୁରୀ କହୁଛନ୍ତି –"ପ୍ରିୟବ୍ରତ ଏମିତି ଭାବପ୍ରବଣ ହେଲେ ଚଳିବ? ଶକ୍ତିଶାଳୀ ହୁଅ, ଧୈର୍ଯ୍ୟଶୀଳ ହୁଅ, ସମ୍ୟକ ଚନ୍ତନ ସହ ନିଷ୍ପତ୍ତି ନେବା ଶିଖ ! ଏମିତି କାନ୍ଦୁରା ହେଲେ, ଗେହ୍ଲା ହେଲେ କାହାର କି ଉପକାର କରିବ ।"

ପ୍ରତ୍ୟେକ ପିଲାଙ୍କୁ ଦୈନିକ କିଛି କିଛି ଡାଏରୀ ଲେଖିବା ପାଇଁ ଜୀବନ ବିଦ୍ୟାଳୟରେ ନିୟମ ଥିଲା । ପ୍ରତି ପିଲାର କାରବାର, ପାଠପଢା, ବ୍ୟବହାର ତଥା ଡାଏରୀ ଲେଖାକୁ ଗଭୀର ଭାବେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରି ପ୍ରତି ତିନିମାସରେ ଥରେ ଚଉଧୁରୀ ତା ଉପରେ ମତାମତ ତଥା ଅଧିକ ମାର୍ଜନ ନିମନ୍ତେ ପ୍ରସ୍ତାବମାନ ଲେଖି ଦେଉଥିଲେ । ତାକୁ ପିଲାଏ ଚିରକୁଟ୍ ବୋଲି କହୁଥିଲେ, ଯାହାକି ପିଲା ଓ ଚଉଧୁରୀଙ୍କ ଭିତରେ ଗୋପନୀୟ ହୋଇ ରହୁଥିଲା । ପିଲାର ବ୍ୟକ୍ତିତ୍ୱ ଗଠନ ଉପରେ ତଥା ପିଲାର ମାନସିକତା ଉପରେ ତାହା ପ୍ରଭାବ ପକାଉଥିଲା । ସେଦିନ ଚଉଧୁରୀଙ୍କ ଶୂନ୍ୟବାଣୀ ମତେ ଚିରକୁଟ୍ ପରି ଲାଗୁଥିଲା ।

ଏଥର ଲକ୍ଷ୍ମୀଧର ଭାଇ ଉଠିଲେ ଏବଂ ଅଦୂରରେ ଥିବା ସ୍ୱଳ୍ପ ବୃକ୍ଷ ଆଚ୍ଛାଦିତ ଛୋଟିଆ ଗୋହିରୀ ଆଡେ ମତେ ନେଇ ଗ୍ଚଲିଲେ । ସେଥିରେ ପାଣି ନଥିଲା କି ବର୍ଷା ଦିନେ ମଧ ପାଣି ଜମୁଥିବାର ସଙ୍କେତ ନଥିଲା । ସେ ଜାଗାଟିକୁ ଘେରି କରି ରହିଥିଲେ କିଛି ବୃକ୍ଷରାଜି । ଆଉ ଟିକେ ଦୂରରେ ନିର୍ମାଣାଧୀନ ନବୋଦୟ ବିଦ୍ୟାଳୟର ସଡକ ଓ ଖେଳ ପଡିଆର ସଂପ୍ରସାରଣ ଯୋଜନାରେ ସମ୍ଭବତଃ ସେସବୁ ବୃକ୍ଷରାଜି ବଳିପଡିବା ନିଶ୍ଚିତ ପରି ଲାଗୁଥିଲା । ଷାଠିଏ ବର୍ଷ ତଳେ ଏହି ନିଘଞ୍ଚ ଅଭେଦ୍ୟ ଅରଣ୍ୟାନୀଟି ଥିଲା ବହୁବିଧ ବୃକ୍ଷଲତାରେ ପୂର୍ଣ୍ଣ । ଆମ୍ବ, ପଣସ, କେନ୍ଦୁ, ଅସନ, ଧଅ, ବବୁରୀ, ଖଇର, କୁସୁମ ଆଦି

ବିଭିନ୍ନ ବଣୁଆ ଗଛ ସାଙ୍ଗକୁ ତା ଉପରେ ମାଳଥିବା ମାଳତୀ ଓ ଶିଆଳିଲତା ଜାଗାଟିକୁ ନିଘଞ୍ଚ କରି ତୋଳିଥିଲେ । ଗୋହିରୀଠୁ ସ୍ୱଳ୍ପ ଦୂରରେ ତିଆରି ହୋଇଥିଲା ଏଗାରଟି ନଡା ଛପର କୁଟୀର । ଗୋହିରୀ ଭିତରେ ଥିଲା ଏକ ବଡ ସମତଳ ମୁଗୁନି ପଥର । ଯା ଉପରେ ଝରଣା ପାଣି ପଡି ବହି ଯାଉଥିଲା । ଦିନେ ଏହାର ନାଁ ତମସା ବୋଲି ଚିତ୍ତଭାଇ ରଖିଥିଲେ । ରାମାୟଣ ବର୍ଣ୍ଣିତ ତମସା ନଦୀ କୂଳର ବାଲ୍ମୀକି ଋଷିଙ୍କ ଗୁରୁକୂଳ ଆଶ୍ରମ ପରି, ଜୀବନ ବିଦ୍ୟାଳୟକୁ ଗଢିବାକୁ ଚିତ୍ତଭାଇ ସାଧନାରତ ଥିଲେ । ଅସଲ କଥା କିନ୍ତୁ ଚିତ୍ତଭାଇ ନିଜକୁ ବ୍ରହ୍ମା, ବିଷ୍ଣୁ ବା ମହେଶ୍ୱରଙ୍କ ସ୍ତରର ଗୁରୁବୋଲି ଭାବୁ ନଥିଲେ କି ନିଜକୁ ବାଲ୍ମୀକି ଋଷି ବୋଲି ଭାବୁନଥିଲେ । ଶାନ୍ତିନିକେତନରେ ଗୁରୁମାନେ ନିଜକୁ ଛାତ୍ରଛାତ୍ରୀମାନଙ୍କ ବଡଭାଇ ବା "ଦାଦା" ବୋଲି କହିବାରେ ବିଶେଷ ମର୍ଯ୍ୟାଦା ଅନୁଭବ କରୁଥିଲେ । ସମ୍ଭବତଃ ସେଇ ଶବ୍ଦର ମାଦକତାରେ ଗୁରୁ ଚିତ୍ତରଞ୍ଜନ ନିଜକୁ ଚିତ୍ତଭାଇ ବୋଲି ପରିଚିତ ହେବାରେ ଅଧିକ ତୃପ୍ତିଲାଭ କରୁଥିଲେ ।

କୌଣସି ଏକ ତେନ୍ତୁଳି ଗଛରେ କଳାଟିଏ ମାରି ସେଥିରେ ଲଟକା ଯାଇଥିଲା କିଛି ଟିଫିନ୍ କେରିଅର୍ । ନିର୍ମାଣାଧୀନ ନବୋଦୟ ବିଦ୍ୟାଳୟର ମୂଲିଆ ମିସ୍ତ୍ରୀମାନେ ସମ୍ଭବତଃ ସେଗୁଡିକୁ ସେପରି ଅବସ୍ଥାରେ ଛାଡି ଚାଲିଯାଇଥିଲେ । ଦିନେ ସେସବୁ ଜାଗାରେ କଳାପଟାମାନ ଟଙ୍ଗା ଯାଉଥିଲା ଏବଂ ଛାତ୍ରମାନେ ସେଥିରେ ଗଣିତ କଷୁଥିଲେ, ଆଙ୍କୁଥିଲେ, ମାନଚିତ୍ର କରି ଇତିହାସ ବା ଭୂଗୋଳର ବିଷୟକୁ ନିରେଖୁଥିଲେ । କଳାମୁଗୁନି ପଥରର ଚଟାଣ ଉପରେ ପିଲାଏ ମନ୍ଦାମନ୍ଦ ହୋଇ ବସୁଥିଲେ । ପାଠାଗାରରୁ ଆଣିଥିବା ବହି ପଢୁଥିଲେ । ବର୍ଷାକାଳକୁ ଛାଡି, ବାକି ସବୁ ସମୟରେ ପିଲାଏ ପ୍ରକୃତି କୋଳରେ ହିଁ ପାଠ ପଢୁଥିଲେ । ଶିକ୍ଷା ସହ ନୃତ୍ୟଗୀତ, ଚିତ୍ରକଳା, ମୂର୍ତ୍ତିଗଠନ, ଉନ୍ନତ କୃଷୀ, ଅସୂୟା ନଜରରେ ଦେଖିଲେ ପିଲାଏ ମୂଲିଆଙ୍କ ଭଳି ପ୍ରଚୁର ଶ୍ରମ ବି କରୁଥିଲେ । ଭୋର ଚାରିଟାରୁ ଉଠି ବିଭିନ୍ନ ଶ୍ରମ, ବ୍ୟାୟାମ ଓ ସ୍ୱାଧ୍ୟାୟ, ସନ୍ଧ୍ୟା ପ୍ରାର୍ଥନା, ଭୋଜନ ଆଦି ସାରି ଶୋଇଲା ବେଳକୁ ରାତି ସାଢେ ନ ଟା ବାଜୁଥିଲା । ବିଭିନ୍ନ ଦଳ ଭିତରେ ଶ୍ରମ ବଣ୍ଟନ ହେଉଥିଲା ଏବଂ ତାହା ପୁଣି ଚକ୍ରାକାରରେ ପରିବର୍ତ୍ତନ ହେଉଥିଲା । ପ୍ରତି ତିନିମାସରେ ଥରେ ଗୋଟିଏ

ବଖରାରେ ରହୁଥିବା ପିଲାଙ୍କୁ ବଦଳାଇ ଦିଆଯାଉଥିଲା । ଯାହା ଫଳରେ ପିଲାଏ ବିଭିନ୍ନ ପ୍ରକାରର ପିଲାଙ୍କ ସଂସ୍ପର୍ଶରେ ଆସୁଥିଲେ । ଅନ୍ୟମାନଙ୍କ ସହ ଚଳବାର କଳା ଶିଖୁଥିଲେ । ବଇରୀ ଥିଲେ ତାକୁ ଦୂର କରିବା ପାଇଁ ଯତ୍ନବାନ ହେଉଥିଲେ । ସେମାନେ ପୁଣି ମିଳମିଶି ସାହିତ୍ୟ ପ୍ରତ୍ରିକା ବାହାର କରୁଥିଲେ । ସ୍ଥାନୀୟ ଖବରକୁ ନେଇ ଗୋଟିଏ ସାପ୍ତାହିକ ସମ୍ବାଦପତ୍ର ମଧ୍ୟ ବାହାରୁଥିଲା । ସେ ସମୟରେ ପିଲାଙ୍କ ପାଇଁ ତିଆରି ହୋଇଥିବା କାର୍ଯ୍ୟ ନିର୍ଘଣ୍ଟ ତଥା କାର୍ଯ୍ୟର ପ୍ରକାରଭେଦ କଥା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡେ ଯେ ଚଉଧୁରିଇ କେତେବଡ ଦୂରଦର୍ଶୀ ଥିଲେ!

ବିଦ୍ୟାଳୟରେ ଅଧିକ ହାର୍ଦ୍ଦିକତା ଏବଂ ଅଧିକ ଜୀବନ ଭରିଦେବାର ଏକ ମହତ୍ ଅଭିଳାଷ ରଖି, ଚଉଧୁରିଇ ଦୈନିକ ଯେଉଁ ମାନସ-ମନ୍ଥନକାରୀ ଲେଖାଟିକୁ ପିଲାଙ୍କ ଆଗରେ ପଢୁଥିଲେ, ତାକୁ ପିଲାଏ ଖୋଇ ବୋଲି କହୁଥିଲେ । କ୍ରମେ ସେଇ ଲେଖା ସବୁକୁ ମିଶାଇ ଯେଉଁ ବିଖ୍ୟାତ ବହିଟି ଆତ୍ମପ୍ରକାଶ କରିଥିଲା ତା ନାଁ ଥିଲା "ଜୀବନ ବିଦ୍ୟାଳୟ" ।

ସେହି ବହିର ମୁଖବନ୍ଧରେ "ଜୀବନ ବିଦ୍ୟାଳୟ" ନାଁ ର ଉତ୍ପତ୍ତି ସମ୍ପର୍କରେ ଚଉଧୁରିଇ ଲେଖିଥିଲେ । ଆଜକୁ ଦେଢଶ ବର୍ଷ ତଳେ, ଡେନମାର୍କର ବିଶପ୍ ଗ୍ରୁଣ୍ଡ୍ ଭଇଗ୍ ଶିକ୍ଷା ବ୍ୟବସ୍ଥା ଓ ବିଚାରରେ ପରିବର୍ତ୍ତନ ଆଣିବାକୁ ଚାହିଁଥିଲେ । ସେ ତାଙ୍କ ଲେଖା ଓ ବକ୍ତୃତା ମାଧ୍ୟମରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ମରଣ ବିଦ୍ୟାଳୟ ବୋଲି କହୁଥିଲେ । କୌଣସି ଏକ ନିର୍ଦ୍ଦିଷ୍ଟ ସଂସ୍କାର ବା ଶାସନର ଅନୁଗତ କରି ମଣିଷକୁ ତିଆରି କରିବାର ନିକୃଷ୍ଟ ପ୍ରୟାସକୁ ଶିକ୍ଷା ପରିବର୍ତ୍ତେ ମରଣ ଶିକ୍ଷା କୁହାଯିବା ଉଚିତ ବୋଲି ସେ ଯୁକ୍ତି କରୁଥିଲେ । ଜାତୀୟ ସଂହତି ଓ ମାନବୀୟ ଶ୍ରଦ୍ଧାକୁ ଆଧାର କରି ଯେଉଁ ବିଦ୍ୟାଳୟର ଛାତ୍ର ଆପଣାର ଜୀବନ ପଥ ଆବିଷ୍କାର କରି ପାରିବ, ବିଚାର ଓ ବିଶ୍ୱାସର ସହ ଯେଉଁଠି ଜୀବନର ମୂଲ୍ୟ ନିରୂପଣ କରିବାର ଶକ୍ତି ଅର୍ଜନ କରି ପାରିବ, ଅନ୍ୱେଷଣର ସାଧନ ରୂପେ ବ୍ୟବହାର କରି ଶିଖିବ, ଏହିପରି ଏକ ଜୀବନମୁଖୀ ବିଦ୍ୟାଳୟକୁ ନେଇ ଗ୍ରୁଣ୍ଡ୍ ସ୍ୱପ୍ନ ଦେଖିଥିଲେ ଓ ସାକାର କରିବା ପାଇଁ ଚେଷ୍ଟା କରିଥିଲେ । ସେଭଳି ଏକ ସ୍ୱପ୍ନର ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ଚଉଧୁରିଇ, ବିଦ୍ୟାଳୟର ନାମଟି "ଜୀବନ ବିଦ୍ୟାଳୟ" ବୋଲି ରଖିଥିଲେ । କିନ୍ତୁ ଜୀବନ ବିଦ୍ୟାଳୟର

ଆତ୍ମଜୀବନୀ ବୋଲି କୁହାଯାଉଥିବା "ଜଙ୍ଗଲ ଚଠି" ବହିଟି ଅନ୍ୟ ଦୃଷ୍ଟିରୁ ଏକ ମହାନ୍ ଗ୍ରନ୍ଥ । ବିଦ୍ୟାଳୟ ବିଷୟରେ ଟିକନଖି ବିବରଣୀ ଓ କାର୍ଯ୍ୟକ୍ରମକୁ ନେଇ "ଗ୍ରାମସେବକ" ନାମକ ସାପ୍ତାହିକ ପତ୍ରିକାରେ ପ୍ରକାଶ ହେଉଥିବା ପ୍ରବନ୍ଧ ସବୁ କ୍ରମେ "ଜଙ୍ଗଲ ଚଠି"ର ରୂପ ନେଇଥିଲା ।

ଚମ୍ପଉିମୁଣ୍ଡାର ଉତ୍ତର ମୌଳିକ ବିଦ୍ୟାଳୟଟିକୁ ପିଲାଏ ଖୁସିରେ ଜଙ୍ଗଲ ସ୍କୁଲ ବୋଲି କହୁଥିଲେ । ଜଙ୍ଗଲ ନାମଟି ମା ନାମ ପରି ଅନ୍ତରଙ୍ଗ ଲାଗେ, ପୁଲକିତ କରେ, ରୋମାଞ୍ଚିତ କରେ, ସ୍ୱପ୍ନ ବିଭୋର କରେ, ଏପରିକି ବିଦ୍ୟାଳୟ ସଂଲଗ୍ନ ପରିବେଶଟିକୁ କେତେ ସହଜ ଓ ସ୍ୱାଭାବିକ ଭାବେ ଉପସ୍ଥାପନ କରିଥାଏ ।

ଅନ୍ୟ ପକ୍ଷରେ "ଜୀବନ" ନାମଟି ଅନେକ ଗାମ୍ଭୀର୍ଯ୍ୟ ତଥା ପ୍ରହେଳିକାରେ ପୂର୍ଣ୍ଣ । ଗଭୀର ଅର୍ଥବୋଧକ ତଥା ସଦା ଆହ୍ୱାନକାରୀ ପ୍ରଶ୍ନପରି ହୃଦୟକୁ ମନ୍ଥନ କରୁଥିବା ଏକ ମାନ୍ତ୍ରିକ ଶବ୍ଦ । ବିଦ୍ୟାଳୟରେ ରହି ଯେଉଁ ଗଭୀର ଜୀବନବୋଧରେ ଚଉଧୁରୀ ତଲ୍ଲୀନ ହୋଇ ନିଜକୁ ନିଜେ ସାମନା କରୁଥିଲେ, ଅତିକ୍ରମ କରୁଥିଲେ, ନିଜକୁ ପ୍ରଶ୍ନପଚାରି ତାର ଉତ୍ତର ସନ୍ଧାନରେ ମଗ୍ନ ରହୁଥିଲେ, ସେସବୁ ଚିନ୍ତନମନ୍ଥନକୁ ଡାଏରୀ ଆକାରରେ ଲେଖି ପିଲାଙ୍କ ଆଗରେ ବ୍ୟକ୍ତ କରୁଥିଲେ । ସେଇ ଡାଏରୀର ନାମ ଥିଲା "ଜୀବନ ବିଦ୍ୟାଳୟ" ।

କହିବା ବାହୁଲ୍ୟ ଓଡିଆ ଭାଷାରେ ଲେଖାଯାଇଥିବା କତିପୟ ସାହିତ୍ୟକୃତି ମଧ୍ୟରେ "ଜୀବନ ବିଦ୍ୟାଳୟ" ଓ "ଜଙ୍ଗଲ ଚଠି" ଏପରି ଦୁଇଟି ଉଚ୍ଚାଙ୍ଗ ସାହିତ୍ୟକୃତି, ଯାହାକୁ କ ଜୀବନରେ ଏକାଧିକ ବାର ପଢିବାର ଆବଶ୍ୟକତା ରହିଛି । ସାହିତ୍ୟ ମାଧ୍ୟମରେ ଜୀବନ ବଦଳିବ, ସମାଜ ବଦଳିବ ବୋଲି ଦୃଢ ବିଶ୍ୱାସ କରୁଥିବା ଚଉଧୁରୀ, ସମ୍ଭବତଃ ଏକମାତ୍ର ଓଡିଆ ଲେଖକ, ଯିଏ କ ଶିକ୍ଷା ଓ ସାହିତ୍ୟକୁ ନେଇ ଗବେଷଣା କରିଛନ୍ତି, ପରୀକ୍ଷାନିରୀକ୍ଷା କରିଛନ୍ତି, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ସେସବୁର ପ୍ରୟୋଗ ମଧ୍ୟ କରିଛନ୍ତି । ତେବେ ମଜାର କଥା ହେଉଛି, "ଜଙ୍ଗଲ ଚଠି" ରେ ଥରୁଟିଏ ମଧ୍ୟ "ଜୀବନ

ବିଦ୍ୟାଳୟ" ର ନାମ ଦିଆଯାଇଛି କ "ଜୀବନ ବିଦ୍ୟାଳୟ"ରେ ଜଙ୍ଗଲ ସ୍କୁଲର ନାମ ଦିଆଯାଇନାହିଁ ।

ଟିଣ ଡବାର ଝାଉଁ ଝାଉଁ ଶବ୍ଦରେ ଅଗ୍ରନକ ମୋର ଧ୍ୟାନ ଭଙ୍ଗିଗଲା । ଦେଖିଲି ପୁରୁଣା ଜଙ୍କ୍ ଲଗା ବିସ୍କୁଟ୍ ଡବାଟିଏ ଗୋଟାଇ ଲକ୍ଷ୍ମୀଧର ଭାଇ ସେଥିରେ ଶବ୍ଦ ସୃଷ୍ଟି କରୁଛନ୍ତି । ସତୁରୀ ବର୍ଷର ବୃଦ୍ଧ ଜଣକ ସତର ବର୍ଷର ତରୁଣ ପାଲଟି ଯାଇଥିଲେ । ପାଠ ପଢୁଥିବାବେଳେ, ଗ୍ରୀଷ୍ମଜମି ଜଗିବା ପାଇଁ ସବୁ ରାତିରେ ଆଠଟି ପିଲା ପାଳକରି ମଞ୍ଚା ଉପରେ ଶୋଉଥିଲେ । ପ୍ରତି ମଞ୍ଚାଭିଡିରେ ଦୁଇଜଣ କରି, ଏପରି ଆଠଜଣ ଜଗି ରହୁଥିଲେ । ରାତିବେଳା, ଏମିତି ଟିଣ ବାଡେଇ, ଶବ୍ଦକରି ଶସ୍ୟ ଖାଇବାକୁ ଆସୁଥିବା ଭାଲୁ, ବାରହା, ହରିଣ, ଠେକୁଆ ଆଦିଙ୍କୁ ହୁରୁଡେଇ ଦେଉଥିଲେ । ରାତିରେ ଗଲାବେଳେ ସାଥିରେ ମୁଢ଼ି, ଚୁଡା, ବାଦାମ ଭଜା ନେଇ ଯାଉଥିଲେ । ପାଠ ପଢ଼ିବା ପାଇଁ ଲଣ୍ଠନ ମଧ୍ୟ ସାଥିରେ ନେଇ ଯାଉଥିଲେ । ଖୁସିରେ ଗୀତର ଲହରି ଛାଡୁଥିଲେ ।

ଲକ୍ଷ୍ମୀଧର ଭାଇ କହୁଥିଲେ, ସେଇ ଝରଣା ପାଖର ଓଦାମାଟିରେ ସେ କେତେଥର ବାଘର ପଞ୍ଝା ଚହ୍ନ ଦେଖିଥିଲେ । ହାୟ! ଆଖପାଖର ବୁଦା ଓ ସେଥିରେ ମୁଣ୍ଡ ଟୁଙ୍ଗାରୁଥିବା ଅଧଡଜନେ ଏଣ୍ଡୁଅଙ୍କୁ ଦେଖି ସେକାଳର ଘନ ଅରଣ୍ୟ ତଥା ଚଳପ୍ରଚଳ କରୁଥିବା ବାଘ, ଭାଲୁ, ହେଟାବାଘ, ଅଜଗର ସାପ ଆଦିଙ୍କ ବିଷୟରେ କଳ୍ପନା କରିବା ବି ଅସମ୍ଭବ ହୋଇ ପଡୁଥିଲେ । ହଁ, ସେକାଳର ଜଙ୍ଗଲକୁ ଅନୁଭବ କରିବା ପାଇଁ, ଆଉ ଟିକେ ଦୂରରେ ଥିବା ଟିକରପଡାର ସଂରକ୍ଷିତ ଘଞ୍ଚ ଅରଣ୍ୟ ଭିତରଉ ଅବଶ୍ୟ ଯିବାକୁ ପଡିବ !

ଏଥର ମୋର ଅନ୍ୟ ଏକ ଗଭୀର ପ୍ରଶ୍ନ ଥିଲା – ଜୀବନ ବିଦ୍ୟାଳୟ ବନ୍ଦ ହୋଇଗଲା କାହିଁକି? ଲକ୍ଷ୍ମୀଧର ଭାଇଙ୍କ ଟିଣ ବାଡିଆ ଶବ୍ଦଟି କ୍ରମଶଃ ମତେ ଭିନ୍ନ ଏକ ଶବ୍ଦ ପରି ଲାଗୁଥିଲା । ସତେ କ ବାପାଟି ମରି ଯାଇଛି ଏବଂ ଜଙ୍ଗଲରେ ଏକୁଟିଆ ରହିଯାଇଥିବା ନାବାଳକ ପୁଅଟି ମଢାବାଜା ବଜେଇ ବାପାର ଶବ ସତ୍କାର ପାଇଁ ପ୍ରସ୍ତୁତ ହେଉଛି । ଜୀବନ

ବିଦ୍ୟାଳୟର ଅକାଳ ମୃତ୍ୟୁ ସଂପର୍କରେ ମୋର ସେଦିନ କଛି କଛି ଧାରଣା ବି ଆସି ଯାଇଥିଲା ।

ମାଳତୀ ଦେବୀ ଯେଉଁଭଳି ଭାବେ ବିଦ୍ୟାଳୟଟିକୁ ଚଳେଇ ନେବାକୁ ଚାହୁଁଥିଲେ ଚଉଧୁରୀ ଭାଇ ସେସବୁରେ ରାଜି ନଥିଲେ । ସେପଟେ ଶିକ୍ଷା ବିଭାଗର ସର୍ବୋଚ୍ଚ ନିର୍ଦ୍ଦେଶକ ବାମାଚରଣ ଦାସଙ୍କ ଭୟଙ୍କର ଆକ୍ରୋଶମୂଳକ ପଦକ୍ଷେପ ଯୋଗୁ, ବିଦ୍ୟାଳୟକୁ ଆସୁଥିବା ସମସ୍ତ ଛାତ୍ରବୃତ୍ତି ତଥା ଅନୁଦାନ ବନ୍ଦ ହୋଇଯାଇଥିଲା । ଅନ୍ୟ ଦିଗରୁ ଆସୁଥିବା ଅନୁଦାନ ରାଶିର ଚେକ୍ ରେ ଦସ୍ତଖତ ନେହେବାରୁ ମାଳତୀ ଦେବୀଙ୍କ ପାଖରେ ସେସବୁ ଚେକ୍ ପଡି ରହୁଥିଲା । ଏମିତି ଦୁର୍ଗତି ସମୟରେ, ବି.ଇଡି. ଡିଗ୍ରୀଧାରୀ ଦୁଇ ଶିକ୍ଷକ ବାସୁଦେବ ଦାସ ଓ ସତ୍ୟବାଦୀ ଦାସ ଶୃଗାଳଙ୍କ ଭଳି ସବୁବେଳେ ଚଉଧୁରୀଙ୍କୁ ହଟେଇ ନିଜେ ପ୍ରଧାନ ଶିକ୍ଷକ ହେବାକୁ ଚାହୁଁଥିଲେ । ସତମିଛ କହି ମାଳତୀ ଦେବୀଙ୍କ କାନରେ ବିଷମନ୍ତ୍ର ଫୁଙ୍କିବାରେ ଲାଗିଥିଲେ । ପରିସ୍ଥିତି ଏପରି ହେଲା, ମାଳତୀ ଦେବୀ ଘୋଷଣା କଲେ ଯେ, ଚଉରଞ୍ଜନ ଦାଶ ସ୍କୁଲରୁ ନଗଲା ପର୍ଯ୍ୟନ୍ତ ସେ ଆଉ ଚମ୍ପତିମୁଣ୍ଡା ଯିବେ ନାହିଁ । ଚଉଧୁରୀ ଭାଇ ସେ ମୁହୂର୍ତ୍ତରେ ସ୍କୁଲ ପରିତ୍ୟାଗ କରିପାରିଥାନ୍ତେ! ଶେଷ ବର୍ଷର ପିଲାଏ ହଇରାଣରେ ପଡିଯିବେ ତଥା ଚଉଧୁରୀଙ୍କ ଭରସାରେ ଯେଉଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସେଠାରେ ଛାଡିଥିଲେ, କାଳେ ସେମାନଙ୍କ ପ୍ରତି ଅବିଚାର ହେବ ବୋଲି, ଚଉଧୁରୀ ଭାଇ ଶିକ୍ଷାବର୍ଷର ଶେଷ ପର୍ଯ୍ୟନ୍ତ ଅପେକ୍ଷା କଲେ । ଅନ୍ୟପକ୍ଷେ ଏଭଳି ଆର୍ଥିକ ଅଭାବ ଲାଗି ରହୁଥିଲା ଯେ ନିଜ ହାତଘଣ୍ଟା, ସ୍ତ୍ରୀଙ୍କର ଗହଣା ତଥା ନିଜର ପ୍ରିୟ ଟାଇପ୍ ମେସିନ୍ ଟିକୁ ବନ୍ଧା ରଖି ଚଉଧୁରୀ ଭାଇ ଅନୁଗୁଳ ବଜାରରୁ ରାସନ ଜିନିଷ ଆଣିଥିଲେ । ପରିଶେଷରେ ୧୯୫୮ ମସିହା ଅଗଷ୍ଟ ମାସ ବେଳକୁ, ଚଉଧୁରୀ ଭାଇ ଜୀବନ ବିଦ୍ୟାଳୟ ପରିତ୍ୟାଗ କରିଥିଲେ ।

ବିଦ୍ୟାଳୟ ସ୍ଥାପନ ପୂର୍ବରୁ ହିଁ ଅନେକ କହୁଥିଲେ – ଏଭଳି ଆଦର୍ଶବାଦୀ ଶିକ୍ଷା ବ୍ୟବସ୍ଥା ଆଦୌ ତିଷ୍ଠିବ ନାହିଁ । ଏମିତି କି ପିଲାଙ୍କ ଅଭିଭାବକମାନେ ମଧ୍ୟ ଭାବୁଥିଲେ ଯେ ଏ ବିଦ୍ୟାଳୟ ଅକର୍ମଣ୍ୟ ଶିଳାପରି ପଡିରହିବ । ସେ ସମୟରେ ବିଦ୍ୟାଳୟ ଖୋଲାଯିବା ଘଟଣାକୁ ବ୍ୟଙ୍ଗ କରି ନିଆଁଖୁଣ୍ଟାରେ ଲେଖା ବାହାରିଥିଲ-

ଡାକଦିଏ ଅନୁଗୁଳେ ଜଙ୍ଗଲ ମାଳତୀ
ପୋଷ୍ଟ ବେସିକ୍ ହେଲ୍ଥ ଖୋଲାରେ,
ପିଲାମାନେ କର ସବୁ ଅଲପନା, ଆଳତି
ଲାଗ ସୂତାକଟା, ମାଟି ଖୋଳାରେ ।

ଗୋଟିଏ ସୁନ୍ଦର ସ୍ୱପ୍ନକୁ ସାକାର ନକରେଇ ଦେବାପାଇଁ, ସତେ ଯେମିତି ବହୁଲୋକ ଅଣ୍ଟାଭିଡି ବାହାରିଥିଲେ । ଚଉଧୁରି ଏକରକମ ଏକା ହୋଇଯାଇଥିଲେ, ହାରି ଯାଇଥିଲେ । ଚାରିପଟୁ ଯେବେ ବିପଦ ଘନେଇ ଆସୁଥିଲା, ବନ୍ଧୁମାନେ ମୁହଁ ଫେରେଇ ନେଉଥିଲେ, ଘନଘୋର ଆର୍ଥିକ ସଂକଟରେ ବିଦ୍ୟାଳୟଟି ଶେଷ ନିଃଶ୍ୱାସ ନେଉଥିଲା ଏବଂ ସେ ବର୍ଷର ଶିକ୍ଷାବର୍ଷ ଶେଷ ହେବା ସାଥେ ସାଥେ ସ୍କୁଲ ପରିତ୍ୟାଗ କରିବାରେ ନିଷ୍ପତ୍ତି ଚଉଧୁରି ନେଇ ସାରିଥିଲେ – ସେଭଳି ପରିସ୍ଥିତିରେ ମଧ୍ୟ ସେ ନିଜର ଦୁଃଖ ଓ କ୍ରୋଧକୁ କୁତ୍ରାପି ଉଦଗିରଣ କରିନଥିଲେ । “ଜଙ୍ଗଲ ଚିଠି” ଓ “ଜୀବନ ବିଦ୍ୟାଳୟ”ର ଶେଷ ଦିବସମାନଙ୍କ ଡାଏରୀରେ କେଉଁଠି ମଧ୍ୟ ସେସବୁ କ୍ରୋଧ ଓ ହତାଶର ଲେଶମାତ୍ର ସଙ୍କେତ ମିଳେନାହିଁ । ନୀଳକଣ୍ଠଙ୍କ ଭଳି ସେସବୁ ଗରଳକୁ ଚଉଧୁରି ଏକା ଏକା ପିଇ ଯାଇଥିଲେ କି?

ନବକୃଷ୍ଣ ଚୌଧୁରୀ ତଥା ମାଳତୀ ଦେବୀଙ୍କ ଜୀବନୀକୁ ଏ ଲେଖକ ବଡ ଶ୍ରଦ୍ଧାର ସହିତ ପଢିଛି । ଜୀବନ ବିଦ୍ୟାଳୟ କୁ ନେଇ ମାଳତୀ ଦେବୀଙ୍କ କ୍ରିୟା, ପ୍ରତିକ୍ରିୟା ତଥା ମାନ ଅଭିମାନ ବାରି ହୋଇପଡେ । ଆଶ୍ଚର୍ଯ୍ୟ କଥା, ସେଇ ବିଦ୍ୟାଳୟର ଗଠନ ଓ ପରିଚାଳନାର ପଶ୍ଚାତରେ ରହି ସମସ୍ତ ସାହାଯ୍ୟ, ସହାନୁଭୂତି ଯୋଗାଇଥିବା ନବକୃଷ୍ଣ ବାବୁ, ଜୀବନ ବିଦ୍ୟାଳୟକୁ ନେଇ ସର୍ବଦା ନିରବ କାହିଁକି ତାର କାରଣ ମୁଁ ବୁଝିପାରେ ନାହିଁ । ହୋଇପାରେ, ଚିତ୍ତରଞ୍ଜନ ଦାସ ଓ ମାଳତୀ ଦେବୀଙ୍କ ଭଳି ଦୁଇ ପ୍ରଚଣ୍ଡ ଅମନନୀୟ ବ୍ୟକ୍ତିତ୍ୱଙ୍କ ସଂଘାତ ଭିତରେ ନପଶି, ଦୂରରେ ରହିବାକୁ ସେ ସର୍ବଦା ଉତ୍ତମ ମଣିଥିଲେ । ସ୍ତ୍ରୀ ମାଳତୀ ଦେବୀଙ୍କ ବଦରାଗ ଓ ବୈରାଗୀଭାବକୁ ବରଦାସ୍ତ କରିବା ଭଳି ସାମର୍ଥ୍ୟ ମଧ୍ୟ ନବବାବୁଙ୍କର ନଥିଲା ।

ଏଥର ଫେରିବାର ବେଳ ଆସିଗଲା । ଅଗ୍ନକ ସେଦିନ ପଶ୍ଚିମ ଆକାଶ ଅଦିନଆ କଳାମେଘ ଘୋଟି ଆସୁଥିଲା । ଏଇ ବର୍ଷି ଦେବ କି? ଭାବୁଥିଲି ଓଦା ହେଲେ ପଛେ ହୁଅନ୍ତି, କି ମଜା ହୁଅନ୍ତା! ମୂହୂର୍ତ୍ତକ ପାଇଁ ତ ନଜକୁ ହଜିଲା ଦିନର ଛାତ୍ରଟିଏ ବୋଲି ଭାବି ପାରନ୍ତି । ବେକରେ ପଳାଶ ଫୁଲର ମାଳ ପକାଇ ହୋଲି ପର୍ବର ଗୀତ ଗାଆନ୍ତି! ସେତେବେଳେ ମୁଗୁନ ପଥରର ଚଟାଣକୁ ଲକ୍ଷ୍ମୀଧର ଭାଇ ବଡ ତନ୍ମୟ ହୋଇ ଆଉଁସି ଚାଲିଥିଲେ । ସତେ କି ବିସ୍ମୃତ ହୋଇ ସାରିଥିବା ବାପାଙ୍କୁ ମନେ ପକେଇବାକୁ ଯାଇ ପୁଅଟି ବାପାଙ୍କ ଆଉଜା ତେଲ ଚକଟା କାନ୍ଥଟିକୁ ଅଣ୍ଡାଳ ପକାଉଛି! ମୁଁ ତାଙ୍କ ପାଖକୁ ଗଲି । ଶୁଖିଲା ଗୋହିରୀ ଭିତରେ ଗୋଟିଏ ଅପୂର୍ବ ଦୃଶ୍ୟ ଦେଖିଲି ।

ନେଉଳଟିଏ ଦୁଇଗୋଡରେ ଠିଆ ହେଇ, ଆଗ ଦୁଇଗୋଡକୁ ନମସ୍କାର ମୁଦ୍ରାରେ ରଖି ଆମ ଆଡକୁ ଚାହିଁ ରହିଛି । ମତେ ଲାଗିଲା, ଆମ ହତାଶା ଭାବକୁ ଦେଖି ସେ ଯେମିତି କହୁଛି –

ନରାଶ ହୁଅନ ବନ୍ଧୁ ! ଯଦି ପାରୁଛ ନଜ ଜୀବନରେ କଛି ପରୀକ୍ଷାନିରିକ୍ଷା କରିଯାଅ । କୋଉଠି ନା କୋଉଠି ଛାପ ଛାଡିଯାଅ । କୌଣସି ଅସ୍ପୃହା କେବେ ବି ନଷ୍ଫଳ ହୁଏନା ।

ଚମ୍ପତିମୁଣ୍ଡାରୁ ଫେରିଲା ବେଳକୁ ମନରେ ଗୋଟିଏ ଅଫୁରନ୍ତ ଜୀବନଗଶକ୍ତି ମତେ ଉଦବେଳତ କରୁଥିଲା ।

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା

# ବନ୍ଦ ଝର୍କା

ପ୍ରଦୀପ ବନ୍ଧ

ଖୋଲା ଝର୍କାରେ ଦେଖୁଥାଏ
ଦିନରେ ସୂର୍ଯ୍ୟଙ୍କୁ
ରାତିରେ ଚନ୍ଦ୍ର ଆଉ ତାରା ଗଣଙ୍କୁ
ଦିବା ସମୟରେ ସ୍ୱପ୍ନ ଗୁଡାକ
ସହଜରେ ଆସିପାରନ୍ତିନି ବୋଲି
ଝରକା ଖୋଲି ଶୋଇଯାଏ,
ହେଲେ ରାତିରେ,
ଝର୍କା ବନ୍ଦ କଲାପରେ
ତୁମେ ସତ କହିଲ
ସପ୍ନରେ ଆସ କେମିତି
ଝର୍କା ଫାଙ୍କରେ ନା
ଖଣ୍ଡିଆ କୁଡିଆର ଚାଳ କଣାରେ,

ଏବେ କନ୍ତୁ ଚାଲିଯାଅ
ମୋତେ ଭାରି ଡର ଲାଗୁଛି,
ହେଇ ଦେଖିଲ ସକାଳ ହେବାକୁ
କେଇ ପ୍ରହର ବାକ ଅଛି,
ତାରା ମାନେ ଫୁଙ୍ଗୁଳା ହୋଇ
ଧୀରେ ଧୀରେ ଡିଆଁ ଡେଇଁ ହୋଇ
ଲୁଚଗଲେଣି

ସାରା ଆକାଶକୁ ସଫା କରି,
ପହଁରି ପହଁରି ଆସିଲେଣି
ସମୟ ଚକରେ ଭାସ୍କର
ସତ କହୁଛି
ବେପାରୁଆ ଜୀବନ ନେଇ ଜୀଇଁବା
ଭାରି କଷ୍ଟ ହେବ
କେମିତି ସହିବିଯେ
ଫଟା ମାଟି ହାଣ୍ଡି ପରି ତୋତେ
ବଦନାମ ର ବୋଝକୁ ମୁଣ୍ଡେଇ
ରାଜରାସ୍ତାକୁ ଠେଲିଦେବେ,

ଟିକେ ଝର୍କା ଫାଙ୍କରେ ଚାହିଁଲ ଦେଖି
କାନ ଡେରି ଶୁଣିଲ ଟିକେ
କେମିତି ଅସହାୟ ର ଚତ୍କାର
ଶୁଭିଲାଣି
କାଉ ବି କା କା ରାବ ଛାଡି
ସମସ୍ତଙ୍କୁ ବିଛଣାରୁ ଉଠେଇ
ଦୁଃଖ ସୁଖର ଖବର ବାଣ୍ଟି
ଚାଲିଗଲାଣି,

ଫୁଲ ବଗିଚ୍ଚର ଭଅଁର ସକାଳୁ ଉଠି
ଗୁଣୁଗୁଣୁ ଗୀତ ଗାଇଲାଣି
ପ୍ରଜାପତି ଓ ମହୁ ମାଛିଙ୍କର
ଭିଡ଼ରେ
ପବନ ବି ଦଉଡୁଛି,
ତାଙ୍କୁ ସାଥିକରି କେଇ ମୁହୂର୍ତ୍ତ ପରେ
ସୁନ୍ଦର ସୁନେଲି କରଣ ବିଛୁଡ଼ି
ହସି ହସି ବେଗି ଉପରକୁ ଉଠି
ଆସିବେ ସକଳ ଦେବତା
କୋମଳ ଖରାରେ
ହସୁଥିବ ପୃଥିବୀ
ହସୁଥିବ ଏ ସାରା ସଂସାର,

ପ୍ରଖର ଜ୍ୱାଳା ଘେନ ବାଘ ପରି
ମାଡିଆସିବ ଖରା
ଶୋଷିନେବ ସବୁ ହସ ଖୁସି
ଲୁହ, ଲହୁ
ଦୁଃଖ, ସୁଖ ଆଉ ଶୁଖେଇ ଦେବ
କଅଁଳ ଓଠର ନରମ ଚମଡା କୁ

ଏ ସବୁ ସହି ପାରିବୁ ତ
ଏବେବି ସମୟ ଅଛି
ଗ୍ଭଲିଯାଅ ବନ୍ଦ ଝର୍କାର
ପରଳ ହଟିବା ଆଗରୁ
ଏ କାନରୁ ସେ କାନ ହେବା ଆଗରୁ
ଏ ଆଖି ଖୋଲିବ ଆଗରୁ
ବିଛଣା ଟା ପୁଣି ସୁନ୍ଦର
କରି ବିଛେଇବା ଆଗରୁ
ଯେମିତି ଆସିଥିଲ
ସେମିତି ଗ୍ଭଲିଯାଅ
ସେହି ବନ୍ଦ ଝର୍କା ଫାଙ୍କ ଦେଇ
ନଚେତ ଗ୍ଭଳ କଣା ଦେଇ,,,,,

ଭଦ୍ରକ, ବାସୁଦେବପୁର

# ଉତ୍କଳ ଦିବସ ବିଶେଷାଙ୍କ

ଦେବବ୍ରତ ଜେନା

ମୁଁ ଓଡିଶା

ଅତୀତର ଓଡ୍ର ଦେଶର ଗାରିମା

ସାଧବ ପୁଅ, ଧରମା ଆଉ ବାଜିଆର କୀର୍ତୀରେ

ମୁଁ ଅନୁଭବେ ଗର୍ବ

କନ୍ତୁ ଆଜି ଦିନଟି ମୋ ଓଡିଆ ପୁଅଙ୍କ ମନରେ ଭ୍ରି ଦରଦ

ମୋ ସ୍ୱତନ୍ତ୍ରତାର ଜନ୍ମଦିନ ପାଳବାକୁ !!!

ବାକ ୩୬୪ ଦିନ ଘୁଙ୍ଗୁଡି ମାରନ୍ତି

ପାଷ୍ଚାତ୍ୟର ରଙ୍ଗାନକଂ ବଳେ ଇଂଗ୍ରଜୀ ଗ୍ଭେବାନ୍ତି

ଆଜିର ଦିନରେ କେତେ ମଧୁବାବୁ, ଗୋପବଂଧୁ ଭେଟ

ମଂଚରେ ଆଦର୍ଶ ଓଡିଶାର ସ୍ୱପ୍ନ

ଭ୍ଷା ଜାତୀୟତାର ସୁନେଲି ସ୍ୱପ୍ନ ଚନ୍ଦଣ

ଆଉ ସରକାର ବି ବାଦ ଯାଆନ୍ତିନ

ମୋ ଭ୍ଷାକୁ ସ୍ୱତନ୍ତ୍ର ମାନ୍ୟତା ଦିଅନ୍ତି କାଗଜରେ

ଆଉ କାମରେ ଯଥା ପୂର୍ବଂ ତଥା ପରଂ

ଜାତୀୟତାର ଦ୍ୱାହି ଦେଇ

ଖବରର ମୁଖ୍ୟାଂଶ ଆଖି ଦେଖେ

ଷଢେଇକଣା, ଖରସୁଆଁ, ମେଦିନପୁର

ଆମ ମାନଚତ୍ରରୁ ଲୁପ୍ତ

ଏବେ ବି ପଶ୍ଚିମବଂଗ ଓଡିଶା ସୀମା ବିବାଦରେ ହାରି

ନିଜ କାପୁରୁଷ ପଣିଆ ଜାହିର କରୁ

ରସଗୋଲ୍ଲାର ପରିଚୟ ବି ହଜେ

ଆଉ ସଂସ୍କୃତିର ରକ୍ଷକ ଭକ୍ଷକ ସାଜେ

କେତେ ଅଲାଜୁକ ଆମେ

ସବୁ ଜାଣିଶୁଣି ଆମେ ସେହି ସ୍ରୋତରେ ଭାସୁ

ଓଡିଆ ଜାତି ମେଣ୍ଢାପଲ ..

ତୁ ତ ମୁତୁରି ମୁଁ ତ ମୁତୁରି ..

ଉକ୍ତି ଦ୍ୱୟ ଆମ ପାଇଁ ଯଥାର୍ଥ ।

ଶିକ୍ଷକ, ରଣସିଂହପୁର ଆଶ୍ରମ ବିଦ୍ୟାଳୟ
କମର୍ଦ୍ଦା, ଭୋଗରାଇ ବାଲେଶ୍ୱର

# ଭୁଲି ଯାଇଛନା



ଧିରେନ୍ ବାଗ

ମୁଁ ଜାଣିଥିଲି
ତମେ ଭୁଲି ଯାଇଥିବ
ହେଲେ ମୁଁ ପାରୁନ
ଆଜିବି ପ୍ରତିକ୍ଷଣେ
ମୁଁ ତମ ବାଟେ ଦେଖେ
କିନ୍ତୁ କାହିଁ ତମେ ନାହଁ ।

ମନେ ପଡେ ସେ
ପହିଲି ବସନ୍ତର
ପହିଲି ଛୁଆଁର ମାଦକତା
କି ରୋମାଞ୍ଚିତ ।

ମନେ ପଡୁନ ବୋଧେ
ସେ ଅଭୁଲା ଦିନ
ଖରା ବେଳର
ଆମ୍ବତୋଟା
କୁହୁକୁହୁ କୋଇଲିର
ମଧୁର ସ୍ୱର ।

ଠିକ୍ ଅଛି
ଭୁଲି ତ ଯାଇଛ
ମୁଁ କାହିଁ ଆଉ
ମନେ ରଖିବି ।

ଗଉଡରମା, କୁଳଅଣା, ମୟୂରଭଞ୍ଜ

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ୧୩- ପ୍ରଥମ କବିତା

ରଜ ପର୍ବ ଓଡିଶାର ସବୁଠାରୁ ଲୋକ ପ୍ରିୟ ପର୍ବ ରୂପେ ବଡ ଧୂମଧାମରେ ଓଡିଶାରେ ପାଳନ କରାଯାଏ । କୁହାଯାଏ ଅଭୀଆଡୀ ଝିଅ ମାନଙ୍କ ପର୍ବ । ମାତ୍ର ଯୁବକ, କଶୋର ମାନେ ମଧ୍ୟ ମନ ଭରି ଉପଭୋଗ କରନ୍ତି । ପ୍ରୌଢ, ପ୍ରୌଢା ମାନେ ମଧ୍ୟ ବାଦ୍ ଯାଇନଥାନ୍ତି। ଏଇ ଖାଇବା ଖେଳବା କୁଆଁରୀ ପର୍ବଟି ପଲ୍ଲୀମାନଙ୍କରେ ଖୁବ୍ ଆନନ୍ଦ ଦାୟକ ପର୍ବ । ଆମ ଘରେ ଏଇ ରଜ ପର୍ବ ପାଳନ ଟିକଏ ନିଆରା । ତାର କାରଣ ହେଉଛି, ଜମିଦାରୀ ଗ୍ଲଲିଗଲେ ମଧ୍ୟ କୋଡିଏ ଖଣ୍ଡ ଗାଆଁରେ ଆମକୁ ବାବୁ ଘର ବୋଲି ମାନନ୍ତି । ଆମର ଦୁଇଟା ବଡ ବଡ ବଗିଚ୍ଚା । ବଗିଚ୍ଚାରେ ନାନା ଗଛ ପତ୍ର ସହ ଆମ୍ବ ଗଛର ମାତ୍ରା ବେଶୀ । ଏଇ ଦୁଇଟି ବଗିଚ୍ଚାକୁ ଛାଡିଦେଲେ ଘର ପଛକୁ ଏକ ପ୍ରଶସ୍ତ ବାଡି ( ବଗିଚ୍ଚା) , ଯାହାକୁ ନଈବାଡି ବୋଲି କୁହାଯାଏ । ଏହା ବେଙ୍ଗ ଭଦ୍ରା ( ପବିତ୍ର ବୈତରଣୀ ନଦୀର ଗୋଟିଏ ଶାଖା) ନଦୀକୁ ଯିବା ପାଇଁ ରାସ୍ତା । ଏଇ ରାସ୍ତା ଉପରେ ମଧ୍ୟ କଟକଣା । ଏଇ ରାସ୍ତାରେ ଅଛୁବ ଜାତି ଲୋକମାନଙ୍କୁ ଯିବା ପାଇଁ ଆଦେଶ ନାହିଁ । ତେଣୁ ମଝିରେ ବାଉଁଶ ପାତିଆ ବ୍ୟବହାର କରି ଏକ ବାଡ ଦିଆଯାଇଛି । ବାଡର ଅନ୍ୟ ପାର୍ଶ୍ୱରେ ବିରାଟ ତୋଟା ଯାହା ବରଗଛ ପାଇଁ ପ୍ରସିଦ୍ଧ ।

ସେଇଥିରେ ଥିଲା ଜନ ସାଧାରଣ ମାନଙ୍କ ପାଇଁ ରାସ୍ତା । ଜମିଦାରୀ ଯିବା ପରେ ଗୋଟାଏ କୋଣକୁ ନିଜ ଇଚ୍ଛାରେ ଭାଂଗି ଦେଇ ନଈ ସେପାରିକୁ ଯିବା ପାଇଁ ଯାତାୟାତ ରାସ୍ତା ଖୋଲି

ଯାଇଛି, ଏଇ ବଗିଗ୍ଯ଼ଟି ( ବାଡି) ଆମ୍ବଗଛ, ବାଉଁଶ ଗଛରେ ପରିପୂର୍ଣ୍ଣ । ସୂର୍ଯ୍ୟ କରଣ ଟିକଏ ବି ଆସେନା । ଏମିତିକ ଝଡ ବର୍ଷାର ପ୍ରକୋପ ମଧ୍ଯ ଖୁବ୍ କମ ଅନୁଭବ କରାଯାଏ । ଘର ପାଖ ବଗିଗ୍ଯ଼ରେ ଦୋଳ ବନ୍ଧାଗଲେ ଘରର ଶୃଙ୍ଖଳତାରେ ବ୍ୟାଘାତ ଘଟିବ ବୋଲି ବାପା, କୂଅମୂଳ ବାଡି ଏବଂ ନଇକୂଳ ବାଡିରେ ଗୋଟିଏ ଗୋଟିଏ ଦୋଳ ବନ୍ଧାଇଥାନ୍ତି । କୂଅମୂଳ ବାଡି ଆମ୍ବଗଛର ଶାଖାଟି ବହୁ ଉଚ୍ଚରେ ତେଣୁ ଏହା ପାଇଁ ଖୁବ୍ ଲମ୍ବା ବାଉଁଶର ଆବଶ୍ୟକତା ପଡିଥାଏ । ଆପାତତଃ ଏଇ ଦୋଳଟିକୁ ଖୁବ୍ ଜୋର୍ ରେ ଉଠାଇବା ପାଇଁ ବହୁ ତାକତ( ଜୋର୍) ଲଗାଇବାକୁ ହୁଏ । ଦୋଳ ଖୁବ୍ ଜୋର୍ ରେ ନ ଉଠିଲେ କ ମଜା! ତେଣୁ ଆମେ ନଇକୂଳ ବାଡିରେ ଏକଯୁଟ ହେଉ । ଜୁନ୍ ମାସ( ଜ୍ୟେଷ୍ଠ ଶେଷ) ଆଡକୁ ଗଛରୁ ଆମ୍ବ ଶେଷ ହୋଇଯାଇଥିଲେ ମଧ୍ଯ କେଉଁଠି କେମିତି ପତ୍ର ଗହଳରେ ଗୋଟାଏ ଅଧେ ଲୁଚ ରହିଥାଏ । ଝଡି ପଡିଲେ ସେ ଗୁଡା ପୁଅମାନଙ୍କର ବୋଲି ଆମେ କହିଥାଉ । ତେଣୁ ଛୋଟ ଛୋଟ ପୁଅମାନେ ଦୋଳ ପାଖେ ବସି ଦୋଳ ଖେଳ ମଜା ନଅନ୍ତି ସାଂଗରେ ଆମ୍ବ ଖାଇବା । ସମୟେ ସମୟେ ସବୁ ଝିଅମାନେ ମିଶି ସେମାନଙ୍କୁ ମାଇଚଆ ଆଖ୍ୟା ଦେଇଥାଉ । ଆମ କଥାରେ ପ୍ରତିବାଦ କରି ସେମାନେ କହନ୍ତି, କେଇଖଣ୍ଡ ଗାଁ ଭିତରେ ତୁମ ଘରେ ହିଁ କେବଳ ପଟା ଦୋଳ ବନ୍ଧା ହୁଏ, ଅନ୍ୟ କେଉଁଠି କେମିତି ଦଉଡି ଝୁଲି । ସେଥିରେ ମଜା ଆସେନା । ବଡ ପିଲ୍ମାନେ ବାଗୁଡି( କବାଡି) ଖେଳରେ ମିଶିବାକୁ ଦିଅନ୍ତିନ । ତା ଛଡା ତୁମ ଝିଅ ପିଲ୍ମାନଙ୍କର ଦୋଳ ଉଡାଇବାକୁ ତାକତ୍ କାହିଁ?

ଦୋଳ ଖେଳବା ପାଇଁ ମଧ୍ଯ ଆଉ କଛି ନତି ନୟମ ଥିଲ୍ । ସେ ହେଲ୍, ଦୁଇ ପ୍ରହର ସମୟରେ ଘରେ ପ୍ରାୟତଃ ବଡ ଲୋକ ମାନେ ବିଶ୍ରାମ କରନ୍ତି । ତେଣୁ ଗାଁଟା ଶୂନଶାନ୍ ହୋଇଯାଏ । ସେତେବେଳେ ଝିଅମାନେ ଦୋଳ ପାଖେ ରହିବେନ । ଦ୍ଵିତୀୟ ନୟମଟି ହେଲ୍ ଦୋଳ ଖେଳବା ସମୟରେ ପାନ ଖାଇ ଓଠ ନାଲି କରିବା ।

ସଜନା ଡବା ଡବା ଭଂଗା ପାନ ଆଣି ଯୋଗାଏ । ହେତୁ ହେବା ଦିନୁ ମୁଁ ପାନ ଖାଏନା । ତାର କାରଣ ହେଲ୍ ଗୋପାଳ ମଉସାଙ୍କର ( ବାପାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ) ଜିଭ

କର୍କଟ ରୋଗରେ କଟକ ଡାକ୍ତର ଖାନାରେ ସ୍ୱର୍ଗବାସ ହୋଇଥିଲା । ବାପା କହୁଥିଲେ ଭାରି ଭଲ ମଣିଷଟାଏ ଥିଲା ଗୋପାଳ । ସବୁ କାମରେ ମୋର ଡାହାଣ ହାତ ଥିଲା । ହେଲେ ପାନ ଖାଇବା ବଦ ଅଭ୍ୟାସଟି ତାର ଛଡାଇ ପାରିଲିନି । ଶେଷରେ ତାକୁ ହରାଇଲି । ମୋର ସ୍ପଷ୍ଟ ମନେ ଅଛି ବାପାଙ୍କ ଆଖି ଦୁଇଟି ସଜ୍ଜଳ ହୋଇ ଉଠିଥିଲା ।

ମରିବା ଭୟ ନୁହେଁ, ଏଇ ବଦ ଅଭ୍ୟାସ ଶବ୍ଦଟି ମୋ ମନରେ ବସା ବାନ୍ଧି ଦେଇଥିଲା । ପାନ ଖାଇବା ଯଦି ବଦ ଅଭ୍ୟାସ, ତେବେ ତା ଠାରୁ ଲୋକମାନେ ଦୂରରେ ରହନ୍ତି ନାହିଁ କାହିଁକି? ବାସନ୍ତୀ କହିଲା ନନ୍ଦଭାଇ କଲିକତାରେ କାମ କରନ୍ତି । କହୁଥିଲେ ପାନ ପତ୍ର ଖରାପ ନୁହେଁ । ସେଥିରେ ଦିଆ ଯାଉଥିବା ଚୂନ, ଖଇର ଖରାପ । ଶୁକନନା କହିଲେ ତୁମମାନଙ୍କୁ କଛି ଜଣା ନାହିଁ ପିଲେ, ସେଥିରେ ଥିବା ଦୋକଡା ହାନି କାରକ । ଆକବର ଖାଁ ଗୁଡାଖୁ କମ୍ପାନୀରେ କାମ କରନ୍ତି ଶୁକନନା, ହେଲେ କେହି ମଧ୍ୟ ଏ ବଦ ଅଭ୍ୟାସ ଶବ୍ଦଟି ମୋ ମନରୁ ବାହାର କରି ପାରି ନ ଥିଲେ ।

ଆମ ଘରେ ପାନ ଖାଇବା ଅଭ୍ୟାସ କାହାର ନାହିଁ, କେବଳ ନାନୀ ବ୍ୟତୀତ । ତେଣୁ ନାନୀ ଯେତେବେଳେ ପାନ ଭାଂଗୁଥାଏ ମୁଁ ସେଠାରୁ ମୁହଁ ମୋଡି ଚାଲିଯାଇଥାଏ । ବେଳେ ବେଳେ ସାହସ କରି କହିଥାଏ ପାନ ନଖାଇ ଲବଙ୍ଗ ଖା । ପାନ ଖାଇବା ବଦ ଅଭ୍ୟାସ । ସେ ମୋ ଉପରେ ଖୁବ୍ ରାଗିଯାଇ କହେ "କାଲିକା ପିଲାଟା, ତୁ ମତେ ଅଭ୍ୟାସ ଶିଖେଇବୁ? " ନାନୀ କଥା ମତେ ଜମା ଭାଟେନା । କାହିଁକି ନା, ବାପାଙ୍କ ଠାରୁ ଶୁଣି ଆସିଛି ନିଶା ଥରେ ଲାଗିଗଲେ ଆଉ ଛାଡିବା ସମ୍ଭବ ନୁହେଁ । ସେ ପାନ, ଦୋକଡା, ମଦ କିଂବା ଗୁହା ହେଉ ପଛେ। ତା ଛଡା ମୁଁ ଜାଣେ ନାନୀ ବହୁତ ଜିଦି ଖୋର୍ । ସ୍ୱୟଂ ଭଗବାନ ମଧ୍ୟ ତା ଜିଦି ଛଡାଇ ପାରିବେନି । ତା ନିଜ କାମ, ନିଜ ଗୁଣ ଏମିତିକି ସେ ମାନୁଥିବା ଦେବତା ଦୁନିଆରେ ଶ୍ରେଷ୍ଠ । ଖୁଡୀ, ଦେଠେଇ, ରାଧାନାନୀଙ୍କର କହିବା ଶୁଣିଛି, ଏବେ ସିଏ ସର୍ବେ ସର୍ବା, ଆଗକୁ ଆଗକୁ ସମୟ ଆସୁଛି । କିଏ ତାକୁ ସମ୍ଭାଳିବ? ଦୁନିଆରେ କେଇଟା ଲୋକ ସହିଷ୍ଣୁ ଅଛନ୍ତି । ସେ ପୁଣି ଆମର ଦ୍ୱିତୀୟ ପିଢୀ । ମୁଁ ପାନ ଖାଏନା ବୋଲି ସଜନା ମୋ ପାଇଁ ପୋଡପିଠା ନେଇ ଆସିଥାଏ । ସାଂଗମାନେ ପାଟି କରନ୍ତି, "ସଜନା ପାତର ଅନ୍ତର କରୁଛି ।" ଦୃଢ ହୋଇ ସଜନା ଉତ୍ତର ଦିଏ "ତୁମେ ସବୁ ତ ପାନ ଚରି ଯାଉଛ,

ଗେହ୍ଲୀନାନୀ ପାନ ଖାଏନା ଯେ ।" କହି ବଳକା ପିଠା ଗୁଣ୍ଡ ତକ ମୋ ପାଟିରେ ଗେଞ୍ଜି ଦେଇ ଘର ଆଡେ ମୁହାଁଏ । ପଛରୁ ଝିଅମାନେ ତାକୁ ଚଡାନ୍ତି "ବାହାନ- - ବାହାନ- - ବାହାନ- - "ତାର ଅର୍ଥ ହେଲା ଯାଜପୁର ପୂଜା ଦେଖିବାକୁ ମୁଁ ଗ୍ଭଲିକରି ଯାଇ ପାରୁ ନ ଥିଲି ବୋଲି ସେ ମତେ କାନ୍ଧରେ ବସେଇ ନେଉଥିଲା ।

ତୃତୀୟ ନୟମଟି ଆହୁରୀ ମହତ୍ତ୍ୱ ପୂର୍ଣ୍ଣ । ଦୋଳ ଖେଳ ଶେଷ ହେବା ପରେ ସମସ୍ତେ କୂଅ ପାଖକୁ ଯାଇ ହାତ ମୁହଁ ଧୋଇ ପରିଷ୍କାର ହୋଇ ଲାଇନ କରି ବସିବେ । ଭାତ, ତରକାରୀ ପରଶିବା ସୁଶୀନାନୀର କାମ । ରଜରେ ଘର ମାନଙ୍କରେ ମାଂସ ରନ୍ଧା ହୋଇଥାଏ ।ମାତ୍ର ଆମର 'ଠାକୁର ଘର' ବୋଲି ସାଦା ଖାଇବାକୁ ହୁଏ । ( ନରାମିଷ) ହେଲେ ସେଇ ନରାମିଷ ଖାଦ୍ୟ କ ଅମୃତ! ନାନୀ ମଝିରେ ମଝିରେ ଆସି ତଦାରଖ କରି ଯାଏ । ଖାଇବା ଶେଷରେ ଆମ୍ବକଟା,ମ ଞ୍ଜି ବାହାରି ଥିବା ପଣସ- - କ ଆନନ୍ଦ ଦାୟକ । ଝିଅମାନେ ବିଦା ହେବା ପୂର୍ବରୁ ନାନୀ ସମସ୍ତଙ୍କ ହାତରେ ଖିଲେ ଲେଖାଏଁ ସାଦା ପାନ ଧରାଇଥାଏ । ଅତି ସାଂଗ କେତେଜଣ ରଜଘରେ ଆଡ୍ଡା ଦେଉ । ଲୁଡୋ, ତାସ ଖେଳ, ରଜ ଦୋଳୀ ଗୀତର ଧୂମ୍ । ଗ୍ଭରିଟା ପରେ ସାଇବୁଲା ପର୍ବ । ମୋ ପାଇଁ ସରସ୍ୱତୀ ପୂଜା ସମୟରେ ସରସ୍ୱତୀ ମାତାଙ୍କୁ ଥାଳୀରେ ବୁଲାଇ ବୁଲାଇ ଗ୍ଭନ୍ଦା ମାଗିବା ଏବଂ ରଜ ତିନଦିନ ସାଇବୁଲାର ମଜା ଅବର୍ଣ୍ଣନୀୟ।

ଏ ବର୍ଷ (୧୯୫୯ ମସିହା) ପ୍ରଥମ ରଜଟି ଏକ ସ୍ମୃତି ଦାୟକ । ମୁଁ ଜମା ଖରା ସହି ପାରେନା । ଦିନରେ ମୁଣ୍ଡ ଫଟା ଖରା ଥିଲା । ଆମ୍ବପତ୍ର ମାନଙ୍କ ଗହଳୀରେ ଦୋଳ ଖେଳବା ସମୟରେ ଜଣା ପଡିଲାନ । ମାତ୍ର ରଜଘରେ ବସି ମଜା କରିବା ମଧ୍ୟ ଅସହଣୀୟ ହେଲା । ଗ୍ଭରିଟା ସମୟରେ ମନେ ହେଲା ଦିନ ବାରଟା । ବାଧ୍ୟ ହୋଇ ସାଇ ବୁଲିବା ସଉକଟାକୁ ଗ୍ଭପି ଦେବାକୁ ପଡିଲା । ମନକୁ ଦୃଢ କଲି ସକାଳୁ ସକାଳୁ ସାଇବୁଲା କାମ ଶେଷ କରି ଟାଣ ଖରା ଆସିବା ପୂର୍ବରୁ ଦୋଳ ଖେଳବା । ହେଲେ ଆମଠାରୁ ବଡଝିଅ ମାନେ ମନ୍ତବ୍ୟ ଦେଇଥିଲେ, "ସକାଳ ଓଉଡା (ଓଳ) ସମସ୍ତେ ଘର କାମରେ ବ୍ୟସ୍ତ ରହନ୍ତି, ଆମମାନଙ୍କର ସମ୍ଭାଷଣ କରିବାକୁ କାହା ପାଖେ ସମୟ ଥିବ? ବିନା ସମ୍ଭାଷଣରେ କ ମଜା!!!

ସାଇ ଝିଅମାନେ ଗୁଲିଗଲ୍ ପରେ ମନମାରି ବସିଥିଲି । ହଠାତ୍ ଧୂମାଳ ମାଡି ଆସିଲ୍ । ଘର ଭିତରେ ଆଲୋଚନା । ବଡ ବର୍ଷାଟାଏ ହେବ । ବାପା ମନ୍ତବ୍ୟ ଦେଲେ "ଆଜିର ଏ ଟାଇଁ ଟାଇଁଆ ଖର୍ ବାୟୁ ମଠଳକୁ ପ୍ରଦୂଷିତ କରିଦେଲ୍ । ତେଣୁ ବର୍ଷା ନଶ୍ଚୟ ହେବ । ଏଥିରେ ବହୁ ବୈଜ୍ଞାନକ କାରଣ ନହିତ ରହିଛି ।

ହଁ, ଏତେ ଗରମରୁ ତ ରକ୍ଷା ମିଳବ । ଇନ୍ଦ୍ରଦେବ କ'ଣ ଉପରେ ରହି ଆମ ଦୁଃଖ ଦେଖୁ ନାହାନ୍ତି ।

ନା ରଗିଂଆ, ଇଏ ସବୁ ଆଧାମ୍ନିକ କଥା ନୁହେଁ । ଏଥିରେ ବିଜ୍ଞାନ ଜଡିତ ।

ସେ କେମିତି? କହିଲ୍ ଭିକାରୀ ।

ବାପା ସବୁ ଜିନଷର ଗୋଟାଏ ଲେଖାଏଁ ବୈଜ୍ଞାନକ କାରଣ ବାହାର କରିଥାନ୍ତି, ତାଙ୍କୁ କେମିତି ଏତେ କଥା ଜଣା! ନଶ୍ଚୟ ବେଶୀ ପାଠ ପଢିଛନ୍ତି ବୋଲି । ହଁ ସେଇଥିପାଇଁ ବୋଧେ ବଡନନା ଏତେ ଜ୍ଞାନୀ । ତୃତୀୟ ଶ୍ରେଣୀ ବହିର ଗୋଟିଏ ଗଦ୍ୟ ମନେ ପଡିଲ୍ । ଛୋଟ ପିଲ୍ଟି ତାର ବାପାଙ୍କୁ ପଗ୍ଋରୁଛି, "ଗ୍ତିରେ ଆକାଶରେ ଏତେ ସୁନ୍ଦର ସୁନ୍ଦର ତାଗ୍, ସକାଳେ କୁଆଡେ ଗ୍ଲିଯାଆନ୍ତି? "

ପଢିଲେ ଜାଣିବୁ ।

ଏକ ଲ୍ଇନ୍ ରେ ଥିବା ଏ ସାତୋଟି ତାଗ୍ଙ୍କୁ କାହିଁକି ସପ୍ତର୍ଷି ମଣ୍ଡଳ କୁହାଯାଏ?

ପଢିଲେ ଜାଣିବୁ ।

ଧ୍ରୁବ ତାଗ୍ କାହିଁକି ସ୍ଥିର?

ପଢିଲେ ଜାଣିବୁ ।

ଏତେ ବଡ ଦୀପ୍ତିମାନ ସୂର୍ଯ୍ୟ ଥାଇ ମଧ ସଂଧ୍ୟା ହେଲେ କାହିଁକି ଅନ୍ଧାର?

ପଢ଼ିଲେ ଜାଣିବୁ ।

ଅସମ୍ଭବ ଭାବରେ ଉଦାସ ହୋଇ ନିଜକୁ ନିଜେ କହିଲି, ସବୁ କଥା "ପଢ଼ିଲେ ଜାଣିବୁ" । ଆମେ ପାଠ ପଢ଼ିନୁ ବୋଲି ସଂସାରର କଛି କଥା ଜାଣିବୁନି! ନୂଆକରି ଶିଖିଥିବା ବଙ୍ଗଳାର ଗୋଟିଏ ଧାଡି ମନକୁ ଆସିଲା "ବେଲ୍ ପାକ୍ ଲେ କାକେର କି? " ତଥାପି ବାପାଙ୍କ କଥା ଆଡେ କାନେଇଲି ।

ବହୁ ଖରାହେଲେ ଧୂଳି ଗରମ ହୋଇଯାଇଥାଏ । ଅତ୍ୟନ୍ତ ଗରମ ହେବା ପରେ ଉଡି ଏହା ଆକାଶରେ ଆର୍ଦ୍ରତା ସୃଷ୍ଟି କରିଥାଏ ।

ବୁଝିଗଲି ବାବୁ, ସେଇଥି ନାଗି ବଇଶାଖ, ଜ୍ୟେଷ୍ଠରେ ଆମ ଦିହରୁ ଝାଳ ବୋହିଥାଏ। କହିଲା ଜଟିଆ ।

ଜଟିଆ କଥା ଉପରେ ଗୁରୁତ୍ୱ ନ ଦେଇ ବାପା ତାଙ୍କର ପୂର୍ବ ଭାଷଣ ଜାରୀ ରଖିଲେ । "ସେଇ ବିନ୍ଦୁ ଗୁଡିକ ଓଜନ ହୋଇଗଲେ ପାଣି ହୋଇ ଭୂମି ଉପରେ ବର୍ଷିଯାଏ । ଯାହାକୁ ଆମେ ବର୍ଷା କହିଥାଉ । ଏଇ ବର୍ଷା ସମସ୍ତ ପ୍ରଦୂଷଣ କୁ ମଧ୍ୟ ସଫା କରି ପରିବେଷକୁ ନିର୍ମଳ କରିଥାଏ ।

ମୋ ମୁଣ୍ଡ ଚକର ଖାଇଗଲା । ଖରା, ଧୂଳି, କାକର ବିନ୍ଦୁ, ପାଣି, ବର୍ଷା । ହେ ଭଗବାନ୍ । ପାଠ ପଢ଼ିଲେ ଏତେ କଥା ମନେ ରଖିବାକୁ ପଡିବ! ଦରକାର ନାହିଁ ମୋର ପାଠ ପଢା ।

ଉଦାସୀ ମନଟା ଅଧିକତର ଅବଶ ମନେ ହେଲା । ହଠାତ୍ ମନର କେଉଁ କୋଣରେ ଏକ ଅଶାରେଖା ଖେଳିଗଲା, ବାପା କହିଲେ ବର୍ଷା ପରେ ଖରାର ପ୍ରକୋପ କମ୍ ହୋଇଯିବ । ଅର୍ଥାତ କାଲି ଖରା ତାପ ବେଶୀ ଲାଗିବନି ।ଆଜି ନ ହେଲା ନାହିଁ ।କାଲି ମଜାରେ ସାଇ ବୁଲା ହେବ ।

ଆଜି ରଜ ସଂକ୍ରାନ୍ତି । ଖୁବ୍ ଶୀଘ୍ର ନିଦ ଭାଂଗିଗଲା । ଗତ ରାତି ଭଲ ବର୍ଷା ପିଟୁନି । ଟିକିଏ ଝିପି ଝିପି ପରଷୁଛି । ମତେ ବର୍ଷା ବହୁତ ଭଲ ଲାଗେ । ବିଛଣାରୁ ଉଠିଯାଇ ମୁଣ୍ଡପାଖ

ଝରକା ପାଖ ଛୋଟ କାନ୍ଥଟି ଉପରେ ଜାକ ଜୁକ ହୋଇ ବସି ପ୍ରକୃତିର ମଧୁରିମାକୁ ଉପଭୋଗ କରୁଥିଲି । ହଠାତ୍ ଦେଖିଲି ସବୁଦିନ ଆରତୀ ପରେ ଯେଉଁ ଜାଗାରେ ବସି ମୁଁ ସାତଗୋଟି ତାରାଙ୍କୁ ଦେଖି ସେଇ ଋଷିମାନଙ୍କ ନାମ ଦୋହରାଇ ଥାଏ ସେଇ ସାତଟି ତାରା କୁଆଡେ ଅଦୃଶ୍ୟ ହୋଇ ଯାଇଛନ୍ତି, ସେଇଠି ଦେଖା ଦେଇଛି ସାତଟି ଭିନ୍ନ ଭିନ୍ନ ରଙ୍ଗର ଗାର( ରେଖା) । ଅର୍ଥାତ ବର୍ଷାରେ ଗାଧେଇ କ୍ରତୁ ବାଇଗଣୀ, ପୁଲହ ଘନନୀଳ, ଅତ୍ରି ନୀଳ, ଅଗିଂରା ସବୁଜ, ବଶିଷ୍ଠ ହଳଦିଆ, ମରୀଚ ନାରଗାଂ ଏବଂ ଦଧିଚ ଲାଲ ରଗଂରେ ପରିବର୍ତ୍ତନ ହୋଇ ଯାଇଛନ୍ତି ।

ନାଁ ତା ବି ହୋଇପାରେନା, କାରଣ ଦିନବେଳେ ଏଇ ତାରାମାନେ ଅଦୃଶ୍ୟ ହୋଇଯାଆନ୍ତି । ତେବେ ଏଇ ରଗଂ ଗୁଡିକର ମହତ୍ତ୍ୱ ଅନ୍ୟ କଛି । ନୂଆକରି ଶିଖିଥିବା ଗୋଟିଏ ଗୀତ ବାରଂବାର ମୋର ମନକୁ ଆସୁଛି

"ଇନ୍ଦ୍ରଧନୁର ସପ୍ତ ରଙ୍ଗ ଯେ, ଲାଗିଛି ଗୋ ମୋର ମନେ- - " ଏଇ ହଷ୍ଟୟ ସେଇ ଇନ୍ଦ୍ରଧନୁ। ଧନୁ ଆକାରରେ ତ ରହିଛି । ତାରି ଉପରେ ଆଖି ନବିଷ୍ଟ କରି ମୁଁ ଲେଖିଲି ମୋର ପ୍ରଥମ କବିତା "ଆଷାଢସ୍ୟ ପ୍ରଥମ ଦିବସେ ।"

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ହେ ଈଶ୍ୱର



ଦିଲ୍ଲୀପ କୁମାର ସାମଲ

ମୁକ୍ତିରୁ ଶାନ୍ତି ଶାନ୍ତିରୁ ଅଶାନ୍ତି
ସବୁ ଜାଣି କଏ ନଜାଣେ
ହେଲେ ମୁଁ ଜାଣେ ଆଉ ତୁମେ ଜାଣ
ଜାଣି ବି କଛି ନଜାଣେ ।
କଣିକାରେ ଲତା ଖର୍‌କୁଯେ ଛତା
ପୂରି ଉଠେ ମୋ ଜୀବନ ଯାନ
ହେ ଇଶ୍ୱର ତୁମେହିଁ କଣିକା ତୁମେ ହିଁ ଛତା
ତୁମେ ହିଁ ରଖିବ ମାନ ।
ମାନ ମହତର କଥାହେ ଇଶ୍ୱର
ଜାଣିବି ଅଜଣା ହୁଅ
ହେଲେ ସବୁଜଣା ଇଶ୍ୱର, ସବୁହିଁ ତୁମର
ସବୁଜାଣି ତୁମେ ପରୀକ୍ଷା ନଅ ।
ତୁମେ ସବୁ ପରୀକ୍ଷା ନଅ ହେ ଇଶ୍ୱର
କେଉଁଥିରେ ମୋର ଆପତ୍ତି ନାହିଁ
କର୍ମ ମୁଁ କରିବି, ହିତଯେ ବିଶ୍ୱର
ଇଶ୍ୱର ଅଳ କରିବି ଟିକେ ଆଶିଷ ପାଇଁ ।
ଇଶ୍ୱର ଅଳ କରିବି ଟିକେ ଆଶିଷ ପାଇଁ
ଭବେ ବିଶ୍ୱରେ, ସଭିଏଁ ମନରେ ସୁଖ ଭରିବା ପାଇଁ
ମନ ମଧ୍ୟେ ଟିକେ ଫୁଲ ଫୁଟିଗଲେ
ମୋ ମନ ଫୁଲ ଯିବ ତୁମ ଚରଣ ଛୁଇଁ ।

ହଁ, ମୋ ମନ ଫୁଲ ଯିବ ତୁମ ଚରଣ ଛୁଇଁ
ଆଶା ଟିକେ ପୁରିଗଲେ ଯହିଁ
କଥା ମୁଁ ଦଉଛି ହେ ଈଶ୍ୱର ତୁମକୁ
ଗର୍ବ ଅହଙ୍କାରେ ଫାଟିଯିବି ନାହିଁ ।
ଗର୍ବ ଅହଙ୍କାରେ ଫାଟିଯିବି ନାହିଁ ହେ ଈଶ୍ୱର
ଫଳେ ପୁଷ୍ପେ ମୁହିଁ ହେବି ସନ୍ତୁଷ୍ଟ
ସଭିଏଁ ମନରେ ଏ ଆଶା ଭରିଦିଅ
ହେ ଈଶ୍ୱର, ଯାଉ ସଭିଙ୍କର ସବୁ ଦୁଃଖ କଷ୍ଟ ।
ସବୁ ଦୁଃଖ କଷ୍ଟ ଯାଉ ସଭିଙ୍କର
ନୂଆ ନୂଆ ଆଶା ଅବତାର
ତୁମ ଆଡ଼ ଦୃଷ୍ଟି ଟିକେ ପଡୁହେ ଈଶ୍ୱର
ପାଲଟି ଯିବ ସୁନାର ସଂସାର ।
ପଲଟିଯିବହେ ସୁନାର ସଂସାର
ଦେଖା ଦେବନାହିଁ ହିଂସାର ଗତି
ବଦଳଯିବ ଗୋ ସଂସାରର ନକ୍ସା
ମିଳଯିବ ସବୁ ସୁଖଶାନ୍ତି ।
ମିଳଯିବ ସବୁ ସୁଖ ଶାନ୍ତି ହେ ଈଶ୍ୱର
ଭେଦ ଭ୍ୱବ କଛି ରହିବନାହିଁ
କଛି କଛି ଆଶା ପୁରିଗଲେ ମନେ
ମନରୁ ଶାନ୍ତି ଯେ ଲିଭିବନାହିଁ ।
ମନରୁ ଶାନ୍ତି, ଈଶ୍ୱର ଲିଭିବନାହିଁ
ଏତିକ ମିନତୀ ଏତିକ ଗୁହାରି
ଅଶାନ୍ତିରୁ ଶାନ୍ତି ଆସିବ ଧାଇଁ
ସବୁ ତୁମର କରୁଣା ପାଇଁ ।
ହେ ଈଶ୍ୱର ଶାନ୍ତି ଫେରିଆସେ ତୁମରି ପାଇଁ
ହଁ ହଁ ତୁମରି ପାଇଁ ।

ଗ୍ରାଇପୁର, ନୟାଗଡ଼

# ପୁରୁଷ



ଯଶୋବନ୍ତ ପଟ୍ଟନାୟକ

ଯୌବନ ରେଖାର ଏପାଖେ ସେପାଖେ –
ଜୀବନର ଜଟିଳ ଗଣିତକୁ କଷୁ କଷୁ,
ମୂଲ୍ୟାୟନ ଆଉ ମୂଲ୍ୟାଙ୍କନ ଭିତରେ-
ହଜି ଯାଉଥିବା ଗାଣିତିକଟିଏ;
ମରମର ଦରଦ ଧାସରେ-
ଲୁହ ଆଉ ଲହୁର ଧାରକୁ,
ନିମିଷକେ ଶୁଷ୍କ କରିପାରୁଥିବା ବିଜ୍ଞାନୀଟିଏ;
ଖାଇବା ଓ ଖୁଆଇବାର ସମୟ ଭିତରେ-
ଆପଣାକୁ ତିଳତିଳ ଜାଳି,
ପୁଣିଥରେ ଜଳବାର ପ୍ରୟାସୀ ମହମର ବତୀଟିଏ;
ନଙ୍କଡିର ଶୂନ୍ୟ ଡାଲ୍‌ଟାରେ-
ଆପଣାର ଭଲମନ୍ଦ ତଉଲି ତଉଲି,
କର୍ତ୍ତବ୍ୟର ଭରସବୁ ମୁଣ୍ଡାଇଥିବା ଆଟଲ୍‌ସ୍ ଟିଏ;
ଅକୁହା ଗରଳକୁ ପାନ କରି –
ଜାହ୍ନବୀର ଜଳ ବୁନ୍ଦେ ଖୋଜୁଖୋଜୁ,
ଅଣନଃଶ୍ୱାସୀ ହୋଇ ପଡୁଥିବା ଭିନ୍ନ ଏକ ଶିବଟିଏ;
ମୁଖେ ସଦା ଅମାବାସ୍ୟାର ହସ-
ମୁଁ– "ପୁରୁଷ" ।

ଶିକ୍ଷକ, ଗାନ୍ଧିନଗର, ଡାଲକ, ଓଡଗାଁ, ନୟାଗଡ

# ଟିଭି ଗଣମାଧ୍ୟମରେ ଅନ୍ଧବିଶ୍ୱାସର ପ୍ରସାରଣ ବନ୍ଦ ହେଉ



ବାଲ୍ମୀକ ନାୟକ

ସାଧାରଣତଃ ମଣିଷ କୌଣସି କଥାକୁ କାନରେ ଶୁଣି ଯେତିକି ବିଶ୍ୱାସ କରେ, ପୁସ୍ତକରେ ଲେଖିଥିବା ବିଷୟକୁ ପଢ଼ି ତା ଠାରୁ ଅଧିକ ବିଶ୍ୱାସ କରିପାରେ ଏବଂ ଆଖିରେ ଦେଖିଥିବା ଘଟଣା କିମ୍ବା ଦୃଶ୍ୟକୁ ସେ ଖୁବ୍ ଶୀଘ୍ର ଓ ସବୁଠାରୁ ଅଧିକ ବିଶ୍ୱାସ କରିପାରେ। ସେଥିପାଇଁ ତଥାକଥିତ ଗୁଣିଆ ଓ ତାନ୍ତ୍ରିକାମାନେ ଭିନ୍ନ ତଥା ବିଚିତ୍ର ବେଶଭୂଷା ଧାରଣ କରିଥାନ୍ତି। ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ଏହି ବେଶ ଖୁବ୍ ସାହାଯ୍ୟ କରିଥାଏ। ନାଟକରେ ଅଭିନୟ କରୁଥିବା କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ଚରିତ୍ରକୁ ଦେଖି ଦର୍ଶମାନେ ପ୍ରଭାବିତ ହୋଇ ହସିବା, କାନ୍ଦିବା ଦେଖାଯାଏ। କାହାଣୀର ସ୍ମୃତି ଅନେକ ଦିନ ପର୍ଯ୍ୟନ୍ତ ଦର୍ଶକ ମନରେ ରହିଥାଏ। ଉପରୋକ୍ତ ଦୁଇଟି ଉଦାହରଣ ବିଗତ ଦିନମାନଙ୍କରେ ମାତ୍ର କିଛି ଲୋକମାନଙ୍କୁ ପ୍ରଭାବିତ କରୁଥିଲା। କାରଣ ସେତେବେଳେ ବିଦ୍ୟୁତ୍ ଗଣମାଧ୍ୟମ ଟେଲିଭିଜନ ନଥିଲା।

ଆଜି ଆଉ ସେ ଯୁଗ ନାହିଁ। ଟେଲିଭିଜନ ଆସିବା ପରଠାରୁ ସହର ହେଉ କି ଗାଁ, ସମସ୍ତଙ୍କ ଘରେ ଚଳନ୍ତି ଖବର ଓ ଅଭିନୟ ଶୈଳୀ ପହଞ୍ଚି ଯାଉଛି। ମିଡିଆ ବା ଗଣମାଧ୍ୟମକୁ ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଛି। ସମାଜକୁ ଭଲ କଅଣ ଓ ମନ୍ଦ କଅଣ ତର୍ଜମାମୂଳକ ତଥ୍ୟ ଦେଖାଇବା ସେମାନଙ୍କ ଦାୟିତ୍ୱ ରହିଛି। ସେହିଭଳି ସମାଜରେ ବ୍ୟାପ୍ତ ଅହେତୁକ ବିଶ୍ୱାସ କୁସଂସ୍କାର ଓ ରଢ଼ିବାଦୀ ପରମ୍ପରା ଦ୍ୱାରା କିଭଳି କ୍ଷତି ହେଉଛି, ଏବଂ ବୈଜ୍ଞାନିକ ଦୃଷ୍ଟିକୋଣରୁ କେଉଁ କର୍ମ କଲେ ଉନ୍ନତି ସାଧନ ହୋଇପାରିବ, ତାହା ପ୍ରଚାର କରିବାର ଦାୟିତ୍ୱ ରହିଛି।

ପରିତାପର ବିଷୟ ଯେ ଆଜି ପ୍ରାୟ ପ୍ରତ୍ୟେକ ଟିଭି ଚ୍ୟାନେଲରେ ଅହେତୁକ ବିଶ୍ୱାସ ଆହୁରି ବେଶୀ ଦୃଢିଭୂତ କଲାଭଳି କାର୍ଯ୍ୟକ୍ରମ ପ୍ରସାରିତ ହେଉଛି । ଏହା ସତ ଯେ ଟିଭି ଗଣମାଧ୍ୟମ ଦ୍ୱାରା ଯେ କୌଣସି ବିଷୟକୁ ଲୋକମାନଙ୍କ ମନରେ ସହଜରେ ଠୁସି ଦେଇହେବ । ଲୋକମାନେ ଟିଭି ଦ୍ୱାରା ପ୍ରସାରିତ ଦୃଶ୍ୟ ଦେଖି ବିନା ତର୍କରେ ବିଶ୍ୱାସ କରିନଅନ୍ତି । ଲୋକମାନଙ୍କର ଏହି ମନସ୍ତାତ୍ତ୍ୱିକ ଦୁର୍ବଳତାର ଫାଇଦା ଉଠାନ୍ତି ତଥାକଥିତ ପ୍ରବଚନବାଚକ ଗୁରୁ ଓ ଜ୍ୟୋତିଷ ଶାସ୍ତ୍ରୀମାନେ ।

ଆଜି ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ସମସ୍ୟାରେ ପୀଡିତ । ତାର ସମସ୍ୟାର ସମାଧାନ କରିବା ପାଇଁ ସେ ସମାଜରେ କାହାକୁ ସହଜରେ ହୋଜି ପାଏନ । କିଛି ବ୍ୟକ୍ତି ଧୈର୍ଯ୍ୟର ସହ ପରିଶ୍ରମ କରି ସମସ୍ୟାର ସମାଧାନ କରିଥାନ୍ତି । ଆଉ କିଛି ବ୍ୟକ୍ତି ପୁସ୍ତକ ପାଠ କରି କିମ୍ବା କିଛି ଅନୁଭବି ବ୍ୟକ୍ତିଙ୍କ ପରାମର୍ଶ ନେଇ ସମସ୍ୟାକୁ ସମାଧାନ କରିଥାନ୍ତି । ଯେଉଁମାନେ ଟିଭିରେ ପ୍ରସାରିତ ସମସ୍ତ ତଥ୍ୟକୁ ସତ୍ୟ ମାନୁଛନ୍ତି, ସେହିମାନେ ଟିଭିରେ ବାରମ୍ବାର ପ୍ରଚାର ହେଉଥିବା ବାବା ଓ ତାନ୍ତ୍ରିକମାନଙ୍କର ଚମତ୍କାରୀ ଯନ୍ତ୍ରରେ ଦେଖି ଭ୍ରମିତ ହୋଇଯାଆନ୍ତି । ସେମାନେ ଆପେ ଆପେ ଚ୍ୟାନେଲ ଗୁରୁ ଓ ତାନ୍ତ୍ରିକାମାନଙ୍କ ସହିତ ମୋବାଇଲ୍ ଫୋନ୍ କିମ୍ବା ଇଣ୍ଟରନେଟ୍ ଦ୍ୱାରା ଯୋଡି ହୋଇଯାଆନ୍ତି । ସେମାନେ ନିଜ ସହରରେ ଥିଲେ, ଠିକଣା ଜାଗାରେ ଯାଇ ଦେଖା କରନ୍ତି । ତା ପରେ ଆରମ୍ଭ ହୁଏ ବଶୀକରଣ ପ୍ରକ୍ରିୟା । ବାବା ବା ତାନ୍ତ୍ରିକମାନଙ୍କ କହିବା ଅନୁସାରେ ପୀଡିତ ବ୍ୟକ୍ତି ବିଶ୍ୱାସ କରି, କର୍ମକାଣ୍ଡରେ ଅଯଥା ଧନ ନଷ୍ଟ କରିଥାଏ । ପିଲାଟି ବେଳରୁ ଅହେତୁକ ବିଶ୍ୱାସରେ ବୁଡି ରହିଥିବା ବୟସ୍କ ବ୍ୟକ୍ତି ବି ଭାବେ ମନ୍ତ୍ରରେ ନିଶ୍ଚିତ ଶକ୍ତି ଅଛି ଯାହା ଫଳରେ ତାର ସମସ୍ତ ସମସ୍ୟାରେ ସମାଧାନ ହୋଇଯିବ । ଗ୍ରହ, ନକ୍ଷତ୍ରମାନଙ୍କର ତଥାକଥିତ କୁପ୍ରଭାବ ଯୋଗୁଁ ମଣିଷ ଦୁଃଖ ଭୋଗ କରିଥାଏ ବୋଲି ଟିଭି ଚ୍ୟାନେଲମାନଙ୍କର ଦାବି କରୁଥିବା ବାବାମାନଙ୍କୁ ଦେଖି ସମସ୍ତେ ବିଶ୍ୱାସ କରିଥାନ୍ତି । ତା ସହିତ କିଛି ବ୍ୟକ୍ତି ଟିଭି ପରଦାରେ ହସି ହସି ନିଜର ଅନୁଭୂତି ବଖାଣିଥାନ୍ତି । ମୋର ଅମୁକ ସମସ୍ୟା ଥିଲା, ଏହି ଚମତ୍କାରୀ ଯନ୍ତ୍ର ବ୍ୟବହାର କରି ମୋର ସମସ୍ତ ଦୁଃଖ ଦୂର ହୋଇଗଲା । ମୋର ଅମୁକ ଅସାଧ୍ୟ ରୋଗ ଥିଲା, ଏହି ତାବିଜ ବା ମୁଦି ପିନ୍ଧିବାରୁ ମୁଁ ଆରୋଗ୍ୟ ଲାଭ କଲି । ଏହିଭଳି ଅନେକ କିଛି

ଫାଇଦା ପାଇଥିବା ଦାବି କରୁଥିବା କୁଶଳୀ କଳାକାରମାନଙ୍କ ଠାରୁ ଶୁଣିବା ପରେ ଯାହାର ସାମାନ୍ୟ ସନ୍ଦେହ ଥାଏ, ତୁରନ୍ତ ଦୂର ହୋଇଯାଏ । ସାଧାରଣ ଲୋକ ଅପେକ୍ଷା ଶିକ୍ଷିତ ଓ ଧନୀ ଲୋକମାନେ ଏହି ସବୁ ଜିନଷକୁ ମହଙ୍ଗା ଦରରେ କଣି ନଅନ୍ତି ।

ଅଧିକାଂଶ ଲୋକପ୍ରିୟ ଟିଭି ଚ୍ୟାନେଲ ୨୪ ଘଣ୍ଟାରୁ ପ୍ରାୟ ଏକ ବା ଦୁଇ ଘଣ୍ଟା ସମୟ ପ୍ରବଚନ ଶୁଣାଇବା, ଚମତ୍କାରୀ ପଥର, ମୁଦି, ଲକେଟ୍, ତାନ୍ତ୍ରିକ ଯନ୍ତ୍ର ଆଦି ବିକ୍ରି କରିବା ସହିତ, ସେହିଦିନର ରାଶିଫଳ କହିବା, ଗୃହରେ ବାସ୍ତୁଦୋଷ ନବାରଣ ଉପାୟ କହିବା ଆଦି ପ୍ରସାର କରିଥାନ୍ତି । ଅହେତୁକ ବିଶ୍ୱାସୀ ଜନତା ଟିଭିରେ ଦେଖିଥିବା ତଥାକଥିତ ଚମତ୍କାରୀ ନଜିଷ ନଜେ କଣନ୍ତି ଏବଂ ନଜର ବନ୍ଧୁ ପରିଜନଙ୍କୁ ବି କଣିବା ପାଇଁ ପ୍ରବର୍ତ୍ତାଇଥାନ୍ତି । ଟିଭି ପରଦାରେ ଭବିଷ୍ୟବକ୍ତାମାନଙ୍କର ପୋଷାକ ଏବଂ ସେମାନଙ୍କ ପ୍ରବଚନ ପରିବେଷଣ ଅତି ନାଟକୀୟ ହୋଇଥାଏ । ଜଣେ ଜାଦୁଗର ଭଳ ତା ସାମନାରେ ଅନେକ ଜିନଷ ଜମା କରି ରଖିଥାଏ । ଯଥା: ଲକେଟ୍, ମୁଦି, ତାବିଜ, ଡେଉଁରିଆ, ଲକ୍ଷ୍ମୀସିଦ୍ଧ ଯନ୍ତ୍ର, ଲକ୍ଷ୍ମୀ କୁବେର ଯନ୍ତ୍ର, ଶ୍ରୀଯନ୍ତ୍ର ଆଦି । ଆପଣ ତାଙ୍କୁ ନଜର ସମସ୍ୟା ଜଣେଇବା କ୍ଷଣି ସେ ତତକ୍ଷଣାତ୍ ଉପାୟ ବତେଇ ଦେବେ । ଦଶ, କୋଡିଏ ଟଙ୍କାରେ ତିଆରି ମୁଦି, ଲକେଟ୍, ଡେଉଁରିଆ ଓ ଶ୍ରୀଯନ୍ତ୍ର ଆଦି ହଜାର ହଜାର ଟଙ୍କାରେ ବିକ୍ରି ହୋଇପାରୁଛି ।

ଆଜିକାଲି ହିନ୍ଦୀ ସିନେମା ଜଗତର ଦୁଇଟି ବିଖ୍ୟାତ କଳାକାର ମୁକେଶ ଖାନା ଓ ଆଲୋକନାଥ ଲାଲ ପୁସ୍ତକ ବିକ୍ରି ପାଇଁ ପ୍ରଚାର କରୁଛନ୍ତି । ଉକ୍ତ ପୁସ୍ତକରେ ରାତାରାତି ଧନୀ ହେବାର ଉପାୟ ସବୁ ଲେଖାଅଛି ବୋଲି କହନ୍ତି । ଏହି ପୁସ୍ତକ ଦ୍ୱାରା ଲାଭାନ୍ୱିତ ହୋଇଥିବା କଥା ପ୍ରମାଣିତ କରିବା ପାଇଁ କଛି ଲୋକ ଟିଭି ପରଦାରେ ଆସି ସ୍ୱୀକାର ବି କରୁଛନ୍ତି ।

ଏହି ଦୃଶ୍ୟ ପ୍ରଦର୍ଶନ ପାଇଁ ପରଦା ପଛରେ ଥିବା କାହାଣୀ କନ୍ତୁ କେହି ଜାଣନ୍ତି ନାହିଁ । ଟିଭି ଚ୍ୟାନେଲ ନଜର ଟିଆରପି ବଢାଇବା ଓ ଲୋକପ୍ରିୟ କରିବା ପାଇଁ ସର୍ବଦା ଅନୁସନ୍ଧାନ ଓ ଗବେଷଣା କରିଥାନ୍ତି । ଦର୍ଶକମାନଙ୍କ ପସନ୍ଦ ଓ ରୁଚକୁ ନେଇ କାର୍ଯ୍ୟକ୍ରମ ସବୁ ତିଆରି କରିଥାନ୍ତି । ସେମାନଙ୍କ ପ୍ରଶିକ୍ଷିତ ସାମ୍ବାଦିକମାନେ ଭଲ ଭାବେ ଜାଣିଛନ୍ତି ଯେ ଆମ ଦେଶର

ଶିକ୍ଷିତ ବୋକା ବ୍ୟକ୍ତିଙ୍କ ସଂଖ୍ୟା ବହୁତ ଅଧିକ । ସେମାନଙ୍କର ବୋକାପଣର ସୁଯୋଗ ନେଇ ଯଥେଷ୍ଟ ଧନ ସଂଗ୍ରହ କରିହେବ । ସରଳବିଶ୍ୱାସକୁ ସହଜରେ ମାନସିକ ଶୋଷଣ କରିହେବ । ସେମାନେ ତଥାକଥିତ ବାବା ଓ ଜ୍ୟୋତିଷମାନଙ୍କୁ ସମ୍ପର୍କ କରି ବ୍ୟବସାୟିକ ପଦ୍ଧତି ତିଆରି କରନ୍ତି । କେତେକ ବାବା ଓ ଜ୍ୟୋତିଷ ଚ୍ୟାନେଲ ମାନଙ୍କ ସହ ନିଜଆଡୁ ସମ୍ପର୍କ କରି ମୋଟା ଅଙ୍କର ଟଙ୍କା ଦେବାକୁ ଲୋଭ ଦେଖାଇଥାନ୍ତି । ଦ୍ୱିତୀୟରେ ତଥାକଥିତ ଚମତ୍କାରି ବସ୍ତୁ ତିଆରି କରୁଥିବା କିଛି ସଂସ୍ଥା ନବଗ୍ରହ ସେବା ସଂସ୍ଥାନ ଓ ଦିବ୍ୟ ସେବା ସଂସ୍ଥାନ ନିଜର ଜିନିଷକୁ ପ୍ରଚ୍ଚାର କରିବା ପାଇଁ ଚ୍ୟାନେଲମାନଙ୍କୁ ଯଥେଷ୍ଟ ଟଙ୍କା ଦେଇଥାନ୍ତି । କିଛି କଳାକାରମାନଙ୍କୁ ଅର୍ଥଦେଇ ବସ୍ତୁର ଗୁଣଗାନ କରିବା ପାଇଁ ( ମିଛ କହିବା ପାଇଁ) ଯୋଗାଡ କରିଥାନ୍ତି । ଏହିଭଳି ସୁକଳ୍ପିତ ତିଆରି ଗୋଲକ ଧନ୍ଦାରେ ଦର୍ଶକ ବିଚ୍ଚରା ଧଚ୍ଚନପଡି ଆଉ ଯିବ କୁଆଡେ?

ଟିଭିରେ ଦେଖାଯାଉଥିବା ପ୍ରତ୍ୟେକ ତାନ୍ତ୍ରିକ ଓ ଜ୍ୟୋତିଷ ମାନେ ନିଜର ମୋବାଇଲ୍ ନମ୍ବରକୁ ଏସ୍.ଏମ୍.ଏସ୍. କରି କିମ୍ବା ଫୋନ୍ କରି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି । ଉକ୍ତ ବିଶିଷ୍ଟ ନମ୍ବରକୁ ଫୋନ୍ କରିବା ଦର ହେଉଛି ଏକ ମିନଟ୍ କୁ ୧୨ ଟଙ୍କା । ଫୋନ୍ କରିଥିବା ବ୍ୟକ୍ତିକୁ ପ୍ରାୟ ୧୦ ରୁ ୧୫ ମିନଟ୍ ପର୍ଯ୍ୟନ୍ତ ହୋଲ୍ଡ କରି ରଖାଯାଏ । ଗୋଟିଏ ଘଣ୍ଟାର ପ୍ରୋଗ୍ରାମ୍ ରେ ହଜାର ହଜାର ଲୋକଙ୍କ ଫୋନ୍ କଲକୁ ଯଦି ଦଶରୁ ପନ୍ଦର ମିନଟ୍ ଅଟକାଇ ରଖାଯାଏ, ତେବେ ଆପଣ ଅନୁମାନ କରନ୍ତୁ ଫୋନ୍ କମ୍ପାନୀମାନଙ୍କୁ କେତେ ଲକ୍ଷ ଟଙ୍କାର ଫାଇଦା ମିଳୁଥିବ । ସେହି ଫାଇଦାରୁ କିଛି ଅଂଶ ଚ୍ୟାନେଲ୍ ମାଲିକ, ଆଉ କିଛି ଅଂଶ ଜ୍ୟୋତିଷ ମହାଶୟ ପାଉଥିବେ । ଫୋନ୍ କରି ଟଙ୍କା ଖର୍ଚ୍ଚ କରିଥିବା ଲୋକଙ୍କୁ ମିଳଥାଏ କେବଳ ମିଥ୍ୟା ଆଶ୍ୱାସନା । ବିଡମ୍ବନା ହେଉଛି ଯେ ସେ ତଥାପି ଅନୁତପ୍ତ ନୁହେଁ କିମ୍ବା ସେ କେବେ ବୁଝିପାରେ ନାହିଁ ଯେ କେହି ତାକୁ ଠକି ଦେଉଛି ।

ଆଜିକାଲି ନ୍ୟାସନାଲ ଚ୍ୟାନେଲ୍ ସହିତ ପ୍ରତ୍ୟେକ ଭାଷାରେ ଏକରୁ ଅଧିକ ଆଧ୍ୟାତ୍ମିକ ଚ୍ୟାନେଲ୍ ପ୍ରସାର କରୁଛନ୍ତି । ସେହି ଚ୍ୟାନେଲ୍ ମାନଙ୍କରେ ଆଧ୍ୟାତ୍ମିକ ଶାସ୍ତ୍ର ବିଷୟରେ କିମ୍ବା ମାନବ ବିଜ୍ଞାନ ବିଷୟରେ ଖୁବ୍ କମ ଚର୍ଚ୍ଚା ହୁଏ କିନ୍ତୁ ଅହେତୁକ ବିଶ୍ୱାସ ଓ

ଅବୈଜ୍ଞାନିକ ଚନ୍ତାଧାରାକୁ ବୃଦ୍ଧି କରୁଥିବା ଅନେକ କାର୍ଯ୍ୟକ୍ରମ ପ୍ରସାର ହୋଇଥାଏ । ଏହି ସବୁ ଚ୍ୟାନେଲରେ ନିର୍ମଳବାବା ଭଳି ଶହ ଶହ ଭବିଷ୍ୟବକ୍ତା ଏବଂ ପ୍ରବଚନ ଶୁଣାଉଥିବା ଗୁରୁମାନେ ସତସଙ୍ଗ ସ୍ଥାନରୁ ସିଧା ପ୍ରସାରଣ କରିବା ପାଇଁ ଚ୍ୟାନେଲ୍ ମାଲିକଙ୍କ ସହ ଅନୁବନ୍ଧ କରିଥାନ୍ତି । ଏହା ଦ୍ୱାରା ଭକ୍ତଙ୍କ ସଂଖ୍ୟାବୃଦ୍ଧି ହୋଇଥାଏ । ତା ସହିତ ଧନ ବର୍ଷା ହୋଇଥାଏ ଏବଂ ଉଭୟ ପକ୍ଷ କୋଟି କୋଟି ଟଙ୍କା ଲାଭ ପାଇଥାନ୍ତି ।

ଭାରତୀୟ ସମାଜକୁ ଅହେତୁକ ବିଶ୍ୱାସରୁ ମୁକ୍ତ କରିବା ପାଇଁ ଟିଭି ଗଣମାଧ୍ୟମ ଯଦି ନିଜର ହୀନସ୍ୱାର୍ଥତ୍ୟାଗ କରି ଆଗେଇ ଆସିବ, ତେବେ ଭଣ୍ଡ ବାବା ଓ ତାନ୍ତ୍ରିକମାନଙ୍କର ଦୋକାନରେ ତାଲା ପଡିଯିବ । ସାଧାରଣ ଜନତା ଅସଲ ସତ୍ୟକୁ ବୁଝିପାରି ମାନସିକ ଶୋଷଣରୁ ମୁକ୍ତ ହୋଇପାରିବେ । ସେମାନଙ୍କ ମନରେ କର୍ମ କରିବା ପାଇଁ ବିଶ୍ୱାସ ଜାଗ୍ରତ ହୋଇପାରିବ । କୌଣସି ଚମତ୍କାର ଦ୍ୱାରା ଧନ ପ୍ରାପ୍ତି ସମ୍ଭବ ନୁହେଁ ଏହି ଭୁଲ୍ ଧାରଣାରୁ ମୁକ୍ତି ପାଇବେ । ଯଦି ସରକାର ଏଥିପାଇଁ ଗଣମାଧ୍ୟମ ଉପରେ କଡା ନିର୍ଦ୍ଦେଶ ଜାରି କରି ଅହେତୁକ ବିଶ୍ୱାସ ବୃଦ୍ଧି କରୁଥିବା ଘଟଣା ଓ ଦୃଶ୍ୟକୁ ପ୍ରସାର ବନ୍ଦ କରିପାରିବେ ତେବେ ଅତି ଉତ୍ତମ ହେବ । କାରଣ ସ୍ୱାର୍ଥ ତ୍ୟାଗ କରିବା ପାଇଁ ନିବେଦନ କରିବା ଅର୍ଥ ପାଣିକୁ ଠେଙ୍ଗାରେ ପିଟି ଦୁଇଭାଗ କରିବା ଭଳି ଏକ ଦୁଃସ୍ୱପ୍ନ ମାତ୍ର । ସବୁଠାରୁ ସହଜ ଓ ଖାଣ୍ଟି ଉପାୟ ହେଉଛି ଲୋକମାନେ ହେତୁବାଦୀ ସାହିତ୍ୟ ଓ ଆଲେଖ୍ୟପାଠ କରି ନିଜକୁ ନିଜେ ବିଶ୍ଳେଷଣ କଲେ ଅସଲ ସତ୍ୟ ଜାଣିପାରିବେ । ସେମାନଙ୍କୁ ଆଉ କେହି ଠକି ପାରିବେ ନାହିଁ । ପ୍ରଥମତଃ ସେମାନେ ସେଭଳି ଦୃଶ୍ୟ ଦେଖିବା ବନ୍ଦ କରି ଦେବେ କିମ୍ବା ଦେଖିଲେ ବି ତର୍କ କରି ସତ୍ୟ ପରୀକ୍ଷା କରିବେ । ଜନତା ସଚେତନ ହେଲେ କିଛି ଦିନ ପରେ ସେମାନଙ୍କ ଠକ ଦୋକାନ ଗ୍ରାହକ ଶୂନ୍ୟ ହୋଇ ଆପେ ବନ୍ଦ ହୋଇଯିବ । ସେତେବେଳେ ଆମେ ହୁଏତ ଚନ୍ଦ୍ରଗ୍ରହଣକୁ ଭୟ କରି ଘର କୋଣରେ ଲୁଚିବା ତ୍ୟାଗ କରି, ଚନ୍ଦ୍ର ଗ୍ରହଣରେ ଯାଇ ଫୁଟବଲ୍ ଖେଳୁଥିବା ।

କେ.ଆର. ପୁରମ, ବାଙ୍ଗାଲୋର

# ମନୁଷ୍ ଜିବନ୍



ପ୍ରବୀଣ୍ ରମେଶ୍

ଲ୍‌ଗସି ସତେ ନନୀ ବାବୁର୍
ଭ୍‌ବ୍ ବନ୍ଧନ୍
ଗଛେନେ ଫୁଟଲ୍ ଫୁଲ୍ ଜେନ୍ତା
ରକମର୍
ଓଷ୍ ପଡସି ସକାଲର୍ ଶୀତଲ୍
ଧାର୍‌ର୍
ମୁଲୁମୁଲି କରି ନାଚ ଉଠୁଛନ୍
ପାଏଲେ ଖର୍‌
ଖେଲ୍ କୁଦ୍ ଆମର୍ ଲ୍‌ଗି
ସରଗର୍ ତର୍‌
ମାଁ ବୁଆର୍ କେତେ ଆକଟ୍
ପାଟ୍ ପଢାର୍ ( ୧)

ଢାବ୍ ଘୁଡ୍ ଘୁଡ୍ ରଜେଇ ଭିନ୍ନେ
ଦୁଲୁକ ଯଉଛେ ବୁଢାଅଜା
ଛୁଆ ପୁତାକେ ଏ କାଁକର୍
କାଏଁଯେ ଦଉଛୁ ସଜା
କୁକ୍ରାଡକାନୁ ଦୁଲୁଦୁଲି କରି ପୁନ୍ନା
କାଁକର୍ ପାନ ଗାଧ୍ ସି
ଆର୍ କହେସି

ଗାଧଲେ ସିନା ଯାନବୁ ବଢ଼ୁ
କେଡେ ପର୍ଛା ଲ୍ଗସି
ଗୀତ୍ ଗେଇକରି ଆମର୍ ଦଦା
ୟୁଏ ତାପୁଛେ ବସି
ବହୁ ଦେଖିକରି ମୁଲୁମୁଲି କରି
କାଏଁଯେ ଦେସି ହସି
ବୁଢ଼ୀ କହୁଛେ ବୁଢ଼ାକେ
ଦମ୍ ଧରିକରି ରହ
କେନ୍ତାକରି ଉଷୁମ୍ ଲ୍ଗବା
ହେ ଅଶୋ ଗୁଟେ ଦିଅ
ସକାଳପଢେଇ ପିଲ୍ କହୁଛେ
ଆଜ୍ଞା ମନକେ କୁହ
ପଢି ନାଇଯାଏଁ ଭୁଇଁନେ ବସଲେ
କାଁକର୍ ଲ୍ଗସି ଯହ ।।( ୨)

ଗଣ୍ଡାବାହାଲି, ନୂଆପଡ଼ା

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ଚେହେରା୍



ରମେଶ କୁମାର ବାରିକ

ହାୟ, ଏ ଚେହେରା୍
ବିନା ଛୁରୀରେ କରିଦିଏ
ହୃଦୟକୁ ଘାଇଲ୍ ।
ପାରିବେ ନ କେହି
ଚେହେରା୍‌ରୁ କାହା
ଚରିତ୍ର ଚନ୍ଦଣ କରି ।
ଭୁଲ ହେବ ତାହା କହିଦେଲେ
ଜାଣେ ମୁଁ ଚେହେରା୍ ଦେଖି
ଚେହେରା୍ ଟା ତ ଗୋଟେ
ଇନ୍ଦ୍ରଧନୁ ଥାଏ ସେଠି ସପ୍ତରଙ୍ଗ
କେତେବେଳେ କୋଉ ରଙ୍ଗ
ଦେଖାଇବା କଏ ବା କହିପାରିବ ।
ଚେହେରା୍ ଟା ତ ଗୋଟେ ମୁଖା
ତା ଉପରେ ଲାଗିଛି
ପରସ୍ତ ପରସ୍ତ ବିଶ୍ୱାସ ଘାତକତା
ଓ ଛଳନା ର ଆସ୍ତରଣ ଯାହା,
ବଦଲୁଥାଏ ରଙ୍ଗ କ୍ଷଣକୁ କ୍ଷଣ
ଏଣ୍ଡୁଅ ପରି ।
ସେ ଲୁଗ୍ଭଇ ପାରେ ଦୁଃଖ କୁ
କଳା ମେଘ ପରି
ସେ ଦେଖାଇପାରେ ଖୁସିକୁ
ଜହ୍ନର ଜ୍ୟୋସ୍ନା ପରି
ତାକୁ ଦରକାର କଛି ଭା୍ବ ଭଙ୍ଗି ।

କାଦୋବସା, କଂଟାବାଞ୍ଜି, ବଲାଙ୍ଗିର

# କୁକୁର ପରତି ସାବଧାନ



ଏମ୍. ବିଜୟ କୁମାର

ଇ ବୁଆଁ ଇଟା କାଣା
ମୁଇ ତୋ ଚମକ କରି
ସଡ଼କଦମ
ଏମେଲେ ଆଗ୍ୟାର ଘରେ
ଗୁଟେ ସାଇନ ବୋର୍ଡ଼
ଜୁଗିଆ ଜମ
କୁକୁର ପରତି ସାବଧାନ
ଘରପୁସିଆ କୁକୁର କେ ବି
କଏ ସାବଧାନ ହେବା ହୋ
ପାଗଲ୍ ଗ୍ୱବଲ୍
କୁକୁର ରଖିଛ ଭିଏଲ
ହାତି ଗ୍ୱଲି ଜାଉଥିଲେ
କୁକୁର ଭୁକୁଥିବା

ବୁଲା କୁକୁର ର ଅଭିବ ନାଇ
ଜେନ ଆଡେ ଦେଖବ
ଗେଦରଗେଣା

ଦଲ ଦଲ ହେଇ
ବୁଲୁଛନ ଗୁହୁଡା ଗୁହୁଡା
ମାଁସ ହାଡ଼କେ ଦେଖି
ଟୁଣେ ବହେ ଲାଲ
ଜିଭ ଲହା ଲହା କରି
ଚାଁଟବାକେ ଅଏଁଠା ପତର
ଥିସନ ଜୁଗିବସି
କନ୍ଦରି କନ୍ଦରି
କୁକୁର କେ ଛିଆ ହେସି
ମୁନୁସର ଛାଇ ମାଡ଼ଲେ
ଗାଧି ଜାଏସି
ଗ୍ୱର ଗୋଡିଆ ନୁହେଁ
ଆଗ୍ୟା ଇଟା
ଦୁଇ ଗୋଡିଆ ଚରିତ୍ର
ଦେଖୁଥିବ  ଉଠିବସି
ସେନହୋଥ ଗୋଡ଼ ଗ୍ୱଟବାର ଜାହା
ଆର ଦଉଡେଇ ଦଉଡେଇ ଗ୍ୱବବାର ତାହା

ସମାନ ଆଏ
ନ ହସୁନ

ତମକେ ନାଇ ଗୃବେ
ବୋଲି କାଏ ମାନେ ଅଛେ
ଆଏଜ ମତେ ତୋ
କାଏଲ କାହାକେ
ଦିନ ବାର ଜାନ
ପାଲି ବନାଇଅଛେ
ଗୁରସପିଆ ଛୁଆ କେ
ମାଁର ନୁ ଛଡେଇ ଆନ
ଖୁଆଇ ପିଆଇ
ବଢ଼ାଇ ଅଛେ/ ଭରିଛେ
ମୁଡ଼ଁ ଜାକର ବିସ ଫେନ
ଦତି ପଡ଼ସି ତୁ..ତୁ ବଲି
ତୁତେଇ ଦେଲେ
ନୁହେଁସେ  କୁକୁର
ମୁଇ କୁକୁର ର ମାଲିକଟା  ହେଲେ
ତମସା ଦେଖ ନୁନ ଖୋବ
ଜାହର ତୁନ ଖାଏବୁ
ତାହାର ଗୁନ ଗାଏବୁ
ଏମାନେ ହେଉଛନ
ଦଲ୍ଲ ଟାଉଟର
କୁଜିନେତା
ଗୃମଗୃ କରୁଥିବା ଲୋ୍କ।।

ମହୁଲପଲ୍ଲୀ / ବୁଢ଼ାବାହାଲ/
ସାଁଇନ୍ତଲା/ ବଲାଙ୍ଗୀର- ୩୨

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଲାଭଦାୟକ ତରଭୁଜ ଚାଷ



ପ୍ରୀତିଲଗ୍ନା ଧଳ

ଖରା ଦିନ ଆସିଲେ ରାସ୍ତା କଡ଼େକଡ଼େ ଭିଡ଼ ଜମେ ତରଭୁଜର ଆସର । ଗ୍ରୀଷ୍ମର ପ୍ରକୋପରେ ଆମ୍ଭକୁ ତୃପ୍ତି ଦିଏ ଏଇ ତରଭୁଜ । ଏକ ଖରାଦିନିଆ ଫସଲ ହିସାବରେ ଏହା ବେଶ୍ ଜଣାଶୁଣା । ଓଡ଼ିଶାରେ ମୁଖ୍ୟତ ଜାନୁଆରୀ ଶେଷଭାଗରୁ ମାର୍ଚ୍ଚ ମାସ ଯାଏଁ ଏହା ଚାଷ କରାଯାଇଥାଏ । ଏହି ଚାଷ ପାଇଁ ସାଧାରଣତ କୁହୁଡ଼ି ମୁକ୍ତ, ଉଷ୍ମ ଜଳବାୟୁ ଆବଶ୍ୟକ ହୋଇଥାଏ ।

**ମୃତ୍ତିକା ଚୟନ-** ଏଥିପାଇଁ ନଗିଡ଼ା ବାଲିଆ କମ୍ବା ଦୋରସା ମାଟି ଆବଶ୍ୟକ । ଏତଦଭିନ୍ନ ମଟାଳ ମାଟିରେ ମଧ୍ୟ କରାଯାଇ ପାରିବ । ମାଟିରେ ଅମ୍ଳ କମ୍ବା କ୍ଷାରର ପରିମାଣ କମ ଥିବା ଆବଶ୍ୟକ । ପି. ଏଚ୍ ୫ କମ୍ବା କମ୍ ଥିଲେ ଏକର ପିଛା ୧୦୦ କିଲୋଗ୍ରାମ କାଗଜ କଳ ମଇଳା ପଟାଳରେ ପ୍ରୟୋଗ କରନ୍ତୁ ।

**ବିହନର ପରିମାଣ-** ଏକର ପିଛା ୮୦୦ରୁ ୧୨୦୦ ଗ୍ରାମ ପର୍ଯ୍ୟନ୍ତ ବିହନ ଆବଶ୍ୟକ ହୋଇଥାଏ ।

**ଖତ ଓ ସାର-** ଏକର ପିଛା ୧୦୦ କୁଇଣ୍ଟାଲ ସଢ଼ା ଗୋବର ସହିତ ୫୩ କିଗ୍ରା ୟୁରିଆ, ୧୦୦ କିଗ୍ରା ସିଙ୍ଗଲ ସୁପର ଫସଫେଟ୍ ଏବଂ ୪୦ କିଗ୍ରା ପଟାସ ବ୍ୟବହାର କରାଯାଇଥାଏ।


**ଜମି ପ୍ରସ୍ତୁତି ଓ ବିହନ ଲଗାଇବା ପ୍ରଣାଳୀ-** ଜମିକୁ ୨-୩ ଥର ଓଡ଼ ଚାଷ କରି ଭଲ ଭାବେ ଗୁଣ୍ଡ କରନ୍ତୁ । ତରଭୁଜ ସାଧାରଣତଃ ମନ୍ଦାରେ ଲଗାଯାଏ । ମନ୍ଦାରୁ ମନ୍ଦା ଓ

ଧାଡ଼ିରୁ ଧାଡ଼ି ମଧ୍ୟରେ ୬ ଫୁଟ୍ ବ୍ୟବଧାନ ରହିବା ଆବଶ୍ୟକ । ଏକର ପିଛା ୧୨୩୪ ମନ୍ଦା ତିଆରି କରନ୍ତୁ ।

ବିହନ ଲଗାଇବାର ୨୦ ଦିନ ପୂର୍ବରୁ ୨୦ କଗ୍ରା ଖତରେ ଏକ କଗ୍ରା ଆଜୋସ୍ପିରିଲମ୍ ଏବଂ ଫସ୍ଫୋ କଲଚର କରି ରଖନ୍ତୁ । ପ୍ରତ୍ୟେକ ମନ୍ଦାରେ ଏକ ଝୁଡ଼ି ଖତ ସହ ହାଗ୍‌ହାରି ୨୦ଗ୍ରାମ ୟୁରିଆ, ସିଙ୍ଗଲ ସୁପର ଫସ୍ଫେଟ୍ ଓ ୧୫ ଗ୍ରାମ ପଟାସ ମିଶାଇ ମନ୍ଦା ତିଆରି କରନ୍ତୁ । ବିହନ ଲଗାଇବା ପୂର୍ବରୁ ଖତ ମିଶା ଜୀବାଣୁ ସାର ଏକ ମୁଠା ଦେଇ ତା ଉପରେ ୩- ୪ଟି କରି ମଞ୍ଜି ପୋତନ୍ତୁ ଏବଂ ସଙ୍ଗେସଙ୍ଗେ ପାଣି ମଡ଼ାନ୍ତୁ । ଫଳ ପାଚ ଆସିଲେ ପାଣି ଦେବା ବନ୍ଦ କରନ୍ତୁ ।

**ଅମଳ-** ସାଧାରଣତଃ ଗଛ ହେବାର ୮୦ ରୁ ୯୦ ଦିନ ମଧ୍ୟରେ ଅମଳ କରାଯାଇଥାଏ । ଫଳ ପାଚବା ଅବସ୍ଥା ଆସିଲେ ତରଭୁଜର ମାଟିରେ ଲାଗିଥିବା ଅଂଶ ଧଳା ବଦଳରେ ହଳଦିଆ ହୋଇଥାଏ । ଫଳଗୁଡ଼ିକ ଡ଼ଙ୍କ ଠାରୁ ୩- ୫ ସେମି ଲମ୍ବା ରଖି ଖେର ସମୟରେ ତୋଳନ୍ତୁ । ଏକ ଏକର ତରଭୁଜ ଫସଲରୁ ପ୍ରାୟ ୧୦୦- ୧୨୦ କୁଇଣ୍ଟାଲ ଫଳ ମିଳଥାଏ ।

ଓ.ୟୁ.ଏ.ଟି, ଭୁବନେଶ୍ୱର



# ଲତା ଜାତୀୟ ବିନ୍ ଚାଷ



କଲ୍ୟାଣୀ ପ୍ରଧାନ
ପ୍ରଜ୍ଞା ପରମିତା ମହାପାତ୍ର

ଲତାଜାତୀୟ ଫସଲ ଭିତରେ ବିନ୍ ଏବେ ସର୍ବାଧିକ ଲୋକପ୍ରିୟ ଚାଷ ହେଉଥିବା ପରିବା । ଏହାର ପ୍ରୋଟିନ୍ ପରିମାଣ ୯.୬ ଗ୍ରାମ ଥିଲାବେଳେ କାର୍ବୋହାଇଡ୍ରେଟ୍ ୧୦.୫ ଗ୍ରାମ ଥାଏ । ତେବେ ଏହାର ଉପଯୁକ୍ତ ପରିଚାଳନା କପରି କରାଯିବ, ଆସନ୍ତୁ ନଜର ପକେଇବା ।

## ବିହନ ଚୟନ ଓ ବିଶୋଧନ-

ଅଧିକ ଅମଳ ପାଇଁ ଲତାଜାତୀୟ ବିନ୍ ଚୟନ କରନ୍ତୁ । ୧୦ ଡ଼ିସିମିଲ ପାଇଁ ୫୦୦ ଗ୍ରାମରୁ ୫୫୦ ଗ୍ରାମର ବିହନ ଦରକାର । ଗାଇକଆ ବିନ୍, କେନଟୁକ ଓ୍ଵାଣ୍ଡର, ଆୟୋକା ଇତ୍ୟାଦି ପ୍ରଧାନ । ୧ କଗ୍ରା ବିହନରେ ୩ଗ୍ରାମ ଥିରାମ୍ କମ୍ବା କ୍ୟାପଟାନ୍ ମିଶାଇ ବିଶୋଧନ କରନ୍ତୁ । ୭ ଦିନ ପରେ ଅଧାଲିଟର ପାଣିରେ ୧୦୦ ଗ୍ରାମ ଗୁଡ଼ ଓ ୨୦ ଗ୍ରାମ ରାଇଜୋବିୟମ କଲଚର ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଏହି ଦ୍ରବଣରେ ୧ କଗ୍ରା ମଞ୍ଜି ମିଶାଇ ଛାଇରେ ଶୁଖାଇ ଏକ ଘଣ୍ଟା ଭିତରେ ବୁଣନ୍ତୁ ।

## ମନ୍ଦା ପ୍ରସ୍ତୁତ, ଚାରା ରୋପଣ ଓ ଖାଦ୍ୟସାର ପରିଚାଳନା-

ଜମିକୁ ହଳ କରି ଘାସପତ୍ର ବାଛି ଦିଅନ୍ତୁ । ଧାଡ଼ିକୁ ଧାଡ଼ି ୩ଫୁଟ ଓ ମନ୍ଦାକୁ ମନ୍ଦା ୩ ଫୁଟ ଦୂରତାରେ ରଖି ଲତାଜାତୀୟ ବିନ୍ ଲଗାନ୍ତୁ । ମଞ୍ଜି ଲଗାଇବାର ଦୁଇଦିନ ଆଗରୁ ମନ୍ଦାପ୍ରତି ୫୦୦ଗ୍ରାମ ଗୋବର ଖତ, ୨ ଗ୍ରାମ ୟୁରିଆ, ୭ ଗ୍ରାମ ଡ଼ିଏପି, ୫ ଗ୍ରାମ ପଟାସ ମନ୍ଦାରେ ଭଲ ଭାବରେ ମିଶାଇ ଦିଅନ୍ତୁ । ୨ ଦିନ ପରେ ଉପଚାରିତ ବିହନକୁ ମନ୍ଦା ପ୍ରତି ୨ଟି କରି ୨- ୩ ସେମି ଗଭୀରରେ ପୋତିଦିଅନ୍ତୁ । ୨୫- ୩୦ ଦିନ ବେଳକୁ କୋଡ଼ା ଖୋସା କରି ମନ୍ଦାପ୍ରତି ୭ ଗ୍ରାମ ୟୁରିଆ ପ୍ରୟୋଗ କରି ମାଟି ଟେକ ଦିଅନ୍ତୁ । ୩୦- ୫୦ ଦିନ ବେଳକୁ ଅଣୁସାର ହିସାବରେ ଆଗ୍ରୋମିନ ଗୋଲଡ଼ ୧ ମିଲି ପ୍ରତି ୨ ଲିଟର ପାଣିରେ ମିଶାଣ ପ୍ରୟୋଗ କରନ୍ତୁ ।

### ପରବର୍ତ୍ତୀ ଯତ୍ନ-

ଜମିର ବତର ଦେଖି ୭-୮ ଦିନ ପରେ ପାଣି ଦିଅନ୍ତୁ । ୨୦ଦିନ ବେଳକୁ ରଞ୍ଜା ଦେଇ ଗଛକୁ ଉପରକୁ ଟେକନ୍ତୁ । ଫୁଲ ଫଳ ବଢାଇବା ପାଇଁ ଫୁଲ ସମୟରେ ଫାଣ୍ଟାକ୍ ପ୍ଲସ୍ ୧ ମିଲି ପ୍ରତି ପାଣିରେ ମିଶାଇ ଫୁଲ ସମୟରେ ପ୍ରୟୋଗ କରନ୍ତୁ । ସମସ୍ତ ସ୍ପ୍ରେ ସମୟରେ ଅଠା ଯଥା ମ୍ୟାସ୍କଓ୍ୱେଟ କମ୍ବା ଧାନୁଭିଟ୍ ୧୦ମିଲି ପ୍ରତି ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

### ରୋଗପୋକ ପରିଚ୍ଳନା-

ପାଉଁଶିଆ ରୋଗ- ସଲଫର ୫୦ ଡ଼ବ୍ଲ୍ୟୁପି. ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

### ବୀଜାଣୁ ଜନତ ପତ୍ରପୋଡ଼ା ରୋଗ-

ଏହି ରୋଗ ହେଲେ ପତ୍ରରେ ଇଟାଳିଆରୁ ମାଟିଆ ଦାଗ ମାନ ଦେଖାଯାଏ ଓ ଏହି ଦାଗର ଚ୍ରରିପଟେ ବଳୟ ଆକାରରେ ହଳଦିଆ ଦାଗ ଦେଖାଯାଏ । ବ୍ଲାଇଟକ୍ସ- ୫୦ ୫ ଗ୍ରାମ ସହ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧ ଗ୍ରାମ ପ୍ରତି ୧୦ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

### ଜଉପୋକ-

ଜଉପୋକ ଲାଗିଲେ ପତ୍ର ମୋଚ୍ଚ ହୋଇ ଗଛ ବଢି ନ ଥାଏ । ରୋଗର ୨ମିଲି ବା ମାଲାଥିଅନ୍ ୨ ମିଲି ପ୍ରତି ଲିଟର ମିଶାଇ ସ୍ପ୍ରେ କରନ୍ତୁ ।

### ଫଳବିନ୍ଧା ପୋକ-

ଏହି ରୋଗ ହେଲେ କାର୍ବାରିଲ୍ ୫୦ ଡ଼ବ୍ଲ୍ୟୁପି ୩ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ଫଳ ଆରମ୍ଭ ହେବା ପରେ ୧୫ ଦିନ ବ୍ୟବଧାନରେ ୨ଥର ସ୍ପ୍ରେ କରନ୍ତୁ ।


ସହପ୍ରାଧାପିକା, ଏମ୍ଏସ୍ ସ୍ୱାମୀନାଥନ୍ କୃଷି ବିଶ୍ୱବିଦ୍ୟାଳୟ
ପାରଳାଖେମୁଣ୍ଡି, ଗଜପତି

# ପୁସ୍ତକ ପରିଚୟ



ବରଦା ପ୍ରସନ୍ନ ଦାସ

ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉପରେ ଲିଖିତ ପୁସ୍ତକ




ପ୍ରକାଶକ : ତାରତାରିଣୀ ବୁକ୍ ଷ୍ଟୋର, ବାଲୁବଜାର, କଟକ

# ଶିଶୁ ବିଭାଗ



# 'କହିବ କଏ- ୧'



ସତ୍ୟବ୍ରତ ସାହୁ

କହିବ କଏ ?

ଏବେ କଆଁ ତାତି ପବନ ବହେ

କଅଁଳ ପତର ମଉଳ ଯାଏ

ଏତେ ଟାଣ ଖରା ଟିକଏ କାମରେ ଗମ ଗମ ଝାଳ ଦେହରୁ ବହେ ।୧

ନଈ, ନାଳ ପାଣି କାହିଁକି ଶୁଖେ

ଅଂଶୁଘାତ ଭୟ ଜାଗଇ ବୁକେ

ସକାଳୁ ସକାଳୁ ସ୍କୁଲ ଖୋଲାହୋଇ ସହଳ ପରୀକ୍ଷା ସମାପ୍ତ ହୁଏ ।୨

ସକାଳୁ ସକାଳୁ କାମଟି ସାରି

ଟାଣ ଖରା ବେଳେ ବିଶ୍ରାମ କରି

ଛତା, ଜୋତା, ଟୋପି, ପାଣିବୋତଲକୁ ସାଥେ ନେବା ପାଇଁ ପ୍ରଚ୍ଚର ହୁଏ ।୩

ଥଣ୍ଡା ସରବତ ଆମ୍ବ ଦିଏ

ପଖାଳ ଭତର ଆଦର ଥାଏ

ତରଭୁଜ, ତାଳସଜ ଓ କାକୁଡି ଖାଇବାକୁ ମନ କାହିଁକି ଚାହେଁ । ୪

ବେଲପଣା ପାଇଁ ଝୁରଇ ମନ
ପାଣି ନୁହେଁ ସତେ ଅବା ଜୀବନ
ଆମ ନୂଆବର୍ଷ ପଣା ସଂକ୍ରାନ୍ତି ମହା ଆନନ୍ଦରେ ପାଳନ ହୁଏ । ୫

ଶୁଣ ମୁଁ କହେ
ଏଇ କଥା ଅବା ନଜାଣେ କଏ
ଯାହାକୁ ପଣ୍ଣ୍ରର କହିବ ସିଏ
ଗ୍ରୀଷ୍ମ ଋତୁ ଏବେ ଧାଉଁକୁ ଆସିଛି ସେଥିପାଇଁ ପର୍ବ ଏସବୁ ହୁଏ ।୬

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର


"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଗାଜର ସାଲ୍ଡ଼



ରଞ୍ଜିତ କୁମାର ସାହୁ

ସକାଳୁ ମନଦୁଃଖରେ ବସିଛି ବାବୁ । ସତରେ କାହାର ବାବୁ ସିଏ? ବାପାଙ୍କୁ ସମସ୍ତେ ବଡବାବୁ ଡାକନ୍ତି ତାଙ୍କ ଅଫିସରେ ଆଉ ତାଙ୍କ ସମସ୍ତେ ବାବୁ ଡାକଲେ କଥା ମାନନ୍ତି ମଧ୍। ବାପା ଯାହା କହନ୍ତି ସମସ୍ତେ ସେଇଆ କରନ୍ତି । ଘରେ କନ୍ତୁ ତାକୁ ମଧ କେହି ତାହାର କଥା ଶୁଣନ୍ତି ନାହିଁ । ଓଲଟା ତାହାକୁ ହୁକୁମ ଦିଅନ୍ତି । ଆଜି ରବିବାର ବୋଲି ଜିଦ କରିଥିଲ୍ ପିଜା ଖାଇବାକୁ ଯିବାଲ୍ଗି ବାହାରକୁ । ବାପାଙ୍କର ସାଙ୍ଗ ଜଣେ ଆସୁଛନ୍ତି ଭେଟିବାକୁ । ସିଏ ବହୁତ ବର୍ଷ ଇଟାଲୀରେ ରହିଛନ୍ତି । ବୋଉ କହିଥିଲ୍ ସିଏ ନଶ୍ଚୟ ପିଜା ଖାଇବାକୁ ପସନ୍ଦ କରିବେ। ସମସ୍ତେ ବାହାରକୁ ଯାଇ ଖାଇବା ।



ବାପା କନ୍ତୁ କହିଲେ, ଘରେ ହିଁ ଖୁଏଇବାଟା ଭଲହେବ । ବୋଉ ମୁଣ୍ଡ ଟୁଙ୍ଗାରିକ ହଁ କହିଲ୍ ଆଉ କାମରେ ଲ୍ଗିଗଲ୍ । ବାପା ପୁଣି କହିଲେ ତାଙ୍କ ସାଙ୍ଗ କୁଆଡେ ଗାଜର ଖାଇବାକୁ ବହୁତ ଭଲ ପାଆନ୍ତି । ତେଣୁ ଗାଜରରେ ଯେତେସବୁ ଜିନଷ ହେଲେ ଭଲ ।

କଟା ଘାରେ ଚୂନା ବୋଳଲ୍ ଭଳ ଲ୍ଗିଲ୍ ବାବୁକୁ । ଏକରେ ଗାଜର ହାଲୁଆ ବ୍ୟତୀତ ଆଉକଛି ଭଲ ଲ୍ଗେନାହିଁ ବାବୁକୁ, ତାହା ଉପରେ ବୋଉ ନଶ୍ଚୟ ଗାଜର ପକେଇବ ସବୁଥିରେ । ବାପାଙ୍କର ସାଙ୍ଗକୁ ଆଡେ ନଜେ ତିଆରି କରିକ ଗାଜର ସାଲ୍ଡ଼ ଆଣିବେ ।

ସତରେ କଣ ଆଜି ଏତେ ଗାଜର ଖାଇବାକୁ ପଡିବ? କଣ ବା ଅଛି ସେଥିରେ କେଜାଣି ! ଏମିତି ବେଳେ ବେଳେ ବୋଉ ଜୁସ କରିକି ଦେଇଦିଏ ଆଉ ବାବୁ ପିଇଦିଏ କୌଣସିମତେ। କିନ୍ତୁ ସବୁବେଳେ ଗାଜରର କମଳା ରଙ୍ଗ ଦେଖି ବାବୁ ଠିକ ଅରଣା ମଇଁଷି ନାଲି କପଡା ଦେଖିଲାଭଳି ବ୍ୟବହାର କରେ । ଅତିକମରେ ଗାଜର ଅଲଗା ଅଲଗା ସ୍ୱାଦର ଆଉ ରଙ୍ଗର ହେଇଥାଆନ୍ତା !

ବସିକି ଘୁବୁଘୁବୁ କାନ୍ଧରେ କାହାର ସ୍ପର୍ଶ ଅନୁଭବ କରିକି ଦେଖିଲା ସୌରଭ କକା ! ବାପା ତାହାହେଲେ ସୌରଭ କାକାଙ୍କ କଥା କହୁଥିଲେ ?

ଗାଜର କଥା ଭୁଲିଗଲା ବାବୁ । ସୌରଭ କକା ବାପାଙ୍କର କମ, ତାହାର ସାଙ୍ଗ ବେଶୀ। ବହୁତ ଭଲପାଆନ୍ତି ବାବୁକୁ । ହାତରେ ତାଙ୍କର ପେକେଟଟିଏ ଆଉ ପାଖରେ ଗୋଟିଏ ପାତ୍ରରେ କଛି ଖାଦ୍ୟ । କକା ଗ୍ରେଷେଇ କରନ୍ତି କୁଆଡେ ।

"ଧନ୍ୟବାଦ," କହିକି ବାବୁ ଖୋଲିଲା ପେକେଟ । ଗତଥର ଯାହା କହିଥିଲେ, ସେହି ଜିନଷ ଆଣିଛନ୍ତି ସୌରଭ କକା ତାହାଲାଗି । ସୁନ୍ଦର ବାଇଗଣୀ ଆଉ ମାଟିଆଳ ରଙ୍ଗର ଟି ସାର୍ଟ ।

"ତୋ ଲାଗି ଆଜି ଗ୍ରେଷେଇ କରିକି ବି ଆଣିଛି, "ସୌରଭ କକା କହିଲେ ।
ମୁହଁ ମୋଡ଼ିଲା ବାବୁ ।

"ଜାଣିଛି ଆପଣ ଗାଜରରେ କଛି କରିଥିବେ । ମୋତେ ଜମା ଭଲଲାଗେନ ଗାଜର । କଛି ମିଳେନ, ସେହି ଗୋଟିଏ ରଙ୍ଗ ଆଉ ସ୍ୱାଦ । ବହୁତ ବୋରିଂ, "ବାବୁକହିଲା ।

"ଆଚ୍ଛା ? ତୁ ତାହାହେଲେ ଗାଜର ବିଷୟରେ କଛି ଜାଣିନୁ ? " ସୌରଭକକା କହିଲେ ।

"ଭଲତ ଲାଗେନ ଜମା, ସେଇଠି ସରିଲା କଥା," ବାବୁକହିଲା।

ହସିଲେ ସୌରଭ କକା । ବସିଗଲେ ତାପାଖରେ ଆଉ ଖୋଲିଦେଲେ ଢାଙ୍କୁଣୀଟି । "ଏସବୁ ଗାଜର, ଦେଖୁଛୁ କେତେ ପ୍ରକାରର ? " କହିଲେ ସୌରଭ କକା । ଆଖି ଦୁଇଟା ଡିମାଡିମା ହେଇଗଲା ବାବୁର । ଭିତରେ ଗୋଲଗୋଲ ହେଇକ କମଳା ରଙ୍ଗ, ନାଲିରଙ୍ଗ, ଧଳା, ହଳଦିଆ ଆଉ ବାଇଗଣୀ ରଙ୍ଗର ପିସ । ସବୁ କୁଆଡେ ଗାଜର ।

"ଖାଇକ ଦେଖୁନୁ, କେହି କଛି କହିବେନ ଆଗତୁରା ଗ୍ଭଖିଲେ," କକା ପୁଣି କହିଲେ । ତଥମତ ହେଇକ ବାବୁ ଦୁଇଟି ପିସ ପାଟିରେ ପକେଇଲା । ସତରେ ତ, ଏ ଗାଜର ଗୁଡାକ ଗାଜର ଭଳ ଲାଗିଲେବି ସ୍ୱାଦ ଟିକେ ଅଲଗା । ରଙ୍ଗ ନହାତି ଅଲଗା ।

କକା ପୁଣି କହିଲେ, "ଗାଜର କେବଳ ଗୋଟାଏ ପ୍ରକାର ନୁହଁ, କେତେ ରକମର ଅଛି, ପ୍ରାୟ ଶହେ ପ୍ରକାରର । ଗାଜର ବିଭିନ୍ନ ରୋଗରୁ ରକ୍ଷା କରିଥାଏ ଓ ଆଖି, ହୃତ୍ପିଣ୍ଡର ସ୍ୱାସ୍ଥ୍ୟବୃଦ୍ଧି କରିଥାଏ । ଏଥିରେ ତନ୍ତୁ, ଅନ୍ୟ ପୁଷ୍ଟିକର ତଥ୍ୟ ଭିଟାମିନ ଥାଏ ଯାହା ଆମକୁ ସୁସ୍ଥ ରଖେ । କନ୍ତୁ ସବୁବେଳେ ଏହାକୁ ଭଲକ ଧୋଇକ ଖାଇବାକୁ ହୁଏ ଯେହେତୁ ଏହା ମାଟିତଳେ ହୁଏ । ହଁ ତୋ ପାଇଁ ଆରଥରକୁ ଗାଜରବାଲା ପିଜା ଆଣିବି, ଜାଣେ ତୁ ପିଜା ପସନ୍ଦ କରୁ ।" ଖୁସିରେ ନାଚଉଠିଲା ବାବୁ ।

କକା କହି ଗ୍ଭଲିଥଲେ ଗାଜର ବିଷୟରେ ଆଉ ବାବୁ ଶୁଣିବାକୁ ଲାଗିଲା ମନଦେଇକ ତାଙ୍କର ସବୁ ବିବରଣୀ ।

ବାପାଙ୍କ ଡାକଶୁଣି ଦୁହେଁ ଗ୍ଭଲିଗଲେ ଖାଇବା ପାଖକୁ । ବାବୁକୁ ଗାଜରରେ ତିଆରି ସବୁ ବ୍ୟଞ୍ଜନରେ କାହିଁକ କେଜାଣି ମନ ଲାଗିବାକୁ ଲାଗିଥିଲା ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ସ୍ଭରଲେଟସଭିଲ୍ଲ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ସୂର୍ଯ୍ୟ ପ୍ରକାଶ



ରାଜଶେଖର ସି "ଚମା"

ସକାଳେ ସକାଳେ ଦିଶିଲା ଅନନ୍ତ ନୀଳ ଆକାଶ,
ଆଭାସ ହେଲା ଯେ ଭୂମିରେ ହୋଇଛି ସୂର୍ଯ୍ୟପ୍ରକାଶର ପ୍ରବେଶ। ୧।

କାକଳି କୂଜନ କରିଲେ କୋଇଲି ମଇନା ବାଇଚଢ଼େଇ,
ଲାଗୁଛି ଯେମିତି ସ୍ୱାଗତ ସତ୍କାର କରୁଛନ୍ତି ଗୀତ ଗାଇଗାଇ। ୨।

ଗଗନର ପୂର୍ବଦିଗରେ ଦିଶିଲା ଲାଲରଙ୍ଗର ଗୋଲକ,
ରବି କିରଣରୁ ସାରା ସଂସାରରେ ଆଚ୍ଛନ୍ନ ହେଲା ଆଲୋକ। ୩।

ଉଷୁମ ସୂର୍ଯ୍ୟରଶ୍ମୀରୁ ପ୍ରଫୁଲ୍ଲିତ ହୋଇ ଫୁଟିଲେ ଫୁଲ,
ଶ୍ରୀଜୀଉଙ୍କ ପୂଜା ପୁଷ୍ପାଞ୍ଜଳିରୁ ପାଇଲେ ନିଜ ମୂଲ। ୪।

ବସୁଧାର ଋତୁ- ଚକ୍ର ସୁଗ୍ରରୁ ସୁନିୟନ୍ତ୍ରିତ ଚଳଉଛନ୍ତି ସୂର୍ଯ୍ୟ,
ଅବିରାମ ଚାଲିଛି ତାଙ୍କର ନିତ୍ୟନୂତନ କର୍ତ୍ତବ୍ୟ କାର୍ଯ୍ୟ। ୫।

ସୂର୍ଯ୍ୟଙ୍କ ଆରାଧନା ହେତୁ ବିଦ୍ୟମାନ ଅଛି କୋଣାର୍କ ମନ୍ଦିର,
କେଶରୀ ମହାରାଜା ଲାଙ୍ଗୁଳ ନୃସିଂହଦେବ ନିର୍ମାଣ କରେଇଲେ ଏହି ଶିଳ୍ପ କଳାନୈପୁଣ୍ୟ ମନ୍ଦିର। ୬।

କଳିଙ୍ଗ ରାଜବଂଶୀ ଦେବେନ୍ଦ୍ରବର୍ମନ ନିର୍ମାଣ କରେଇଲେ ହର୍ଷବଲ୍ଲୀ ଶ୍ରୀସୂର୍ଯ୍ୟମନ୍ଦିର,
ପାଳିଆବିନ୍ଧା ଏବଂ ବୁଗୁଡ଼ାରେ ଅବସ୍ଥିତ ଅଛନ୍ତି ଶ୍ରୀବିରିଂଚି ନାରାୟଣ ମନ୍ଦିର। ୭।

ସୂର୍ଯ୍ୟାକାନ୍ତି ସାହାଯ୍ୟରେ ହୁଏ ସମସ୍ତଙ୍କ ଦୈନନ୍ଦିନ ନିତ୍ୟକର୍ମ,
ସୂର୍ଯ୍ୟ ଯେ ନାରାୟଣ ସ୍ୱରୂପ ବୋଲି ବୋଧନ କରାଏ ସନାତନ ଧର୍ମ। ୫।

ସୂର୍ଯ୍ୟାସ୍ତ ସମୟେ ହୁଏ ଶ୍ରୀଜୀଉଙ୍କ ସନ୍ଧ୍ୟା ଆରତି,
ପୁଣି ପରଦିନ ତପନ ଆସିବେ ନେଇ ରାତିର ବିରତି। ୯।

ଭାନୁ ହେଲେ ସୌରଶକ୍ତିର ସ୍ରୋତ,
ତାଙ୍କ ଆରାଧନାରେ ଅନୁଷ୍ଠିତ ହୁଏ ମାଘ- ସପ୍ତମୀ ଶାମ୍ବ- ଦଶମୀ ବ୍ରତ। ୧୦।

କେତେଯେ ଅଦ୍ଭୁତ ଆମପାଇଁ ସୂର୍ଯ୍ୟ ପ୍ରକାଶ,
ଯାହା ଯୋଗୁଁ ହୁଏ ବସୁନ୍ଧରାର ବିଶିଷ୍ଟ ବିକାଶ। ୧୧।

chvrajasekhar@gmail.com

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମା



ପ୍ରଶାନ୍ତ କୁମାର ନାଥ

ହାତ ଧରି ତୋର ଚାଲିବା ଶିଖିଛି
ତୋ ଠାରୁ ଶିଖିଛି କଥା
ତୋହରି କୋଳରେ ବଡ ମୁଁ ହୋଇଛି
ତୁ ମୋର ଜନମ ଦାତା ।
ମମତା ବୋଳା ତୋ ପଣତ କାନଟା
ଅଟଇ ମୋ ପାଇଁ ଘର
ପଣତ ତଳେ ତୋ ମଣିଷ ହୋଇଛି
ସେହି ତ ସରଗପୁର ।
ଜହ୍ନ ମାମୁଁ ଗପ କେତେ ତୁ କହିଛୁ
ଅଝଟ ହୋଇଲେ ମୁହିଁ
ଧୋଓରେ ବଇଆ ଗୀତ ଗାଇ ପୁଣି
ମୋତେ ତୁ ଦେଉ ଲୋ ଶୋଇ ।
କାହାର ନଜର ଲାଗିଯିବ ବୋଲି
ଲଗାଉ କଜଳ ଟିକା
ତୋହରି ସମାନ ହେବେ ନାହିଁ କେହି
ମହାନ ଅଟୁ ତୁ ଏକା ।
ଝାଡ଼ି ତୁ ଦେଇଛୁ ବାଲି ଧୂଳ କେତେ
ପଣତକାନରେ ତୋର
ଦୁନଆଁର ସବୁ ସୁଖ ମିଳଯାଏ
ପାଖରେ ଥିଲେ ତୁ ମୋର ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

ବେଦାନ୍ତୀ

# ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୦୪/ ୨୦୧୯ | ଉତ୍କଳ ଦିବସ, ପାପମୋଚନୀ ଏକାଦଶୀ ଉପବାସ |
| ୦୩/ ୦୪/ ୨୦୧୯ | ବାରଣୀ ସ୍ନାନ, ଶିବ ଚତୁର୍ଦ୍ଦଶୀ |
| ୦୪/ ୦୪/ ୨୦୧୯ | ସବେ- ମେରାଜ୍ ( ପୂର୍ବରାତ୍ରି) |
| ୦୫/ ୦୪/ ୨୦୧୯ | ମଧୁ ଅମାବାସ୍ୟା, ବସନ୍ତୀକ ଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭଃ |
| ୦୬/ ୦୪/ ୨୦୧୯ | ଚନ୍ଦ୍ର ଦର୍ଶନ, ସୃଷ୍ଟିର ଆରମ୍ଭ ଦିବସ, ତେଲୁଗୁ ନୂତନ ବର୍ଷ |
| ୧୦/ ୦୪/ ୨୦୧୯ | ଶ୍ରୀ ଦୁର୍ଗାଦେବ୍ୟାଃ ବିଲ୍ୱବରଣ |
| ୧୧/ ୦୪/ ୨୦୧୯ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା, ଶ୍ରୀମନ୍ଦିରେ ଚୈତ୍ର ଗୁଣ୍ଡିଚ୍ଚ ଯାତ୍ରା |
| ୧୨/ ୦୪/ ୨୦୧୯ | ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା |
| ୧୩/ ୦୪/ ୨୦୧୯ | ଶ୍ରୀରାମ ନବମୀ, ଅଶୋକାଷ୍ଟମୀ, ଶ୍ରୀଦୁର୍ଗାଦେବ୍ୟା ନବମୀ ପୂଜା |
| ୧୪/ ୦୪/ ୨୦୧୯ | ମହାବିଷୁବ ( ପଣା) ସଂକ୍ରାନ୍ତି, ହନୁମାନ ଜୟନ୍ତୀ |
| ୧୫/ ୦୪/ ୨୦୧୯ | କାମଦା ଏକାଦଶୀ |
| ୧୭/ ୦୪/ ୨୦୧୯ | ଅନଙ୍ଗ ତ୍ରୟୋଦଶୀ |
| ୧୮/ ୦୪/ ୨୦୧୯ | ବିଷ୍ଣୁ ଓ ଶିବଦମନକ ଚତୁର୍ଦ୍ଦଶୀ |
| ୧୯/ ୦୪/ ୨୦୧୯ | ଗୁଡ ଫ୍ରାଇଡେ, ଚୈତ୍ର ପୂର୍ଣ୍ଣିମା, ଚନ୍ଦ୍ରପୂଜା, ବୈଶାଖ ବ୍ରତାରମ୍ଭଃ ଓ ହିଙ୍ଗୁଳା ଯାତ୍ରା |
| ୨୧/ ୦୪/ ୨୦୧୯ | ସବେ- ବରାତ୍ ( ପୂର୍ବରାତ୍ରି) |
| ୨୫/ ୦୪/ ୨୦୧୯ | ଶରଣ ଆରମ୍ଭ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ମୃତ୍ତିକା ର ବାଇ ହାଣ୍ଡି ରେ ଅବଢ଼ା ହୋଇଛି ପ୍ରସ୍ତୁତ,
ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ର ସ୍ୱାଦ ବହୁ ବର୍ଣ୍ଣନାତୀତ,
ଯାହାର ରୁଚକର ବ୍ୟଞ୍ଜନ ସର୍ବଶ୍ରେଷ୍ଠ ବୋଲି ଅଛି
ଜନମତ,
ଭକ୍ତଙ୍କୁ ଯୋଗାଇବା ପାଇଁ ଅପେକ୍ଷା
କରୁଛନ୍ତି ସେବାୟତ ।

**ବିଜେତା: ଶ୍ରୀ ରାଜଶେଖର ସି**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାଗ୍ଭ ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାଗ୍ଭ ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**